

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-163 •TUESDAY •9 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୬୩ •ମଙ୍ଗଳବାର •୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

# ଗୋଷ୍ଠୀ ସଂଘର୍ଷରେ ଜଳୁଛି ମାଲକାନଗିରି

■ ମାଲକାନଗିର/କୋରୁକୋଣ୍ଡା, ୮ ।୧୨(ସମିସ): ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ କୋରୁକୁଣ୍ଡା ବ୍ଲକ୍ ମାରିବେଡ଼ା ପଞ୍ଚାୟତ ଅଧୀନ ରଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ସଂଘର୍ଷ ଥମିବାର ନାଁ ଧରୁନି। ଆଜି ମଧ୍ୟ ରଖେଲଗୁଡ଼ାର କିଛି ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମର ବହୁ ଲୋକଙ୍କ ଘର ଜାଳି ଦେଇଛନ୍ତି। ଅପରପକ୍ଷେ, ଏହାର ପ୍ରତିବାଦରେ ୨ ହଜାରରୁ ଉର୍ଦ୍ଧ୍ୱ ବଙ୍ଗଳା ଭାଷାଭାଷୀ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ମାଲକାନଗିରିସ୍ଥିତ ଏମ୍‌ଭି-୩ରୁ ସେମାନେ ଏକ ବିଶାଳ ରାଲିରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବଙ୍ଗଳା ଭାଷାଭାଷୀଙ୍କ ବିରୋଧରେ ଅତ୍ୟାଚାର ବଢୁଥିବା ବେଳେ ଜିଲ୍ଲା ଏବଂ ପୁଲିସ୍ ପ୍ରଶାସନ କାହିଁକି ଚୁପ୍ ବସିଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଉତ୍ତେଜନା କ୍ରମଶଃ ବଢୁଥିବାରୁ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ସଂଧ୍ୟାରେ ପୁଲିସ ଡିଜି ୱାଇ.ବି ଖୁରାନିଆ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଏଡିଜି (ଅପରେସନ୍) ସଂଜୀବ ପଣ୍ଡା ପ୍ରମୁଖ ମାଲକାନଗିରିରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମି (୫୧) ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା। ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ୩ ଦିନ ହେଲା ଉତ୍ତେଜନା ଲାଗି ରହିଛି। ଗତକାଲି ରାଖେଲଗୁଡ଼ା ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମରେ ପଶି ବ୍ୟାପକ ଭଙ୍ଗାରୁଜା ଓ ▶ପୃଷ୍ଠା-୭

**ଇଣ୍ଟରନେଟ୍ ସେବା ଓ ମଦ ଦୋକାନ ବନ୍ଦ**

**ଧସ୍ତାଧସ୍ତିରେ ପୁଲିସ ଆହତ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ବଙ୍ଗଳା ଭାଷାଭାଷୀ**

**ପୋଟେରୁ ଜଳ ଶୁଖାଇ ଖୋଜା ଚାଲିଛି କଟାମୁଣ୍ଡ**



## ବିଧାନସଭାରେ ମାଲକାନଗିରି ତାତି

■ ଭୁବନେଶ୍ୱର,୮ ।୧୨(ସମିସ): ମାଲକାନଗିରିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷର ତାତି ଆଜି ବିଧାନସଭାରେ ଅନୁଭୂତ ହୋଇଛି। ବିଜେଡି ଓ କଂଗ୍ରେସର ସଦସ୍ୟ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ପ୍ରତାପ ଦେବ୍ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। ▶ପୃଷ୍ଠା-୭

**ତୁରନ୍ତ ଡିଜିଙ୍କୁ ମାଲକାନଗିରି ପଠାଯିବାକୁ ବିଜେଡିର ଦାବି**

**ଆଇନଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ: କଂଗ୍ରେସ**

### ବଜେଟ ପ୍ରସଙ୍ଗରେ ନବୀନଙ୍କ କଟାକ୍ଷ

## ଫମ୍ପା ମାଠିଆର ଶବ୍ଦ ବେଶି

**ଲୋକଙ୍କ ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁନାହାନ୍ତି ସରକାର**



■ ଭୁବନେଶ୍ୱର,୮ ।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି। ଏହାକୁ ନେଇ ଗୃହ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି ଯେ ଆମେ ସମସ୍ତେ ଜାଣୁ ଯେ ଫମ୍ପା ମାଠିଆ ଭଲ ଶବ୍ଦ କରେ, ଆଉ ସେହି ଶବ୍ଦରେ ହିଁ ସେମାନେ (ସରକାର) ସନ୍ତୁଷ୍ଟ। ବଜେଟ ଉପରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ଦୁଃଖର ସହ କହିବାକୁ ଚାହୁଁଛି ଯେ ଏହା କେବଳ ମୋର ମତ ନୁହେଁ; ଏହା ରାଜ୍ୟର ଅନେକ ଲୋକଙ୍କର ମତ ଅଟେ। ରାଜ୍ୟ ସରକାର ଏହି ରାଜ୍ୟର ଲୋକଙ୍କ ପାଇଁ ଏବଂ ସେମାନଙ୍କ ବିକାଶ ପାଇଁ କୌଣସି ଅର୍ଥ ଖର୍ଚ୍ଚ କରୁନାହାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ବାରମ୍ବାର ବିଜେଡି ପକ୍ଷରୁ ରାଜ୍ୟର ଲୋକଙ୍କ ବିକାଶ ପାଇଁ କିଛି ଖର୍ଚ୍ଚ ହେବା ଉଚିତ୍ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅବହେଳା କରୁଛନ୍ତି। ଏଥିପାଇଁ କେବଳ କିଛି ଲୋକ ନୁହେଁ, ସମସ୍ତେ ଅସୁବିଧା ଭୋଗୁଛନ୍ତି ବୋଲି ସେ କହିଛନ୍ତି।

### ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦

## ଲାଲ୍‌ମାଟିରେ ବାରବାଟୀ ଲଢ଼େଇ



■ କଟକ,୮ ।୧୨ (ସମିସ): ଐତିହାସିକ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି (ମଙ୍ଗଳବାର) ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ।।ହେବ। ଏହି ମୁକାବିଲା ଲାଗି ଉଭୟ ଦଳ ଯେପରି ପ୍ରସ୍ତୁତି କରିଛି, ଠିକ୍ ସେହିପରି ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଓଡ଼ିଶା କ୍ରିକେଟ ସଂଘ ଓ ସରକାରୀ ଏଜେନ୍ସିଗୁଡିକ ପ୍ରସ୍ତୁତ ରହିଛନ୍ତି। ଦର୍ଶକଙ୍କୁ ନିୟନ୍ତ୍ରଣ କରିବା, ମ୍ୟାଚ୍‌କୁ ଶୃଙ୍ଖଳିତ କରିବା ଆଦି ପୁଲିସ ଓ ପ୍ରଶାସନ ଲାଗି ଏକ ବଡ ଚ୍ୟାଲେଞ୍ଜ ହୋଇଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଳେ ୨୦୧୫ରେ ଦର୍ଶକ ବିଶୃଙ୍ଖଳା ଓ ଚଳିତବର୍ଷ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣା ମନରୁ ଯାଇନି। ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି।

ଅନ୍ୟପକ୍ଷରେ ବାରବାଟୀରେ ଉଭୟ ଦଳ ଲାଗି ଦୁଇଟି ଆହ୍ୱାନ ରହିଛି। ପ୍ରଥମଟି ହେଉଛି କାକର ବା କୁହୁଡି ସମସ୍ୟା। ଏହାକୁ କେହି ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ। ଦ୍ୱିତୀୟଟି ହେଉଛି ବାରବାଟୀରେ ନିର୍ମିତ ▶ପୃଷ୍ଠା-୭

### ଏସ୍‌ଆଇଆର୍ ପାଇଁ ଚିନ୍ତା

## ତାମିଲନାଡୁରେ ହଟିବେ ୮୪ ଲକ୍ଷ ଭୋଟର

■ ଚେନ୍ନାଇ, ୮ ।୧୨(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁରହିଛି। ଆସନ୍ତା ୧୧ ତାରିଖ ଫର୍ମ ଦାଖଲ କରିବାର ଶେଷ ଦିନ ରହିଛି। ଇତିମଧ୍ୟରେ ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ, ବିଭିନ୍ନ ରାଜ୍ୟରେ ଏବେକାର ଭୋଟର ତାଲିକାରୁ ବହୁ ସଂଖ୍ୟାରେ ଭୋଟର ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଯାଉଛି। ଏହି ରାଜ୍ୟଗୁଡିକ ମଧ୍ୟରେ ତାମିଲନାଡୁ ସର୍ବାଗ୍ରେ ରହିଛି। ତାମିଲନାଡୁରେ ୮୪.୯୧ ଲକ୍ଷ ଫର୍ମ ଅସଂଗ୍ରହଣୀୟ ଶ୍ରେଣୀରେ ରହିଛନ୍ତି। ଅର୍ଥାତ ଏହି ଫର୍ମଗୁଡିକ ଭିନ୍ନ ଭିନ୍ନ କାରଣ ଯୋଗୁଁ ଏକାଠି ହୋଇପାରିନାହିଁ। ଏଥିରେ ଅସମ୍ପୂର୍ଣ୍ଣ ସୂଚନା, ୨୦୦୩ ତାଲିକାରୁ ନାମ ହଜିବା ଭୋଟରଙ୍କ ମୃତ୍ୟୁ କିମ୍ବା ସ୍ଥାନାନ୍ତର ଅନ୍ତର୍ଭୁକ୍ତ। ଇତିମଧ୍ୟରେ ତାମିଲନାଡୁରେ ମିଳିଥିବା ସୂଚନା ଅନୁସାରେ ଏବେକାର ଭୋଟର ତାଲିକାରୁ ୮୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପଶ୍ଚିମବଙ୍ଗରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ଏହି ରାଜ୍ୟରେ ▶ପୃଷ୍ଠା-୭

**ପଶ୍ଚିମବଙ୍ଗରେ ଫର୍ମ ଦାଖଲ କରିନାହାନ୍ତି ୫୪ ଲକ୍ଷ**

### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ୫ ସାବାଳକଙ୍କ ନାମରେ ଚାର୍ଜଫ୍ରେମ୍

■ ବ୍ରହ୍ମପୁର, ୮।୧୨ (ସମିସ): ବହୁଚର୍ଚ୍ଚିତ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାରେ ୫ଜଣ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍ ହୋଇଛି। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ) ଆୟୁଷ୍ମାନ ମହନ୍ତଙ୍କ ଅଦାଲତରେ ମାମଲାର ବିଚାର ଚାଲିଥିବା ବେଳେ ସୋମବାର ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍ ହୋଇଛି। ଚାର୍ଜଫ୍ରେମ ହୋଇଥିବା ଅଭିଯୁକ୍ତମାନେ ହେଲେ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ ଓ ଦୀପକ ତରାଇ।

ସୂଚନାନୁଯାୟୀ, ଗତ ଜୁନ୍ ୧୫ ତାରିଖରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣଦୁଷ୍କର୍ମ ହୋଇଥିଲା। ଏହି ମାମଲାରେ ପୁଲିସ ଜୁନ ୧୬ ତାରିଖରେ ୬ଜଣ ସାବାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା। ସେଥିରେ ଗଣଦୁଷ୍କର୍ମ ମାମଲାରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଏଥିରେ ଅନ୍ୟତମ ସାବାଳକ ଓଁ ପ୍ରଧାନଙ୍କୁ ଚାର୍ଜସିଟ୍‌ରୁ ବାଦ୍ ଦିଆଯାଇଥିଲା। ପରେ ଓଁଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ▶ପୃଷ୍ଠା-୭

### ବ୍ୟୟ ମଞ୍ଜୁରୀ ବିଲ ଆଲୋଚନା ବେଳେ ଘେରିଲେ ବିରୋଧୀ

## ସରକାରଙ୍କୁ ଜଣାନାହିଁ ଆର୍ଥିକ ପରିଚାଳନା

■ ଭୁବନେଶ୍ୱର,୮ ।୧୨(ସମିସ): ଗତ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନାକୁ ନୀତି ଆୟୋଗ ଉଚ୍ଚ ପ୍ରଶଂସା କରିଥିଲେ। ବିତ୍ତୀୟ ପରିଚାଳନାରେ ଓଡ଼ିଶା ସାରା ଦେଶରେ ମଡ଼େଲ ପାଲଟିଥିଲା। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ବଜେଟ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। କେନ୍ଦ୍ରୀୟ ଅନୁଦାନ କମୁଛି, ରାଜସ୍ୱ ଆୟ ହ୍ରାସ ପାଇଛି। ସରକାର ଖୋଲା ବଜାରରୁ ଋଣ କରିବାରେ ବ୍ୟସ୍ତ ଅଛନ୍ତି। ରାଜ୍ୟ ସରକାରଙ୍କ ବଜେଟ ମାୟାଜାଲ ପରି ଲାଗୁଛି। ବିଜେପି ସରକାର ଓଡ଼ିଶାକୁ ରୋଗୀଣା ରାଜ୍ୟରେ ପରିଣତ କରିବାରେ ଲାଗିଛନ୍ତି। ଶୁକ୍ରବାର ବ୍ୟୟ ମଞ୍ଜୁରୀ ବିଲ (ଅତିରିକ୍ତ ବଜେଟ) ଆଲୋଚନାରେ ଭାଗନେଇ ସରକାରଙ୍କୁ ଏପରି କଡ଼ା ଭାଷାରେ ସମାଲୋଚନା କରିଛନ୍ତି ବିରୋଧୀ । ଅନ୍ୟପକ୍ଷରେ ଦେଇଥିବା ପ୍ରତିଶ୍ରୁତି ସବୁ ପାଳନ କରିଥିବା ନେଇ ଶାସକ ଦଳ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ▶ପୃଷ୍ଠା-୭

**ଅକ୍ଟୋବର ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣଭାର ୨୬,୯୭୮ ଟଙ୍କା**

**ଓଡ଼ିଶାକୁ ରୋଗଣା ରାଜ୍ୟ ଆଡ଼କୁ ନେଇଯାଉଛି ବିଜେପି ସରକାର**

**ରାଜ୍ୟର ଆର୍ଥିକ ପରିଚାଳନାକୁ ସାର୍ଟିଫିକେଟ ଦେଇଥିଲେ 'ନିତି' ଆୟୋଗ**

**ରାଜ୍ୟ ସରକାରଙ୍କୁ ୧୦୦ଟି 'କାହିଁକି' ପ୍ରଶ୍ନରେ ଘାଇଲା କଲେ ଅରୁଣ ସାହୁ**

**ସବୁ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଥିବା ନେଇ ଶାସକ ଦଳର ଦମ୍ଭୋକ୍ତି**

## ୨ ବର୍ଷରେ ସବୁ ଗାଁକୁ ବିଜୁଳି, ପାଣି ଓ ରାସ୍ତା: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର,୮ ।୧୨(ସମିସ): ଆଗାମୀ ଦୁଇ ବର୍ଷରେ ଓଡ଼ିଶାର ସମସ୍ତ ଗାଁକୁ ବିଜୁଳି, ପିଇବା ପାଣି ଏବଂ ରାସ୍ତା ସଂଯୋଗ କରିବା ପାଇଁ ସରକାର 'ମିଶନ ପାୱାର' କରିଛନ୍ତି। ଆମ ସରକାର ଆସନ୍ତା ଦୁଇ ବର୍ଷ ଭିତରେ ଏହା ସୁନିଶ୍ଚିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ▶ପୃଷ୍ଠା-୭

**ଗୋଟିଏ ବି ଯୋଗ୍ୟ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ ନାହିଁ**

### ଚରମ ଅରାଜକତା

## ରାଜ୍ୟରେ ଦିନକୁ ୭ ଦୁଷ୍କର୍ମ, ୨୧ ଅସଦାଚରଣ

■ ଭୁବନେଶ୍ୱର,୮ ।୧୨(ସମିସ): ଦିନକୁ ଦିନ ବଢୁଛି ରାଜ୍ୟରେ ମହିଳା ବିରୋଧୀ ହିଂସା। ଅଶାନ୍ତ ହେଉଛି ଓଡ଼ିଶା, ବିପର୍ଯ୍ୟସ୍ତ ହୋଇ ଚାଲିଛି ଆଇନଶୃଙ୍ଖଳା ପରିସ୍ଥିତି। ବିଧାନସଭାରେ ଖୋଦ ସରକାର ଦେଇଛନ୍ତି ଏ ସଂକ୍ରାନ୍ତ ତଥ୍ୟ। ଗତ ୧୫ ମାସ ମଧ୍ୟରେ ରାଜ୍ୟର ୩୨୦୫ ଜଣ ମହିଳା ଦୁଷ୍କର୍ମ ବା ଗଣ ଦୁଷ୍କର୍ମର ଶିକାର ହୋଇଥିବା ସରକାର ସ୍ୱୀକାର କରିଛନ୍ତି। ଗୋଟିଏ ପଟେ ଝିଅ ପୋଡିକୁ ନେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି। ଗୋଟିଏ ପରେ ଗୋଟିଏ ଘଟଣା ରାଜ୍ୟ ପାଇଁ ଅପବାଦ ଡାକି ଆଣୁଛି। ଏପରି ମାମଲା ଥମିବାର ନାଁ ଧରୁ ନ ଥିବାବେଳେ ଦୁଷ୍କର୍ମ ଓ ମହିଳା ହିଂସା ତଥ୍ୟ ସମସ୍ତଙ୍କୁ ଭୟଭୀତ କରିଛି।

ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି। ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ମୋଟ୍ ୩୨୦୫ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୨୦୨ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ମଧ୍ୟ ମାମଲା ରୁଜୁ ହୋଇଛି।



**୧୫ ମାସରେ ସର୍ବସାଧାରଣ ସ୍ଥାନରେ ୨୩୧୦ ମହିଳାଙ୍କୁ ବିବସ୍ତ୍ର କରାଯାଇଛି**

ଅନ୍ୟପକ୍ଷରେ ରାଜ୍ୟରେ ଅସଦାଚରଣ ମାମଲା ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ୯ ହଜାର ୮୫୧ଜଣ ମହିଳା ଅସଦାଚରଣ ଜନିତ ହିଂସାର ଶିକାର ହୋଇଛନ୍ତି। ସେହିପରି ଗତ ୧୫ ମାସରେ ୧୪୭୬ ଜଣ ମହିଳା ଯୌନ ପ୍ରତାରଣାର ଶିକାର ହୋଇଛନ୍ତି ଏବଂ ୮୮୬୩ ଜଣଙ୍କୁ ଅପହରଣ କରାଯାଇଛି। ସର୍ବସାଧାରଣସ୍ଥଳରେ ୨୩୧୦ ଜଣ ମହିଳାଙ୍କୁ ବିବସ୍ତ୍ର କରାଯାଇଥିବାବେଳେ ୧୨୯ ଜଣଙ୍କୁ ଚାଲାଣ କରାଯାଇଛି। ସେହିପରି ମହିଳାଙ୍କୁ ଖରାପ ନଜରରେ ଦେଖିବା ଯୋଗୁଁ ୫୫୬ଟି ମାମଲା ରୁଜୁ ହୋଇଥିବାବେଳେ ଅଶ୍ଳୀଳ ଆଚରଣ ପାଇଁ ୭୯୬ ମାମଲା ରୁଜୁ କରାଯାଇଥିବା ତଥ୍ୟ ପ୍ରକାଶ ପାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ଯୋଗୁଁ ରାଜ୍ୟରେ ଅପରାଧୀ ଉପରମୁହାଁ ହୋଇଯାଇଛନ୍ତି। ମହିଳା ବିରୋଧୀ ହିଂସା ରୋକିବାରେ ପୁଲିସର ନିଷ୍କ୍ରିୟତା ଚିନ୍ତା ବଢ଼ାଇଲାଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ବିଧାୟକ ଅରୁଣ ସାହୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ମହିଳା ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଅଛି। ଓଡ଼ିଶା ତଳକୁ ମହାରାଷ୍ଟ୍ର ରହିଥିବା କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି।

# ଜୀବନ ଯୁଦ୍ଧରେ ହାରିଗଲେ ଶୃତି



**ଯୁବକଙ୍କ ନିର୍ଯାତନା ସହି ନ ପାରି କରିଥିଲେ ଆତ୍ମଦାହ ଉଦ୍ୟମ**

**କ୍ଷତିପୂରଣ, ନ୍ୟାୟ ଦାବିରେ ବିଜେଡି ଓ ପରିବାର ବର୍ଗଙ୍କ ଧାରଣା**

**୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ପରେ ଉଠିଲା ଶବ**

■ ରାଉରକେଲା, ୮ ।୧୨(ସମିସ): ଜଣେ ଯୁବକର ନିର୍ଯାତନାରେ ଅତିଷ୍ଠ ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିବା ଲାଞ୍ଜିବେର୍ଣ୍ଣାର ଛାତ୍ରୀ ଶୃତି ଟପ୍ପୋ ଜୀବନଯୁଦ୍ଧରେ ହାରି ଯାଇଛନ୍ତି। ଗତକାଲି ରାତିରେ ସେ ରାଉରକେଲାର ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଆଖି ବୁଜିଛନ୍ତି। ଏହି ଘଟଣାରେ ରାଜଗାଙ୍ଗପୁର ପୁଲିସ୍ ଅଭିଯୁକ୍ତ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ବିରୋଧରେ ▶ପୃଷ୍ଠା-୭

## ହୃଦୟ ବିଦାରକ: ନବୀନ

**ସରକାର ଆଉ କେତେ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ**

■ ଭୁବନେଶ୍ୱର, ୮।୧୨ (ସମିସ): ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣ ହରାଇବା ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଉକ୍ତ ଘଟଣାକୁ ନବୀନ ଅତ୍ୟନ୍ତ ହୃଦୟବିଦାରକ ବୋଲି ନବୀନ ଅଭିହିତ କରିବା ସହ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି ଯେ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ▶ପୃଷ୍ଠା-୭

**ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ**

# ଚାକିରି ପାଇଁ ମିଥ୍ୟା ବିଜ୍ଞାପନ ଦେଇ ଠକେଇ; ଜଣେ ଗିରଫ





**ବିଜ୍ଞାପନରେ ରହୁଥିଲା ପ୍ରଶାସନିକ ଲୋଗୋ, ଜିଲ୍ଲା ପ୍ରଶାସକଙ୍କ ନାମ**

ରାଉରକେଲା, ୮।୧୨(ସମିସ)

ବେକାର ଯୁବକଯୁବତୀଙ୍କୁ ଆକର୍ଷଣୀୟ ଦରମାରେ ଚାକିରି ଦେବା ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଇ ଅର୍ଥ ଆଦାୟ କରିବା ଅଭିଯୋଗରେ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସଂଗ୍ରାମ ବେହେରା (୨୬)। ତା' ନିକଟରୁ ୨୦ଟି ମିଥ୍ୟା ବିଜ୍ଞାପନ ସ୍କ୍ରିନ୍ ସଟ୍ ଏବଂ ସେ ଟଙ୍କା ନେଉଥିବା ମୋବାଇଲ ଫୋନ୍‌କୁ ଜବତ କରାଯାଇଛି। ସୂଚନା ମୁତାବକ ଅଭିଯୁକ୍ତ ସଂଗ୍ରାମ ଫେସ୍‌ବୁକ୍ ସମେତ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ସରକାରୀ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ଗୁଡ଼ିକରେ ବିଭିନ୍ନ ପଦ ପଦବୀରେ ଆକର୍ଷଣୀୟ ଦରମାରେ ଚାକିରି ପ୍ରଦାନ ପାଇଁ ମିଥ୍ୟା ବିଜ୍ଞାପନମାନ ପୋଷ୍ଟିଂ କରିଥିଲା। ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନବରଙ୍ଗପୁର ଏବଂ ବରଗଡ଼ ଜିଲ୍ଲାରେ ଜିଲ୍ଲାସଦର ମହକୁମା ସହ ବିଭିନ୍ନ ବ୍ଲକରେ କମ୍ପ୍ୟୁଟର ଡାଟା ଅପରେଟର, ସିକ୍ୟୁରିଟି ଗାର୍ଡ, ନର୍ସ ସହାୟିକା, ରାତ୍ରି ଜଗୁଆଳିଙ୍କ ସମେତ ବିଭିନ୍ନ ପଦ ପଦବୀରେ ସରକାରୀ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ଗୁଡ଼ିକରେ ନିଯୁକ୍ତି ମିଳିବ ବୋଲି ଏହି ବିଜ୍ଞାପନରେ ଉଲ୍ଲେଖ କରାଯାଇଥିଲା। ବିଜ୍ଞାପନରେ ଓଡ଼ିଶା ସରକାରଙ୍କ ଲୋଗୋ, ଏବଂ ସମ୍ପୃକ୍ତ ଜିଲ୍ଲା ପ୍ରଶାସକଙ୍କ ନାମ ମଧ୍ୟ ରହିଥିଲା। ଦରମା ୧୫ ହଜାରରୁ ୨୦ ହଜାର ଭିତରେ ମିଳିବ ବୋଲି କୁହାଯାଇଥିଲା। ଆବେଦନକାରୀମାନେ ଆବେଦନ ପାଇଁ ୩୫୦୦ ଟଙ୍କା ପୈଠ କରି ନାମ ପଞ୍ଜୀକରଣ କରିବାକୁ କୁହାଯାଇଥିଲା। ଏହି ବିଜ୍ଞାପନରେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଲୋଗୋ ଏବଂ ଜିଲ୍ଲା ପ୍ରଶାସକଙ୍କ ନାମ ଦିଆଯାଇଥିବାରୁ ବେକାର ଯୁବକଯୁବତୀମାନେ ବିଜ୍ଞାପନରେ ରହିଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରି ଅଭିଯୁକ୍ତ ସଂଗ୍ରାମର ଫୋନପେ'ରେ ୩୫୦୦ ଟଙ୍କା ଲେଖାଏଁ ଜମା କରିଥିଲେ। ତେବେ ନାମ ପଞ୍ଜୀକରଣ ପରେ ବି ଚାକିରି ନିଯୁକ୍ତି ପତ୍ର ପ୍ରଦାନ ନେଇ ଟାଳଟୁଳ ନୀତି ଅବଲମ୍ବନ ହେବାରୁ ଅବେଦନକାରୀ ଯୁବକ ଯୁବତୀଙ୍କ ସନ୍ଦେହ ବଢ଼ିଥିଲା। ସେପଟେ ଏହା ଏକ ଜାଲି ସଂସ୍ଥା ଏବଂ ବିଜ୍ଞାପନ ମିଥ୍ୟା ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଟଣାର ତଦନ୍ତ ପାଇଁ ଏସ୍‌ପି ଅମ୍ରିତପାଲ କୌର ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସ୍‌ଡିପିଓ ଶ୍ରୀ ମହାପାତ୍ର ଟାଉନ ଥାନା ପୁଲିସ ସହାୟତାରେ ଘଟଣା ବିଷୟରେ ଖୋଳତାଡ ଆରମ୍ଭ କରିଥିଲେ। ଯାଞ୍ଚ ବେଳେ ଏହି ଜାଲ ଚାକିରି ବିଜ୍ଞାପନ ଘଟଣାର ମୁଖ୍ୟ ଅଭିଯୁକ୍ତ କେନ୍ଦ୍ରାପଡ଼ାର ସଂଗ୍ରାମ କୁମାର ବେହେରା ବୋଲି ଜଣାପଡ଼ିଥିଲା। ସେ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକ ଭଡା ଘରୁ ଏହି ଠକେଇକୁ ଅପରେଟ କରୁଥିଲା। ଇତି ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ନିକଟରୁ ସେ ଟଙ୍କା ତାର ଆକାଉଣ୍ଟରେ ନେଇଥିବା ତଦନ୍ତରୁ ଜଣାପଡ଼ିଛି। ଏହାପରେ ଏସ୍‌ପି ଶ୍ରୀମତୀ କୌରଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଆଇଆଇସି ଦୋଳମଣି ନାୟକ ଏନେଇ ହୋଇଥିବା ଏକ ଏତଲା ଉପରେ ମାମଲା ରୁଜୁ କରିଥିଲେ। ଆଇଆଇସି ଅନିଲ କୁମାର ସାମଲ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲେ। ଏହାପରେ ପୁଲିସ ଭୁବନେଶ୍ୱର ଯାଇ ମଞ୍ଚେଶ୍ୱର ଅଞ୍ଚଳରୁ ଅଭିଯୁକ୍ତ ସଂଗ୍ରାମ କୁମାର ବେହେରାକୁ ଗିରଫ କରିଥିଲା। ଅନ୍ୟପଟରେ ମିଥ୍ୟା ବିଜ୍ଞାପନ ଦେଇ ଅଭିଯୁକ୍ତ ବେକାର ଯୁବକଯୁବତୀଙ୍କୁ ଠକିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଆଦାୟ କରିଥିଲା। ତେବେ ପ୍ରକୃତରେ ଏପର୍ଯ୍ୟନ୍ତ କେତେଜଣ ଆବେଦନକାରୀ ଏହି ଠକାମୀର ଶିକାର ହୋଇଛନ୍ତି ଏବଂ କେତେ ଟଙ୍କା ଅଭିଯୁକ୍ତ ଆକାଉଣ୍ଟରେ ଜମା ହୋଇଛି, ଏହି ରାକେଟ ପଛରେ ଆଉ କିଏ କିଏ ଅଛନ୍ତି ତାର ସରଜମିନ ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି ଶ୍ରୀମତୀ କୌର କହିଛନ୍ତି।

# ସୁନ୍ଦରଗଡ଼ରେ ଡକାୟତି ଯୋଜନା ପଣ୍ଡ; ୫ ଗିରଫ



**ରାଉରକେଲା, ୮।୧୨(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ରାଣୀବଗିଚା ଅଞ୍ଚଳରେ ଏକ ବଡଧରଣର ଡକାୟତି ପାଇଁ ଯୋଜନା ଚାଲିଥିବା ବେଳେ ଟାଉନ ପୁଲିସ ଏହାକୁ ପଣ୍ଡ କରିଛି। ଏହି ଘଟଣାରେ ପୁଲିସ ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ସହ ଡକାୟତିରେ ବ୍ୟବହୃତ ବହୁ ସାମଗ୍ରୀ ଜବତ କରିଛି। ସୂଚନା ମୁତାବକ, ଗତ ୭ ଓ ୮ ତାରିଖ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଟାଉନ ଥାନା ଅନ୍ତର୍ଗତ ରାଣୀବଗିଚା ନିକଟରେ ଏକ ଅନ୍ଧାରୁଆ ସ୍ଥାନରେ ବସି ସହରରେ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କୁ ସୂଚନା ମିଳିଥିଲା। ଏହାପରେ ଏସ୍‌ପି ଶ୍ରୀମତୀ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଟାଉନ ଥାନା ପୁଲିସ ସଦଳବଳେ ଘଟଣା ସ୍ଥଳରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ସୁନ୍ଦରଗଡ଼ ମହାନ୍ତିପଡ଼ାର ଆଲୋକ ବାଗ୍, ଓମ୍ ପ୍ରକାଶ ଜେନା, ଅବିନାଶ ସାଗର, ଗାନ୍ଧିପଡ଼ାର ମନିଶ ପ୍ରସାଦ ଏବଂ ରିଜେଣ୍ଟ ମାର୍କେଟର ରିଜୱାନ ଖାନ୍। ସେମାନଙ୍କ ନିକଟରୁ ୨ଟି ଲୁହାଛଡ ଓ ଗୋଟିଏ ଖଣ୍ଡା, ୨ଟି ଲାଠି, ଦୁଇ ପ୍ୟାକେଟ ଲଙ୍କାଗୁଣ୍ଡ, ରସି, ଟର୍ଚ୍ଚ ଲାଇଟ୍, ୫ଟି ମୋବାଇଲ ଫୋନ, ୫ଟି କଳାରଙ୍ଗର ମୁଖା ଆଦି ଜବତ କରାଯାଇଛି। ସେମାନେ ନିକଟସ୍ଥ ବିଜୁ ଏକ୍ସପ୍ରେସ ହାଇୱେରେ ଯାତାୟାତ କରୁଥିବା ଟ୍ରକ୍ ଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଡକାୟତି କରିବାର ଯୋଜନା କରିଥିଲେ ବୋଲି ପୁଲିସ ନିକଟରେ ଗିରଫ ପରେ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ବିଶ୍ରାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ରାଉରକେଲା, ୮।୧୨(ସମିସ):** ବିଶ୍ରା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ ଯୋଗ ଦେଇ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୫ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୮ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୭ ବର୍ଷ ପରେ ୱାରେଣ୍ଟି ଗିରଫ

**ରାଉରକେଲା, ୮।୧୨(ସମିସ):** ଏକ ପୋକ୍ସୋ ମାମଲାରେ ଅଭିଯୁକ୍ତ ଜଣେ ୱାରେଣ୍ଟିକୁ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ନିଖୋଜ ହେବାର ୭ ବର୍ଷ ପରେ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ୱାରେଣ୍ଟି ଜଣକ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ମେଦିନିପୁର ଅଞ୍ଚଳର ସୁମନ୍ତ ପ୍ରଧାନ(୩୨)। ତାକୁ ଆଜି କୋର୍ଟ ଚାଲାଣ କରାଯାଇଛି।

**ଇସ୍ପାତ ନାଟ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟା**

# ରଙ୍ଗମଞ୍ଚ ପକ୍ଷରୁ 'ହନୁମାନ ପଇସା' ମଞ୍ଚସ୍ଥ






**ରାଉରକେଲା, ୮।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଆର୍‌ଏସ୍‌ପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ରଙ୍ଗମଞ୍ଚ ନାଟ୍ୟାନୁଷ୍ଠାନ ତରଫରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ହନୁମାନ ପଇସା'। ଜୀବନ ସହ ଆଜୀବନ ଯୁଝିବାକୁ ହୁଏ। ଜୀବନ ସହ ମଣିଷର ଅଘୋଷିତ ଯୁଦ୍ଧ ଜାରି ରହିଥାଏ। ସେ ଯୁଦ୍ଧରେ ନା ମଣିଷ ହାରେ ନା ଜୀବନ ହାରେ। ନା ଜୀବନ ହୁଏ ପରାଜିତ ନା ମଣିଷ ହୁଏ ବିଜୟୀ। ଅହରହ ଏହା କେବେ ମଧୁର, କେବେ ତିକ୍ତ। ଜୀବନ-ଯୁଦ୍ଧରେ ସାମିଲ ହେବା ହିଁ ମଣିଷପଣିଆ। ତେବେ, ଦୟାନିଧି ପାତ୍ର ଭଳି ଚରିତ୍ରମାନେ ବେଳେ ବେଳେ ଜୀବନ-ଯୁଦ୍ଧରୁ ଛତ୍ରଭଙ୍ଗ ଦେଇ ପଳାୟନ କରନ୍ତି। ପଳାତକମାନେ ହିଁ ପଡ଼ିଆ ବାହାର ମଣିଷ। ଅଭାବଗ୍ରସ୍ତ 'ଦୟାନିଧି'ମାନେ ରାତାରାତି ବଡଲୋକ ହେବାର ସ୍ୱପ୍ନ ଦେଖି 'ହନୁମାନ ପଇସା' ଭଳି ଏକ ଦିବାସ୍ୱପ୍ନ ପିଠିରେ ଲାଉ ହୋଇଯା'ନ୍ତି, ଟଙ୍କାରେ ତିନି ଆଠେଣିର ସ୍ୱପ୍ନ ଦେଖନ୍ତି। ତେବେ, ଟଙ୍କାରେ ତିନି ଆଠେଣି..... ସତରେ କ'ଣ ସମ୍ଭବ? 'ହନୁମାନ ପଇସା' ଭଳି ଏକ ଅଲୌକିକ ବସ୍ତୁ କ'ଣ ସତରେ କୋଉଠି ଥାଏ? ଯଦି ଥାଏ, ତାହା କ'ଣ ଆଣିଦେଇପାରେ ଇପ୍‌ସିତ ଐଶ୍ୱର୍ଯ୍ୟ?? ଏହିଭଳି ଏକ ସାମାଜିକ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ଡ. କିରଣ ମିଶ୍ରଙ୍କ ପ୍ରଯୋଜିତ, କୈଳାସ ପାଣିଗ୍ରାହୀଙ୍କ ନିର୍ଦ୍ଦେଶିତ ଏବଂ ରଣଜିତ୍ ପଟ୍ଟନାୟକଙ୍କ ରଚିତ ନାଟକ 'ହନୁମାନ ପଇସା'। ନାଟକର ସଙ୍ଗୀତ ନିର୍ଦ୍ଦେଶନା ଶ୍ୟାମ ସୁନ୍ଦର ପଟ୍ଟନାୟକ ଦେଇଥିବାବେଳେ ସହଯୋଗୀ ଲକ୍ଷ୍ମୀକାନ୍ତ ଡୋରା, ଆଲୋକ ଓ ଶବ୍ଦରେ ସାନୁ, ମଞ୍ଚ ପ୍ରସ୍ତୁତି ଅମିୟ ସାହୁ କରିଥିଲେ। ବିଭିନ୍ନ ଭୂମିକାରେ ସୁଦେଶ ନାୟକ, ଉମା ଶଙ୍କର ପଣ୍ଡା, ଗୌରାଙ୍ଗ ଦଳେଇ, ଅରବିନ୍ଦ ଜଗଦେବ, ଅମିୟ ସାହୁ, ସୌମ୍ୟରଞ୍ଜନ ଲେଙ୍କା, ରୋହିତ ଜଗଦଳ ଓ ସୌମ୍ୟା ସୁଚରିତା ଅଭିନୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସୁପରିଚିତ ଅସ୍ଥିଶଲ୍ୟ ଡା. କିରଣ ମିଶ୍ର ଯୋଗଦେଇ ନାଟକ ହେଉଛି ସମାଜର ପ୍ରତିଛବି, ହୃଦୟର ଅଭିବ୍ୟକ୍ତି ବୋଲି କହିଥିଲେ। ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ଉଦ୍‌ଘାଟକ ଭାବେ ଯୋଗ ଦେଇ ନାଟକ ଶାନ୍ତି, ସମୃଦ୍ଧି, ପ୍ରଗତି ଓ ପରିଣତ ବୟସର ଆଶାବାଡି ବୋଲି କହିଥିଲେ। ଅନୁଷ୍ଠାନର ମୁଖ୍ୟ ଦର୍ଶକ ଭାବେ ଶିକ୍ଷାବିତ ଆଲୋକ ରଞ୍ଜନ ମଲ୍ଲିକ ଯୋଗ ଦେଇ ଏକତ୍ରର ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରଶାନ୍ତ ପତି ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଦୀପକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭଶ୍ରୀ ଦାଶ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିରେ ସୁରକ୍ଷା ଅଧିକାରୀଙ୍କ ବୈଠକ



**ରାଉରକେଲା, ୮।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ସମାଗମ ସମ୍ମିଳନୀ କକ୍ଷରେ ସୁରକ୍ଷା ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସ ବିଭାଗର ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ ଅତିଥି ବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସୁରକ୍ଷା ଇଂଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା, ଓଡ଼ିଶା ସରକାର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ସ୍ୱରାଜ କୁମାର ତ୍ରିପାଠି, ଶୁଭେନ୍ଦୁ ଶେଖର ରାଉତଙ୍କ ସମେତ ୫୦ ଜଣ ବିଭାଗୀୟ ଏବଂ ଏରିଆ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଶ୍ରୀ ପ୍ରସାଦ ଶିଳ୍ପ ୟୁନିଟ୍‌ଗୁଡ଼ିକରେ ଆଇନଗତ ଅନୁପାଳନକୁ ସୁନିଶ୍ଚିତ କରିବା ସହିତ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ବଜାୟ ରଖିବାରେ ସୁରକ୍ଷା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶା କାରଖାନା ନିୟମ, ୧୯୫୦ର ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଯେଉଁଥିରେ ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ, ବୈଧାନିକ ସୁରକ୍ଷା ରେକର୍ଡର ରକ୍ଷଣାବେକ୍ଷଣ, ଯନ୍ତ୍ରପାତିଗୁଡ଼ିକର ସୁରକ୍ଷିତ ପରିଚାଳନା ଏବଂ ସୁରକ୍ଷା, କଲ୍ୟାଣ ତଥା କାର୍ଯ୍ୟ ସ୍ଥିତିର ଆବଶ୍ୟକତା, କର୍ମଚାରୀ ତାଲିମ ଦକ୍ଷତା ବିକାଶ, ଜରୁରୀକାଳୀନ ପ୍ରସ୍ତୁତି ପଦକ୍ଷେପ ଦୁର୍ଘଟଣା ନିବାରଣ ରଣନୀତି ଉପରେ ସୂଚନା ପ୍ରଦାନ କରିଥିଲେ। ସେ କର୍ମକ୍ଷେତ୍ରରେ ବିପଦକୁ କମ କରିବା ଦିଗରେ ସକ୍ରିୟ ସୁରକ୍ଷା ପରିଚାଳନା ଏବଂ ନିୟମ-ଆଧାରିତ ଅଭ୍ୟାସଗୁଡ଼ିକର କଡାକଡି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଶ୍ରୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସଇଡି ବିଭାଗର ସିନିୟର ମ୍ୟାନେଜର ଏସ ଆର ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭାଗର ଏଜିଏମ ବିକେ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦ୍ରଶେଖର ଜେନାଙ୍କୁ ମରଣୋତ୍ତର ଦ୍ରୋଣାଚାର୍ଯ୍ୟ ସମ୍ମାନ




**ରାଉରକେଲା, ୮।୧୨(ସମିସ):** ସମ୍ବଲପୁରଠାରେ ଗତ ଡିସେମ୍ବର ୨ ରୁ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୩୦ତମ ଜାତୀୟ ରୋଡ ସାଇକେଲିଂ ଚାମ୍ପିଅନସିପ୍-୨୦୨୫ରେ ଓଡ଼ିଶା ସାଇକେଲିଂର ପ୍ରତିଷ୍ଠାତା କୋଚ୍ ତଥା ସାଇକେଲିଂର ଦ୍ରୋଣାଚାର୍ଯ୍ୟ ସ୍ୱର୍ଗତ ଚନ୍ଦ୍ରଶେଖର ଜେନାଙ୍କୁ ମରଣୋତ୍ତର ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ତାଙ୍କର ସୁପୁତ୍ର ତଥା ସୁନ୍ଦରଗଡ଼ ଜିଲ୍ଲାର ଜଣାଶୁଣା ଭଲିବଲ କୋଚ୍ ଦେବଦତ୍ତ ଜେନା ଗ୍ରହଣ କରିଥିଲେ। ସେହିପରି ସ୍ୱର୍ଗତ ଚନ୍ଦ୍ରଶେଖର ଜେନାଙ୍କ ଶିଷ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସାଇକେଲିଷ୍ଟ ନରସିଂହ ଚରଣ ସାହୁ, ରାମକୃଷ୍ଣ ଦାସ ଓ ଅର୍ଜୁନ ପୁରସ୍କାର ବିଜେତା ମୀନତି ମହାପାତ୍ରଙ୍କୁ ଜୀବନବ୍ୟାପୀ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଇକେଲିଂକୁ ଓଡ଼ିଶାରେ ପରିଚିତ କରାଇବାରେ ପ୍ରମୁଖ ଭୂମିକା ନେଇଥିବା ବ୍ୟକ୍ତି ବିଶେଷଙ୍କୁ ଡକାଇ ସମ୍ମାନିତ କରାଇଥିବାରୁ ଓଡ଼ିଶା ସାଇକେଲିଂ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ରାଉତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ରାଉରକେଲା ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା, ୮।୧୨(ସମିସ)



**ଭାଗନେଲେ ୫୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ**

ରାଉରକେଲା ସ୍ଥିତ ଉଦିତନଗର ପଡ଼ିଆଠାରେ ଆଜି ରାଉରକେଲା ବିଧାନସଭା କ୍ଷେତ୍ରର ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଖେଳରେ ନିଜର ପାରିଦର୍ଶିତା ପ୍ରତିପାଦନ କରିବା ପାଇଁ ଅଂଶ ଗ୍ରହଣ କରୁଥିବା ଖେଳାଳିଙ୍କୁ କହିଥିଲେ। ବିଧାୟକ ଶ୍ରୀ ତନ୍ତୀ ଖେଳ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ, ଯାହା ମନ, ଶରୀରକୁ ଉତ୍ତମ କରିଥାଏ ବୋଲି କହିଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ତୃଣମୂଳ ସ୍ତରରୁ ପ୍ରତିଭାମାନେ ସୁଯୋଗ ପାଇ ଆଗକୁ ପଢ଼ିବେ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗୀର ଏହି ଖେଳ ମହୋତ୍ସବ ଖେଳାଳିଙ୍କ ମନରେ ଆଶା ସଞ୍ଚାର ଭରିଥାଏ ଓ ଆଗକୁ ବଢ଼ାଇବାର ସୁଯୋଗ ମିଳିଥାଏ ବୋଲି କହିଥିଲେ। ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ଶିଶୁ ଆୟୋଗ ସଦସ୍ୟା କଳ୍ପନା ଲେଙ୍କା, ବିଜେପି ରାଜ୍ୟ ମୁଖପାତ୍ର ଧିରେନ୍ ସେନାପତି, ପ୍ରାକ୍ତନ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ପୂର୍ବତନ ବଣାଇ ଜିଲ୍ଲା ସଭାପତି ରାସ ବିହାରୀ ପ୍ରଧାନ, ସାଂସଦ ଖେଳ ମହୋତ୍ସବ ପିଆର୍ ଗଙ୍ଗାଧର ଦାଶ, ପଦ୍ମିନୀ ପାଣିଗ୍ରାହୀ, ହୋଟେଲ ଆସୋସିଏସନ୍ ସଭାପତି ପ୍ରବୀଣ ଗର୍ଗ, ପୂର୍ବତନ ଆର୍‌ଏସ୍‌ପି ଅଧିକାରୀ ସଂଘ ସଭାପତି ବିମଳ ବିଶି, ଜିଲ୍ଲା ଉପସଭାପତି ସରୋଜ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଜେନା, ରାଜ୍ୟ କାଉନସିଲ ସଦସ୍ୟ ଦିଲ୍ଲୀପ ପଟ୍ଟନାୟକ, ନିହାର ରାୟ, ବରିଷ୍ଠ ନେତା ଭବାନୀକବି ଆଦି ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ରାଉରକେଲା ସଂଯୋଜକ ପ୍ରକାଶ ପାଶୱାନ ସଂଯୋଜନା ଓ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗୀତା ପଞ୍ଚାୟତସ୍ତରରେ, ବ୍ଲକସ୍ତରରେ ଶେଷ ହୋଇ ଆଜି ବିଧାନସଭା କ୍ଷେତ୍ରର ଚୟନ ପାଇଁ ପ୍ରତିଭାମାନେ ଖେଳି ନିଜର ପ୍ରତିଭା ପ୍ରତିପାଦନ କରିପାରିବେ। ଏହି ଖେଳ ରାଉରକେଲା ବିଧାନସଭା କ୍ଷେତ୍ରର ଡିସେମ୍ବର ୮ ଓ ୯ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ୧୨ ରୁ ୧୬ ବର୍ଷ ଓ ୧୭ ରୁ ୨୪ ବର୍ଷ ପୁଅ ଓ ଝିଅ ମାନେ ଅଂଶ ଗ୍ରହଣ କରିଛନ୍ତି। ସମୁଦାୟ ଏହି କ୍ଷେତ୍ରର ୫୦୦୦ରୁ ଊର୍ଦ୍ଧ୍ୱ ଅଂଶ ଗ୍ରହଣ କରିଛନ୍ତି। ଆଜି ଆଥେଲେଟିକ, କବାଡି, ଯୋଗ, ରୋପ ଜମ୍ପ, ପୂଚି, ରଙ୍ଗୋଲି ଆଦି ଖେଳ ବିର୍ଷା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ପାନପୋଷରେ ବ୍ୟାଡମିଣ୍ଟନ ଓ ହକି, ଭଲିବଲ ସେକ୍ଟର - ୨୦ ରାଇଜିଂ କ୍ଲବ୍‌ରେ, ସାଇକ୍ଲିଂ ପାନପୋଷର ବିର୍ସା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ୍, ବକ୍ସିଂ ସେକ୍ଟର ୨୦ ରାଉରକେଲା କ୍ଲବ, ଫୁଟବଲ ଓ ଖୋ ଖୋ ଉଦିତ ନଗର ପଡ଼ିଆ, ହାଣ୍ଡ ବଲ ଓ ଆର୍ଚେରୀ ବିର୍ସା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ୍ ଠାରେ ଆରମ୍ଭ ହୋଇଛି। ଆସନ୍ତାକାଲି ରାଉରକେଲା କ୍ଷେତ୍ରର ଖେଳ ମହୋତ୍ସବ ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି।

## ଓଡ଼ିଆ ଅସ୍ମିତା ଗଲା କୁଆଡେ?

ଓଡିଆ ଅସ୍ମିତାର ସୁରକ୍ଷା ପାଇଁ ରାଜ୍ୟ ଡବଲ ଇଂଜିନ୍ ସରକାର ତଣ୍ଟି ଫାଡି ଚିତ୍କାର କରୁଥିବା ବେଳେ ଆଜି କିନ୍ତୁ ସଂସଦ ଖୋଳ ମହୋତ୍ସବରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଆଜି ଉଦିତନଗର ପରେଡ ପଡ଼ିଆଠାରେ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୁଭାରମ୍ଭ ହୋଇଥିବା ସଂସଦ ଖେଳ ମହୋତ୍ସବରେ ଲାଗିଥିବା ସମସ୍ତ ହୋର୍ଡିଂ, ବ୍ୟାକ ଡ୍ରପ୍, ବ୍ୟାନର ସବୁଥିରେ କେବଳ ଇଂରାଜୀ ଓ ହିନ୍ଦୀ ଭାଷାରେ ଲେଖାଯାଇଥିଲା। କୌଣସି ଗୋଟିଏ ସ୍ଥାନରେ ଓଡ଼ିଆ ଭାଷାର ନାଁ ଗନ୍ଧ ନଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୋଟିଏ ପଟେ ମୁଖିଆ ପୁରା ଅଣଓଡିଆ କୋଟେରୀ କରି ଓଡିଆ ଦକ୍ଷ ଓଡ଼ିଆ ନେତୃତ୍ୱଙ୍କୁ ଅଣଦେଖା କରୁଥିବା ନେଇ ପୂର୍ବରୁ ଦଳୀୟ ଅସନ୍ତୋଷ ରହିଥିବା ବେଳେ ଆଜି ଏପରି ଏକ ବିଶାଳ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତାର ଯେପରି କୁଠାରଘାତ କରାଯାଇଥିଲା ତାକୁ ଓଡିଆ ଭାଷା ପ୍ରେମୀ ସହଜରେ ହଜମ କରି ପାରିନଥିଲେ।

୧୦ ପିସ୍ତଲ ଜବତ ଘଟଣା

# ବ୍ରହ୍ମପୁରରେ ତନାଘନା କରିବ କମିସନରେଟ୍ ପୁଲିସ

ବ୍ରହ୍ମପୁର, ୮।୧୨ (ସମିସ): ଝାଡ଼ଖଣ୍ଡ ଓ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଦୁଇଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଦୁଇଦିନ ପୂର୍ବେ କମିଶନରେଟ ପୁଲିସ ଖଣ୍ଡଗିରି ଠାରେ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ବିହାରରୁ ବନ୍ଧୁକ ଆଣି ପ୍ରଥମେ ଅନୁଗୁଳ ଓ ପରେ ବ୍ରହ୍ମପୁର ଅଭିମୁଖେ ବନ୍ଧୁକ ଚାଲାଣ ସମୟରେ ଖଣ୍ଡଗିରି ଓଭର ବ୍ରିଜରେ ମାଡ଼ି ବସିଥିଲା କମିଶନରେଟ୍ ପୁଲିସ୍। ଦୁଇ ଦୁର୍ଦ୍ଧାନ୍ତ ଅପରାଧୀ ଅନୁଗୁଳର ସୁମନ୍ତ ନାୟକ (୩୦) ଓ ଢେଙ୍କାନାଳର ସୌଭାଗ୍ୟ ନାୟକ(୩୦)ଙ୍କ ଠାରୁ ପୁଲିସ ୧୦ଟି ପିସ୍ତଲ ଏବଂ ଗୋଟିଏ ଅଟୋମେଟିକ କାର୍ବାଇନ୍ ଜବତ କରିଥିଲା। ସୁମନ୍ତ ନାମରେ ପୂର୍ବରୁ ଆର୍ମସ ଆକ୍ଟ ଭଳି ୬ଟି ଓ ସୌଭାଗ୍ୟ ନାମରେ ୪ଟି ସଙ୍ଗୀନ ମାମଲା ରହିଥିବା ଜଣାପଡିଛି। ଜବତ ପିସ୍ତଲ ଗୁଡ଼ିକ ବିହାର ଏବଂ ଝାଡ଼ଖଣ୍ଡରୁ କିଣା ଯାଇଥିଲା। ଏହି ବନ୍ଧୁକ ବ୍ରହ୍ମପୁରର କେତେକ ଅପରାଧୀଙ୍କୁ ବିକ୍ରି ପାଇଁ ଅଣାଯାଇଥିବା ଜେରା ସମୟରେ ଉଭୟେ ସୂଚନା ଦେଇଥିଲେ। ତେବେ ବ୍ରହ୍ମପୁରର କେଉଁ ଅପରାଧି ଗ୍ୟାଙ୍ଗ ପକ୍ଷରୁ ଏଥିପାଇଁ ଅଗ୍ରୀମ ଦିଆଯାଇଥିଲା ଏବଂ ସେମାନଙ୍କ ଟାର୍ଗେଟରେ କିଏ ଥିଲା ତାହାର ତଦନ୍ତ ଜାରି ରହିଛି। ଗିରଫ ଦୁଇ ବନ୍ଧୁକ ଚାଲାଣକାରୀଙ୍କ ମୋବାଇଲର ସିଡ଼ିଆର ବାହାର କରୁଛି ପୁଲିସ। ସେମାନଙ୍କୁ କିଏ କେତେବେଳେ କେଉଁଠାରୁ କଲ୍ କରିଥିଲା ତାହାର ସମସ୍ତ ତଥ୍ୟ ସିଡିଆରରୁ ସ୍ପଷ୍ଟ ହେବ। ଅଭିଯୁକ୍ତଙ୍କ ମୋବାଇଲ ଯାଞ୍ଚବେଳେ ପୁଲିସ ହାତରେ ଲାଗିଥିବା କିଛି ନମ୍ବର ସମ୍ପର୍କରେ ଖୋଳତାଡ ଜାରି ରହିଛି। ଉକ୍ତ ନମ୍ବର ଗୁଡିକ ମଧ୍ୟରେ ବ୍ରହ୍ମପୁର, ଅନୁଗୁଳ, ତାଳଚେର ଓ ଢେଙ୍କାନାଳର କିଛି ନମ୍ବର ଥିବାବେଳେ ସେମାନଙ୍କୁ ଚିହ୍ନଟ କରି ଗିରଫ କରି କୋର୍ଟଚାଲାଣ କରିଛି। ଅଧିକ ତଥ୍ୟ ହାସଲ ପାଇଁ ସେମାନଙ୍କୁ ରିମାଣ୍ଡରେ ଆଣି ପୁଲିସ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

**ଦୁର୍ଦ୍ଧାନ୍ତ ସୌଭାଗ୍ୟ ଓ ସୁମନ୍ତଙ୍କୁ କିଏ ଦେଇଥିଲା ଅଗ୍ରୀମ, ଟାର୍ଗେଟରେ ଥିଲା କିଏ?**

ବ୍ରହ୍ମପୁର ପୁଲିସ ଜିଲ୍ଲାରେ କେଉଁ ଅପରାଧୀ ବନ୍ଧୁକ କାରବାରରେ ଲିପ୍ତ ରହି ଗିରଫ ହୋଇଥିଲେ। ସେମାନଙ୍କ ସହ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ଲିଙ୍କ ରହିଛି କି ନାହିଁ ତାହା ଯାଞ୍ଚ କରୁଛି ପୁଲିସ।

ସେପଟେ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ୨ମାସ ପୁରିଛି। ଏହି ମାମଲାରେ ୧୬ଜଣ ବନ୍ଧା ହୋଇ ଜେଲ୍‌ରେ ଅଛନ୍ତି। ତଦନ୍ତ ଜାରି ରହିଥିବା ବେଳେ ପୁଲିସ ଏଯାବତ ଚାର୍ଜସିଟ୍ କିମ୍ବା କେସ ଡାଏରୀ ମଧ୍ୟ ଦାଖଲ କରିନି। ଏହି ମାମଲାରେ ଆହୁରି ଅନେକଙ୍କ ସଂପୃକ୍ତି ଥିବା ସନ୍ଦେହରେ ପୁଲିସ ତଦନ୍ତ ଜାରି ରଖିଛି। ପୀତବାସ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ବନ୍ଧୁକ କିଏ ଯୋଗାଇଥିଲା ତାହା ଏଯାବତ ପୁଲିସ ସ୍ପଷ୍ଟ କରିନାହିଁ। ଗୋଟିଏ ହତ୍ୟାକାଣ୍ଡର ତଦନ୍ତ ନସରୁଣୁ ପୁଣି ଆଉ କାହା ମୁଣ୍ଡ ଗଡ଼ିଥାନ୍ତା। ବ୍ରହ୍ମପୁରରେ ବେଆଇନ ବନ୍ଧୁକ କାରବାର କିଛି ନୂଆ ନୁହେଁ। ପୂର୍ବରୁ ବହୁ ଅପରାଧୀ ବନ୍ଧୁକ କାରବାର ମାମଲାରେ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ବନ୍ଧୁକ ମଧ୍ୟ ଜବତ ହୋଇଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ଦୁର୍ଦ୍ଧାନ୍ତ ଅପରାଧୀ ସୌଭାଗ୍ୟ ଓ ସୁମନ୍ତଙ୍କୁ ବନ୍ଧୁକ ଆଣିବା ପାଇଁ ଅଗ୍ରୀମ ଦେଇଥିଲା କିଏ, ଟାର୍ଗେଟରେ କିଏ ଥିଲା ନା ଦାଦାବଟି ଆଦାୟ ପାଇଁ ଆସୁଥିଲା ବନ୍ଧୁକ। ଏସବୁ ତଦନ୍ତ କରୁଛି କମିଶନରେଟ୍ ପୁଲିସ। କମିଶନରେଟ୍ ପୁଲିସ ଅଭିଯୁକ୍ତଙ୍କୁ ରିମାଣ୍ଡ ନେବା ପରେ ଖୁବଶୀଘ୍ର ବ୍ରହ୍ମପୁରରେ ପହଞ୍ଚିବ ବୋଲି ସୂଚନା ମିଳିଛି।

## କ୍ରିକେଟ ବ୍ୟାଟରେ ଗଞ୍ଜେଇ ଚାଲାଣ, ଦୁଇ ଗିରଫ




ବ୍ରହ୍ମପୁର,୮।୧୨(ସମିସ): ଖୋର୍ଦ୍ଧା ଡିଭିଜନ ରେଳସୁରକ୍ଷା ବଳ (ଆରପିଏଫ)ର ସ୍ପେସଲ ଟାସ୍କ ଫୋର୍ସ ଗୁଇନ୍ଦା ଖବର ଆଧାରରେ ସନ୍ଦେହ ଜନକଭାବେ ବ୍ରହ୍ମପୁର ରେଳଷ୍ଟେସନ ଓଭର ବ୍ରିଜରେ ଛିଡା ହୋଇଥିବା ଦୁଇଜଣ ଯୁବକଙ୍କୁ କାବୁ କରିଥିଲେ। ସେମାନେ ଧରିଥିବା ଅଖା ବସ୍ତା ଗୁଡିକ ଯାଞ୍ଚ ବେଳେ ସେଥିରେ ୧୦ଟି କ୍ରିକେଟ ବ୍ୟାଟ, ୧୩ଟି ଏୟାର ବ୍ୟାଗ ରହିଥିଲା। କ୍ରିକେଟ ବ୍ୟାଟଗୁଡିକ କାଟିବା ବେଳେ ତା ଭିତରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ସେହିପରି ବ୍ୟାଗ ଗୁଡିକ ଭିତରେ ମଧ୍ୟ ଗଞ୍ଜେଇ ରହିଥିଲା। ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପରେ ଉକ୍ତ ଟିମ ଜିଆରପି ଥାନାରେ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତଙ୍କୁ ଜିମାରେ ଦେଇଥିଲା। ଗିରଫ ଦୁଇ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶୀଦାବାଦର ଅଲ୍ଲୀ ହୁସେନ(୨୨) ରୋନି ଶେଖ(୨୦)। ଅଧିକ ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ କନ୍ଧମାଳରୁ ଆଣି କେରଳ ଚାଲାଣ କରୁଥିଲେ ବୋଲି ଜଣାପଡିଛି।

ଉଭୟ ଅଭିଯୁକ୍ତ ଟ୍ରେନକୁ ଅପେକ୍ଷା କରିଥିଲେ ବୋଲି ପୁଲିସ କହିଛି। ମାମଲା ନଂ ୧୫୩/୨୫ ରେ ଉକ୍ତ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ସ୍ପେଶାଲ ଟାସ୍କ ଫୋର୍ସର ଏକ ଟିମ ଗୁଇନ୍ଦା ସୂଚନା ଆଧାରରେ ବ୍ରହ୍ମପୁର ରେଳ ଷ୍ଟେସନରେ ଛିଡା ହୋଇଥିବା ଦୁଇ ଜଣ ଯୁବକଙ୍କୁ ଧରି ପଚରା ଉଚରା କରିଥିଲା। ପରେ ସେମାନେ ଧରିଥିବା ବ୍ୟାଗ ଯାଞ୍ଚ ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଲା।

● ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

## ବିକ୍ରମ, ପିଣ୍ଟୁ, ମଦନ ଓ ଶୂନ୍ୟଙ୍କ ଜାମିନ ଆବେଦନର ଶୁଣାଣି ଆଜି

ବ୍ରହ୍ମପୁର,୮।୧୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣଙ୍କ ଜାମୀନ ଆବେଦନର ଶୁଣାଣି ମଙ୍ଗଳବାର ହେବ। ଗତ ୩ତାରିଖରେ ଜାମୀନ ଆବେଦନର ଶୁଣାଣି ପୂର୍ବରୁ ପୁଲିସ ସରକାରୀ ଓକିଲଙ୍କ ଜରିଆରେ ସିଡି ବା କେସ ଡାଏରୀ ଦାଖଲ ପାଇଁ ଅଧିକ ସମୟ ମାଗିଥିଲା। ଫଳରେ ୯ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ କେସ ଡାଏରୀ ଦାଖଲରେ ବିଳମ୍ବ ଘଟୁଥିବା ପୁଲିସ ପକ୍ଷରୁ କୋର୍ଟରେ କୁହାଯାଇଥିଲା। ଆସନ୍ତା ମଙ୍ଗଳବାର ୯ ତାରିଖରେ ପୁଲିସ ପକ୍ଷରୁ ସିଡି ଦାଖଲ କରାଯାଇପାରେ। ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଆଇନଜୀବୀ ମଦନ ଦଳେଇ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଏବଂ ଶୂନ୍ୟ ଚନ୍ଦ୍ର ଦାସଙ୍କ ପାଇଁ ସେମାନଙ୍କ ଓକିଲ ଜାମୀନ ଆବେଦନ କରିଛନ୍ତି। ଜିଲ୍ଲା ଓ ଦୌରାଜଜ୍ ଅଶାନ୍ତ ଦାଶଙ୍କ କୋର୍ଟରେ ମାମଲାର ବିଚାରଣା ଚାଲିଛି। ଗତ ଅକ୍ଟୋବର ୬, କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଘଟଣାକୁ ଇତି ମଧ୍ୟରେ ୨ମାସ ବିତି ଯାଇଥିଲେ ହେଁ ପୁଲିସ ପକ୍ଷରୁ କୋର୍ଟରେ ସିଡି ଦାଖଲ କରାଯାଇନାହିଁ। ଯାହାକୁ ନେଇ ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦ ଓ ଆଇନଜୀବୀ ଦୀପକ ପଟ୍ଟନାୟକ ଆପତ୍ତି ଉଠାଇଥିଲେ।

**ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ କେସ ଡାଏରୀ ଦାଖଲ କରିବ ପୁଲିସ**

## ରେଳଧାରଣରୁ ମୃତଦେହ ଜବତ

ବ୍ରହ୍ମପୁର,୮।୧୨(ସମିସ): ସରକାରୀ ରେଳବାଇ ପୁଲିସ ସୋମବାର ସକାଳେ ଖୋଡ଼ାସିଂ ଜୀବନ ବୀମା ମୁଖ୍ୟ କାର୍ଯ୍ୟାଳୟ ପଛପଟ ରେଳ ଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ରୁ ୪୦ବର୍ଷ ହେବ ବୋଲି ପୁଲିସ କହିଛି। ମୃତଦେହ ପଞ୍ଚନାମା ବେଳେ ଟ୍ରେନ ଲାଇନ ଅତିକ୍ରମ ବେଳେ ଅସାବଧାନତା ଯୋଗୁଁ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୁଲିସ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ଜାଣିବା ପାଇଁ ପୁଲିସ ତାହାକୁ ସଂରକ୍ଷିତ ରଖିଛି। ସେହିପରି ମୃତକଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ସମସ୍ତ ଥାନାକୁ ଏନେଇ ମେସେଜ ପଠାଯାଇଛି। ଘଟଣାରୁ ପ୍ରକାଶ ଯେ, ରେଳଧରଣାରେ ଏକ ମୃତଦେହ ପଡ଼ିଥିବା ଖବର ପାଇବା ପରେ ପୁଲିସ ସେଠାରେ ପହଞ୍ଚିଥିଲା। ପରିଚୟ ଜାଣିବା ପାଇଁ ସ୍ଥାନୀୟ ଲୋକଙ୍କୁ ମୃତକଙ୍କ ବିଷୟରେ ପଚରା ଉଚରା କରିଥିଲା। ଶେଷରେ ମୃତଦେହ ଜବତ କରି ଏମକେସିଜି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର,୮।୧୨(ସମିସ): ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳର ବିଶ୍ୱଜିତ୍ ସ୍ୱାଇଁ (୨୮)। ସୂଚନାଯୋଗ୍ୟ ଯେ, ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ୩ୟ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାକୁ ବୁଲିବାକୁ ଆସି ବିଶ୍ୱଜିତ୍ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିବା କିଛି ମହିଳାଙ୍କ ଫଟୋ ଉଠାଇବା ସହ ଦୁଇଜଣ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଆୟୋଜକଙ୍କ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ବିଶ୍ୱଜିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ବଂଶୀଧର ବେହେରାଙ୍କ ଶୋକସଭା




ବ୍ରହ୍ମପୁର,୮।୧୨(ସମିସ): ସ୍ଥାନୀୟ କମାପଲ୍ଲୀ ଶିବ ମନ୍ଦିର ପ୍ରାଙ୍ଗଣରେ "ବିକାଶ" ସ୍ୱେଚ୍ଛାସେବୀ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ବଂଶୀଧର ବେହେରାଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୀତାରାମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ସହ ତାଙ୍କ ସପରିବାରଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଶେଷରେ ନଳିନୀ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ଶୋକ ସଭାରେ ନଳିନୀ କୁମାର ବେହେରା, ପୁରୁଷୋତ୍ତମ ବେହେରା, ଅବନୀ ଗୟା, ସତ୍ୟବାନ ବେହେରା, ପୂର୍ଣ୍ଣ ଚନ୍ଦ୍ର ବେହେରା, ଗୋକୁଲ୍ ବେହେରା, ବିଷ୍ଣୁ ପ୍ରସାଦ ବେହେରା, ମଧୁସୂଦନ ବେହେରା, ଲକ୍ଷ୍ମୀ ନାରାୟଣ ବେହେରା, ଈଶ୍ୱର ଚନ୍ଦ୍ର ବେହେରା, ରଘୁନାଥ ବେହେରା, ଗୁଣନିଧି ବେହେରା, ଶ୍ୟାମ ସୁନ୍ଦର ବେହେରା, ଦାମୋଦର ବେହେରା, ଡ଼ା. ଗୋପବନ୍ଧୁ ବେହେରା ଓ ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ଯୁବ କଂଗ୍ରେସ ଜିଲ୍ଲା ସଭାପତି ହେଲେ ବିକାଶ

ବ୍ରହ୍ମପୁର,୮।୧୨(ସମିସ): ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବେ ବିକାଶ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଭାରତୀୟ ରାଷ୍ଟ୍ରୀୟ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ରିତେଶ ଦେଶମୁଖ ଉକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ବିକାଶ ନାୟକ ଯୁବ କଂଗ୍ରେସ ନିର୍ବାଚନରେ ବିଜୟ ହୋଇ ସଭାପତି ହୋଇଥିବା ବେଳେ ବର୍ତ୍ତମାନ ପୁଣି ଦଳ ତାଙ୍କୁ ଏହି ଦାୟିତ୍ୱ ଦେଇଛି। ଜିଲ୍ଲାର ପ୍ରତ୍ୟେକ ଯୁବକଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସର୍ବଦା ତତ୍ପର ରହିବି ବୋଲି ବିକାଶ କହିଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ତାଙ୍କୁ ପୁଣି ଥରେ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ଦଳର ସମସ୍ତ କର୍ମକର୍ତ୍ତାରାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।



## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପୋସ୍ ଆକ୍ଟ ସଚେତନତା

ବ୍ରହ୍ମପୁର,୮।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣେଶ ହଲରେ ପୋସ ଆକ୍ଟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି 'ଲିପିକା' ଏନଜିଓର ନିର୍ଦ୍ଦେଶିକା ରଞ୍ଜିତା ଦାସ ଯୋଗଦେଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ଗଠନ ତଥା କାର୍ଯ୍ୟଧାରା ଏବଂ 'ପୋସ୍ ଆକ୍ଟ' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଆଇସିସିର ଅଧ୍ୟକ୍ଷା ଡ. ଉଷାରାଣୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ତଥା ଆଇସିସିର ବରିଷ୍ଠ ସଦସ୍ୟ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ନିଜ ବକ୍ତବ୍ୟରେ ଛାତ୍ରୀ ତଥା ମହିଳା କର୍ମଚାରୀମାନଙ୍କୁ ନିର୍ଭୀକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ।

## ୨୩ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ

ଛତ୍ରପୁର,୮।୧୨(ସମିସ): ଆସନ୍ତା ୨୩ରେ ଛତ୍ରପୁରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତ ବାର୍ଷିକ ଉତ୍ସବ ପାଳନ କରାଯିବ। ଏଥିରେ ପାର୍ଟିର କେନ୍ଦ୍ରୀୟ ସମ୍ପାଦକ କେ. ରାମକ୍ରୀଷ୍ଣା ଓ ରାମକୃଷ୍ଣ ପଣ୍ଡା ସମେତ ବହୁ ରାଜ୍ୟ ନେତୃବୃନ୍ଦ ମାନେ ଯୋଗଦେଇ ତ୍ୟାଗ, ବଳିଦାନ ଓ ସଂଗ୍ରାମର ଶତ ବାର୍ଷିକ ପାଳନ କରିବେ। ଏନେଇ ସୋମବାର ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଏକ ବୈଠକ ବରିଷ୍ଠ କମ୍ୟୁନିଷ୍ଟ ନେତା ଏସ. କ୍ରିଷ୍ଣା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କୁମାର କାନୁନଗୋ ଯୋଗଦେଇ ସର୍ବ ଭାରତୀୟ ପାର୍ଟି କଂଗ୍ରେସ ( ଚଣ୍ଡିଗଡ଼ ) ରିପୋର୍ଟ ପାଠ କରିବା ସହିତ ଶତ ବାର୍ଷିକ ଉତ୍ସବକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଏନ. ନାରାୟଣ ରେଡ୍ଡୀ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗଦେଇ ଗଣ ପାର୍ଟି, ପାର୍ଟିର ଇତିହାସ ଏବଂ ପାର୍ଟିକୁ ତୃଣମୂଳସ୍ତରରେ କିପରି ମଜବୁତ କରାଯିବ ତାହା ଉପରେ ଆଲୋକପାତ କରିଥିଲେ। ବୈଠକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ଜିଲ୍ଲା ସହ - ସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ କୁମାର ସେଠି, ରାଜ୍ୟ ପରିଷଦ ସଭ୍ୟା ଏନ. ଭାନୁମତୀ ରେଡ୍ଡୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡ଼ି. ଆଦିନାରାୟଣ ରେଡ୍ଡୀ, ସହ - ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଓ ରାଜେନ୍ଦ୍ରନାହାକ, ଯୁବନେତା ଚିଙ୍କରା ବେହେରା, ଏନ. ସୁକାନ୍ତ ଆଚାରୀଙ୍କ ସମେତ ବହୁ ଆଗଧାଡିର ନେତା ଓ କର୍ମୀ ମାନେ ଯୋଗଦେଇଥିଲେ।

## ରଷିକୁଲ୍ୟା ମୁହାଣରେ ଅତିଥି ଧ୍ରୁବହଂସ



ଗଞ୍ଜାମ,୮।୧୨(ସମିସ): ଶୀତର ପ୍ରକୋପ ବୃଦ୍ଧି ପାଇବା ଫଳରେ ରଷିକୁଲ୍ୟା ନଦୀ ଅଞ୍ଚଳରେ ବିଦେଶୀ ଅତିଥି ପକ୍ଷୀ ଧ୍ରୁବ ହଂସ ଆଗମନ ହୋଇଛି। ବର୍ତ୍ତମାନ ବହୁ ସଂଖ୍ୟାରେ ହୁମ୍ମା ଲୁଣ ଜମିରେ ରହିଥିବା ଜଳଆଶୟରେ ଜଳକ୍ରୀଡା କରିବା ସହ ଖାଦ୍ୟ ଆହାର କରୁଥିବା ଲକ୍ଷ୍ୟ କରାଯାଇଛି। ନଭେମ୍ବର ମାସରେ ପ୍ରବଳ ଥଣ୍ଡା ସହି ନପାରି ମାଙ୍ଗୋଲିଆ, ଚୀନ, ପାକିସ୍ତାନ, ବାଂଲାଦେଶ, ମିଆଁମାର ସାଲିମର ପ୍ରମୁଖ ଅଞ୍ଚଳରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଆକାଶ ମାର୍ଗରେ ଓଡିଶାକୁ ଆସିଥାନ୍ତି। ଏହା ଦେଖିବାକୁ କୁକୁଡ଼ା ଠାରୁ ଟିକେ ବଡ଼ ଆକାରର ହୋଇଥାନ୍ତି। ଆକାଶରେ ସବୁଠାରୁ ଉଚରେ ଉଡ଼ିପାରୁଥିବା ପକ୍ଷୀ ଏହି ଧ୍ରୁବ ପକ୍ଷୀ ବୋଲି ଜଣାଯାଏ। ଦଳଗତ ଭାବେ ଜଳକ୍ରୀଡା, ବାଲୁକା ଶଯ୍ୟାରେ ଖାଦ୍ୟ ସଂଗ୍ରହ ଓ ଉଡିବାର ମନୋରମ ଦୃଶ୍ୟ ଶୀତ ଦିନେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ। ଆଗାମି ଦିନରେ ଏହି ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ଘଟିପାରେ ବୋଲି ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ପ୍ରକାଶ କରିଛନ୍ତି। ଗତ କିଛି ଦିନ ତଳେ ଦୁଇ ଦୁଇ ଥର ସାମୁଦ୍ରିକ ଝଡ଼ର ପ୍ରଭାବ ଯୋଗୁଁ ଏହି ପକ୍ଷୀ ଆସିବାରେ ବିଳମ୍ବ ଘଟିଥିବା ଶ୍ରୀ ସାହୁ କହିଛନ୍ତି। ମୁମ୍ବାଇର ନେଚୁରାଲ ହିଷ୍ଟ୍ରି ସୋସାଇଟି ଓ ୱେଷ୍ଟଲାଣ୍ଟ ଇଣ୍ଟରନେସନାଲ ସଂସ୍ଥା ଏହି ପକ୍ଷୀଙ୍କ ଉପରେ ଗବେଷଣା କରିଆସୁଛନ୍ତି।

# ଫିଜିଓଥେରାପି ସେବାରୁ ବହୁ ଦୂରରେ ଗ୍ରାମାଞ୍ଚଳ ରୋଗୀ




● ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ସେବା ସୁବିଧା

● ପେନ୍‌କିଲର ଖାଇ ମୃତ୍ୟୁମୁଖରେ ପଡୁଛନ୍ତି ରୋଗୀ

ବ୍ରହ୍ମପୁର,୮।୧୨(ସମିସ): ଚିକିତ୍ସା ବିଜ୍ଞାନରେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇ ବିଭିନ୍ନ ରୋଗରୁ ସୁସ୍ଥ ଲାଭ ହେବା ବା ରୋଗ ମୁକ୍ତ ହେବା ଯେତେ ମାତ୍ରାରେ ଜରୁରୀ, ଠିକ୍ ସେହିପରି ଅନେକ ରୋଗୀଙ୍କୁ ଫିଜିଓଥେରାପି(ଭୈତିକ ଚିକିତ୍ସା) ମଧ୍ୟ ସେତିକି ଆବଶ୍ୟକତା ରହିଥାଏ। କିନ୍ତୁ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏହି ଚିକିତ୍ସା ସେବା ରୋଗୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି। ଗ୍ରାମାଞ୍ଚଳର ଜଣେ ରୋଗୀ ଆବଶ୍ୟକ ସ୍ଥଳରେ ଯଦି ଏହି ସେବା ନେବାକୁ ପଡ଼େ, ତେବେ ସେମାନଙ୍କ ଶତାଧିକ କିଲୋମିଟର ଯିବା ଆସିବାକୁ ପଡ଼ିଥାଏ। ଜିଲ୍ଲାରେ ସିଟି ହସ୍ପିଟାଲ ବା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ, ଭଞ୍ଜନଗର ଓ ଛତ୍ରପୁର ସ୍ଥିତ ଉପଖଣ୍ଡ ଚିକିତ୍ସାଳୟର ଫିଜିଓଥେରାପି ସେବା ଉପଲବ୍ଧ ରହିଛି। ଏଭଳି ଭାବେ ଜିଲ୍ଲାରେ ସର୍ବମୋଟ ୪ଜଣ ଫିଜିଓଥେରାପିଷ୍ଟ ରହିଥିବା ବେଳେ ୨ଜଣ ସିଟି ହସ୍ପିଟାଲ ଓ ଜଣେ ଲେଖାଏଁ ଛତ୍ରପୁର ଏବଂ ଭଞ୍ଜନଗରରେ ନିୟୋଜିତ ହୋଇଛନ୍ତି। ବ୍ରହ୍ମପୁର ସିଟି ହସ୍ପିଟାଲରେ ପ୍ରତିମାସରରେ ୫୦୦ରୁ ୫୫୦ ଜଣ ଚିକିତ୍ସିତ ହୋଇଥିବା ବେଳେ ଭଞ୍ଜନଗରରେ ୧୦୦ରୁ ୧୫୦ ଓ ଛତ୍ରପୁରରେ ପ୍ରାୟ ୨୫୦ରୁ ୩୦୦ ରୋଗୀ ଚିକିତ୍ସିତ ହୋଉଛନ୍ତି। ସିଟି ହସ୍ପିଟାଲକୁ ବାଦ ଦେଲେ ଆନ୍ୟ ଫିଜିଓଥେରାପି ସେଣ୍ଟରରେ କୌଣସି ପ୍ରକାର ଅତ୍ୟାଧୁନିକ ଉପକରଣ ପ୍ରଦାନ କରାଯାଇନାହିଁ। ସାଧାରଣ ସ୍ତରର ସ୍ୱାସ୍ଥ୍ୟ ଉପକରଣରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଅନ୍ୟପକ୍ଷରେ ଅସ୍ଥିଶଲ୍ୟ ଠାରୁ ଆରମ୍ଭ କରି ଶରୀର ବିଭିନ୍ନ ଅଂଶରେ ଯନ୍ତ୍ରଣା ଭୋଗୁଥିବା ରୋଗୀ ଏବଂ ଦୁର୍ଘଟଣାରେ ଶିକାର ହୋଇଥିବା ରୋଗୀଙ୍କୁ ଫିଜିଓଥେରାପି କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସେବା ଉପଲବ୍ଧ ନଥିବାରୁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରୁଥିବା ଜଣାପଡ଼ିଛି। ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ରୋଗୀ ଏହି ସେବା ଗ୍ରାମାଞ୍ଚଳରେ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମ ନିକଟରେ ଏହି ସେବା ଉପଲବ୍ଧ ନଥିବା ବହୁ ରୋଗୀ ବାଧ୍ୟ ହୋଇ ବ୍ରହ୍ମପୁର, ଛାତ୍ରପୁର ଓ ଛତ୍ରପୁର ସ୍ଥିତ ଫିଜିଓଥେରାପି ସେଣ୍ଟରକୁ ଚିକିତ୍ସା ପାଇବାକୁ ଆସୁଛନ୍ତି। ଗୋଟିଏ ପକ୍ଷରେ ଗ୍ରାମାଞ୍ଚଳରେ ଏହି ସେବା ନଥିବା ବେଳେ ଅନ୍ୟପକ୍ଷରେ ବାର୍ଦ୍ଧକ୍ୟଜନିତ ଓ ଦୁର୍ଘଟଣାଜନିତ ରୋଗୀଙ୍କ ସପ୍ତାହରେ ୨ରୁ ୩ଦିନ ଶତାଧିକ କିଲୋମିଟର ଆସି ଚିକିତ୍ସା କରିବା ଅତ୍ୟନ୍ତ କଷ୍ଟଦାୟକ ରହିଛି। ଫଳରେ ଅନେକ ରୋଗୀ ଶରୀର କଷ୍ଟ ଦୂର କରିବାକୁ ବିଭିନ୍ନ ପ୍ରକାର ଯନ୍ତ୍ରଣା ଘାତକ ଔଷଧ(ପେନ୍ କିଲର ଟାବଲେଟ୍)କୁ ବ୍ୟବହର କରିଥାନ୍ତି। ଯଦ୍ୱାରା କିଛି ଦିନ ପାଇଁ ରୋଗୀ ଜଣକ ଯନ୍ତ୍ରଣାରୁ ମୁକ୍ତ ହୋଇଥାନ୍ତି ସତ କିନ୍ତୁ ପରବର୍ତ୍ତି ସମୟରେ ରୋଗଟି ଅଧିକ ପେନ୍ କିଲର ଟାବଲେଟ୍ ବ୍ୟବହାର କରାରଣରୁ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଉଥିବା ନଜର ରହିଛି। ଏହା ପରେ ଭାବେ ରୋଗୀ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଅନ୍ୟପକ୍ଷରେ ଜିଲ୍ଲାରେ ମାତ୍ର ୪ଟି ଫିଜିଓଥେରାପିଷ୍ଟ ରହିଥିବା ବେଳେ ଜିଲ୍ଲାର ସମସ୍ତ ରୋଗୀଙ୍କୁ ସେମାନେ ସେବା ଯୋଗାଇବା ଏକ ପ୍ରକାର କଷ୍ଟକର ରହିଛି। ତେଣୁ ଅନ୍ତତଃ ଜିଲ୍ଲାର ବିଭିନ୍ନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅତ୍ୟାଧୁନିକ ଉପକରଣ ପ୍ରଦାନ ସହ ଫିଜିଓଥେରାପି ସେବା ଯୋଗାଇବାକୁ ଅତ୍ୟନ୍ତ ଜରୁରୀ ଥିବା ବିଭିନ୍ନ ମହଲରୁ ଦାବି ହେଉଛି।





## ଆଜି କମ୍ପିବ ବାରବାଟୀ

# ଅଭ୍ୟାସରେ ଉତ୍ସାହ; ଲଢ଼େଇକୁ ଅପେକ୍ଷା

କଟକ,୮।୧୨(ସମିସ): ଗ୍ୟାଲେରୀରେ ଦର୍ଶକଙ୍କ ଉତ୍ସାହ ଦର୍ଶାଇ ଦେଇଛି ଭାରତ-ଦକ୍ଷିଣଆଫ୍ରିକା ମୁକାବିଲା ରୋମାଞ୍ଚକ ହେବ। ଉଭୟ ଦଳର ଖେଳାଳିଙ୍କ ଅଭ୍ୟାସ ସେସନରେ ଗ୍ୟାଲେରି ନଂ-୧, ୨, ୬ ଏବଂ ୭ ଆଜି ଲୋକାରଣ୍ୟ ଥିଲା। ନିଜର ଫେଭରାଇଟ୍ ଖେଳାଳିଙ୍କୁ ଦେଖିବା ପାଇଁ କ୍ରିକେଟପ୍ରେମୀ ଭିଡ ଜମାଇଥିଲେ। ଘରୋଇ ଭାରତ ଏବଂ ଭ୍ରମଣକାରୀ ଦକ୍ଷିଣଆଫ୍ରିକା ଦଳ ମଧ୍ୟ ନେଟ୍ସ ଏବଂ ଗ୍ରାଉଣ୍ଡରେ ଅଭ୍ୟାସ ଜରିଆରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏବେ କେବଳ ମଙ୍ଗଳବାର ସନ୍ଧ୍ୟାରେ ହେବାକୁ ଥିବା ଲଢ଼େଇକୁ ଅପେକ୍ଷା..



### ଅନୁମତି ଅପେକ୍ଷାରେ 'ଡିଏମସ୍ ଲାଇଟ୍ ଶୋ'

ଦର୍ଶକଙ୍କ ମନୋରଞ୍ଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରଥମଥର ଡିଏମଏସ୍ ଲାଇଟ୍ ଶୋ କରାଯିବ। ହେଲେ ଏ ପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ ଅନୁମତି ମିଳିନାହିଁ। ୮ଟି ଯାକ ଫ୍ଲଡଲାଇଟ୍ ବ୍ୟବହାର ଦ୍ୱାରା ଲାଇଟ୍ ଶୋ ଯୋଜନା ହୋଇଛି। ହେଲେ ଫ୍ଲଡଲାଇଟ୍ ଜନିତ ତ୍ରୁଟି ଯୋଗୁଁ ଗତ ଭାରତ-ଇଂଲଣ୍ଡ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିବା ଯୋଗୁଁ ଏବେ ଏହି ଶୋ ଦ୍ୱନ୍ଦରେ ରହିଛି। ତଥାପି ମ୍ୟାଚ୍ ଶେଷ ହେବା ପରେ ଶୋ କରାଯିବ ବୋଲି ଓସିଏ ସ୍ଥିର କରିଛି।












### ■ ଆଟାକ୍ ମୁଡ୍‌ରେ ୱାଶିଂଟନ୍

ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ଅଭ୍ୟାସ ସେସନ୍‌ରେ ବିସ୍ଫୋରକ ଢ଼ଙ୍ଗରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଛି। ତାଙ୍କର କସରତ ଦ୍ୱାରା ଏହା ଅନୁମାନ କରାଯାଉଛି ଯେ, ମଙ୍ଗଳବାର ମ୍ୟାଚ୍‌ରେ ସେ ଚୂଡାନ୍ତ ଏକାଦଶରେ ରହିପାରନ୍ତି। ସ୍ପିନ ଯାଦୁରେ ପ୍ରତିପକ୍ଷ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇବା ଦକ୍ଷତା ରଖିଥିବା ୱାଶିଂଟନ୍ ଭାରତର ବ୍ୟାଟିଂ ଲାଇନଅପରେ ପ୍ରମୁଖ ଭୂମିକା ତୁଲାଇ ପାରନ୍ତି। ଅନ୍ୟପକ୍ଷରେ ସଞ୍ଜୁ ସାମସନ ଏବଂ ଶୁବମନ ଗିଲ୍ କିଛି ସମୟର ଅଭ୍ୟାସରେ ନିଜ ଚମତ୍କାର ବ୍ୟାଟିଂ ଶୈଳୀର ଛାପ ଛାଡିଥିଲେ। ସୂର୍ଯ୍ୟକୁମାର ଏବଂ ତିଲକ ବର୍ମାଙ୍କ ବ୍ୟାଟିଂ ଦେଖିବାକୁ ମଧ୍ୟ କ୍ରିକେଟପ୍ରେମୀ ବେଶ୍ ଉତ୍ସାହିତ ଥିଲେ।

### ■ ଚାହିଦାରେ କୋହଲି-ରୋହିତଙ୍କ ଜର୍ସି

ଭାରତୀୟ କ୍ରିକେଟର ଦୁଇ ପ୍ରମୁଖ ବ୍ୟାଟର ବିରାଟ କୋହଲି ଏବଂ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ଗ୍ରହଣ କରିସାରିଛନ୍ତି। ବାରବାଟୀ ମୁକାବିଲାରେ ଉଭୟ ଅନୁପସ୍ଥିତ ରହିବେ। ହେଲେ ଏବେବି ଏହି ଦୁଇ ଖେଳାଳିଙ୍କ ପ୍ରଶଂସକ ଅନ୍ୟମାନଙ୍କ ତୁଳନାରେ ଅଧିକ। ଷ୍ଟାଡିୟମ ବାହାରେ ବିଭିନ୍ନ ଖେଳାଳିଙ୍କ ଜର୍ସି ବିକ୍ରି କରାଯାଉଥିବା ବେଳେ କୋହଲି ଏବଂ ରୋହିତଙ୍କ ନାମ ଲେଖା ଜର୍ସିର ଚାହିଦା ଅଧିକ ରହିଛି। ଜର୍ସି ଗୁଡିକ ୧୫୦ଟଙ୍କାରେ ବିକ୍ରି କରାଯାଉଛି।

### ■ ଟିକଟ ଦର ଆକାଶ ଛୁଆଁ

୧୧୦୦ଟଙ୍କା କିଣାଯାଇଥିବା ଗ୍ୟାଲେରୀ ଟିକଟ ଏବେ ୬ହଜାରରୁ ଅଧିକ ଟଙ୍କାରେ ବିକ୍ରି କରାଯାଉଛି। ୯୦୦ଟଙ୍କିଆ ଟିକଟ୍‌ର ମୂଲ୍ୟ ବି ୫ହଜାରରୁ କମ୍ ମୂଲ୍ୟ ଯାଉନି। ସବୁଥର ପରି ବାରବାଟୀ ମୁକାବିଲାରେ ଏଥର ବି ଟିକଟ କଳାବଜାରି ଜୋରଦାର ଚାଲିଛି। ୬ହଜାର ଟଙ୍କା ମୂଲ୍ୟର ସ୍ପେଶିଆଲ ଏନକ୍ଲୋଜର ଟିକଟକୁ ୧୦ରୁ ୧୨ହଜାର ଟଙ୍କାରେ କିଣିବାକୁ ପଛାଉନାହାନ୍ତି କ୍ରିକେଟପ୍ରେମୀ। ଅନ୍ୟପକ୍ଷରେ ସାମ୍ବାଦିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଅପର-ପ୍ରେସବକ୍ସ କମ୍ପ୍ଲିମେଣ୍ଟାରୀକୁ ମଧ୍ୟ କଳାବଜାରି ଦ୍ୱାରା ବିକ୍ରି କରାଯାଉଥିବା ନଜିର ରହିଛି। ଏ ଦିଗରେ ପୁଲିସ, ପ୍ରଶାସନର ତିଳେ ହେଲେ ଦୃଷ୍ଟି ରହୁନାହିଁ।

## ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ପ୍ରଦାନ ୧୪ରେ

କଟକ, ୮।୧୨ (ସମିସ): ଚଳିତ ବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ଭୁବନେଶ୍ୱର ନିବାସୀ ପ୍ରଭାତ ରଞ୍ଜନ ବେହୁରା ଓ ରାଉରକେଲା ନିବାସୀ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଯୁଗ୍ମ ଭାବେ ଦିଆଯିବ ବୋଲି ଅଧାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଘୋଷଣା କରାଯାଇଛି। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧି ଭବନଠାରେ ଆୟୋଜିତ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କମଳ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଓ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେବେ। ସୂଚନାଥାଉକି ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ପ୍ରୁଫ୍-ସଂଶୋଧକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଅଧାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ଗତ ବର୍ଷଠାରୁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଆସୁଛି।

## ପରୀକ୍ଷା ସୂଚୀକୁ ନେଇ ରେଭେନ୍ସାରେ ଛାତ୍ର ଅଶାନ୍ତି

କଟକ, ୮।୧୨ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତୃତୀୟ ସେମିଷ୍ଟାର ପରୀକ୍ଷାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷା ଘୁଞ୍ଚାଇବା ଦାବିରେ ସୋମବାର ଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଅଭିଯୋଗ ଅନୁସାରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆସନ୍ତା ଜାନୁଆରୀ ୧୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କର ତୃତୀୟ ସେମିଷ୍ଟାର ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସିଲାବସ୍ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ଯୋଗୁଁ ଏତେ କମ୍ ସମୟ ମଧ୍ୟରେ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ, ସେଥିନେଇ ଛାତ୍ରଛାତ୍ରୀମାନେ ଚିନ୍ତା ପ୍ରକଟ କରିଥିଲେ। ଛାତ୍ରଛାତ୍ରୀମାନେ ଦର୍ଶାଇଥିଲେ ଯେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରତି ସେମିଷ୍ଟାର ପାଇଁ ସର୍ବନିମ୍ନ ୯୦ ଦିନ କ୍ଲାସ୍ କାର୍ଯ୍ୟକ୍ରମ ରହିବା ଆବଶ୍ୟକ। ମାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏହି ନିୟମକୁ ପାଳନ କରାଯାଉ ନ ଥିବା ବେଳେ ଏତେ ଶୀଘ୍ର ପରୀକ୍ଷା କରାଯିବାକୁ ସ୍ଥିର କରାଯାଇଛି। ଏହାର ପ୍ରତିବାଦରେ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ। ଏହି ଖବର ପାଇ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ, ଆସନ୍ତା ଜାନୁଆରୀ ୧୫ ତାରିଖ ବଦଳରେ ଜାନୁଆରୀ ୨୭ ତାରିଖ ଠାରୁ ପରୀକ୍ଷା ଆରମ୍ଭ ହେବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀମାନେ ଧାରଣା ପ୍ରତ୍ୟାହାର କରିଥିଲେ।



କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

## ନାବାଳିକା ଓ ଶିଶୁଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ରଖିବା ଅଭିଯୋଗରେ ଯୁବକ ଗିରଫ

କଣ୍ଟାପଡା, ୮।୧୨ (ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ ଗ୍ରାମର ଅଭିମନ୍ୟୁ ସ୍ୱାଇଁଙ୍କ ପୁଅ ଲକ୍ଷ୍ମୀଧର ସ୍ୱାଇଁଙ୍କ ମୋବାଇଲ୍ ଫୋନ୍‌ରେ ନାବାଳିକା ଓ ଶିଶୁଙ୍କ ୬୨ଟି ଅଶ୍ଳୀଳ ଭିଡିଓ ଓ ଆପତ୍ତିଜନକ ଫଟୋ ରଖିବା ଏବଂ ସେଗୁଡିକୁ ବିଭିନ୍ନ ବର୍ଗର ଲୋକଙ୍କୁ ସେୟାର କରିବା ଓ ନାବାଳିକାଙ୍କୁ ଏହି ଭିଡିଓ ଓ ଫଟୋ ଦେଖାଇବା ଅପରାଧରେ ଅଭିଯୁକ୍ତ ଲକ୍ଷ୍ମୀଧରକୁ ଆଜି ବିଭିନ୍ନ ଦଫାରେ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ମୋବାଇଲ, ୩ଟି ଡିଭିଡି ଜବତ କରିଛି। ଦୀର୍ଘଦିନ ଧରି ସେ ଏପରି କରୁଥିବା ସିଆ।।ଇଡି ଓ କ୍ରାଇମବ୍ରାଞ୍ଚକୁ ଖବର ମିଳିଥିଲା ଏ ନେଇ ଉଭୟ ତଦନ୍ତକାରୀ ସଂସ୍ଥା ତଦନ୍ତ କରି ଗୋବିନ୍ଦପୁର ପୁଲିସକୁ ଜଣାଇଥିଲେ। ପରେ ଅଭିଯୁକ୍ତ ୨୨ ବର୍ଷର ଯୁବକକୁ ଗିରଫ କରିଥିବା ଗୋବିନ୍ଦପୁର ଥାନା ଆଇଆଇସି ସୋନିଲା ଆନନ୍ଦ ସୂଚନା ଦେବା ସହ ଓଡ଼ିଶାରେ ଏଭଳି ଘଟଣା ପ୍ରଥମ ବୋଲି ପ୍ରକାଶ କରିଛନ୍ତି।

## କଟକ ଷ୍ଟେସନରୁ ଧରାପଡ଼ିଲେ ଆନ୍ତଃରାଜ୍ୟ ଲୁଟେରା | ଜଣେ ମହିଳାଙ୍କ ସହ ପଶ୍ଚିମବଙ୍ଗର ୩ ଗିରଫ

କଟକ,୮।୧୨(ସମିସ): କଟକ ରେଳ ଷ୍ଟେସନରେ ଏକ ସ୍ୱତନ୍ତ୍ର ଅଭିଯାନରେ ରେଳବାଇ ପୁଲିସ ଓ ରେଳବାଇ ସୁରକ୍ଷା ବଳର ମିଳିତ ଟିମ୍ ଚଳନ୍ତା ଟ୍ରେନରୁ ଚୋରି ହୋଇଥିବା ପ୍ରାୟ ୨.୫ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ରାଣୀ ହାର ଉଦ୍ଧାର କରିବା ସହ ଜଣେ ମହିଳାଙ୍କ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୪.୧୨.୨୦୨୫ ରିଖରେ ପୀଡିତାଙ୍କ ସ୍ୱାମୀଙ୍କ ଏକ ଲିଖିତ ଅଭିଯୋଗ ଆଧାରରେ କଟକ ଜିଆରପିଏସ୍ ଥାନାରେ ମାମଲା କେସ୍ ନଂ ୨୪୯/୨୦୨୫, ଧାରା ୩୦୫(ମ) ବିଏନ୍ଏସ୍ ରୁଜୁ କରାଯାଇଥିଲା। ଅଭିଯୋଗ ଅନୁସାରେ, ତାଙ୍କ ପତ୍ନୀ ଟ୍ରେନ୍ ନଂ ୧୨୮୮୦ ମୁମ୍ବାଇ-ଏଲ୍‌ଟିଟି ସୁପରଫାଷ୍ଟ ଏକ୍ସପ୍ରେସ୍‌ର ବି/୨ କୋଚରେ ଯାତ୍ରା କରୁଥିବା ବେଳେ ସେହି ଦିନ ସକାଳ ୭ଟା ୧୦ରୁ ୮ଟା ୧୦ ମଧ୍ୟରେ ତାଙ୍କ ଭ୍ୟାନିଟି ବ୍ୟାଗରୁ ଉକ୍ତ ସୁନା ହାରଟି ଚୋରି ହୋଇଯାଇଥିଲା। କଟକ ରେଳ ଷ୍ଟେସନରୁ ଟ୍ରେନ୍ ଛାଡିବା ପରେ ଏହି ଚୋରି ବିଷୟରେ ଯାତ୍ରୀ ଜାଣିବାକୁ ପାଇଥିଲେ। ଏହି ଘଟଣାର ତଦନ୍ତ ସମୟରେ, ଗତ ୬ ତାରିଖ ଦିନ ଆରପିଏଫ୍, ସିଆଇବି ଏବଂ ଜିଆରପିଏସ୍ କଟକର ଏକ ମିଳିତ ଟିମ୍ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ (ବିଏର୍‌ସି ପଟ) ରେ ତିନି ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ଖାନତଲାସ କରାଯାଇଥିଲା। ତଲାସ ସମୟରେ ଅଭିଯୁକ୍ତ ସାବିତ୍ରୀ ଦେବୀ (୪୦)ଙ୍କ ଠାରୁ ଚୋରି ହୋଇଥିବା ସୁନା ରାଣୀ ହାରକୁ ଜବତ କରାଯାଇଥିଲା। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ସୁଦାମ ସିଂହ (୩୩) ଏବଂ ରାଜେଶ ସିଂହ (୨୦)। ଏହି ତିନି ଜଣ ଅଭିଯୁକ୍ତ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା, ପାଣ୍ଡବେଶ୍ୱରର ବାସିନ୍ଦା ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, ପରିଚୟପତ୍ର, ନଗଦ ଟଙ୍କା ଏବଂ ଯାତ୍ରା ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ଜବତ ହୋଇଛି। ନିବିଡ଼ ଜେରା ବେଳେ ଅଭିଯୁକ୍ତମାନେ ସେମାନେ ଏକ ସଂଗଠିତ ଗୋଷ୍ଠୀ ଭାବରେ ଚଳନ୍ତା ଟ୍ରେନରେ ଯାତ୍ରୀମାନଙ୍କୁ ଟାର୍ଗେଟ୍ କରୁଥିବା ସ୍ୱୀକାର କରିଥିଲେ। ଫଳସ୍ୱରୂପ, ସମସ୍ତ ତିନି ଜଣ ଅଭିଯୁକ୍ତଙ୍କୁ ଧାରା ୩୦୫(ମ)/୩(୫) ବିଏନ୍ଏସ୍ ଅନୁଯାୟୀ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ଏବଂ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



**୨.୫ ଲକ୍ଷ ଟଙ୍କାର ସୁନା ହାର ଜବତ**


THE KENDRAPARA URBAN CO-OPERATIVE BANK LTD.
Regd. No. : 123/KE, Dt - 26.09.1986
At : Kajala Po/Dist : Kendrapara
e-Mail : kendraparaurbanbank@gmail.com
Financialy sound & Well Managed(FSWM) Bank.
'A' GRADE BANK
Leveraging Technology for Improvement in Customer Service.

| Financial Position AS on 31-03.2025 | (Rs in laks) |
|---|---|
| Share Capital | 548.20 |
| Reserve | 820.47 |
| Deposits | 19895.08 |
| Advances | 12889.79 |

OUR BRANCHES
MAIN BRANCH | OLD BUS STAND BRANCH | MARSHAGHAI BRANCH | CHANDOL BRANCH | PATTAMUNAI BRANCH | AUL BRANCH
CORE BANKING SOLUTIONS (CBS)

OUR SERVICES
RTGS, NEFT, & QR Code banking
ATM-cum Debit card
Safe Deposit Lockers
CTS
Personalised Chegue Book

LOAN FACILITIES
My Home Loan
My Car Loan
Property Mortgage Loan
Gold Loan
Cash Credit Loan
Personal Loan
Business Loan
BPSRY Loan

INTEREST TATES ON FIXED DEPOSITS

| PERIOD | Rate P.A. | PERIOD | Rate P.A. |
|---|---|---|---|
| 7 days to 45 days | 3.50% | 1 Year Pragati/FD | 6.00% |
| 46 days to 90 days | 4.00% | Above1 Year to less than 2 years | 6.75% |
| 91 days to 179 days | 4.50% | Above 2 Year to less than 3 years | 7.00% |
| 180 days to 269 days | 5.00% | Above 3 Year to less than 5 years | 6.75% |
| 270 days to Less than1Year | 5.75% | Above 5 Year And Above | 6.00% |
| Senior Citizen & Ex-Servicemen 0.50% Extra only on term deposits of 1 yr & above | | | |
| Savings Bank | 3.25% | Daily Collection Account | 3.00% |

Interest rates are subject to change as per directives from RBI and the Bank's Management.
Bhagyalaxmi Panda, Chief Executive Officer
Guru Prasad Mohanty, President

■ ମରଣାନ୍ତକ ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୮।୧୨(ସମିସ): ୨୦୧୨ରେ ଘଟିଥିବା ମରଣାନ୍ତକ ଆକ୍ରମଣ ମାମଲାର ୧୩ ବର୍ଷ ପରେ କେନ୍ଦ୍ରାପଡ଼ା ଚିଫ୍ ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଗୋବିନ୍ଦପୁର ବଜାରରେ ଘଟିଥିବା ଏହି ଆକ୍ରମଣ ମାମଲାରେ ସରୋଜ ଜେନା, ସୂର୍ଯ୍ୟ ଜେନା, ଦୁର୍ଗା ଜେନା, ଆଲୋକ ଜେନା, ଦୀପକ ଜେନା, ରାଜା ଜେନା ଓ ସୀତା ଜେନାଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରାଯାଇଛି। ୨୦୧୨ ନଭେମ୍ବର ୭ ତାରିଖରେ ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ବଜାରରେ ଥିବା ନିଜ କାଠ ସାମଗ୍ରୀ ଦୋକାନରେ ବସିଥିବା ସର୍ବେଶ୍ୱର ଜେନାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେ ଗୁରୁତର ହୋଇ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସର୍ବେଶ୍ୱରଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଦୀର୍ଘଦିନ ପରେ ନ୍ୟାୟ ପାଇଲା ପୀଡ଼ିତ ପରିବାର। ଆଡିସନାଲ୍ ପି.ପି ରମାକାନ୍ତ ସ୍ୱାଇଁ ନ୍ୟାୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଜକନିକା,୮।୧୨(ସମିସ): ଶିଶୁଆ ଗ୍ରାମର ଦଳିତ ବର୍ଗର ଜଣେ ମହିଳାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ମାମଲା ପଞ୍ଜିକୃତ କରି ତଦନ୍ତ ଚଳାଇଛି। ଶିଶୁଆ ଗ୍ରାମର ୱାର୍ଡ ସଭ୍ୟ କେଦାର ସ୍ୱାଇଁ ସେହି ଗ୍ରାମର ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

## ଧୋୟା ଅଞ୍ଚଳରେ ଚୋରା ମଦର ବନ୍ୟା

● ନିର୍ବିକାର ଅବକାରୀ ବିଭାଗ ଓ ପୁଲିସ

ଗୋବିନ୍ଦପୁର,୮ ।୧୨(ସମିସ): ଆଳି ଥାନା ଓ ଗୋବିନ୍ଦପୁର ଫାଣ୍ଡି ଅଧୀନସ୍ଥ ଧୋୟାଞ୍ଚଳରେ ଚୋରା ମଦ ବନ୍ୟାର ସୁଅ ଛୁଟୁଛି। ଅଥଚ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ନିର୍ବିକାର। ଗୋବିନ୍ଦପୁରରେ ଏକ ସରକାରୀ ମଦ ଦୋକାନ ଥିଲେ ହେଁ ଏ ଅଞ୍ଚଳର ଜୁଆଣିଆ, ଗୋବିନ୍ଦପୁର, ପେତପଡ଼ା, କେତୁଆପାଳ, ଦେସାହି, ପାଳିମି ପଞ୍ଚାୟତରେ ବ୍ୟାପକ ଭାବେ ଚୋରାମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଗାଁର ଗଳିକନ୍ଦିରେ ମଦ ବ୍ୟାପିଲାଣି। ମଦ୍ୟପ ମଦପିଇ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାରୁ ଗ୍ରାମାଞ୍ଚଳ ଅଶାନ୍ତ ହୋଇପଡୁଛି। ସ୍କୁଲ, କଲେଜ ଯାଉଥିବା ଛାତ୍ରୀ ଅସୁରକ୍ଷିତ ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ମଦ୍ୟପଙ୍କ ଅଧିକ ଉତ୍ପାତ ଯୋଗୁଁ ମହିଳାମାନେ ଯାତାୟାତ କରିବାକୁ ଅସୁରକ୍ଷିତ ମଣୁଛନ୍ତି। ପ୍ରତି ଗ୍ରାମରେ ଯୁବକ ନିଶା କବଳିତ ହେଉଛନ୍ତି। ପ୍ରଶାସନ ସବୁ ଜାଣି ନିରବଦ୍ରଷ୍ଟା ସାଜିଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗହୀରମଥାରୁ ୨ଟି ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୮।୧୨(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ୨ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ ମଲ୍ଲିକ,ସଂଜୀବ ଦାଶ ଓ ବନ ବିଭାଗ ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରେ ରାଜଲକ୍ଷ୍ମୀ-୨ ଓ ଜିତ ନାମକ ୨ଟି ଟ୍ରଲରକୁ ଜବତ କରିଥିଲେ। ୨ଟି ଟ୍ରଲରରୁ ୪ କ୍ୱିଣ୍ଟାଲ ୭୦ କେଜି ମାଛ, ୨ଟି ଜିପିଏସ, ୩ଟି ଭିଏଚଏଫ, ୨ଟି ଫିସଫାଇଣ୍ଡର, ଟ୍ରଲିଙ୍ଗ ନେଟ ୨୧ଟି ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ ସୁଶାନ୍ତ ସ୍ୱାଇଁ, ରମାକାନ୍ତ ମଲିକ, ରତନ ମୁଣ୍ଡା, ପାପୁନ ମିରିଲ, ଭାଗୀରଥି ବେହେରା, ଶରତ ମହାଳିକ, ଭଗବାନ ଭୂୟାଁ, ପ୍ରଫୁଲ୍ଲ ଦାସ, ମହେଶ୍ୱର ମଲିକ, ପ୍ରଫୁଲ୍ଲ ତରାଇ, ରାମଚନ୍ଦ୍ର ତରାଇ, ବୁଲୁ ମାଝୀ, ପିଣ୍ଟୁ ମଲିକ, କମଳା ମଲିକ, ଗୋବିନ୍ଦ ବଗର, ଧୀରେନ୍ଦ୍ର ମାଝୀ, ମଦନମୋହନ ବେହେରା ପ୍ରମୁଖ ୧୭ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଚୋରାମଦ ଓ କଫ୍ ସିରପ୍ ଜବତ, ୪ ଗିରଫ

କେନ୍ଦ୍ରାପଡ଼ା,୮।୧୨(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଆଠବାଟିଆ ଗ୍ରାମର ଶିବପ୍ରସାଦ ନାୟକଙ୍କଠାରୁ ୧୦.୭ ଲିଟର କଫ୍ ସିରପ୍, ବାଘଡିଆ ଗ୍ରାମର ସିଲୁ ନାୟକଙ୍କଠାରୁ ୯ ଲିଟର କଫ୍ ସିରପ୍, ତୋଷିଆବେଲାରି ଗ୍ରାମର ରବୀନ୍ଦ୍ର ମହାକୁଡଙ୍କଠାରୁ ୭୦ ଲିଟର ଦେଶୀମଦ ଓ ଅମ୍ବାବେଲାରୀ ଗ୍ରାମର ଜୀବୀନ୍ଦ ଜ୍ଞାନଙ୍କଠାରୁ ୩୫୦୦ ଲିଟର ଗୁଡ ପୋଚ ମଦ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ମିଶ୍ର, ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ ମିଶ୍ର, ପ୍ରଦୀପ ମଲିକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ପାଟକୁରାରେ ବିଜେପିର କର୍ମୀ ସମ୍ମିଳନୀ

ଗରଦପୁର,୮।୧୨(ସମିସ): ପାଟକୁରା ଅଞ୍ଚଳରେ ବିଜେପିର ବୁଥ୍‌ସ୍ତରୀୟ ସଂଗଠନ କାର୍ଯ୍ୟ ଆରମ୍ଭ ହୋଇଛି। ସାଂସଦ ବୈଜୟନ୍ତ ପଣ୍ଡା ଓ ପାଟକୁରା ନେତା, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡାଙ୍କ ସକ୍ରିୟ ନେତୃତ୍ୱରେ ଜଳପୋକ ପଞ୍ଚାୟତରୁ ଏହି ଅଭିଯାନର ଆରମ୍ଭ ହୋଇଥିଲା। ବୁଥ ସ୍ତରରେ ଶକ୍ତିଶାଳୀ ଟିମ୍ ଗଠନ ପାଇଁ ବିଭିନ୍ନ ପଦାଧିକାରୀ, ସଂଗଠନ କର୍ମୀ ଓ ନେତାଙ୍କ ଉପସ୍ଥିତି ଅଞ୍ଚଳରେ ଉତ୍ସାହ ପରିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ମଣ୍ଡଳ ପଦାଧିକାରୀ ବିଘ୍ନେଶ୍ୱର ନାୟକ, ରଶ୍ମିରଞ୍ଜନ ପରିଡା, ପଞ୍ଚାୟତ ପ୍ରମୁଖ ପ୍ରକାଶ ରାଉତ (ବୁନୁ), ନିହାର ରାଉତ, କାର୍ଯ୍ୟକାରୀ ସଭାପତି, ବିଶ୍ୱଜିତ ଜେନା, ବୁଥ ସଭାପତି ଦିଲ୍ଲୀପ ରାଉତ, ପ୍ରଭାତ ବିଶ୍ୱାଳ, କ୍ଷୀରୋଦ ବରାଳ, ସରୋଜ ଜେନାଙ୍କ ସହିତ ଅନ୍ୟ ବିଜେପି ନେତା/କର୍ମୀ ନାରାୟଣ ବାରିକ, ଜଟେଶ୍ୱର ନାୟକ, ନିରଞ୍ଜନ ମହାନ୍ତି, ରଶ୍ମିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଦିବସ ପାଳିତ

କେନ୍ଦ୍ରାପଡ଼ା,୮।୧୨(ସମିସ): ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ତିନିମୁହାଣିରେ ସୌର୍ଯ୍ୟ ଦିବସ ପାଳନ କରାଯାଇଛି। ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ କ୍ଷେତ୍ରୀୟ ସହ ସେବା ପ୍ରମୁଖ ହରିଶ ପ୍ରଧାନ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ସଂଘ ଓ ସେବାର ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରାପଡ଼ା ଜିଲ୍ଲା ସହସମ୍ପାଦକ ସନ୍ତୋଷ ସାହ ଯୋଗ ଦେଇଥିଲେ। ବଜରଙ୍ଗ ଦଳ ଜିଲ୍ଲା ସହସଂଯୋଜକ ଯଶପାଲ ସୂତାର ଓ ସହସଂଯୋଜକ ନୀଳକଣ୍ଠ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ କେନ୍ଦ୍ରାପଡ଼ାର ବିଭିନ୍ନ ପ୍ରଖଣ୍ଡରୁ ୩୦୦ରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ସୌର୍ଯ୍ୟ ଦିବସକୁ ଐତିହ୍ୟବାହୀ ଭାବେ ସଫଳ କରିଥିଲେ।

ଢିଅସାହି ପ୍ରାଥମିକ ବିଦ୍ୟାଳୟ

# ନାହିଁ ପାଚେରି, ମଦ୍ୟପଙ୍କ ଜମୁଛି ଆଡ୍ଡା

ପଞ୍ଚୁପାଣ୍ଡବ,୮ ।୧୨(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ବେଣୀପୁର ଢିଅସାହି ପ୍ରାଥମିକ ବିଦ୍ୟାଳୟରେ ପାଚେରି ନ ଥିବାରୁ ମଦୁଆଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି। ଏହି ବିଦ୍ୟାଳୟକୁ ଲାଗି ଅଙ୍ଗନବାଡି କେନ୍ଦ୍ର ବି ରହିଛି। ଦୀର୍ଘଦିନ ହେଲା ପାଚେରି ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ କେହି ଶୁଣି ନ ଥିବା ଅଭିଯୋଗ ହେଉଛି। ପାଚେରି ନ ଥିବାରୁ ଦିନରେ ଗୋରୁଗାଇ ପଶି ଚରୁଥିବାବେଳେ ରାତିରେ ମଦୁଆ ଓ ଜୁଆଡିଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୮୨ ଜଣ



ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଓ ଅଙ୍ଗନବାଡି କେନ୍ଦ୍ରରେ କୁନିକୁନି ପିଲା ପଢୁଛନ୍ତି। ଶିକ୍ଷକ ପ୍ରତିଦିନ ସକାଳୁ ଆସି ମଦ ବୋତଲ ସହ ଅନ୍ୟାନ୍ୟ ଜିନିଷ ଗୋଟାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଏ ବିଷୟରେ ଅଧିକାରୀଙ୍କୁ ଜଣାଇଛୁ, ହେଲେ କିଛି ସୁଫଳ ମିଳୁନାହିଁ। ଯେତେ ଶୀଘ୍ର ଏହାର ତଦନ୍ତ କରାଯାଇ ପାଚେରି ନିର୍ମାଣ କରିବାକୁ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ସାହୁ, ସ୍ଥାନୀୟ ୱାର୍ଡ ମେମ୍ବର ହେମନ୍ତ ସେଠୀ, ଗିରିଶ ସାହୁ, ବସନ୍ତ ମଲ୍ଲିକ, ରଞ୍ଜନ ମଲ୍ଲିକ, ରାଜଲକ୍ଷ୍ମୀ ସାହୁ ଓ ବନି ମଲ୍ଲିକ ଦାବି କରିଛନ୍ତି।

## ଦିବ୍ୟାଙ୍ଗ ଚିହ୍ନଟ ଶିବିରରେ ଡାକ୍ତରଙ୍କୁ ମିଳିଛି ପାଉଣା

କେନ୍ଦ୍ରାପଡ଼ା,୮ ।୧୨(ସମିସ): ଦିବ୍ୟାଙ୍ଗ ଚିହ୍ନଟ ପାଇଁ ସରକାର ନିଶୁଳ୍କ ଶିବିର ଚଳାଉଛନ୍ତି। ବିଶେଷ ସୁବିଧା, ମାଗଣା ପରୀକ୍ଷା, ସରକାରୀ ଖର୍ଚ୍ଚରେ ଯାତ୍ରା ଭଡ଼ା ଓ ପ୍ରୟୋଜନୀୟ ଉପକରଣ ଯୋଗାଇ ଦିଆଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ଲୋକଙ୍କୁ ସାର୍ଟିଫିକେଟ ଦେବା ହେଉଛି ସେବା, ବ୍ୟବସାୟ ନୁହେଁ। ଏହି କାମପାଇଁ ସରକାରୀ ଡାକ୍ତରଙ୍କୁ ମିଳୁଛି ଦରମା, ଇଏଚଆରଏ, ଟିଏଡିଏ, ପେନସନ, ଭତ୍ତା, ଅଫିସ ଓ ଷ୍ଟାଫ୍ ସହିତ ଅନ୍ୟାନ୍ୟ ସହାୟତା। ତେବେ ଦିବ୍ୟାଙ୍ଗ ଚିହ୍ନଟ ଶିବିରରେ ଡାକ୍ତରମାନେ ପୁଣି ଅଲଗା ଟଙ୍କା ନେଉଛନ୍ତି, ସେହି ଟଙ୍କା ବ୍ଲକ କାର୍ଯ୍ୟାଳୟ ମାଧ୍ୟମରେ ବିଲ-ଭାଉଚର ଜରିଆରେ ଦିଆଯାଉଛି।

ସୂଚନା ଅଧିକାର ତଥ୍ୟ ଅନୁସାରେ, ଗତ ଜାନୁଆରୀ ମାସ ୧୦ ତାରିଖରେ ଗରଦପୁର

**ସରକାରୀ ଡାକ୍ତରଙ୍କ ପ୍ରକ୍ରିୟାକୁ ନେଇ ଉଠୁଛି ପ୍ରଶ୍ନ**

ବ୍ଲକ ଅଧୀନ ନୈନ୍ଦିପୁର ସ୍କୁଲ ପଡିଆରେ ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ଶିବିରରୁ କେତେଜଣ ଡାକ୍ତରଙ୍କୁ ସମୁଦାୟ ୨୫,୦୦୦ ଟଙ୍କା ପାଉଣା ଦିଆଯାଇଛି। ଯେପରିକି ଏହି କାର୍ଯ୍ୟ ସରକାରଙ୍କର ନୁହେଁ। ଯଦି ସରକାରୀ କାର୍ଯ୍ୟକ୍ରମ, ତେବେ ସେମାନେ ମୋଟା ଅଙ୍କର ଦରମା ପାଉଛନ୍ତି କାହିଁକି। ଏହା ଏକ ସାଧାରଣ କାର୍ଯ୍ୟ ନୁହେଁ, ଅଲଗା 'ଠିକା' ପ୍ରୋଜେକ୍ଟ ଥିବା ପରି ଲାଗିଛି। ଅଭିଭାବକ ଓ ସଚେତନ ନାଗରିକଙ୍କ ମଧ୍ୟରେ ଏହି ପ୍ରଶ୍ନ ସୃଷ୍ଟି କରିଛି। ଦରମା ମିଳୁଛି କାହିଁକି? ଯେଉଁସବୁ କାର୍ଯ୍ୟ ପାଇଁ ସରକାର ମାସିକ ଦରମା ଦେଉଛନ୍ତି, ସେହି କାର୍ଯ୍ୟ ପାଇଁ ପୁଣି ଶିବିରରେ ଅଲଗା ପାଉଣା କାହିଁକି? ବୋଲି ଜନସାଧାରଣଙ୍କ ପ୍ରଶ୍ନ ଉଠିଛି। ସରକାରୀ ଚାକିରୀଚଲେ ସେବା ପାଇଁ ଦରମା ନା ପ୍ରତି କାମରେ ଅଲଗା ଟଙ୍କା ବୋଲି ପ୍ରଶ୍ନ ଉଠିଛି।

## ବିଜୁଳି ପାଇଁ ବଳି ପଡୁଛି ରାସ୍ତା କଡ଼ ଗଛ



ରାଜକନିକା,୮ ।୧୨(ସମିସ): ରାସ୍ତା କଡ଼ରେ ଯାଇଛି ବିଜୁଳି ତାର। ଗଛ ବଢ଼ିବା ପରେ ବିଜୁଳି ତାରକୁ ଛୁଇଁ ସଟ୍‌ସର୍କିଟ ହେବା ସମ୍ଭାବନା ଆଶଙ୍କାରେ ଗଛକୁ କାଟିବା ବିଜୁଳି ବିଭାଗର ଦାୟିତ୍ୱ ଥିବାରୁ ସେହି ବିଭାଗର କର୍ମଚାରୀ ଅତ୍ୟନ୍ତ ନିଷ୍ଠୁର ଭାବେ ଗଛଗୁଡିକୁ ଅଧାରୁ କାଟିବା ହେଉ ବା ଡାଳ ଉଁଛିବା କାମକୁ ଦେଖିଲେ ଏହି କାଣ୍ଡ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଛି। ଏଭଳି ବୃକ୍ଷ ଛେଦନ ପ୍ରକ୍ରିୟା ପରିବେଶବିତଙ୍କ ମଧ୍ୟରେ ଅସହ୍ୟ ସାବ୍ୟସ୍ତ ହୋଇଛି। ତେବେ ବିଜୁଳି ଯୋଗାଣକୁ ବ୍ୟବସ୍ଥିତ କରିବାକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଗଛ କାଟିବା ବନ୍ଦ କରି ଆବଶ୍ୟକୀୟ ମୁତାବକ ଗଛ ଡାଳ କାଟିବାକୁ ବିଜୁଳି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

କେନ୍ଦ୍ରାପଡ଼ା,୮।୧୨(ସମିସ): ଚଳିତ ମାସର ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି ଶିବିର ନିମନ୍ତେ କାର୍ଯ୍ୟସୂଚୀ ଜାରି ହୋଇଛି। ୧୦ ତାରିଖରେ ରାଜନଗର ଓ ଆଳି ତହସିଲ, ୧୨ରେ ଗରଦପୁର ତହସିଲ, ୧୭ରେ କେନ୍ଦ୍ରାପଡ଼ା ଓ ରାଜକନିକା, ୨୦ରେ ପଟ୍ଟାମୁଣ୍ଡାଇ ତହସିଲ, ୨୪ରେ ଡେରାବିଶ ଓ ମହାକାଳପଡା ତହସିଲ, ୨୬ରେ ମାର୍ଶାଘାଇ ତହସିଲରେ ପୂର୍ବାହ୍ନ ୧୦.୩୦ରୁ ୧ଟା ପର୍ଯ୍ୟନ୍ତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ରାଜସ୍ୱ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ ଉକ୍ତଦିନ ନିକଟସ୍ଥ ତହସିଲ କାର୍ଯ୍ୟାଳୟକୁ ଆସି ଅଭିଯୋଗପତ୍ର ଦାଖଲ କରିପାରିବେ। ଜିଲ୍ଲାପାଳ ରଘୁରାମ ଆର. ଆୟାର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ ଉପସ୍ଥିତ ରହି ରାଜସ୍ୱ ଅଭିଯୋଗର ସମାଧାନ କରିବେ।

## ଦେବ ମହାନ୍ତି ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା




ଗରଦପୁର,୮।୧୨(ସମିସ): ବିଦ୍ୟାଳୟ ପଢ଼ା-ଲେଖାର କେନ୍ଦ୍ର ନୁହେଁ, ମନନ, ଉଦ୍ଭାବନ ଓ ସୃଜନଶୀଳ ଭାବନାକୁ ଉଜାଗର କରିବାର ଏକ ମଞ୍ଚ ବୋଲି ଡ. ଦେବ ମହାନ୍ତି ପବ୍ଲିକ ସ୍କୁଲର ବିଜ୍ଞାନ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପିଲାଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ବୈଜ୍ଞାନିକ ପ୍ରୋଜେକ୍ଟ ପ୍ରଦର୍ଶନ ହୋଇଥିଲା। ଯାହା ସୃଜନଶୀଳତା ଓ ପ୍ରଯୁକ୍ତି ସମ୍ମିଶ୍ରିତ ନୂତନ ଭାବନାର ଉଦାହରଣ ହୋଇଥିଲା। ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ଓ ଉପକାରିତା ଏଥିର ମୁଖ୍ୟ ଆକର୍ଷଣ ଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଓ ମୁଖ୍ୟଅତିଥି ଶ୍ରୀମତୀ ହରପ୍ରିୟା ମହାନ୍ତି ପିଲାଙ୍କ ଉଦ୍ଭାବନୀ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ମନୋଜ ସାମଲ ବିଜ୍ଞାନର ଘନିଷ୍ଠ ଗୁରୁତ୍ୱ ବିଷୟରେ କହିଥିଲେ। ଶ୍ରୀମତୀ ଶିକ୍ଷାସରିତା ଜେନା, ସତ୍ୟଜିତ ମହାପାତ୍ର, ବୀରବର ନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଇନ୍‌ଚାର୍ଜ ସ୍ୱାଗତିକା ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ରୋଜାଲିନୀ ମହାନ୍ତି, ସ୍ନେହଲତା ରାଉତରାୟ, ଚାନ୍ଦିନୀ ଲେଙ୍କା, ସୋନାଲି ସାମଲ, ସୁପ୍ରିୟା ନାୟକ, ମନସ୍ୱିନୀ ସାମଲ, ଅରଣ୍ୟଲ ନାୟକ, ଇତିଶ୍ରୀ ବେହେରା, ଅନିଶା ପଣ୍ଡା, ସୁପ୍ରିୟା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦଳିତ ସଂଘ କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ

ପଟ୍ଟାମୁଣ୍ଡାଇ,୮।୧୨(ସମିସ): ପଟ୍ଟାମୁଣ୍ଡାଇ ଦଳିତ ଜାତିସଂଘ କାର୍ଯ୍ୟାଳୟ ପରିସରରେ ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଦଳିତ ଜାତିସଂଘ ସଭାପତି କଳ୍ପତରୁ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଦଳିତ ନେତା ସର୍ବେଶ୍ୱର ସେଠୀ, ସମାଜସେବୀ କାହ୍ନୁଚରଣ ରାଉତରାୟ, ସାମ୍ୟବାଦୀ ନେତା ଦିଲ୍ଲୀପ ପଣ୍ଡା, ଦଳିତ ନେତା ଈଶ୍ୱର ମଲିକ, ବୈଷ୍ଣବ ମଲିକ, ଯଦୁନାଥ ମଲିକ, ସନ୍ତୋଷ ମଲିକ, ଅଲେଖ ଜେନା, ଆଦିକନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ଆମ୍ବେଦକରଙ୍କ ତ୍ୟାଗପୂତ ଜୀବନ



ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ମଲିକ, କୁଞ୍ଜବିହାରୀ ମଲିକ, ଗୋଲେଖ ମଲିକ, ବିକାଶ ମଲିକ, ଗୋପୀନାଥ ମଲିକ, ମଳୟ ମଲିକ, ମନୋଜ ଜେନା, ପ୍ରଫୁଲ୍ଲ ଜେନା, ବଟକୃଷ୍ଣ ଜେନା, ସେଖ ଜାକିର, ଶେଖ ମୁସ୍ତାକ ପ୍ରମୁଖ ବହୁ ଆମ୍ବେଦକର ଅନୁରାଗି ଯୋଗ ଦେଇଥିଲେ। ଆଦିକନ୍ଦ ମଲିକ ଧନ୍ୟବାଦ୍ ଦେଇଥିଲେ। ପ୍ରାରମ୍ଭରେ ଡ. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



କେନ୍ଦ୍ରାପଡ଼ା,୮।୧୨(ସମିସ): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଅଧୀନରେ ବିନାୟକ ବିହାରସ୍ଥ ପି.କେ. ଗୁରୁକୁଳ ଆଶ୍ରମ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ବିଭିନ୍ନ କ୍ରୀଡା ବିଭାଗରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଟକୁରା ଅଞ୍ଚଳର ବରିଷ୍ଠ ନେତା, ରାଜନୀତି ଚାଣକ୍ୟ ବିଜୟ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳ କେବଳ ଜିତ-ହାର ନୁହେଁ, ଏହା ଜୀବନକୁ ଶୃଙ୍ଖଳାବଦ୍ଧ, ଶକ୍ତିଶାଳୀ ଓ ସଂଘର୍ଷଶୀଳ କରେ। ଆଜି ଯେଉଁ ପିଲା ପୁରସ୍କାର ନେଉଛନ୍ତି, ଆସନ୍ତାକାଲି ସେମାନେ ଦେଶ-ବିଦେଶରେ କେନ୍ଦ୍ରାପଡ଼ା ଓ ଓଡ଼ିଶାର ଗୌରବ ବଢ଼ାଇବେ ବୋଲି ସେ କହିଥିଲେ। ଏହି କ୍ରୀଡା ପ୍ରତିଯୋଗିତାର ଶିକ୍ଷା ସହିତ ଶିଳ୍ପ, ପ୍ରତିଭା ସହ ପରିଶ୍ରମ, ମନ ଓ ଶରୀରର ସମନ୍ୱିତ ବିକାଶ, ନୂତନ ଭାରତ ପାଇଁ ସୁସ୍ଥ, ସଚେତନ ଓ ଶୃଙ୍ଖଳିତ ଯୁବ ସୃଷ୍ଟିର ଉଦ୍ଦେଶ୍ୟ ରହିଥିଲା ବୋଲି ଅନ୍ୟ ଉପସ୍ଥିତ ଅତିଥି କହିଥିଲେ।

ହରିଅଙ୍କ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଭଦ୍ରକକୁ ହରାଇ ଯାଜପୁର କ୍ୱାର୍ଟରକୁ ଉନ୍ନୀତ

ଡେରାବିଶ, ୮।୧୨(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୪ତମ



ରାଜ୍ୟସ୍ତରୀୟ ଫୁଟବ୍‌ଲ ଟୁର୍ଣ୍ଣାମେଣ୍ଟର ଆଜି ଖେଳ ଭଦ୍ରକ ଓ ଯାଜପୁର ମଧ୍ୟରେ ହୋଇଥିଲା। ହେଲେ ଯାଜପୁର ୨-୧ ଗୋଲରେ ବିଜୟୀ ହେଇ କ୍ୱାର୍ଟରଫାଇନାଲ୍‌କୁ ଉନ୍ନୀତ ହୋଇଛି। ହରିଅଙ୍କର ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଆଜି ଖେଳର ଶ୍ରେଷ୍ଠ ଖେଳାଳିଙ୍କୁ ସାଇଶଙ୍କର ଇଲେକ୍ଟ୍ରୋନିକ୍ସ ପକ୍ଷରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ଦିଆଯାଇଥିଲା। ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦିର ପରିଚାଳନା କରିଥିଲେ। ଆସୋସିଏସନ୍‌ର ସଭାପତି ନୃସିଂହ ନାୟକ, ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ବାବୁଲି ସ୍ୱାଇଁ, କୋଷାଧ୍ୟକ୍ଷ ଗୋଲଖ ସ୍ୱାଇଁ, ସଭ୍ୟ ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ, ଦିଲ୍ଲୀପ ଦାସ, ଶରତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିଜୟ ମହାକୁଳଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର, ୮ ।୧୨(ସମିସ): ଆଳି ବ୍ଲକ ଅନ୍ତର୍ଗତ ମାନପୁର ଗ୍ରାମର ସମାଜସେବୀ ବିଜୟ ମହାକୁଳଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଂଘର ପ୍ରଭାକର ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ପର୍ଶୁରାମ ରାଉତରାୟ, ଶେଖର ବାରିକ, ଅଲେଖ ଦାସ, ନକୁଳ ପରିଡ଼ା, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ. ଦେବସ୍ମିତା ଶର୍ମା, ଶରତ ସାମଲ, ସନ୍ତୋଷ ବେହୁରିଆ, ଦିନେଶ ମଲ୍ଲିକ, ନିଖିଳ ସାମଲ, ଶରତ ନାୟକ,



ଅଜୟ ଓଝା, ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,୮।୧୨(ସମିସ):ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସାଧାରଣ ଜନତା ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ୧୧୫ଟି ଅଭିଯୋଗ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ବିଡିଓ ସୌମଶ୍ରୀ ମହାପାତ୍ର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ।



ଆଜି ଶୁଣାଣି ଶିବିରରେ ୧୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୮୭ଟି ବ୍ୟକ୍ତିଗତ ଓ ୨୮ଟି ସାମୂହିକ ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ହଜାର ଟଙ୍କା ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା।

THE KENDRAPARA URBAN CO-OPERATIVE BANK LTD.
Regd. No. : 123/KE, Dt - 26.09.1986
At : Kajala Po/Dist : Kendrapara
e-Mail : kendraparaurbanbank@gmail.com
Financialy sound & Well Managed(FSWM) Bank.
'A' GRADE BANK
Leveraging Technology for Improvement in Customer Service.

| Financial Position AS on 31-03.2025 | (Rs in laks) |
|---|---|
| Share Capital | 548.20 |
| Reserve | 820.47 |
| Deposits | 19895.08 |
| Advances | 12889.79 |

OUR BRANCHES
MAIN BRANCH | OLD BUS STAND BRANCH | MARSHAGHAI BRANCH | CHANDOL BRANCH | PATTAMUNAI BRANCH | AUL BRANCH
CORE BANKING SOLUTIONS (CBS)

OUR SERVICES
RTGS, NEFT, & QR Code banking
ATM-cum Debit card
Safe Deposit Lockers
CTS
Personalised Chegue Book

LOAN FACILITIES
My Home Loan
My Car Loan
Property Mortgage Loan
Gold Loan
Cash Credit Loan
Personal Loan
Business Loan
BPSRY Loan

INTEREST TATES ON FIXED DEPOSITS

| PERIOD | Rate P.A. | PERIOD | Rate P.A. |
|---|---|---|---|
| 7 days to 45 days | 3.50% | 1 Year Pragati/FD | 6.00% |
| 46 days to 90 days | 4.00% | Above1 Year to less than 2 years | 6.75% |
| 91 days to 179 days | 4.50% | Above 2 Year to less than 3 years | 7.00% |
| 180 days to 269 days | 5.00% | Above 3 Year to less than 5 years | 6.75% |
| 270 days to Less than1 Year | 5.75% | Above 5 Year And Above | 6.00% |
| Senior Citizen & Ex-Servicemen 0.50% Extra only on term deposits of 1 yr & above | | | |
| Savings Bank | 3.25% | Daily Collection Account | 3.00% |

Interest rates are subject to change as per directives from RBI and the Bank's Management.
Bhagyalaxmi Panda, Chief Executive Officer
Guru Prasad Mohanty, President

୧୫ ଦିନ ଧରି ଆସିନି ଚାଉଳ

# ଧାର ଉଦ୍ଧାରରେ ଚାଲିଛି ବିଦ୍ୟାଳୟର ମଧ୍ୟାହ୍ନଭୋଜନ

ପଞ୍ଚୁପାଣ୍ଡବ,୮ ।୧୨(ସମିସ): ଡେରାବିଶ ବ୍ଲକ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଚାଉଳ ନ ଥିବାରୁ ଧାର ଉଦ୍ଧାର କରି ମଧ୍ୟାହ୍ନଭୋଜନ କରୁଥିବା ଅଭିଯୋଗ ହେଉଛି। ସରକାର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ସହ ମଧ୍ୟାହ୍ନଭୋଜନ ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଦ୍ୟାଳୟରେ ପ୍ରାୟ ୧୫ ଦିନ ଧରି ଚାଉଳ ସରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଚାଉଳ ଆସିନାହିଁ। କେତେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଙ୍ଗନବାଡିରୁ ଧାର ନେଇଥିବା ବଳେ କେତେକ ଶିକ୍ଷକ ରାଇସ ମିଲ, ଦୋକାନ ଓ ଗାଁ ଗହଳିରୁ ଧାର ଉଦ୍ଧାର କରି ମଧ୍ୟାହ୍ନଭୋଜନ କରୁଥିବା ଅଭିଯୋଗ ହେଉଛି।

● ଦହଗଞ୍ଜ ହେଉଛନ୍ତି ଶିକ୍ଷକ

ସରକାର ଖାଉଟି ଯୋଗାଣ ବିଭାଗ ଡିଲରଙ୍କୁ ତିନି ମାସର ଚାଉଳ ଆଗୁଆ ଓ ଗୋଟିଏ କାର୍ଡ ପିଛା ୫ କେଜି ଚାଉଳ ଦେଉଥିବାବେଳେ ବିଦ୍ୟାଳୟ ପାଇଁ ଚାଉଳ ଦେବାରେ ବିଳମ୍ବ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏମିତି ଦେଖିବାକୁ ମିଳୁଛି ଡେରାବିଶ ବ୍ଲକ ଶିକ୍ଷା ବିଭାଗର ଭଗବତୀ କ୍ଲଷ୍ଟରରେ ଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟ, ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟ, ବଜାର ନୋଡାଲ ଉପ୍ର ବିଦ୍ୟାଳୟରେ। ଏ ବିଷୟରେ ଜଣେ ପ୍ରଧାନଶିକ୍ଷକ କହିଛନ୍ତି, ଆମେ ଏ ସମ୍ପର୍କରେ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାର ସମାଧାନ କରୁନାହାନ୍ତି। ଫଳରେ ଆମେ ହଇରାଣ ହେଉଛୁ।

## ସରକାର ବଦଳିବା ପରେ ଉପେକ୍ଷିତ ଆବାସ ହିତାଧିକାରୀ

# ବର୍ଷେରୁ ଊର୍ଦ୍ଧ୍ୱ ହେଲାଣି ମିଳୁନି ବୋନସ୍ ରାଶି

ରାଇରଙ୍ଗପୁର, ୮।୧୨(ସମିସ)



ଜନସାଧାରଣଙ୍କ ବିକାଶ ଉଦ୍ଦେଶ୍ୟରେ ଘୋଷଣା ହେଉଥିବା ସରକାରୀ ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନି। ଆଜି ବି ହିତାଧିକାରୀ ଯୋଜନାର ସୁଫଳ ନେବାରୁ ବଞ୍ଚିତ ହୋଇ ରହୁଛନ୍ତି। ବର୍ଷ ପରେ ବର୍ଷ ବିତିଯାଉଥିଲେ ସୁଦ୍ଧା ହିତାଧିକାରୀମାନଙ୍କୁ ପ୍ରାପ୍ୟ ରାଶି ମିଳିପାରୁ ନାହିଁ। ଏହିଭଳି ଘଟଣା ସରକାରୀ ଆବାସ ଯୋଜନାରେ ସମ୍ମୁଖକୁ ଆସିଛି।

ଆଦିବାସୀ ବହୁଳ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡର ଆବାସ ଯୋଜନାରେ ସାମିଲ୍ ହୋଇଥିବା ହିତାଧିକାରୀମାନଙ୍କୁ ବର୍ଷ ବର୍ଷ ବିତିଯାଉଥିଲେ ମଧ୍ୟ ଆବାସ ବୋନସ୍ ରାଶି ମିଳୁନାହିଁ। ପ୍ରଦତ୍ତ ସରକାରୀ ସମୟ ମଧ୍ୟରେ ଆବାସ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଲେ ଉକ୍ତ ରାଶି ମିଳିବା ନେଇ ସରକାରୀ ନିୟମ ରହିଛି। କିନ୍ତୁ ତାହା ଆଉ ହିତାଧିକାରୀଙ୍କୁ ମିଳୁନାହିଁ। ଗତ ୩ ବର୍ଷ ମଧ୍ୟରେ ମଞ୍ଜୁର ହୋଇଥିବା ଆବାସ ଗୃହ ମଧ୍ୟରୁ ୫୦ପ୍ରତିଶତରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଏହାପରେ ବି ବୋନସ୍ ରାଶି ମିଳିନାହିଁ। ଏପରିକି ଆଦିମ ଜନଜାତିମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଜନ ମନ ଯୋଜନାରେ ସାମିଲ୍ ଥିବା ହିତାଧିକାରୀଙ୍କ ଅବସ୍ଥା ମଧ୍ୟ ସମାନ ରହିଛି। ପିଏମ୍ ଆବାସ ଗ୍ରାମୀଣ ଯୋଜନାରେ ବହଳଦା ବ୍ଲକରେ ୩୫୨୦ଟି ଗୃହରୁ ୨୩୧୮ଟି, ବିଜାତଳା ବ୍ଲକରେ ୪୫୬୫ଟି ଗୃହରୁ ୩୭୫୩ଟି, ବିଶୋଇ ବ୍ଲକରେ ୪୨୮୫ଟି ଗୃହରୁ ୨୪୭୬ଟି, ଜାମଦା ବ୍ଲକରେ ୪୧୪୫ଟି ଗୃହରୁ ୨୯୩୦ଟି, ଯଶିପୁର ବ୍ଲକରେ ୭୪୩୨ଟି ଗୃହରୁ ୪୭୧୩ଟି, କରଞ୍ଜିଆ ବ୍ଲକରେ ୮୧୨୮ଟି ଗୃହରୁ ୫୬୩୫ଟି, କୁସୁମୀ ବ୍ଲକରେ ୬୬୦୯ଟି ଗୃହରୁ ୪୦୫୪ଟି, ରାଇରଙ୍ଗପୁର ବ୍ଲକରେ ୫୫୨୮ଟି ଗୃହରୁ ୩୭୯୫ଟି, ରରୁଆଁ ବ୍ଲକରେ ୬୪୫୯ଟି ଗୃହରୁ ୩୯୧୧ଟି, ଶୁକୃଳି ବ୍ଲକରେ ୪୦୭୮ଟି ଗୃହରୁ ୨୮୫୬ଟି, ଠାକୁରମୁଣ୍ଡା ବ୍ଲକରେ ୬୬୬୧ଟି ଗୃହରୁ ୪୦୨୯ଟି ଓ ତିରିଂ ବ୍ଲକରେ ୧୮୪୮ଟି ଗୃହରୁ ୧୪୯୪ଟି ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ପିଏମ୍ ଜନମନ ଯୋଜନାରେ ବିଶୋଇ ବ୍ଲକରେ ୯୩ଟି ଗୃହରୁ ୨୨ଟି, ଯଶିପୁର ବ୍ଲକରେ ୩୪୫ଟି ଗୃହରୁ ୧୧୪ଟି, କରଞ୍ଜିଆ ବ୍ଲକରେ ୧୩୯ଟି ଗୃହରୁ ୬୫ଟି, କୁସୁମୀ ବ୍ଲକରେ ୬୪ଟି ଗୃହରୁ ୨୩ଟି, ରାଇରଙ୍ଗପୁର ବ୍ଲକରେ ୮୯ଟି ଗୃହରୁ ୬୦ଟି ଓ ଠାକୁରମୁଣ୍ଡା ବ୍ଲକରେ ୪୬ଟି ଗୃହରୁ ୩ଟି ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟର ବୃହତ୍ତମ ଜିଲ୍ଲାରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି। ସାନ୍ତାଳୀ, କୋହ୍ଲ, ଭୂମିଜ, ବାଥୁଡ଼ି ଆଦି ସମ୍ପ୍ରଦାୟ ସମେତ ଆଦିମ ଜନଜାତି ଲୋଧା, ଖଡ଼ିଆ ଓ ମାଙ୍କଡ଼ିଆ ଲୋକେ ବସବାସ କରନ୍ତି। ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଆବାସ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ପ୍ରକୃତ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇପାରୁ ନାହାନ୍ତି।

**ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବୋନସ୍ ଅପେକ୍ଷାରେ ହିତାଧିକାରୀ**

ଆବାସ ଗୃହ ସଠିକ୍ ସମୟରେ ସମ୍ପୂର୍ଣ୍ଣ କରିଲେ ବୋନସ୍ ରାଶି ମିଳିବାର ଯୋଜନା ରହିଛି। ୧୨୦ ଦିନ ଅର୍ଥାତ୍ ୪ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ମିଳିଥାଏ। ୧୮୦ ଦିନ ଅର୍ଥାତ୍ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ପୁରସ୍କାର ରାଶି ମିଳିଥାଏ। ମାତ୍ର ପୁରସ୍କାର ରାଶି ପାଇବା ଆଶାରେ ଧାରଉର୍ଦ୍ଧାର କରି କିମ୍ବା କରଜ କରି ସଠିକ୍ ସମୟରେ ଘର ସମ୍ପୂର୍ଣ୍ଣ କରି ଏବେ ବର୍ଷ ବର୍ଷ ଧରି ପୁରସ୍କାର ରାଶି ଆଶାରେ ହିତାଧିକାରୀ ରହିଛନ୍ତି। ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଘର ସମ୍ପୂର୍ଣ୍ଣ କରି ମଧ୍ୟ ପୁରସ୍କାର ରାଶି ପାଉନାହାନ୍ତି। ଧାର କରଜ ଟଙ୍କା କିପରି ପରିଶୋଧ କରିବେ ସେନେଇ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି। ସରକାରୀ ଉଦାସିନତା ପାଇଁ ଏପର୍ଯ୍ୟନ୍ତ କୌଣସି ହିତାଧିକାରୀ ବୋନସ୍ ଟଙ୍କା ପାଇପାରୁନାହାନ୍ତି। ଉକ୍ତ ସମସ୍ୟା ନେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି। ସରକାରୀ ପୋର୍ଟାଲ ଖୋଲିବାରେ କିଛି ସମସ୍ୟା ଥିବା ଯୋଗୁଁ ଏଭଳି ଅସୁବିଧା ଦେଖାଦେଇଛି ବୋଲି ସେ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ସମାଧାନ କରି ପୁଣି ଥରେ ବୋନସ୍ ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏବେ ପ୍ରଶ୍ନ ଉଠୁଛି ସତରେ କ'ଣ ପୋର୍ଟାଲ ସମସ୍ୟା ନା ରାଜ୍ୟରେ ସରକାର ବଦଳିବା ପରେ ବୋନସ୍ ରାଶି ପ୍ରଦାନରେ ବିଳମ୍ବ ହେଉଛି। ଆବାସ ଯୋଜନା କେନ୍ଦ୍ର ସରକାରଙ୍କର ହୋଇଥିବାବେଳେ ବୋନସ୍ ରାଶି ଟଙ୍କା ରାଜ୍ୟ ସରକାର ଦେଇଥାନ୍ତି। ତେବେ ଯୋଗ୍ୟ ହିତାଧିକାରୀମାନଙ୍କୁ ତାଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ ନିମନ୍ତେ ଦାବି ହୋଇଛି।

## ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା



**କୁଆମରା, ୮।୧୨(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ବାଳକ ଓ ବାଳିକା ବିଭାଗରୁ ମୋଟ୍ ୨୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ସୁକାନ୍ତି ବିଶ୍ୱାଳ ଓ ଅଧ୍ୟାପକ ଗଣେଶ ପ୍ରସାଦ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳକୁ ଅଧ୍ୟାପିକା ଇପ୍‌ସିତା ମୋନାଲିସା ମିଶ୍ର, ଅଧ୍ୟାପକ ଉମାକାନ୍ତ ବେହେରା, ଗୋପାଳକୃଷ୍ଣ ନାୟକ, ଅଜୟ ସାହୁ, ଦୀପକ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବାଳକ ବିଭାଗର ଶୀବା ହେମ୍ବ୍ରମ ଓ ବାଳିକା ବିଭାଗର ଶ୍ରାବଣୀ ନାଏକ ଚଳିତ ବର୍ଷ ଚାମ୍ପିଅନ ହୋଇଛନ୍ତି।

## ବାରିପଦାରେ ଆରୋଗ୍ୟ ମିତ୍ର ତାଲିମ ଶିବିର



**ବାରିପଦା, ୮।୧୨(ସମିସ):** ସ୍ଥାନୀୟ ସାଗର ପ୍ୟାଲେସ୍ ସମ୍ମିଳନୀ କକ୍ଷରେ ସୋମବାର ଭାରତ ସରକାରଙ୍କ ଜନସ୍ୱାସ୍ଥ୍ୟ ରକ୍ଷାକାରୀ 'ଆରୋଗ୍ୟ ଭାରତ' ଯୋଜନା ଅନ୍ତର୍ଗତ କାର୍ଯ୍ୟରତ 'ଆରୋଗ୍ୟ ମିତ୍ର'ମାନଙ୍କ ଲାଗି ଉଦ୍ଦିଷ୍ଟ ଏକ ଜିଲ୍ଲାସ୍ତରୀୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଭାଗରୁ ଆଗତ ବହୁ ସଂଖ୍ୟକ ଶିବିରାର୍ଥୀ ଅଂଶଗ୍ରହଣ କରିଛନ୍ତି। 'ଜଳବାୟୁ ସୁରକ୍ଷା ପରିଷଦ' ଓ 'ଜଗନ୍ନାଥ ଶିକ୍ଷା ଟ୍ରଷ୍ଟ'ଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ନେତା ଓ ଲେଖକ କବି ବିଷ୍ଣୁ ଶତପଥୀ ମୁଖ୍ୟବକ୍ତା ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ସମ୍ମାନିତ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଜଗନ୍ନାଥ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାକୁଡ଼ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜଳବାୟୁ ସୁରକ୍ଷା ପରିଷଦର ଶଶୀଭୂଷଣ ସେଠୀ, ଆରୋଗ୍ୟ ମିତ୍ର ଶିବିର ଅଧିକାରୀ ଉତ୍କଳ ରାଉତ, ସମାଜସେବୀ ରସିକାନନ୍ଦ ମିଶ୍ର ଓ ସୁବ୍ରତ ମୁଖୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

## ପେନ୍‌ସନ୍ ନ ମିଳିବାରୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ବାରିପଦା, ୮।୧୨(ସମିସ):** ଅବସର ପରେ ନିଜର ସମ୍ପୂର୍ଣ୍ଣ ପେନ୍‌ସନ୍ ପାଇବାରୁ ବଞ୍ଚିତ ଜଣେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସୋମବାର ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ପାଇଁ ଧାରଣାରେ ବସିଛନ୍ତି। ସ୍ୱାସ୍ଥ୍ୟକର୍ମୀ ଜଣକ ହେଲେ ସୁଭାଷ ଚନ୍ଦ୍ର ମହାନ୍ତ। ତାଙ୍କ ଧାରଣାକୁ ସମର୍ଥନ ଜଣାଇ ତାଙ୍କର ସହଯୋଗୀ ତଥା ଓଏମ୍‌ପିଏଚ୍‌ଏସ୍(ଏମ୍) ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦ୍ର ମୋହନ ରାଉତ, ସଭାପତି ଅମରେଶ ଚନ୍ଦ୍ର ପୁହାଣ, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପତି ଉପସ୍ଥିତ ରହିଥିଲେ। ସିଡିଏମ୍‌ଓ ଡା. କିଶୋର ଆଚାର୍ଯ୍ୟ ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ତାଙ୍କର ସମସ୍ୟାକୁ ସମାଧାନ କରିବେ ବୋଲି ଆବଶ୍ୟକ କାଗଜପତ୍ର ନେଇ ସମାଧାନର ପ୍ରତିଶ୍ରୁତି ଦେବାରୁ ଶ୍ରୀ ମହାନ୍ତ ଅନଶନରୁ ଓହରିଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ବାରିପଦା, ୮।୧୨(ସମିସ):** ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗ ଓ ରାଜ୍ୟ ସରକାରଙ୍କ ସେଣ୍ଟର ଫର୍ ଏନ୍‌ଭିରନ୍‌ମେଣ୍ଟ ଷ୍ଟଡିଜ୍‌ର ମିଳିତ ସହଭାଗିତାରେ ଔଷଧୀୟ ବୃକ୍ଷରୋପଣ ସମ୍ପର୍କିତ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଅତିଥିମାନଙ୍କ ଦ୍ୱାରା ଏକ ଔଷଧୀୟ ବୃକ୍ଷ ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ପ୍ରଫେସର ବେହେରା କହିଥିଲେ ଯେ, ଭାରତୀୟ ଜ୍ଞାନ ପରମ୍ପରାରେ ଆୟୁର୍ବେଦ ଉପଚାର ଓ ଔଷଧୀୟ ବୃକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଔଷଧୀୟ ବୃକ୍ଷରୋପଣ, ପାଳନ ଓ ବ୍ୟବହାର ବୃଦ୍ଧି ସାମ୍ପ୍ରତିକ ସମୟର ସବୁଠୁ ବଡ଼ ଆବଶ୍ୟକତା। କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ଏମ୍‌ପିସି କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ର. ହରିହର ଦାସ, କୃଷି ବିଜ୍ଞାନ କେନ୍ଦ୍ର, ଶ୍ୟାମାଖୁଣ୍ଟାର ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, ଶ୍ୟାମାଖୁଣ୍ଟା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସଞ୍ଜୀବ କୁମାର ସିଂ ଯୋଗଦେଇ ଔଷଧୀୟ ବୃକ୍ଷରୋପଣ ଓ ପାଳନ ସମ୍ପର୍କରେ ବିଶଦ୍ ବ୍ୟାଖ୍ୟା କରିଥିଲେ। ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅନନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ କାର୍ଯ୍ୟକ୍ରମର ଆବାହକ ଡ. ପ୍ରମୋଦ କୁମାର କର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଔଷଧୀୟ ବୃକ୍ଷର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଆଇକ୍ୟୁଏସି ସଂଯୋଜକ ଦେବାଶିଷ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ବିଭାଗୀୟ ଅଧ୍ୟାପକ/ଅଧ୍ୟାପିକା ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଔଷଧୀୟ ବୃକ୍ଷ ଉଦ୍ୟାନ ଉଦ୍‌ଘାଟିତ**

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ୩ ଦିନିଆ ରାଇରଙ୍ଗପୁର ଗସ୍ତ



**ରାଇରଙ୍ଗପୁର, ୮।୧୨(ସମିସ):** ପଶ୍ଚିମବଙ୍ଗ ରାଜ୍ୟପାଳ ଡ. ସିଭି ଆନନ୍ଦ ବୋଷ ୩ ଦିନିଆ ରାଇରଙ୍ଗପୁର ଗସ୍ତରେ ଆସିଛନ୍ତି। ଗସ୍ତର ପ୍ରଥମ ଦିନରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗ୍ରାମ ପରିଦର୍ଶନ କରିଛନ୍ତି। କୋଲକାତାରୁ ବାହାରି ଝାଡ଼ଖଣ୍ଡର ଟାଟାନଗର ହୋଇ ସୋମବାର ପୂର୍ବାହ୍ନରେ ରାଇରଙ୍ଗପୁରରେ ଆସି ପହଞ୍ଚିଥିଲେ। ରାଜ୍ୟପାଳ ଡ. ବୋଷ ରାଇରଙ୍ଗପୁରସ୍ଥିତ ପୂର୍ତ୍ତ ଡାକବଙ୍ଗଳାରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ସ୍ୱାଗତ ଜଣାଇଥିଲେ। ଏହାପରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ୟକ୍ତିବିଶେଷ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଶଶୁର ଘର ବାଦାମପାହାଡ଼ ବ୍ଲକ ଅନ୍ତର୍ଗତ ପାହାଡ଼ପୁର ଗ୍ରାମ ପରିଦର୍ଶନ କରିଥିଲେ। ତାଙ୍କ ସ୍ୱାମୀ ଓ ପୁତ୍ର ସ୍ମୃତିରେ କରିଥିବା ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ କୁନିକୁନି ପିଲାଙ୍କ ସହ କଥା ହୋଇଥିଲେ। ଏହାସହିତ ପାହାଡ଼ପୁରସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରି କିପରି କାର୍ଯ୍ୟ କରୁଛି ଆଲୋଚନା କରିଥିଲେ। ସେ ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଦିବାସୀ ବହୁଳ ଗ୍ରାମରେ କିପରି ଜୀବନ କଟିଥିଲା ସେନେଇ ସ୍ମୃତି ସାଉଁଟିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ଗ୍ରାମଗୁଡ଼ିକ ସଂସ୍କୃତି, ପରମ୍ପରା, ଲୋକକଳା ଆଦି ବାବଦରେ ତଥ୍ୟ ସଂଗ୍ରହ କରିଥିଲେ। ଲୋକଙ୍କ ସହ ମିଶି ଖୁସି ପ୍ରକାଶ କରିଛନ୍ତି। ଏହାପରେ ବାଦାମ ପାହାଡ଼ସ୍ଥିତ ବନ ଦୁର୍ଗା ମନ୍ଦିରରେ ପୂଜା କରି ଆଶିଷ କାମନା କରିଛନ୍ତି। ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା ଓ ବିଜେପିର କିଛି ବରିଷ୍ଠ ନେତା ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ସେ ସ୍ଥାନୀୟ ଛଉ ନୃତ୍ୟ ଓ ସଂସ୍କୃତି ସମ୍ପନ୍ନ ଲୋକଙ୍କ ସହ ମିଶି ଆଲୋଚନା କରିବେ। ଏହାସହିତ ରାଷ୍ଟ୍ରପତି ପାଠ ପଢ଼ୁଥିବା ରାଇରଙ୍ଗପୁରସ୍ଥିତ ଶ୍ରୀଅରବିନ୍ଦ ବିଦ୍ୟାଳୟ ଏବଂ ସ୍ୱଚ୍ଛ ଗ୍ରାମ ଭାବେ ଦେଶରେ ପରିଚୟ ଲାଭ କରିଥିବା ବୋବେଇଯୋଡ଼ା ଗ୍ରାମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ପଶ୍ଚିମବଙ୍ଗକୁ ପ୍ରତ୍ୟାବର୍ତ୍ତନ କରିବେ। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ୩୦୦ ଲୋକଙ୍କୁ କମ୍ବଳ ବାଣ୍ଟିଲେ ଯୁବନେତା

**ରାସଗୋବିନ୍ଦପୁର, ୮।୧୨(ସମିସ):** ରାସଗୋବିନ୍ଦପୁର ବ୍ଲକର ବିଜୁ ଜନତା ଦଳର ଯୁବନେତା ତଥା ସମାଜସେବୀ ଉତ୍ତମ ମହାନ୍ତିଙ୍କ ନେତୃତ୍ୱରେ ୩୦୦ରୁ ଅଧିକ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶ୍ରୀ ମହାନ୍ତି ଗରିବ, ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ରବିବାର ସନ୍ଧ୍ୟାରେ ଉକ୍ତ ବ୍ଲକ ଅଧୀନ ପାରୁଳିଆ ଗ୍ରାମର ୨୩୦ ଏବଂ ସୋମବାର ମଡ଼ମଡ଼ି ଗ୍ରାମର ୮୦ ଜଣ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବଣ୍ଟନ ସମୟରେ ଉତ୍ତମଙ୍କ ସହିତ ସାରୁମୂଳା ସରପଞ୍ଚ ମନୋରଞ୍ଜନ ସିଂ, ସମିତିସଭ୍ୟା ମମତା ମହାନ୍ତି, ୪୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



## ଟ୍ରେଲର ଧକ୍କାରେ ବାଇକ୍ ଚାଳକ ଗୁରୁତର

**ବେତନଟୀ, ୮।୧୨(ସମିସ):** ବୈଶିଙ୍ଗା ଥାନା ୧୮ ନମ୍ବର ଜାତୀୟ ରାଜପଥର ଖଇରିବଣି ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ରବିବାର ରାତି ୧୦ଟାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଉପକଣ୍ଠ ପଣପଣା ଗ୍ରାମର ମହେଶ୍ୱର ଦାଶଙ୍କ ପୁଅ ଚନ୍ଦନ ଦାଶ ବାଲେଶ୍ୱର କୁରୁଡ଼ାସ୍ଥିତ ବୁଲେଟ୍ ଶୋ'ରୁମ୍‌ରେ କାର୍ଯ୍ୟରତ ଅଛନ୍ତି। କୌଣସି କାମରେ ବାରିପଦା ଯାଇ ନିଜ କାମ ସାରି ବାଇକ୍ ଯୋଗେ ଫେରୁଥିବା ସମୟରେ ଖଇରିବଣି ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ପଛପଟୁ ଆସୁଥିବା ଏକ ଟ୍ରେଲର ଧକ୍କା ଦେଇଥିଲା। ଫଳରେ ଟ୍ରେଲରର ଚକା ତାଙ୍କ ୨ ଗୋଡ଼ ଉପରେ ଚଢ଼ିଯାଇଥିଲା। ଚନ୍ଦନଙ୍କର ଗୋଟିଏ ଗୋଡ଼ ଆଣ୍ଠୁ ତଳକୁ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିବା ବେଳେ ଅନ୍ୟ ଗୋଡ଼ର ପାଦ ପାର୍ଶ୍ୱ ସମ୍ପୂର୍ଣ୍ଣ ଚାପି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ଖବର ଦେବା ପରେ ଆମ୍ବୁଲାନ୍ସ ଆସି ଗୁରୁତର ଚନ୍ଦନଙ୍କୁ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲା।




## ଖଡ଼ାଖାଇ ନଦୀରୁ ଦିନତମାମ୍ ହେଉଛି ବାଲି ଉତ୍ତୋଳନ

# ଝାଡ଼ଖଣ୍ଡକୁ ଅବାଧ ଚୋରା ଚାଲାଣ

ବହଳଦା, ୮।୧୨(ସମିସ)



ବାଲି ଚୋରା ଚାଲାଣ ଓ ବାଲି ମାଫିଆଙ୍କ ଔଦ୍ଧତ୍ୟ ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ପ୍ରଶାସନିକସ୍ତରରେ ନିଷ୍କ୍ରିୟତା ଫଳରେ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ହେବା ସହିତ ପରିବେଶ ଅସନ୍ତୁଳନ ଚିନ୍ତାର ବିଷୟ ପାଲଟିଛି। ବହଳଦା ତହସିଲ୍ ଅନ୍ତର୍ଗତ ଖଡ଼ଖାଇ ନଦୀର ବହଳଦା ବାଲିଘାଟ ଏବଂ ବିପରୀତ ପାର୍ଶ୍ୱରେ ଜାମଦା ତହସିଲ୍ ଅଧୀନରେ ଥିବା ଦୁଦୁ ବାଲିଘାଟରୁ ପ୍ରତ୍ୟହ ଦିନ ତମାମ ବେଧଡ଼କ ଶହଶହ ଟ୍ରାକ୍ଟର ବାଲି ଉତ୍ତୋଳନ ହେବା ସହିତ ସ୍ଥାନୀୟ ଅଞ୍ଚଳ ଓ ଝାଡ଼ଖଣ୍ଡ ଅଞ୍ଚଳକୁ ହାଇୱା ଯୋଗେ ଅବାଧରେ ଚାଲାଣ ଚାଲିଛି। ଏନେଇ ବହଳଦା ତହସିଲ୍‌ଦାରଙ୍କ ସହ ଯୋଗାଯୋଗ କରାଯିବାରୁ ବହଳଦା ବାଲିଘାଟ କାହାକୁ ଲିଜ୍ ପ୍ରଦାନ କରାଯାଇ ନ ଥିବା ପ୍ରକାଶ କରିଥିଲେ।

ସେହିପରି ଦୁଦୁ ଘାଟରୁ ସରକାରୀ ବାସଗୃହ ନିର୍ମାଣ ଓ ସ୍ଥାନୀୟ ଅଞ୍ଚଳର ନିର୍ମାଣ କାର୍ଯ୍ୟ ପାଇଁ କେବଳ ଟ୍ରାଞ୍ଜିଟ୍ ପାସ୍ (ପରିବହନ ଅନୁମତି) ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ଚୋରାରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଚଢ଼ାଦରରେ ବାଲି ବିକ୍ରି ଫଳରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରୁଥିବା ପରି ସାଧାରଣ ଲୋକେ ଆବଶ୍ୟକତାଠାରୁ ବହୁ ଅଧିକ ମାତ୍ରାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏପଟେ ବହଳଦା, ବାସିଙ୍ଗି ଓ ଗମ୍ଭାରିଆ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଦିନରାତି ଚୋରା ଚାଲାଣ କରାଯାଉଛି। କିଛିଦିନ ପୂର୍ବରୁ ବାଲି ମାଫିଆଙ୍କ ଦ୍ୱାରା ଝରାଡିହିର ଜନୈକ ବ୍ୟବସାୟୀଙ୍କୁ ଜନଗହଳିପୂର୍ଣ୍ଣ ବଜାର ମଧ୍ୟରୁ ଅପହରଣ ଉଦ୍ୟମ ଘଟଣା ପରେ ବହଳଦାରୁ ଝରାଡିହି ବାଟରେ ଝାଡ଼ଖଣ୍ଡ ଅଞ୍ଚଳକୁ ବାଲି ଚୋରା ଚାଲାଣ ବନ୍ଦ ଥିବାବେଳେ ବର୍ତ୍ତମାନ ପୁଣିଥରେ ଝରାଡିହି ବାଟ ଦେଇ ରାତି ତମାମ ହାଇୱା ଜରିଆରେ ବାଲି ଚୋରା ଚାଲାଣ ଚାଲିଥିବା ଦେଖିବାକୁ ମିଳିଛି। ଦିନବେଳେ ଝାଡ଼ଖଣ୍ଡରୁ ପଥର ଚିପ୍‌ସ ଆସୁଥିବା ହାଇୱାଗୁଡ଼ିକ ରାତିରେ ଚୋରା ବାଲି ନେଇ ଫେରିଥାନ୍ତି। ଖଣି ବିଭାଗର ନିଷ୍କ୍ରିୟତା ଓ ପୁଲିସ୍ ପ୍ରଶାସନର ଅନୁକମ୍ପା ଫଳରେ ବିନା ଦ୍ୱିଧାରେ ଚାଲିଛି ବାଲି ଚୋରା ଚାଲାଣ। ଚୋରା ଚାଲାଣ ଯୋଗୁଁ ବିପୁଳ ରାଜସ୍ୱ ହାନୀ ଘଟୁଥିବାବେଳେ ମାତ୍ରାଧିକ ବାଲି ଉତ୍ତୋଳନ ଫଳରେ ପରିବେଶ ଅସନ୍ତୁଳନ ହେବା ସହ ସ୍ଥାନୀୟ ଅଞ୍ଚଳରେ ବାଲି ଅଭାବ ଓ ଦରବୃଦ୍ଧି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପଟେ ପୁଣି ବାଲି ମାଫିଆଙ୍କ ଗୁଣ୍ଡାଗିରି ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ବାଲି ଚୋରା ଚାଲାଣ ଉପରେ ଅଙ୍କୁଶ ଲଗାଯିବା ସହିତ ସ୍ଥାନୀୟ ଅଞ୍ଚଳରେ ସୁଲଭ ମୂଲ୍ୟରେ ବାଲି ଉପଲବ୍ଧ କରାଯିବା ଦିଗରେ ସରକାର ଓ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ନେଇ ସାଧାରଣରେ ଦାବି ହେଉଛି।

## ବାଲିବୋଝେଇ ଟିପ୍ପର ଜବତ, ଡ୍ରାଇଭର ଗିରଫ

**ଶୁଳିଆପଦା, ୮।୧୨(ସମିସ):** ବାଲି ମାଫିଆମାନେ ତହସିଲ୍‌ଦାରଙ୍କୁ ମାଡ଼ ମାରିବା ଓ ପୁଲିସକୁ ଆକ୍ରମଣ କରିବା ଘଟଣାକୁ ଗୁରୁତ୍ୱର ଭାବେ ନେଇଛି ପ୍ରଶାସନ। ଯାହାକୁ ନେଇ ପୁଲିସ ବିଭିନ୍ନ ବେଆଇନ ଘାଟ ଉପରେ ଚଢ଼ଉ କରୁଛି। ତେବେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଠା ରାସ୍ତା ହୋଇ ଯାଉଥିବା ଏକ ବେଆଇନ ବାଲି ଟିପ୍ପରକୁ ପୁଲିସ ଜବତ କରିଛି। ଟିପ୍ପର ଡ୍ରାଇଭରକୁ ମଧ୍ୟ ଗିରଫ କରାଯାଇଛି। ଡ୍ରାଇଭର ଜଣକ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ କୁସମି ଗ୍ରାମର ବିଶ୍ୱନାଥ ମହାକୁଡ଼। ଯାହାକୁ ନେଇ ଶୁଳିଆପଦା ଥାନାରେ ୧୯୦/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ସତ୍ୟନାରାୟଣ ବଳ।

# ଟିପିଏନ୍‌ଓଡିଏଲ୍ ଯନ୍ତ୍ରୀଙ୍କୁ ଘେରିଲେ ପୁରୁଣାବଜାରବାସୀ

ଭଦ୍ରକ, ୮ ।୧୨(ସମିସ)



ଦୀର୍ଘ ଦିନ ହେଲା ବିଦ୍ୟୁତ ଜନିତ ସମସ୍ୟାରେ ଦୁର୍ଦ୍ଦଶା ଭୋଗୁଥିବା ଭଦ୍ରକ ସହର ପୁରୁଣାବଜାର ଅଧିବାସୀମାନେ ଅତିଷ୍ଠ ହୋଇ ଆଜି ଭଦ୍ରକ ଟିପିଏନ୍‌ଓଡିଏଲ୍ ନିର୍ବାହୀ ଯନ୍ତ୍ରୀ(ଇସି) ସୌମ୍ୟରଞ୍ଜନ ନାୟକଙ୍କୁ ଘେରି ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅଭିଯୋଗପତ୍ରର ନକଲ, ଟିପିଏନଓଡିଏଲ ସିଇଓ, ଏଜିଏମ୍ ତଥା ଏସ୍.ଇ, ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ ଓ ଜେଇ ପ୍ରମୁଖଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ପୁରୁଣାବଜାର ବିଦ୍ୟୁତ ଉପଭୋକ୍ତା ତଥା ଅଞ୍ଚଳବାସୀ ଦର୍ଶାଇଛନ୍ତି ଯେ, ଭଦ୍ରକ ଟିପିଏନଓଡିଏଲ୍ ଅଧିନରେ ୨ନମ୍ବର ସେକ୍ସନରେ ବହୁ ଗୁଡିଏ ସମସ୍ୟା ରହିଛି। ଏହି ପ୍ରମୁଖ ସମସ୍ୟା ଗୁଡିକ ହେଲା-ଆଜିକୁ ୪୦ ବର୍ଷରୁ ଅଧିକ ହେଲାଣି ଚନ୍ଦନବଜାରରେ ଥିବା ଫ୍ୟୁଜ କଲ୍ ସେଂଟରଟିକୁ ସବୁଦିନ ପାଇଁ ବନ୍ଦ କରି ଦିଆଗଲା।ଫଳରେ ବିଦ୍ୟୁତ୍ କାଟ୍ ଓ ଅନ୍ୟାନ୍ୟ ବିଦ୍ୟୁତ ଜନିତ ସମସ୍ୟାର ତୁରନ୍ତ ସମାଧାନ ହୋଇପାରୁନି। ତେଣୁ ତୁରନ୍ତ ପୂର୍ବଭଳି ଫ୍ୟୁଜ କଲ୍ ସେଣ୍ଟର ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ସେହିଭଳି ଏହି ସେକ୍ସନରେ କାର୍ଯ୍ୟରତ ଥିବା ଲାଇନମ୍ୟାନ୍ ନାମ ଓ ମୋବାଇଲ ନମ୍ବର ଓ କାହାର କେଉଁ ସିଫ୍ଟ ରହିଛି ସେ ସବୁର ଏକ ସବିଶେଷ ବିବରଣୀ ସମ୍ବଳିତ ସୂଚନା ଫଳକ ସର୍ବସାଧାରଣଙ୍କ ଅବଗତି ଲାଗି ଲଗାଇବାକୁ ଦାବି ହୋଇଛି। ସେହିଭଳି ଏବେ ଟିପିଏନଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ବାଧ୍ୟତାମୂଳକ ଭାବେ ସ୍ମାର୍ଟ ମିଟର ଲଗାଯାଉଛି। ତେବେ ଏହି ସ୍ମାର୍ଟ ମିଟର ରେ ଅଧିକ ରିଡିଂ ହେଉଛି ତେଣୁ ତୁରନ୍ତ ସ୍ମାର୍ଟ ମିଟରକୁ ପରିବର୍ତ୍ତନ କରି ଏହା ବଦଳରେ ଅନ୍ୟ ମିଟର ବସାଇବାକୁ ଦାବି କରିଛନ୍ତି। ସେହିଭଳି ପ୍ରତିଦିନ ସନ୍ଧ୍ୟାରେ ଚନ୍ଦନବଜାର ଫିଡର୍‌ରେ ଦିନକୁ ପ୍ରାୟ ୧୦ ଥର ବିଦ୍ୟୁତ୍ କାଟ୍ ହେଉଛି। ଏହାର କାରଣ ଓ ନିରାକାରଣ ପାଇଁ ଦାବି ହୋଇଛି। ଅନୁରୂପଭାବେ ପୁରୁଣାବଜାର କାଳୀ ମନ୍ଦିର ପାଖରେ ପଟ୍ଟନାୟକ ବାବୁଙ୍କ ପାଚେରିରେ ସଂଲଗ୍ନ ୧୧ କେ.ଭି ଖୁଣ୍ଟଟି ଗତ ୨ ବର୍ଷ ହେଲା ବଙ୍କାହୋଇ ରହିଛି।ଫଳରେ ପାଚେରି ଫାଟିବା ସହ କେଉଁ ମୁହୂର୍ତ୍ତରେ କିଛି ଅଘଟଣ ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି।

**ସ୍ମାର୍ଟ ମିଟର ପରିବର୍ତ୍ତନ ଓ ବନ୍ଦ ଫ୍ୟୁଜ୍ କଲ୍ ସେଣ୍ଟର ଖୋଲିବା ଦାବି**

ତେଣୁ ଏହାର ତୁରନ୍ତ ମରାମତି କରିବାକୁ ପୁରୁଣା ବଜାର ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବଜାରରେ ଉଚ୍ଚକ୍ଷମତା ସମ୍ପନ୍ନ ୧୧ କେ.ଭି ତାର ଯେଉଁ ରାସ୍ତାରେ ଯାଇଛି, ସେଥିରେ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଲୋକଙ୍କ ପ୍ରତି ମୁହୂର୍ତ୍ତରେ ବିପଦ ରହିଛି। ତେଣୁ ତାର ରେ କଭର ଦେବା ସହ ଏହି ଅଞ୍ଚଳର ପ୍ରତ୍ୟେକ ୱାର୍ଡ଼ରେ ଥିବା ସମସ୍ତ ବିପଦପୂର୍ଣ୍ଣ ଏଲ.ଟି. ତାର ଏବଂ ଖୁଣ୍ଟଗୁଡ଼ିକର ପରିବର୍ତ୍ତନ କରିବାକୁ ଦାବି ହୋଇଛି। ସେହିଭଳି ପ୍ରତ୍ୟେକ ଟ୍ରାନ୍ସଫର୍ମରରେ ଏ.ବି. ସୁଇଚ୍ ଲଗାଇବାକୁ ଦାବି ହୋଇଛି। ସେହିପରି ଚନ୍ଦନବଜାର ଏବଂ ସନ୍ଥିଆ ଫିଡରରେ କିଛି ବି ସମସ୍ୟା ହେଲେ ପୂରା ବିଦ୍ୟୁତ କାଟ କରି କାମ କରାଯାଉଛି, ଯାହାଫଳରେ ପୁରା ପୁରୁଣା ବଜାର ଅଞ୍ଚଳ ଅସୁବିଧାରେ ପଡୁଛି। ତେଣୁ ଏହାର ସମାଧାନ କରିବା ଓ ପୁରୁଣାବଜାର ଚାରିଛକ ଟୋକା ଗଣେଶ ମଣ୍ଡପ ଓ ଜାମା ମସଜିଦ ଅଞ୍ଚଳ ଦେଇ ଯାଇଥିବା ୧୧କେଭି ତାର କଜ୍ କଭର କରଇବାକୁ ଦାବି ହୋଇଛି। ଆଜି ଭଦ୍ରକ ମୁସଲିମ ଜମାତ ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ହାଜି କୈୟୁମ ସାହା, ଅନିଲ କୁମାର ଦାସ, ହାଜି ସଇଦ ସାହା, ହାଜି ହାଫିଜୁର ରହେମାନ, ତାହେର ମହମ୍ମଦ ଖାନ, ଶେଖ ଇମତିୟାଜ୍, ଶେଖ ଅଖତର ଅଲି, ପାରିଷଦ ଶେଖ ଗରିବୁଲ୍ଲା, ନାରାୟଣ ସିଂ, ଶେଖ ନଇମ, ନରହରି ସାହୁ, ସମ୍ବାଦଦାତା ଶେଖ ଅନୱର, ଗୌତମ ସାହୁ, କମଳାକାନ୍ତ ବାରିକ, ଜହିର ଖାନ, ସମିମ ଅଖତର, ଶେଖ ଅବଦୁଲ ରହେମାନ, ଶେଖ ଜୁଲଫୁକାର, ଖାଲିଦ ସାହା, ଅବଦୁଲ ନଇମ ଖାନ ଓ ବାବାଜୀ ସାହୁ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ୨ବଖରା ଚାଳ ଘର ଜଳିଗଲା



**ଦୋଳସାହି, ୮ ।୧୦(ସମିସ):** ତିହିଡ଼ି ବ୍ଲକ ତାଳପଦା ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କ ଚାଳଘରେ ନିଆଁ ଲାଗି ୨ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଆଜି ସକାଳେ ତାଳପଦା ପଞ୍ଚାୟତ ର ଆଗିରିଆ ଗାଁର ବାବାଜି ବେହେରାଙ୍କ ଚାଳ ଛପର ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଫଳରେ ତାଙ୍କର ଦୁଇ ବଖରା ଯାକ ପୋଡ଼ି ପାଉଁଶ ହୋଇଯାଇଥିଲା। ଗ୍ରାମବାସୀ ଓ ଅଗ୍ନିଶମ ଅଧିକାରୀ ସୁବାସ ଚନ୍ଦ୍ର ରାଉତ ଓ କର୍ମଚାରୀଙ୍କ ଦ୍ଵାରା ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ବାବାଜିଙ୍କ ପତ୍ନୀ ଉର୍ମିଳା ବେହେରାଙ୍କ ଦେହରେ ନିଆଁ ଲାଗି ଶରୀରରେ ବିଭିନ୍ନ ସ୍ଥାନରେ ପୋଡ଼ି ଯାଇଥିଲା। ସେମାନେ ତିହିଡ଼ି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଧାମନଗର କଲେଜରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର




**ଦୋବଲ, ୭ ।୧୨(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ୟୁନିଟ ତରଫରୁ ତ୍ରିଦିବସୀୟ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପନ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟ ରେ ମୁଖ୍ୟଅତିଥି ଭାବେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଇଂରାଜୀ ପ୍ରାଧ୍ୟାପିକା ସୁକାନ୍ତି ମହାପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ ରାୟ ଯୋଗଦେଇ ୱାଇଆରସିର ମୂଳ ଉଦ୍ଦେଶ୍ୟ ଓ ସଚେତନ ବାର୍ତ୍ତା ସମ୍ପର୍କରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ୱାଇ, ଆର. ସି.ର ମୁଖ୍ୟ ସଂଯୋଜକ ଅଧ୍ୟାପକ ଡ.ଦେବାଶିଷ ମଲ୍ଲିକ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ, ଅଧ୍ୟକ୍ଷ ଶ୍ରୀ ବେଜ ସ୍ୱାଗତ ସମ୍ଭାଷଣ, ଅଧ୍ୟାପିକା ଶ୍ୱେତା ସାମିନି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ପୂର୍ବକ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା କଲ୍ୟାଣୀ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଧାମନଗର ମହାବିଦ୍ୟାଳୟ ସମେତ ୮ଟି ମହାବିଦ୍ୟାଳୟର ପ୍ରାୟ ୧୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ଅଧ୍ୟାପକ-ଆଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, କୁଇଜ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆଦି ବିବିଧ ପ୍ରତି ଯୋଗୀତାମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଦୁହେଁ ବିଚାରକ ଭାବେ ପ୍ରତିଯୋଗୀ ମାନଙ୍କର ଦକ୍ଷତା କୁ ମୂଲ୍ୟାଙ୍କନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀଙ୍କୁ ମାନପତ୍ର, ମେଡାଲ ଆଦି ପୁରସ୍କୃତ କରାଯାଇଥିଲା।

## ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି



**ଅସୁରାଳି, ୮ ।୧୨(ସମିସ):** ଧୁଷୁରୀ-ହସନାବାଦ୍ ରାସ୍ତାର ଥାନା ପାଖରେ ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି। ବସୁଧା ପ୍ରକଳ୍ପରେ ବିଛାଯାଇଥିବା ଏହି ପାଇପ୍ ଫାଟିଯିବାରୁ ରାସ୍ତାରେ କେବଳ ପଦଚାରୀ ନୁହଁନ୍ତି, ରାସ୍ତାରେ ଗାଡ଼ି ମୋଟରରେ ଯାଉଥିବା ଲୋକମାନେ ମଧ୍ୟ ହଇରାଣ ହରକତ ହେଉଛନ୍ତି। କାଦୁଅ ପଚପଚ ହୋଇ ଲୋକେ ଯାତାୟାତ କରୁଛନ୍ତି। ଗାଁ ଗଣ୍ଡାରେ ଲୋକେ ପାଣି ଟୋପେ ପିଇବାକୁ ପାଉ ନଥିବାବେଳେ ଏଠାରେ କିନ୍ତୁ ରାସ୍ତାରେ ଭାସୁଛି ପାଣି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି। ନହେଲେ ଦୈନନ୍ଦିନ ଜୀବନ ଅଧିକରୁ ଅଧିକ ପ୍ରଭାବିତ ହେବ ବୋଲି ଲୋକମାନେ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

**ଭିନ୍ନମୋଡ଼ ନେଲା ମା'କୁ ପୋଡ଼ି ମାରିବା ଘଟଣା**

## କେହି ଅଭିଯୋଗ କଲେନି, ଅଭିଯୁକ୍ତକୁ ଛାଡ଼ିଲା ପୁଲିସ

**ଭଦ୍ରକ/ଦୋଳସାହି, ୮ ।୧୨(ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ବିଲଣା ଗଳଗଣ୍ଡପୁର ଗାଁରେ ଗତ ୪ତାରିଖ ସକାଳେ ମଦ ପିଇବାକୁ ଟଙ୍କା ମାଗି ନପାଇବାରୁ ଜଣେ ପୁଅ ନିଜ ମା' ଦେହରେ କିରାସିନ ଢାଳି ନିଆଁ ଲଗାଇ ଦେଇଥିଲା। ଏଥିରେ ତାଙ୍କ ମା'ର ମୃତ୍ୟୁ ହୋଇଥିଲା। ଏହି ଘଟଣା ଏବେ ଭିନ୍ନମୋଡ଼ ନେଇଛି। ତିହିଡି ପୁଲିସ ଅଟକ ରଖିଥିବା ଅଭିଯୁକ୍ତ ପୁଅକୁ ଛାଡ଼ି ଦେଇଥିବା ଜଣାଯାଇଛି। ପରିବାର ଲୋକେ କେହି ଅଭିଯୋଗ ନ କରିବାରୁ ପୁଲିସ ପୁଅକୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଗଳମଣ୍ଡପୁର ଗାଁର ରବୀନ୍ଦ୍ର ନାୟକଙ୍କ ପୁତ୍ର ବଳିଆ ଓରଫ୍ ଦେବାଶିଷ ନାୟକ ନିୟମିତ ମଦ ପିଇ ଗାଁରେ ଅଶାନ୍ତି ଘଟାଉଥିବା ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ଘଟଣା ଦିନ ସକାଳ ପ୍ରାୟ ୮ଟା ବେଳେ ମଦ ପିଇବା ପାଇଁ ମା' ଜ୍ୟୋସ୍ନାରାଣୀ ନାୟକ (୬୫)ଙ୍କୁ ଟଙ୍କା ମାଗିବା ସହ ମାରଧର କରି ପରେ ଘରେ କିରାସିନ ଢାଳି ନିଆଁ ଲଗାଇଥିଲା। ପଡ଼ୋଶୀମାନେ ଏହି ଅଭିଯୋଗ କରିବା ସହ ଗୁରୁତର ଥିବା ଜ୍ୟୋସ୍ନାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ପରେ ଭୁବନେଶ୍ୱରର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଅ ଦେବାଶିଷକୁ ତିହିଡ଼ି ପୁଲିସ ଅଟକ ରଖିଥିବା ବେଳେ କେହି ଅଭିଯୋଗ ନକରିବାରୁ ତିହିଡ଼ି ପୁଲିସ ଆଜି ଦେବାଶିଷକୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ଘଟଣା ନେଇ ତିହିଡି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ପଚାରିବାକୁ ତାଙ୍କ ପରିବାର ପକ୍ଷରୁ କେହି ଲିଖିତ ଅଭିଯୋଗ କରିନାହାନ୍ତି। ତେଣୁ ଦେବାଶିଷକୁ ପୁଲିସ ଛାଡି ଦେଇଥିବା ସୂଚନା ଦେବା ସହ ଭୁବନେଶ୍ୱର ଭରତପୁର ଥାନାରେ ଜ୍ୟୋସ୍ନାରାଣୀଙ୍କ ମୃତ୍ୟୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମୃତାଙ୍କ ସ୍ୱାମୀ ଜଣେ ପକ୍ଷାଘାତ ରୋଗୀ ହୋଇଥିବା ବେଳେ ତାଙ୍କ ଭାଇ ଓ ଭାଉଜ ଅନ୍ୟତ୍ର ରହୁଛନ୍ତି। ତେବେ ଏହି ବଡଧରରଣର ଅଭାବନୀୟ ଘଟଣା ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ



**ବାରିକପୁର, ୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁରଠାରେ ମା' ବୁଢ଼ୀ ଜାଗୁଲାଇ ଯୁବକ ସଂଘ ପକ୍ଷରୁ ଏକ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାକୁ କ୍ରିଡ଼ା ପ୍ରେମୀ ତଥା ବରିଷ୍ଠ ନାଗରିକ ଭଗବାନ ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଚୁଡ଼ାକୁଟି ଓ ବାଲିଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୁଡ଼ାକୁଟି ଚାମ୍ପିଅନ ହୋଇଥିବା ବେଳେ ବାଲିଖଣ୍ଡ ରନର୍ସଅପ ହୋଇଥିଲା। ଶିକ୍ଷାବିତ୍ ଗଦାଧର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରରେ ବରିଷ୍ଠ ନାଗରିକ ପ୍ରଭାକର ମହାପାତ୍ର, ଲକ୍ଷ୍ମୀଧର ବାରିକ, ପ୍ରଦୀପ ମହାପାତ୍ର, ପ୍ରସନ୍ନ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ଯୁବକ ସଂଘ ସଦସ୍ୟ ମାନେ ପରିଚାଳନା କରିଥିଲେ।

# କନ୍ଦେଇଦେଲେ ହାସ୍ୟାଭିନେତା 'ଗୁରୁ ପ୍ରସାଦ'

**ଭଦ୍ରକ/ଦୋବଲ, ୮।୧୨(ସମିସ):** ଓଡ଼ିଆ ଯାତ୍ରା ଜଗତର ଜଣାଶୁଣା ତଥା ଲୋକପ୍ରିୟ ହାସ୍ୟ ଅଭିନେତା ଗୁରୁ ପ୍ରସାଦ ପୃଷ୍ଟିଙ୍କର ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସମଗ୍ର କଳାକାର ଜଗତରେ ଶୋକର ଛାୟା ଖେଳିଯାଇଛି। ଏହାସହ ଧାମନଗର ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ଦି'ଦିନ ଧରି ମଞ୍ଚରେ ଅଭିନୟ ଜରିଆରେ ହସାଇଥିବା ଗୁରୁଙ୍କ ଦେହାନ୍ତ ଯାତ୍ରା ପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ଏପରିକି ଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କମିଟି ପକ୍ଷରୁ ଶେଷ ରାତିର ନାଟକ ପରିବେଷଣକୁ ବନ୍ଦ କରାଯାଇଥିଲା। ଷେଣ୍ଢପୁର ଯାତ୍ରା ମଞ୍ଚରେ ଗତ ୫ ତାରିଖରୁ ଯାତ୍ରା ଅନୁଷ୍ଠାନ ଇନ୍ଦ୍ର ଭୁବନ ଯାତ୍ରା ପରିବେଷଣ କରୁଥିଲା। ପ୍ରଥମ ରାତିରେ 'ଚିଠି ବାସୁଛି ତୁଳସୀ ତୁଳସୀ' ମଞ୍ଚସ୍ଥ ହୋଇଥିଲା। ଏଥିରେ ଅଭିନୟ କରୁଥିବା ଗୁରୁ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ। ଦ୍ୱିତୀୟ ଦିନର ନାଟକ 'ନ ଅଙ୍କ ଦୁର୍ଭିକ୍ଷ'ରେ ବି ତାଙ୍କ ଅଭିନୟ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା। ଦୁଇ ଦିନ ଧରି ମଞ୍ଚରେ ଦେଖିଥିବା ଗୁରୁଙ୍କୁ ତୃତୀୟ ରାତିର ନାଟକ 'ସକଳ ତୀର୍ଥ ତୋ ଚରଣ'ର ଅଭିନୟ ପାଇଁ ଅପେକ୍ଷା କରିଥିଲେ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା। ଷେଣ୍ଢପୁରରେ ଯାତ୍ରା ସାରି ଦି ଦିନ ହେଲା ଭଦ୍ରକରେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଦିନରେ ବିଶ୍ରାମ ନେଇ ପୁଣି ଅନୁଷ୍ଠାନକୁ ଫେରୁଥିଲେ। ଶେଷ ରାତିର ନାଟକ ପରିବେଷଣ ପାଇଁ ଗୁରୁ ସମ୍ପର୍କୀୟଙ୍କ ଘରୁ ବାଇକ୍ ଧରି ଆସୁଥିଲେ। ନଳାଙ୍ଗ ନିକଟ ଚିଙ୍ଗୁଡ଼ିପୁରଠାରେ



୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲେ ଗୁରୁ। ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଗୁରୁଙ୍କୁ ପୁଲିସ ଉଦ୍ଧାର କରି ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଢେଙ୍କାନାଳର ଯୋରନ୍ଦାରେ ଜନ୍ମିତ ଗୁରୁ କଟକରେ ରହି ଖ୍ରୀଷ୍ଟ ମହାବିଦ୍ୟାଳୟରେ ପଢୁଥିଲେ। ଛାତ୍ର ସଂସଦ ନିର୍ବାଚନରେ ନାଟ୍ୟ ସଂସଦ ସମ୍ପାଦକ ଭାବେ ବିଜୟୀ ହୋଇଥିଲେ। ଏହାପରେ ସେ ଯାତ୍ରାରେ ପାଦ ଥାପିଥିଲେ। ଅନେକଗୁଡ଼ିଏ ଅନୁଷ୍ଠାନରେ ଅଭିନୟ କରି ବେଶ୍ ନାଁ କରିଥିଲେ। ତାଙ୍କ ଅଭିନୀତ ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ 'ବଡ଼ ଦାଣ୍ଡର ଭିକାରୀ' ବିଶେଷ ପ୍ରଶଂସା ସାଉଁଟିଥିଲା। ଦୁଇ ବର୍ଷ ପୂର୍ବରୁ ବିବାହ କରିଥିବା ଗୁରୁଙ୍କର ଏକ କନ୍ୟା ସନ୍ତାନ ଗତ ବର୍ଷ ଜନ୍ମ ହୋଇଥିଲା। ଗୁରୁଙ୍କ ମୃତ୍ୟୁରେ ଯାତ୍ରା ଜଗତର ଅପୂରଣୀୟ କ୍ଷତି ହୋଇଛି। ଅପର ପକ୍ଷରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛି। ଗତବର୍ଷ ତାଙ୍କ ବାପାଙ୍କର ଦେହାନ୍ତ ଘଟିଥିଲା। ଏ ବର୍ଷ ସେ ଚାଲିଗଲେ। ତେବେ ଭଦ୍ରକର ନଳାଙ୍ଗଠାରୁ ବାରିକପୁର ମଧ୍ୟରେ ଜାତୀୟ ରାଜପଥ ନିର୍ମାଣ କାମ ଚାଲିଥିବାରୁ ଏକାଧିକ ଡାଇଭର୍ସନ ରହିଛି। ଯାହା ଫଳରେ ଅସାବଧାନତା କାରଣରୁ ରୀତିମତ ଦୁର୍ଘଟଣା ଘଟୁଛି। ଗତ ବର୍ଷକ ମଧ୍ୟରେ ୧୦ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି।

## ନାଆମୀ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ବାରିକପୁର, ୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁକାନ୍ତ ଚନ୍ଦ୍ର ସ୍ୱାଇଁଙ୍କ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ବିନୋଦ ବିହାରୀ ନାୟକ ଓ ପ୍ରଫେସର ସନ୍ତୋଷ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲମ୍ବ ଡିଆଁ, ସର୍ଟପୁଟ, କ୍ୟାରମ୍, ମ୍ୟୁଜିକ୍ ଚେୟାର, ଭଲି, ବ୍ୟାଡ଼ମିଣ୍ଟନ, ଥ୍ରୋ, ସ୍କିପିଙ୍ଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଶହରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କ୍ରୀଡ଼ା ବିଭାଗର ମନୋରମା ଖଣ୍ଡାଇ, ଅଧ୍ୟାପକ ଅଶୋକ କୁମାର ଦାସ, ଭାରତୀ ଲତା ପଣ୍ଡା, ପ୍ରଦୀପ ସ୍ୱାଇଁ, ବନମାଳୀ ପଣ୍ଡା, ଚିନ୍ତାମଣି ମହାକୁଡ଼, ଡ଼. ଅଜୟ ପ୍ରଧାନ, ଡ଼. ଚିତରଞ୍ଜନ ରାଉତ, ରାଜେଶ ମହତା, ସସ୍ମିତା ଘୋଷ, ଉମାକାନ୍ତ ବେହୁରା ନିର୍ମଳ ଦାସ ପ୍ରମୁଖ ପରିଚାଳନା କରିଥିଲେ।

**ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ଷଷ୍ଠ ସନ୍ଧ୍ୟା**

# 'ଭଦ୍ରକର କଳା, ସଂସ୍କୃତି ଓ ପରମ୍ପରା ସ୍ୱତନ୍ତ୍ର'

ଭଦ୍ରକ, ୮ ।୧୨(ସମିସ)




ଭଦ୍ରକର ଐତିହ୍ୟ, ସଂସ୍କୃତି, ପରମ୍ପରା, କିମ୍ବଦନ୍ତୀ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ସଂଗ୍ରାମକୁ ଭଦ୍ରକର ଦାନ ଅତୁଳନୀୟ। ଭାରତ ଇତିହାସରେ ଭଦ୍ରକ ଯୁଗ ଯୁଗ ଧରି ଇତିହାସର ମୁକସାକ୍ଷୀ ହୋଇ ରହିବ ଏଥିରେ ସନ୍ଦେହ ନାହିଁ। ରକ୍ତ ତୀର୍ଥ ଇରମର ପରି ବେୱା, ମଣି ବେଜ୍ ଓ ୨୯ ଜଣ ସହିଦ, ଲୁଣିଆର ୯ଜଣ ସହିଦ ଆମ ଜାତିର ସମ୍ପତ୍ତି ହୋଇ ରହିବେ। ଭଦ୍ରକ ମାଟିର ବରପୁତ୍ର ସର୍ଦ୍ଦାର ମୁରଲୀଧର ପଣ୍ଡା, ବିପ୍ଳବୀ ବୈଷ୍ଣବ ଚରଣ ନାୟକ, ଜାତୀୟକବି ବାଞ୍ଛାନିଧି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ, ନାଟ୍ୟଭୂଷଣ ବଂଶୀବଲ୍ଲଭ ଗୋସ୍ୱାମୀ, ନାରୀକବି ବିଦ୍ୟୁତ୍ ପ୍ରଭା ଦେବୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ପଲ୍ଲୀକବି କୃଷ୍ଣ ପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ନୀଳମଣି ରାଉତରାୟ ପ୍ରମୁଖ କାଳ କାଳକୁ ଅମର ହୋଇ ରହିବେ ଏଥିରେ ସନ୍ଦେହ ନାହିଁ। ତାଙ୍କର ପ୍ରଚାର ପ୍ରସାର କରିବା ଆମର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଏବଂ ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭଦ୍ରକ ଜିଲ୍ଲା ମହୋତ୍ସବର ଷଷ୍ଠ ସନ୍ଧ୍ୟାକୁ ଉଦ୍ଘାଟନ କରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଆହୁରି ମଧ୍ୟ ମାନ୍ୟବର ମନ୍ତ୍ରୀ କହିଥିଲେ, ଆମ ସମାଜର ପ୍ରତ୍ୟେକ ବ୍ୟକ୍ତି ମାନବୀୟ ସଂସ୍କୃତି ସହିତ ବୌଦ୍ଧିକ ଚିନ୍ତା ଚେତନା ଉପରେ ପ୍ରାଧାନ୍ୟ ଦେବା ଉଚିତ୍। ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୫ର ଏହି ଭବ୍ୟ ସଂଧ୍ୟାରେ ଯୋଗଦେବାର ସୁଯୋଗ ପ୍ରାପ୍ତ ହେଲା। ଭଦ୍ରକର ସମୃଦ୍ଧ କଳା, ସଂସ୍କୃତି ଏବଂ ପରମ୍ପରାକୁ ନିକଟରୁ ଅନୁଭବ କରିବାର ସୁଯୋଗ ମିଳିଲା। ଏହି ମହୋତ୍ସବରେ ପ୍ରଦର୍ଶିତ କଳାକାରମାନଙ୍କର ଅଦ୍ଭୁତ ପ୍ରତିଭା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। 'ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ନାବିତ ମଞ୍ଚରେ 'ଆମେ ଓ ଆମ ସଂସ୍କୃତି ' ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ କାର୍ଯକାରୀ ସଭାପତି ଦୁର୍ଗାଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ କମିଟି ଉପ ସଭାପତି ତଥା ବରିଷ୍ଠ ସାମ୍ବାଦିକ କବି ପ୍ରମୋଦ ରାୟଙ୍କୁ ମନ୍ତ୍ରୀ ସୁରଜ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା ବେଦ ପାଠ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥିମାନଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରମ୍ଭରେ କୁନି କୁନି କଳିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକ ଦେଶାତ୍ମକ ବନ୍ଦନା ଗାନ କରିଥିଲେ ଏବଂ ଶେଷରେ ପ୍ରଭାତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।ଆଜିର ସନ୍ଧ୍ୟାରେ ଆଞ୍ଚଳିକ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇ ମନଭରି ଉପଭୋଗ କରିଥିଲେ। କମିଟିର ଉପ ସଭାପତି ପ୍ରମୋଦ ରାୟ, ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ ମଲ୍ଲିକ, ପ୍ରଶାନ୍ତ ତ୍ରିପାଠୀ, ମନସ୍ମିତା ଦାସ, ଦୀପାଳୀ ନାୟକ, ସୁମିତ୍ରା ପାଣି, ଗୋସ୍ୱାମୀ ଅରୂପ ଦାସ, ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ଦାବି ନେଇ ରାଜରାସ୍ତାରେ ଶିକ୍ଷକଶିକ୍ଷୟିତ୍ରୀ

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ଠପ୍

କାମାକ୍ଷାନଗର,୮।୧୨(ସମିସ):



ଆଜିଠାରୁ ନାର୍ଯ୍ୟ ଦାବି ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ। ବିନା ଶିକ୍ଷକ, ଶିକ୍ଷୟିତ୍ରୀରେ ଶ୍ରେଣୀଗୃହ ଖାଁ ଖାଁ ରହୁଥିବାବେଳେ ପାଠପଢାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ। ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଖେଇ ଆସୁଥିବାବେଳେ ବିନା ଶିକ୍ଷକ, ଶିକ୍ଷୟିତ୍ରୀରେ କେମିତି ପାଠ ପଢିବେ, ସେ ନେଇ ଚିନ୍ତାରେ ଛାତ୍ରଛାତ୍ରୀ। ଶିକ୍ଷକ, ଶିକ୍ଷୟିତ୍ରୀ ଛୁଟିରେ ରହିବା ଫଳରେ କାମାକ୍ଷାନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ପରୀକ୍ଷା ପୂର୍ବରୁ କିପରି ପାଠ୍ୟକ୍ରମ ସାରିବେ, ସେ ନେଇ ଚିନ୍ତାରେ ଅଛନ୍ତି।

ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆଉମାତ୍ର ଦୁଇ ମାସ ଥିବାବେଳେ ଅନ୍ୟ ଶ୍ରେଣୀର ବାର୍ଷିକ ପରୀକ୍ଷାକୁ ଆଉ ମାତ୍ର ଦୁଇମାସ ବାକି ଅଛି। ଏଭଳି ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସାମୂହିକ ଛୁଟିରେ ରହିବା ଅଭିଭାବକଙ୍କ ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଛି। ତେବେ କାମାକ୍ଷାନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୫୦୦ରୁ ଊର୍ଦ୍ଧ୍ୱ ପିଲା ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବାବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଛୁଟିରେ ରହିବାକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ ମହାନ୍ତି ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିବା ଯୋଗୁଁ ସହଯୋଗୀ କର୍ମଚାରୀ ଓ ହାତଗଣତି ଠିକା ନିଯୁକ୍ତି ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟ ଚାଲିଥିବାବେଳେ ପରୀକ୍ଷା ସମୟରେ ପାଠ୍ୟକ୍ରମ ପୂର୍ଣ୍ଣାଙ୍ଗ କରିବା ଏକ ଆହ୍ୱାନ ଭାବେ ସୃଷ୍ଟି ହୋଇଥିବା ସେ କହିଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରି ଶିକ୍ଷକଶିକ୍ଷୟିତ୍ରୀଙ୍କ ସମସ୍ୟା ଓ ଦାବି ପୂରଣ ଦିଗରେ ତତ୍ପରତା ଦେଖାଇବାକୁ ଛାତ୍ରଛାତ୍ରୀଙ୍କଠାରୁ ଅଭିଭାବକ ପର୍ଯ୍ୟନ୍ତ ଦାବି କରିଛନ୍ତି। ୧୩ ଦଫା ଦାବି ନେଇ ସାରା ରାଜ୍ୟର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଆଜିଠାରୁ ସାମୂହିକ ଛୁଟି ନେବା ସହିତ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି।

## ମହାଲକ୍ଷ୍ମୀ ପୂଜା ଲଟେରୀ ଉଠାଣ



କିଶୋରନଗର, ୮।୧୨(ସମିସ): କିଶୋରନଗର କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅନୁଷ୍ଠିତ ମହାଲକ୍ଷ୍ମୀ ପୂଜାର ୨୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡାକ୍ତର ଅଲେଖ ପ୍ରଧାନ, ମୁଖ୍ୟବକ୍ତା ଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ ଦାଶ, କମିଟି ସଭାପତି ତାପସ ସାହୁ, ସମ୍ପାଦକ ଚନ୍ଦନ ସ୍ୱାଇଁ, ବରିଷ୍ଠ ସଦସ୍ୟ କୃପାସିନ୍ଧୁ ବିଶ୍ୱାଳ, ସରୋଜ ବିଶ୍ୱାଳ, ସାମ୍ବାଦିକ ତଥା କମିଟିର ବରିଷ୍ଠ ସଦସ୍ୟ ସଞ୍ଜୟ ଦାଶ, ରତ୍ନାକର ପ୍ରଧାନ ଯୋଗଦେଇ ଲଟେରୀ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଟୁନା ରାଉଳ ସଂଯୋଜନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ଅନୁଷ୍ଠିତ ହୋଇଥିଲା।

## ଅନୁଗୋଳ ଫୁଟବଲ ଲିଗ୍ ପାଇଁ ଅଣ୍ଟା ଭିଡ଼ିଲେ କ୍ରୀଡ଼ାପ୍ରେମୀ



ଅନୁଗୋଳ,୮ ।୧୨(ସମିସ): ଅନୁଗୋଳ ଭଳି ଶିଳ୍ପ ସମୃଦ୍ଧ ଜିଲ୍ଲାରେ ଯେଉଁ ଫୁଟବଲ ଖେଳ ବେଶ୍ ଲୋକପ୍ରିୟ ହୋଇପାରିଥିଲା, ତାହା ଏବେ ବୁଡ଼ିବାକୁ ବସିଥିବାରୁ ଅନୁଗୋଳର କିଛି କ୍ରୀଡ଼ାପ୍ରେମୀ ଉପଖଣ୍ଡ କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ଏକାଠି ହୋଇ ଫୁଟବଲ ଖେଳର ଉତ୍ଥାନ ପାଇଁ ଆଲୋଚନା କରିଥିଲେ। ଅନୁଗୋଳରେ ଫୁଟବଲ ଖେଳର ପ୍ରସାର କମିଯାଉଥିବାରୁ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲ୍ଲା କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ନୀଳମଣି ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କ୍ରୀଡ଼ା ସଂସଦ ସଦସ୍ୟ ରମେଶ ସାହୁ, କ୍ରୀଡ଼ା ସଂଗଠକ ମାନସ ସାମଲ, ବସନ୍ତ ଦାସ, ଶୁଭ୍ରାଂଶୁ ସାହୁ, ପଦିଆ ସାହୁ, ଶିବ ରାଉତ, ଯୁଧିଷ୍ଠିର ସେଠ ଓ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ବଇଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ନେଇ ବିଧାନସଭାରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ

ବଇଣ୍ଡା, ୮।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍ ବଇଣ୍ଡାଠାରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିର୍ମାଣ ବିଳମ୍ବ ହେଉଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଏ ନେଇ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ବିଧାନସଭାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ ଏ ନେଇ ରାଜ୍ୟ ସରକାରଙ୍କୁ ବଇଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ସମ୍ପର୍କରେ ପ୍ରଶ୍ନ କରିବା ସହ କିପରି ଶୀଘ୍ର ହୋଇପାରିବ, ସେ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ କହିଥିଲେ, ବଇଣ୍ଡାରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିର୍ମାଣ ହେଉନାହିଁ। ଯାହାକି ବହୁ ଅଧିକାରୀ ହଇରାଣ ହେଉଛନ୍ତି। ପୂର୍ତ୍ତ ବିଭାଗକୁ ଜମି ଯୋଗାଇ ଦିଆଯାଇଥିବାବେଳେ ବିଭାଗର ବିଳମ୍ବକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି, ବଇଣ୍ଡାଠାରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିର୍ମାଣ ପାଇଁ ରାଜ୍ୟ ସରକାର ଚୁକ୍ତିନାମା କରିଛନ୍ତି। ଶୀଘ୍ର ନିର୍ମାଣ କରିବା ପାଇଁ ଠିକାଦାର ଓ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତାବର୍ଷ ମେ' ମାସ ସୁଧା ଉକ୍ତ ବଙ୍ଗଳା କାମ ଶେଷ କରିବାକୁ ଚୁକ୍ତିନାମା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

## ଜିଲ୍ଲାରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଶୁଭାରମ୍ଭ




ଅନୁଗୋଳ,୮।୧୨(ସମିସ): ସ୍ଥାନୀୟ ଅନୁଗୋଳ ଉଚ୍ଚବିଦ୍ୟାଳୟରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କିତ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ଗୋଷ୍ଠୀସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଚିକିତ୍ସାଳୟ ମୁଖ୍ୟ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମଦନମୋହନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ପରମେଶ୍ୱର ଜେନା, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ ସାହୁ, ଅନୁଗୋଳ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋକ ପ୍ରଧାନ, ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଅଧିକାରୀ ରବିନାରାୟଣ ବେହେରା, ଅନୁଗୋଳ ଜିଲ୍ଲା ଚିକିତ୍ସାଳୟର ଚକ୍ଷୁଅଧିକାରୀ ଶ୍ରୀମତୀ କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ସହରସ୍ଥ ବିଦ୍ୟାଳୟରୁ ୨୪୦ ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇ ୮୦ ଜଣଙ୍କ ନିମନ୍ତେ ଚଷମା, ଜଣେ ଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ସୁପାରିସ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂସାର ଭୋଇ, ଗୋଷ୍ଠୀ ସାଧନ କର୍ମୀ ରଘୁନାଥ ବାରିକ ଓ ପତିତପାବନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏଭଳି ୪୪ଟି ଅନୁରୂପ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଜିଲ୍ଲାରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ଆଜି ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୩ ତାରିଖ ପର୍ଯ୍ୟନ୍ତ ୩ଟି ସ୍ଥାନରେ ଆୟୋଜିତ ହେବ। କିଶୋରନଗର ବ୍ଲକ ପାଇଁ ଚଳିତ ମାସ ୯ରୁ ଫେବୃଆରୀ ୯ ତାରିଖ ମଧ୍ୟରେ ୫ଟି ସ୍ଥାନରେ, ବନରପାଳ ବ୍ଲକ୍‌ରେ ୧୧ ତାରିଖରୁ ଫେବୃଆରୀ ୧୬ ତାରିଖ ମଧ୍ୟରେ ୮ ଟି ସ୍ଥାନରେ, ପାଲଲହଡା ବ୍ଲକ୍‌ରେ ୧୨ ତାରିଖରୁ ଜାନୁଆରୀ ୩୦ ତାରିଖ ମଧ୍ୟରେ ୬ଟି ସ୍ଥାନରେ, କଣିହା ବ୍ଲକ୍‌ରେ ୧୬ ତାରିଖରୁ ଜାନୁଆରୀ ୨୨ ତାରିଖ ମଧ୍ୟରେ ୪ଟି ସ୍ଥାନରେ, ତାଳଚେର ବ୍ଲକ୍‌ରେ ୧୫ରୁ ଜାନୁଆରୀ ୧୯ ତାରିଖ ମଧ୍ୟରେ ୩ଟି ସ୍ଥାନରେ, ଛେଣ୍ଡିପଦା ବ୍ଲକ୍‌ରେ ୧୭ରୁ ଫେବୃଆରୀ ୧୦ ତାରିଖ ମଧ୍ୟରେ ୫ଟି ସ୍ଥାନରେ ଅନୁଷ୍ଠିତ ହେବ।

## ସହିଦ ରାଣା ପ୍ରତାପଙ୍କୁ ଶ୍ରଦ୍ଧାଞ୍ଜଳି



ତାଳଚେର,୮।୧୨(ସମିସ): ତାଳଚେର ମାଟିର ବୀରପୁତ୍ର ରାଣା ପ୍ରତାପ ଦାସ ଗତ ୮।୧୨।୨୦୨୧ରେ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଆଜି ଚତୁର୍ଥ ବାର୍ଷିକ ତିରୋଧାନ ଦିବସରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପ୍ରତିମୂର୍ତ୍ତିରେ ପୂର୍ବତନ ସାଂସଦ ମହେଶ ସାହୁ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିବା ସହ ସୈନିକର ବଳିଦାନ, ତ୍ୟାଗ ଜନ୍ମ ମାଟି ପାଇଁ ଅବିସ୍ମରଣୀୟ ବୋଲି କହିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ମାତୃଭୂମିର ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ରାଣା ପ୍ରତାପକୁ ମନେ ପକାଇ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହିତ ସହିଦ ପରିବାରବର୍ଗ ବାପା ଶ୍ରୀବତ୍ସ ଦାସ, ପିଉସୀ ଶୋଭାଗିନୀ ଦେବୀ ଯୋଗଦେଇ ରାଣା ପ୍ରତାପଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୀବନର ସର୍ବୋଚ ବଳିଦାନ ହେଲା ସହିଦ ପାଲଟିବା। ତାହା ରାଣା ପ୍ରତାପଙ୍କ ଭାଗ୍ୟରେ ଘଟିଥିଲା। ତାଳଚେରଠାରେ ଏକ ସହିଦ ଭବନ ନିର୍ମାଣ ସହ ଏକ ସ୍ମୃତି କମିଟି ଗଠନ କରି ତାଳଚେରର ଭବିଷ୍ୟତ ପିଢ଼ି ଯେଉଁମାନେ ଶିକ୍ଷା ସହିତ ଖେଳକୁଦରେ ଉତ୍କୃଷ୍ଟ ସ୍ଥାନ ଗ୍ରହଣ କରିବେ, ସେମାନଙ୍କୁ ରାଣା ପ୍ରତାପଙ୍କ ନାମରେ ଟ୍ରଫି ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ରହିଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ତାଳଚେର ଓକିଲ ସଂଘ ସଭାପତି ସନ୍ତୋଷ ସାହୁ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଓକିଲ ଗିରିଜା ମିଶ୍ର, ବାଉରୀବନ୍ଧୁ ବେଜ, ସର୍ଦ୍ଦାର ରାଜେନ୍ଦ୍ର ସିଂ, ଇଂ ରମେଶ ବେହେରା, ସମାଜସେବୀ କ୍ଷୀରୋଦ ସାହୁ, ଜ୍ୟୋତି ରଞ୍ଜନ ଦାସ, ସାମ୍ବାଦିକ ତପନ ମହାରଣା, ପ୍ରିୟମାଧବ ଦାସ, ଗିରିଶ ସାମଲ, ଭାଗ୍ୟରଥି ମହାପାତ୍ର, ପ୍ରଦୀପ ମହାରଣା, ଜିତେନ୍ଦ୍ର ମହାପାତ୍ର, କୁଶ ବିହାର ସାମଲ, ଶିତିକାନ୍ତ ବାରିକ, ସୁଲେଖ ସେଠୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

## ୧୯ ଦଫା ଦାବିରେ ଏସ୍‌ୟୁସିଆଇ ପକ୍ଷରୁ ଆନ୍ଦୋଳନ



କାମାକ୍ଷାନଗର,୮।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ମଧ୍ୟାହ୍ନରେ ୧୯ ଦଫା ଦାବିନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଶତାଧିକ କର୍ମୀ ହାତରେ ପ୍ଲାକାର୍ଡ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସଭା କରିଥିଲେ। କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ପରୀକ୍ଷା ପାଇଁ ଉପଯୁକ୍ତ ମେସିନ ଯୋଗାଣ, ସମସ୍ତ ବଡ଼ ଚିକିତ୍ସାଳୟ ଭଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସହାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡା ଇଞ୍ଜେକସନ ଯୋଗାଣ, ପ୍ରତ୍ୟେକ ବ୍ଲକ୍‌ରେ ଶୀତଳଭଣ୍ଡାର ନିର୍ମାଣ ଆଦି ୧୯ ଦଫା ଦାବି ନେଇ ବିକ୍ଷୋଭ କରିଥିଲେ। ଚୈତନ୍ୟ ମହାରଣାଙ୍କ ନେତୃତ୍ୱରେ ଜୟରାମ ମୁର୍ମୁ, ସୁବଳ ସର୍ଦ୍ଦାର, ରାମଚନ୍ଦ୍ର ହେମ୍ବ୍ରମ ଜୁଝାର ସୋରେନ, ଯମୁନା ସର୍ଦ୍ଦାର, ହରିହର ହାଁସଦା, ତୁମର କାଣ୍ଡାଘେଲେ, ରଘୁନାଥ ସୋରେନ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଧଉରାପାଲ୍ଲୀ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର, ୮।୧୨(ସମିସ): କିଶୋରନଗର ବ୍ଲକ୍ ଧଉରାପାଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ଦିଲ୍ଲୀପ ପ୍ରଧାନ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଧଉରାପାଲ୍ଲୀ ଗ୍ରାମର ସଞ୍ଜୟ ପ୍ରଧାନ କିଶୋରନଗର କଲେଜ ଛକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା ଓ ସାପ୍ତାହିକ ହାଟରୁ ବିନା ରସିଦରେ ଦୋକାନୀଙ୍କଠାରୁ ଫି ଆଦାୟ କରାଯାଉଥିବା ଅଭିଯୋଗ କରିଥିଲେ। ବିଏସଏସଓ ଝସକେତନ ସାହୁ, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବ୍ଲକ କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରୀ, ପିଇଓ ଅରବିନ୍ଦ ଭୁକ୍ତା, ଏଡିଇଓ ଭରତ ବଡ଼ମାଳୀଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଯୋଗ ଦେଇଥିଲେ।



## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

ଅନୁଗୋଳ,୮।୧୨(ସମିସ): ଆଜି ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ମୋଟ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବଲୋଚନ ପଣ୍ଡା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ଆଠମଲ୍ଲିକ ତହସିଲଦାର ପ୍ରସନ୍ନ ଟେଙ୍ଗେ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ୍, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।




## ବଢୁଛି ଚୋରାମଦ ବିକ୍ରି, ଚଢ଼ଉ ହେଉନି

ବଇଣ୍ଡ,୮ ।୧୨(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା କୁର୍ଡିବାସପୁର, ଆମ୍ବସରମୁଣ୍ଡା, ଠାକୁରଗଡ଼, ସାନହୁଲା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛିଦିନ ହେବ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ଅବାଧ ଚୋରା କାରବାର କରାଯାଉଥିବାବେଳେ ସଠିକ୍ ଭାବେ ଚଢ଼ଉ କରାଯାଉ ନ ଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଗ୍ରାମରେ ଥିବା ତେଜରାତି ଦୋକାନ, ଝୁମୁଡି ହୋଟେଲ ଓ କିଛି ପାନ ଦୋକାନରେ ଅବାଧ ମଦ ବିକ୍ରି କରାଯାଉଛି। ଦୋକାନରେ ଫ୍ରିଜ୍ ରଖି ଏହି ବ୍ୟବସାୟ କରାଯାଉଥିବାବେଳେ ଅବକାରୀ କିମ୍ବା ସ୍ଥାନୀୟ ପୁଲିସ ଚଢଉ କରୁ ନ ଥିବାରୁ ନିରାପଦରେ ଚୋରାମଦ ବିକ୍ରି କରାଯାଉଛି। ଏହି ମଦ କାରବାର ଯୋଗୁଁ ବିଭିନ୍ନ ଗ୍ରାମରେ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଚୋରାମଦ ବ୍ୟବସାୟୀ ସ୍ଥାନୀୟ ପୁଲିସକୁ ମାସିକିଆ ହାତଗୁଞ୍ଜା ଦେଇ ଏହି ମଦ କାରବାର କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଜିଲ୍ଲା କାର୍ଯ୍ୟାଳୟରେ ଜନଶୁଣାଣି ଶିବିର




ଅନୁଗୋଳ, ୮।୧୨(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରେ ୩୭ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ଥିଲା। ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୭ ହଜାର ୫୦୦ ଟଙ୍କା ଓ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ସରକାରୀ କାର୍ଯ୍ୟାଳୟରେ କେମିତି ଚାଲିଛି କାମ, କିଏ କରିବ ତା'ର ସମୀକ୍ଷା

# ଲୋକେ ବିଭିନ୍ନ ସମସ୍ୟାରେ ଛନ୍ଦି ହେଉଥିଲେ ହେଁ ହେଉନି ସମାଧାନ

ତାଳଚେର, ୮।୧୨(ସମିସ):

ତାଳଚେର ଉପଖଣ୍ଡରେ ଥାନାଠାରୁ ଆରମ୍ଭ କରି ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ, ଆରଆଇ, ଏନଏଚଆଇ ବିଭାଗ, ପିଡବ୍ଲ୍ୟୁଡି, ପିଏଚଡି, ଆରଡବ୍ଲୁଏସ୍‌ଏସ୍, ବ୍ଲକ, ଶ୍ରମ ବିଭାଗ, ବିଇଓ, ବନ ବିଭାଗ, ରେଙ୍ଗାଲୀ ଦକ୍ଷିଣ କେନାଲ, ଭୂଅର୍ଜନ, ଅବକାରୀ ବିଭାଗ, ଯୋଗାଣ ବିଭାଗ, ଆରଡି, ଭେଟନାରୀ, ଆରଏମଏସି ସମେତ ତାଳଚେର ପୌରାଞ୍ଚଳର ପୌର କାର୍ଯ୍ୟାଳୟ ଇତ୍ୟାଦିରେ ନିୟମିତ କେଉଁ ପରିମାଣରେ କାର୍ଯ୍ୟ ହେଉଛି ନା ଲୋକେ କେତେ ଉପକୃତ ହେଉଛନ୍ତି, ତାହାର ସମୀକ୍ଷା କରିବ କିଏ? ଯଦି ଗଣମାଧ୍ୟମ ପ୍ରତିନିଧିଙ୍କ କିଛି ଦାୟିତ୍ୱ ଲୋକଙ୍କ ପାଇଁ ରହିଛି, ତେବେ ଏ ସମ୍ପର୍କରେ ସମ୍ପୃକ୍ତ ବାବୁଙ୍କୁ କିଛି ପଚାରିଲେ ସେମାନେ ନାଲିଆଖି ଦେଖାଇବା ସହ ସେଭଳି କିଛି ସନ୍ତୋଷଜନକ ଉତ୍ତର ପ୍ରଦାନ କରୁଥିବା ଦୃଷ୍ଟିକୁ ଆସୁନାହିଁ। ଏହାର ମୁଖ୍ୟକାରଣ ଜିଲ୍ଲା ପ୍ରଶାସସନଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଗୋଟିଏ ନୌକାରେ ନାବିକ ହୋଇଥିବାବେଳେ ଲୋକଙ୍କ ଅଭିଯୋଗ ଶୁଣିବା ତ ଦୂରର କଥା ଗଣମାଧ୍ୟମ ପ୍ରତିନିଧିଙ୍କ କଥା ପଚାରେ କିଏ? ଏହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ଏହାର ଉଦାହରଣ ନିଆଯାଇପାରେ ତାଳଚେର ତହସିଲ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଲୋକେ ଖର୍ଚ୍ଚାନ୍ତ ହୋଇ ଆସିଥା'ନ୍ତି। ମାତ୍ର ସେମାନଙ୍କର କାର୍ଯ୍ୟ କେତେ ଦିନ ଓ କେତେ ଟଙ୍କା ହାତଗୁଞ୍ଜା ଦେଲେ ହୋଇଥାଏ ତାହା ଭୁକ୍ତଭୋଗୀ ହିଁ କହିବ। ବିଭିନ୍ନ ଜମିଜମା ସଂକ୍ରାନ୍ତ, ଗଣ୍ଡାଗୋଳ, ଚୋରୀ ବିଭିନ୍ନ ମାମଲା ନେଇ ସର୍ବସାଧାରଣ ଲୋକଟିଏ ଥାନା ବାବୁଙ୍କୁ ଭରଷା କରି ଦୌଡ଼ି ଆସିଥାଏ। ମାତ୍ର ସେମାନେ ଥାନାରୁ କେତେ ନ୍ୟାୟ ଓ ବ୍ୟବହାର ପାଇଥା'ନ୍ତି ତାହା ଚର୍ଚ୍ଚାର ମୁଖ୍ୟବିନ୍ଦୁ ପାଲଟିଥାଏ। ସରକାର ସ୍ୱଚ୍ଛଶାସନ ଯୋଗାଇଦେବା ନେଇ କହି ଡିଣ୍ଡିମ ପିଟି ଆସୁଥିବାବେଳେ ଏହାର ବାସ୍ତବ ଚିତ୍ର ସମୀକ୍ଷା କରିବ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ତାଳଚେର ତାଳବେଡ଼ା ଗ୍ରାମଠାରୁ ଆରମ୍ଭ କରି ବ୍ଲକ୍ ପର୍ଯ୍ୟନ୍ତ ୧୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣକୁ ନେଇ ଏନଏଚଆଇ କାର୍ଯ୍ୟାଳୟ ପକ୍ଷରୁ ଏବେ ୭ରୁ ୮ଦିନ ମଧ୍ୟରେ ଘର ଛାଡ଼ିବା ପାଇଁ ଡାକବାଜି ଯନ୍ତ୍ର ଓ ନୋଟିସ୍ ମାଧ୍ୟମରେ ତାଗିଦ୍ କରାଯାଉଛି। ୧୪୯ ନମ୍ବର ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରିବା ନେଇ ପୂର୍ବରୁ ଯେଉଁ ସର୍ଭେ କରାଯାଇଛି ତାହା କେତେ ସଠିକ ତାହା ତଦନ୍ତ ସାପେକ୍ଷ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ତାଳଚେର ଏନଏଚଆଇ ବିଭାଗର ଜମି ଅଧିଗ୍ରହଣ ସଂକ୍ରାନ୍ତରେ। କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାଟି ତା'ର କେତେ ନ୍ୟାୟ ପାଉଛି ଓ କିଭଳି ନ୍ୟାୟ ଦିଆଯାଉଛି ତାହା ଅଫିସରେ ରହିଥିବା ମାଳମାଳ ଅଭିଯୋଗ ପତ୍ର ଓ କୋର୍ଟରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ମମାଲାରୁ ହିଁ ସ୍ୱଷ୍ଟ ପ୍ରମାଣିତ। ଏହି ଜମି ଅଧିଗ୍ରହଣ ପାଇଁ ତହସିଲ କାର୍ଯ୍ୟାଳୟ ମୁଖ୍ୟ ହୋଇଥିବାବେଳେ ତହସିଲ ବାବୁ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କେତେ ନ୍ୟାୟ ପ୍ରଦାନ କରୁଛନ୍ତି ତାହା ଜଣେ କ୍ଷତିଗ୍ରସ୍ତ ପ୍ରଜା ହିଁ କହିପାରିବ ଓ ଏପରି ସ୍ଥଳେ କିପରି ଏତେ କମ ଦିନ ମଧ୍ୟରେ ଘରଛାଡ଼ି ଯିବା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏଭଳି ଏକାଧିକ ଘଟଣା ଦେଖାଦେଇଛି ଏନଏଚଆଇ ଜମି ଅଧିଗ୍ରହଣ କରୁଥିବା କଣ୍ଟାଳ ପଞ୍ଚାୟତ ଅନ୍ତର୍ଗତ ତାଳବେଡ଼ା ଗ୍ରାମରେ।

ତାଳବେଡ଼ା ଦେଶକୋଟରେ କିଛି ଜମି ଏନଏଚଆଇରେ ଅଧିଗ୍ରହଣ ହୋଇ ଏହାର ଦୁଇ ଦୁଇଥର ନୋଟିସ୍ ଜାରି ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏହି କ୍ଷତିପୂରଣ ରାଶି ଏନଏଚଆଇ ପକ୍ଷରୁ ଗ୍ରହଣ କରିବା ନେଇ ଏକ ସଂଘ ଗଠନ ପରେ କ୍ଷତିପୂରଣ ଟଙ୍କା ମିଳିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଗ୍ରାମବାସୀ ନୂତନ ସଂଘ ଗଠନ କରିବା ପାଇଁ ଆବଶ୍ୟକ କାଗଜପତ୍ର ନେଇ ବ୍ଲକ କାର୍ଯ୍ୟାଳୟକୁ ପଞ୍ଜିକରଣ ନିମନ୍ତେ ଦାଖଲ କରିବା ପାଇଁ ଗଲେ ସମାଜ ମଙ୍ଗଳ ଅଧିକାରୀ ଓ ବିଡିଓ କୁହନ୍ତି, ବ୍ୟାଙ୍କ ପାସ୍‌ବୁକ୍ କରିଲେ ସଂଘ ପଞ୍ଜିକରଣ ହୋଇପାରିବ। ଅପରପକ୍ଷେ ବ୍ୟାଙ୍କକୁ ପାସ୍ ବୁକ୍ ଖୋଲିବାକୁ ଗଲେ ଦାୟିତ୍ୱରେ ଥିବା ଅଧିକାରୀ କୁହନ୍ତି ଯାଅ ତମେ ସଂଘ ପଞ୍ଜିକରଣ କରିଲା ପରେ ଆମେ ବ୍ୟାଙ୍କରେ ପାସ୍ ବୁକ୍ ଖୋଲିବୁ। ଏପରିସ୍ଥଳେ କ୍ଷତିଗ୍ରସ୍ତ ପ୍ରଜା କିପରି ନ୍ୟାୟ ପାଇବେ, ଏଥିରୁ ସରକାରୀ ବାବୁଙ୍କ କାର୍ଯ୍ୟଦକ୍ଷତା ଓ ସରକାରଙ୍କ ନିୟମାବଳୀ ସନ୍ଦେହ ଘେରକୁ ଟାଣି ନେଉଛି। ତେଣୁ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ଟାଟାପାୱାରର ଖାଉଟି ଶୋଷଣକୁ ପ୍ରତିବାଦ

# ଆନ୍ଦୋଳନ ପାଇଁ ଉପଭୋକ୍ତା ପରିଷଦର ଆହ୍ୱାନ

ଯାଜପୁର,୮।୧୨(ସମିସ): ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସୁରକ୍ଷା ଜମା ସଂଗ୍ରହ ନିଷ୍ପତିକୁ ବିରୋଧ କରିଛି ଉତ୍ତର ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ପରିଷଦ। ପରୀକ୍ଷାମୂଳକ ଭାବେ ଟାଟାପାୱାର ପକ୍ଷରୁ ରାଜ୍ୟର କେନ୍ଦ୍ରାଞ୍ଚଳରେ ଅତିରିକ୍ତ ସୁରକ୍ଷା ଜମା ସଂଗ୍ରହ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନ୍ୟ ତିନୋଟି ଜୋନରେ ମଧ ଏହାକୁ ଲାଗୁ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି। ଯେତେବେଳେ ଗତ ଚାରିବର୍ଷ ଧରି ବିଦ୍ୟୁତ୍ ଦର ବୃଦ୍ଧି ହୋଇନାହିଁ, ଅତିରିକ୍ତ ସୁରକ୍ଷା ଜମାର ପ୍ରଶ୍ନ ଉଠେନା। ବରଂ ହିସାବକିତାବରେ ତଞ୍ଚକତା କରି ଟାଟା ପାୱାରର ଚାରୋଟି ଯାକ ବିଦ୍ୟୁତ୍ ବିତରକ କମ୍ପାନୀ ଉପଭୋକ୍ତାଙ୍କ ପାଖରୁ କୋଟି କୋଟି ଟଙ୍କା ଲୁଟ୍ କରିଛନ୍ତି। ସୁରକ୍ଷା ଜମା ଧାର୍ଯ୍ୟ କଲାବେଳେ ୧୨ମାସ ବଦଳରେ ୧୩ମାସର ବିଲ୍‌କୁ ମିଶାଇ ସେଥିରୁ ଦୁଇମାସର ହାରାହାରି ବାହାର କରାଯାଇ ଏହି ତଞ୍ଚକତା କରାଯାଇଛି। ଟାଟା ପାୱାରର ଖାଉଟି ଲୁଣ୍ଠନ କାରବାର ବିଦ୍ୟୁତ୍ ନିୟାମକ ଆୟୋଗ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଥିଲେ ମଧ ସେମାନେ ଏହାର ପ୍ରତିକାର କରିନାହାଁନ୍ତି କିମ୍ବା ବିଦ୍ୟୁତ୍ ଗ୍ରାହକମାନଙ୍କ ପାଖରୁ ଅନ୍ୟାୟ ଭାବେ ଅସୁଲ କରାଯାଇଥିବା ଅର୍ଥ ସେମାନଙ୍କୁ ଫେରସ୍ତ ପାଇଁ କୌଣସି ପଦକ୍ଷେପ ନେଇନାହାଁନ୍ତି। ଉତ୍ତର ଓଡ଼ିଶା ଜୋନ୍‌ରେ ଅତିରିକ୍ତ ସୁରକ୍ଷା ଜମା ଲାଗୁ ନ କରିବା ପାଇଁ ଓ ଗତବର୍ଷ ଠକାମୀ ଜରିଆରେ ଗ୍ରାହକମାନଙ୍କ ପାଖରୁ ଅସୁଲ କରାଯାଇଥିବା ଅର୍ଥ ସେମାନଙ୍କୁ ଫେରସ୍ତ ଦେବା ପାଇଁ ଉତ୍ତର ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ପରିଷଦ ପକ୍ଷରୁ ଦାବି କରାଯାଇଛି। ପରିଷଦର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ଆବାହକ ସନ୍ତୋଷ ଦାସଙ୍କ ସମେତ ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ଶିଶିର ହୁଇ, ନିର୍ମଳ ନାୟକ, ମୃତ୍ୟୁଞ୍ଜୟ ବେହେରା, ଦୈତାରୀ ଆପଟ, ଦିବ୍ୟସିଂହ ନାୟକ, ପ୍ରହ୍ଲାଦ ପତି, ଅଗଣି ଜେନା, ପ୍ରଫୁଲ୍ଲ ନାୟକ ଓ ସଦାଶିବ ଦାଶ ପ୍ରମୁଖ ଟାଟା ପାୱାରର ଖାଉଟି ଲୁଣ୍ଠନ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ପଞ୍ଚାୟତସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର



ଧର୍ମଶାଳା,୮।୧୨(ସମିସ): ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ମିର୍ଜାପୁର ଓ ପାଟପୁର ପଞ୍ଚାୟତ ପାଇଁ ମିର୍ଜାପୁର ପଞ୍ଚାୟତ କାର୍ଯ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ହାଇଟେକ୍ ମେଡିକାଲର ଡାକ୍ତର, ବିଶେଷଜ୍ଞ ଓ କର୍ମଚାରୀମାନେ ଯୋଗଦେଇ ରୋଗୀମାନଙ୍କ ପରୀକ୍ଷା କରିବା ସହ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ୭୩୯ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଷେଶ କରି ଏହି ଶିବିରରେ ଚର୍ମ, ଉଚ୍ଚ ରକ୍ତଚାପ, ମଧୁମେୟ ରୋଗୀମାନେ ଆସି ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗତ ୫ ତାରିଖରୁ ଶୁଭାରମ୍ଭ ହୋଇଥିବା ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଆସନ୍ତା ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରକୁ ଯୁବ ସଙ୍ଗଠକ ରାଜେଶ ପାଳ, ଆୟୁଷ୍ମାନ ପ୍ରିୟଦର୍ଶୀ, ବିଜେପି କର୍ମୀ ସଂଗ୍ରାମ କେଶରୀ ସାମଲ, ଜାରକା ବିଜେପି ମଣ୍ଡଳ ସଭାପତି ଦେବଦତ ପଣ୍ଡା, କୋଟପୁର ବିଜେପି ମଣ୍ଡଳ ସଭପତି ପ୍ରଶାନ୍ତ ନାୟକ, ପଞ୍ଚାୟତ ପ୍ରଭାରୀ ଗୌରାଙ୍ଗ ପୃଷ୍ଟି, ବିଜେପି କର୍ମକର୍ତ୍ତା ବଦ୍ରିନାରାୟଣ ଜେନା, ମିର୍ଜାପୁର ସରପଞ୍ଚ ପ୍ରଶାନ୍ତ ଦାସ ଓ ସମିତିସଭ୍ୟା ସ୍ମିତା ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

## ଗୁରୁକୁଳ ପବ୍ଲିକ ସ୍କୁଲରେ ଭଲିବଲ୍ ପ୍ରତିଯୋଗିତା

ଧର୍ମଶାଳା,୮।୧୨(ସମିସ): ଧର୍ମଶାଳା ବ୍ଲକ ହରିଦାସପୁର ସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲଠାରେ ସହୋଦୟ ଆନ୍ତଃବିଦ୍ୟାଳୟ ଭଲିବଲ୍ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ନାୟକ ଯୋଗ ଦେଇଥିଲେ। ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ଅଭୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଭଲିବଲ୍ ପ୍ରତିଯୋଗିତାରେ ସମୁଦାୟ ୭ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଶେଷରେ ବ୍ୟାସନଗର ପବ୍ଲିକ ସ୍କୁଲ ଓ ଗୁରୁକୁଳ ପବ୍ଲିକ ସ୍କୁଲ ମଧ୍ୟରେ ଏକ ଚିତ୍ତାକର୍ଷକ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବ୍ୟାସନଗର ପବ୍ଲିକ ସ୍କୁଲ ଚାମ୍ପିଅନ ହୋଇଥିବା ବେଳେ ଗୁରୁକୁଳ ପବ୍ଲିକ ସ୍କୁଲ୍ ରନର୍ସ ଅପ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ୟାସନଗର ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ଅଧକ୍ଷା ଦେବସ୍ମିତା ସାହୁ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ହି ଅନୁଷ୍ଠାନର ଖେଳଶିକ୍ଷକ ପଲଟୁ କୁମାର ପାଲ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସ୍କୁଲର ପ୍ରଶାନ୍ତ କୁମାର ପଣ୍ଡା ଉଦଯାପନୀ ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଇଓଙ୍କ ବିରୋଧରେ ଭତ୍ତା ଟଙ୍କା ହଡ଼ପ୍ ଅଭିଯୋଗ



ମଙ୍ଗଳପୁର,୮।୧୨(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ପିଇଓଙ୍କ ବିରୁଦ୍ଧରେ ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡପ୍ କରାଯାଇଥିବା ଅଭିଯୋଗ କରାଯାଇଛି। ଦଶରଥପୁର ବ୍ଲକର ସମ୍ମିଳନୀ ଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ରେ ପିଇଓ ଟିପ ମାରି କିଛି ହିତାଧିକାରୀଙ୍କ ଭତ୍ତା ହଡପ୍ କରୁଥିବା ଅଭିଯୋଗ କରାଯାଇଥିଲା। ଏଥି ସହିତ ବହୁ ପୁରୁଣା ଘର ଫଟୋ ଉଠାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଫଲ୍ସ ବିଲ କରୁଥିବାର ଅଭିଯୋଗ ଆସିଛି। ତଦନ୍ତ କରି ପିଇଓ ବିରୋଧରେ ଦଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଇଂ. ତିମିର କାନ୍ତ ସେନାପତି, ଭବାନୀ ଶଙ୍କର ଦାସ, ବିଜୟ ଦାସ, ଅନୁପ ପୃଷ୍ଟି, ସୁରେଶ ଚନ୍ଦ୍ର ପୃଷ୍ଟି, ସଚ୍ଚିଦାନନ୍ଦ ଦାସ, ପ୍ରାକ୍ତନ ସରପଞ୍ଚ ଜୟଶ୍ରୀ ଦାସ, ନରେଶ ରାଉତ, ନିହାର ରଞ୍ଜନ ସାମଲ ପ୍ରମୁଖଙ୍କ ସମେତ ପଞ୍ଚାୟତର ଶତାଧିକ ଜନସାଧାରଣ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏଭଳି ଅଭିଯୋଗ ଶୁଣିବା ପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ନିଶା କାରବାର ରୋକିବାକୁ ସଚିବଙ୍କୁ ଅଭିଯୋଗ

ଯାଜପୁର,୮।୧୨(ସମିସ): ଯାଜପୁର ଜିଲ୍ଲାରେ ବ୍ୟାପକ ନିଶା କାରବାର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସାମ୍ବାଦିକ ତଥା ସମାଜସେବୀ ସବ୍ୟସାଚୀ ସାହୁ ଜିଲ୍ଲାସ୍ତରରେ ଅଭିଯୋଗ କରିବା ପରେ ଏବେ ଲୋକସେବା ଭବନର ଅବକାରୀ ବିଭାଗ ଦପ୍ତରରେ ଅଭିଯୋଗ ଆଣିଛନ୍ତି। ଅବକାରୀ ବିଭାଗର ଚଢ଼ଉ ଠିକଣା ଢଙ୍ଗରେ ହେଉନଥିବାରୁ ଚୋରା ନିଶା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଯାହାର ସୁଯୋଗ ନେଇ ଗାଁ ଗାଁରେ ନିଯୁକ୍ତ କୋଚିଆ ମାନେ ଅବକାରୀ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ନିଜର ବ୍ୟବସାୟ ଚଳାଇ ଆସୁଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଯାଜପୁର ଅବକାରୀ ଅଧିକ୍ଷକ ନ ମାନିବା, ସିଜର ମଦକୁ ବେଆଇନ୍ ଭାବେ ବିକିବା, ଜିଲ୍ଲାରେ ନିଶାଡ଼ିଙ୍କ ସଂଖ୍ୟା ବୃଦ୍ଧି, ନିଶାଦ୍ରବ୍ୟର ବହୁଳ ବ୍ୟବହାର ଆଦି ସମସ୍ୟାକୁ ନେଇ ଯାଜପୁର ଜିଲ୍ଲାର ସାମାଜିକ କର୍ମୀ ତଥା ସାମ୍ବାଦିକ ସବ୍ୟସାଚୀ ସାହୁ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମାଙ୍କୁ ରାଜ୍ୟ ଲୋକସଭା ଭବନରେ ସୋମବାର ଭେଟ କରି ବିସ୍ତୃତ ଆଲୋଚନା କରିବା ସହ ସମସ୍ତ ତଥ୍ୟ ଭିତ୍ତିକ ଦସ୍ତାବିଜ ଉପସ୍ଥାପନା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ଶର୍ମା ସମସ୍ତ କାଗଜପତ୍ର ଦେଖିବା ପରେ ତଦନ୍ତ କରାଯାଇ ନିଶ୍ଚୟ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବାର ଶ୍ରୀ ସାହୁ ଗଣମାଧ୍ୟମକୁ କହିଛନ୍ତି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା




ମଙ୍ଗଳପୁର,୮।୧୨(ସମିସ): ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ମହାନ୍ତିଙ୍କ ପିତା ଶଶିଭୂଷଣ ମହାନ୍ତିଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ଦଉପୁର ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଅକ୍ଷୟ ମହାନ୍ତି, ଦଶରଥପୁର ବ୍ଲକ ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ବରିଷ୍ଠ ସମାଜସେବୀ ବିକ୍ରମ ରାଉତ, ଦଉପୁର ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ସମାଜସେବା କର୍ଣ୍ଣାଟ କେଶରୀ ଦାସ, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବିରୁହାଁ ପଞ୍ଚାୟତ ସରପଞ୍ଚ ସୁବାସ ଦେବତା, ଧାମନଗର ବ୍ଲକ ଅଧକ୍ଷ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ସମାଜସେବୀଙ୍କ ପରଲୋକ



ପାଣିକୋଇଲି,୮।୧୨(ସମିସ): ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭ୍ୟ, ପ୍ରଥମ ସମ୍ପାଦକ ତଥା ଲିଙ୍ଗେଶ୍ୱର ଉନ୍ନୟନ କମିଟିର ପୂର୍ବତନ ସଭାପତି ସମାଜସେବୀ ଦାମୋଦର ଧଳ (୭୬)ଙ୍କର ଆଜି ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଯାଇଛି। ଶ୍ରୀଧଳ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଏକ ବାଇକରେ ଆସୁଥିବା ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ନେରଡା ଗ୍ରାମର ବିକାଶ ବିନ୍ଧାଣୀ ତାଙ୍କୁ ବ୍ରଜନଗର ଗ୍ରାମ ନିକଟରେ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଂଗେ ସଂଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସିତ ଅବସ୍ଥାରେ ଦିନ ୧୧ଟା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ପରେ ଏକ ମାମଲା ୩୯୨/୨୫ ରୁଜୁ କରାଯିବା ସହ ତଦନ୍ତାଧିକାରୀ ଏସ୍ଆଇ ସୁମିତ କୁଜୁର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପଞ୍ଚନାମା କରାଇ ମରଶରୀରକୁ ପରିବାରକୁ ହସ୍ତାନ୍ତର କରିଛନ୍ତି। ତାଙ୍କ ମରଶରୀରକୁ ଲିଙ୍ଗେଶ୍ୱର ଶ୍ମଶାନ ଘାଟକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇଥିବା ବେଳେ ବଡ଼ପୁଅ ସଂଗ୍ରାମ କେଶରୀ ଧଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବାସଭବନରେ ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ପୂର୍ବତନ କୋରେଇ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ଅଶୋକ କୁମାର ବଳ, କୋରେଇ ବିଧାୟକ ଆକାଶ ଦାସ ନାୟକ, କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା, ବିଜେଡି ମହିଳା ନେତ୍ରୀ ସବିତା ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା




ମଧୁବନ,୮।୧୨(ସମିସ): କୁଆଖିଆ ପ୍ରେସ୍ କ୍ଲବର ନବନିର୍ବାଚିତ କର୍ମକର୍ତ୍ତା ମାନଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦାୟୀ ସଭାପତି ନିଗମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ନୂତନ ସଭାପତି ବିଶ୍ୱନାଥ ପଣ୍ଡା, ଉପସଭାପତି କାଳନ୍ଦୀ ଚରଣ କଣ୍ଡ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା କୈଳାସ ଚନ୍ଦ୍ର ରାଉତ, ଅଞ୍ଜନ କୁମାର ପତି, ପ୍ରକାଶ ଚନ୍ଦ୍ର ରଥ ଓ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ବସ୍‌ରେ ଲାଗିଲା ନିଆଁ



ବରୀ,୮।୧୨(ସମିସ): ବରୀ ବ୍ଲକ ଗୋଳକୁଣ୍ଡ ଠାରୁ ବରୀ ଅଭିମୁଖେ ଆସୁଥିବା ଲକ୍ଷ୍ମୀ ବସ୍‌ର ପଛ ଚକ ନିକଟରୁ ହଠାତ୍ ଧୂଆଁ ବାହାରି ନିଆଁ ଲଗାଯାଇଥିବା ଦେଖିବାକୁ ମିଳିଥିଲା। ବସରୁ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇ ଗ୍ରାମବାସୀଙ୍କ ସହାୟତାରେ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରା ଯାଇଥିଲେ ହେଁ ନିଆଁକୁ ଲିଭା ଯାଇ ପାରିନଥିଲା। ଖବର ପାଇ ବରୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ବସ୍‌ର କର୍ମଚାରୀଙ୍କ କହିବା କଥା ଗାଡ଼ିର ଡାହାଣ ପଛ ଚକରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ଅତ୍ୟଧିକ ଘର୍ଷଣ ସହ୍ୟ କରି ନ ପାରି ନିଆଁ ଲାଗି ଯାଇଥିଲା। ସରକାରଙ୍କ ତରଫରୁ ଗାଡ଼ିର ରକ୍ଷଣା ବେକ୍ଷଣ ପାଇଁ ଆସୁଥିବା ଅର୍ଥ ସଠିକ ଭାବରେ ଖର୍ଚ୍ଚ କରାଯାଉନଥିବାରୁ ଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ପୂର୍ବରୁ ଏହି ରୁଟ୍‌ରେ ଲକ୍ଷ୍ମୀ ବସ ଅଚଳ ହୋଇ ତିନି ଦିନ ଧରି ରାସ୍ତା ମଝିରେ ଠିଆ ହୋଇଥିବା ଦେଖା ଯାଇଥିଲା। ଏହି ବସ୍‌ରେ ମୁଖ୍ୟତଃ କଲେଜ୍ ଛାତ୍ରଛାତ୍ରୀ ଅଧିକ ସଂଖ୍ୟାରେ ଯାତାୟାତ କରିଥାନ୍ତି। ଘଟଣା ସମୟରେ ବସ୍‌ରେ ଛାତ୍ରଛାତ୍ରୀ ଯାତ୍ରା କରୁଥିଲେ।

## ସୁକିନ୍ଦା ଭାରତୀୟ ବିଦ୍ୟାନିକେତନର କୃତିତ୍ୱ

ସୁକିନ୍ଦା,୮।୧୨(ସମିସ): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ଯାଜପୁର ଜିଲ୍ଲା ମୁଗୁପାଳ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସୁକିନ୍ଦା ସ୍ଥିତ ଭାରତୀୟ ବିଦ୍ୟାନିକେତନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାନିକେତନର ଛାତ୍ରୀ ରାଜଶ୍ରୀ ସିଂଦେଓ ଜିଲ୍ଲା ଚାମ୍ପିଅନ ହୋଇଥିବା ବେଳେ ୮ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇ ସମ୍ମାନିତ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ରାଜଶ୍ରୀ ସିଂଦେଓ (ଜିଲ୍ଲା ଚାମ୍ପିଅନ), ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲିକ, ଜୋସ୍ନାରାଣୀ ମହାନ୍ତ, ଜ୍ୟୋତିର୍ମୟୀ ମହାନ୍ତ, ପରିଲିନା ହାଇବୃ, ସ୍ୱାଭିମାନ ବାର୍ଲା,ଆଇଶା ସିଧିକା ସିମ୍ରନ୍, ସ୍ନେହାରାଣୀ ହେମ୍ରମ, ଉମେଶ ନାୟକ ଅନ୍ୟତମ। ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଗୋଲା ଫିଙ୍ଗା, ଥାଳିଆ ଫିଙ୍ଗା ଆଦିରେ କୃତିତ୍ୱ ଅର୍ଜନ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

ସୁକିନ୍ଦା,୮।୧୨(ସମିସ): ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ନିକଟରେ ଏକ ଦୁର୍ଘଟଣା ଘଟି ଦୁଇ ବାଇକ୍ ଆରୋହି ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଦାନଗଦି ବ୍ଲକ ରାଣୀପଡା ପଞ୍ଚାୟତ ଅନ୍ତର୍ଗତ ବାରିଗଦା ଗ୍ରାମ ହରିହର ନାୟକଙ୍କ ପୁଅ ମନୋଜ କୁମାର ନାୟକ(୩୫) ଓ ତାଙ୍କ ଶଳା ସେହି ଗ୍ରାମ ଗୋଲେଖ ଚନ୍ଦ୍ର ବେହେରାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ବେହେରା(୧୯) ସୋମବାର ସନ୍ଧ୍ୟାରେ ଫେରୁଥିବା ସମୟରେ ସୁକିନ୍ଦା ଛକ ନିକଟ ରେଙ୍ଗାଲି କେନାଲ ପୋଲ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଅଗ୍ନିଶମ ବିଭାଗ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟ ରାସ୍ତା କାର୍ଯ୍ୟ ଦୀର୍ଘବର୍ଷ ଧରି ନହୋଇ ପଡିରହିଥିବା ରୁ ଛକର ଉଭୟ ପାର୍ଶ୍ୱରେ ନିୟମିତ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଉଭୟ ପାର୍ଶ୍ୱରେ ଆବଶ୍ୟକୀୟ ସୂଚନା ଫଳକ ଲଗାଇବା ସହ ଯଥାଶୀଘ୍ର ରାଜପଥ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଦାବି ହେଉଛି।

## ଭାଲୁଖାଇରେ ଏଏନ୍‌ଏମ କେନ୍ଦ୍ର ଶିଳାନ୍ୟାସ



ଧର୍ମଶାଳା,୮।୧୨(ସମିସ): ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭଲୁଖାଇ ଠାରେ ଆଜି ଏକ ଏଏନ୍‌ଏମ୍ ସେଣ୍ଟରର ଶିଳାନ୍ୟାସ କରାଯାଇଛି। ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଏଏନ୍‌ଏମ୍ ଗୃହର ଭିତ୍ତିପ୍ରସ୍ତର କରାଯାଇଛି। ଆରୁହା ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ରାଉତ, ଚହଟା ସରପଞ୍ଚଙ୍କ ପ୍ରତିନିଧି ବିଚିତ୍ର କୁମାର ସ୍ୱାଇଁ, ବିଜେପି ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ପ୍ରଦୀପ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୃହର ଶିଳାନ୍ୟାସ କରିଥିଲେ। ଏହି ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ଏଠାରେ ଏଏନ୍‌ଏମ ମାନଙ୍କ କାର୍ଯ୍ୟ କରିବା ପାଇଁ ସୁବିଧା ହୋଇପାରିବ ବୋଲି ଜଣାଯାଇଛି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




ଦଶରଥପୁର,୮।୧୨(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଏବଂ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୬୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୩ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର, ତ୍ରିଲୋଚନ ସେଠୀ, ତହସିଲଦାର, ଦଶରଥପୁର, ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୪ ଅଟକ

ଜୟପୁର,୮ ।୧୨(ସମିସ): ଜୟପୁର ଟାଉନଥାନାର ଗୋଡିଆଧୋବା ସାହିର ଦେବୀ ନଗର ନିକଟରେ ଗତକାଲି ବିଳମ୍ବିତ ରାତ୍ରିରେ ଜଣେ ଯୁବକଙ୍କୁ ତାଙ୍କ ସହିତ ରହିଥିବା କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶୀକାର ହୋଇଥିବା ଯୁବକ ସ୍ଥାନୀୟ ଓଡ଼ିଆ ମେଦ୍ରୀ ସାହିର ଟି. କାର୍ତ୍ତିକ (୧୮)ଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥିତ ଏସଏଲଏନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ପରିବାରର ଲିଖିତ ଅଭିଯୋଗକ୍ରମେ ଟାଉନଥାନା ପୁଲିସ ଗତକାଲି ବିଳମ୍ବିତ ରାତିରୁ ଆଜି ପୂର୍ବାହ୍ନରୁ ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ ସିଦ୍ଧାନ୍ତ ବେହେରା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଗୁରୁତର ଯୁବକ ଏବଂ ତାଙ୍କର କିଛି ସାଥି ଦେବୀ ନଗର ଅଞ୍ଚଳରେ ଏକାଠି ହୋଇଥିଲେ। ଏହିପରି କୌଣସି କାରଣରୁ ଗଣ୍ଡଗୋଳ ସୃଷ୍ଟି ହେବାକୁ ତାଙ୍କ ସହିତ ସେଠାରେ କିଛି ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ଏବଂ ଗଣ୍ଡଗୋଳ ହୋଇଥିଲା। ଏହିପରି ଆକ୍ରମଣକାରୀ ମାନେ ଆକ୍ରମଣରେ ବିଭିନ୍ନ ମାରଣାସ୍ତ୍ର ବ୍ୟବହାର କରାଇଥିବା ନେଇ ପୁଲିସ ତଦନ୍ତ ବେଳେ ଜାଣିଥିବା ବେଳେ ଗୁରୁତ ଯୁବକଙ୍କ ବେକ ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଛି।

## ଗଛ ପଡ଼ି ଘର ଭାଙ୍ଗିଲା



ପାପଡ଼ାହାଣ୍ଡି,୮ ।୧୨(ସମିସ): ଆଜି ମଧ୍ୟାହରେ ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ମୈଦଲପୁର ସଦର ୧୧ ନଂ ୱାର୍ଡରେ ମନୋବଧ ମାଝୀଙ୍କ ଘର ଉପରେ ତେନ୍ତୁଳି ଗଛ ଭାଙ୍ଗି ପଡ଼ିବାରୁ ଘର କାନ୍ଥ ସହିତ ଛପର ସମ୍ପୂର୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ମନବୋଧ ଜଣେ ସମ୍ପୂର୍ଣ ଗରିବ, ବିପିଏଲ ପରିବାର ଏବଂ ଶାରୀରିକ ଅକ୍ଷମ ଅଟନ୍ତି। କୁଲି କାମ କଲେ ପରିବାର ଚଳେ। ପରିବାର ଏବେ ରହିବାକୁ ଅନ୍ୟର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ତୁରନ୍ତ ମନବୋଧଙ୍କ ପରିବାର କୁ ଖଣ୍ଡିଏ ଆବାସ ଗୃହ ଯୋଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଟୋ ଓଲଟି ଚାଳକ ମୃତ

ଜୟପୁର,୮ ।୧୨(ସମିସ): ଜୟପୁର ସଦରଥାନା ନୂଆପୁଟ ଗ୍ରାମ ନିକଟରେ ଗତ ରାତିରେ ଏକ ଅଟୋ ଓଲଟି ପଡିଥିଲା ଏବଂ ଉକ୍ତ ଅଟୋ ତଳେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତ ଅଟୋ ଚାଳକ ସ୍ଥାନୀୟ ନୂଆପୁଟ ଗ୍ରାମର ରବି ଖରା (୨୦)। ମୃତକଙ୍କ ପିତାଙ୍କ ଥାନାରେ ଲିଖିତ ଅଭିଯୋଗକ୍ରମେ ଗତକାଲି ସଂଧ୍ୟା ସାଢେ ୭ଟା ସମୟରେ ଅଟୋ (ଓଡି୧୦ଏଏ୩୪୭୪) ନେଇ ଚାଳକ ଯାଉଥିବା ବେଳେ ନୂଆପୁଟ ଗ୍ରାମର ଅନତି ଦୂରରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ଫଳରେ ଅଟୋ ତଳେ ଚାପି ହୋଇ ଚାଳକ ରବି ରହିଯାଇଥିଲା। ଦୁର୍ଘଟଣା ଖବର ପାଇ ଚାଳକଙ୍କ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅଟୋ ଚାଳକଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରିବା ସହିତ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଅଟୋ ଚାଳକଙ୍କ ମୃତ୍ୟୁ ଘଟିଥିଲା।

### ଗୁପଚୁପ୍ ଖାଉଥିଲେ ସାବଧାନ

# ଖଟା ପାଣିରେ ମାରାତ୍ମକ ରାସାୟନିକ!



ଉମରକୋଟ, ୮ ୧୨ ( ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ହେଉଛି ବ୍ୟବସାୟିକ ପେଣ୍ଠସ୍ଥଳୀ ଫ ଉମରକୋଟ ସହରର ପୁରୁଣା ବସଷ୍ଟାଣ୍ଡ, ନୂତନ ବସଷ୍ଟାଣ୍ଡ, ଡିଏନକେ ଓ ସହରର ରାସ୍ତାକଡ ହେଉ ଉଠା ଦୋକାନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ଫ ୟୁପି, ବିହାର ଠାରୁ ବ୍ୟବସାୟୀ ମାନେ ଆସି ଗୁପଚୁପ , ଫାଷ୍ଟଫୁଡ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ଖାଇବା ପୂର୍ବରୁ ସତର୍କ ହେବା ଉଚିତ। କାରଣ ଲୋକେ ଯେଉଁ ଯେଉଁ ଗୁପଚୁପ ଓ ଫାଷ୍ଟଫୁଡ ଖାଉଛନ୍ତି ସେଥିରେ ମିଶାଯାଉଛି ମାରାତ୍ମକ କେମିକାଲ। ଏହି କେମିକାଲ ଯୁକ୍ତ ପାଣି ଗୁପ୍‌ଚୁପ ଦେହ ପାଇଁ କ୍ଷତିକାରକ। ଖଟାପାଣିରେ ମିଶୁଛି ମାରାତ୍ମକ କେମିକାଲ। ଗୁପଚୁପ ଖାଇଲେ ହୋଇପାରେ ଦେହ ଖରାପ। ଯଦି ଗୁପଚୁପ ଖାଇବାକୁ ପସନ୍ଦ କରୁଥାନ୍ତି ତେବେ ସାବଧାନ ହେବା ଉଚିତ। କାରଣ ସେଥିରେ ମିଶୁଛି ମାରାତ୍ମକ କେମିକାଲ। ଯାହା ଖାଦ୍ୟ ଉପଯୋଗୀ ନୁହେଁ। ରାସ୍ତାକଡ ହେଉ କିମ୍ବା ଯେକୌଣସି ଠେଲା ଗୁପଚୁପ ହେଉ ଗୁପଚୁପ ଖାଇବା ପୂର୍ବରୁ ପରୀକ୍ଷା କରିବା ଉଚିତ। ଷ୍ଟ୍ରିଟ ଫୁଡ ଭିତରେ ସମସ୍ତଙ୍କ ଅତି ପ୍ରିୟ ଖାଦ୍ୟ ଗୁପଚୁପ। ହେଲେ ଏହି ଗୁପଚୁପ ଖାଇବା କେତେ ମାରାତ୍ମକ ସାଜିପାରେ ଉମରକୋଟ ସହରର ସମସ୍ତ ଗୁପଚୁପ ଦୋକାନକୁ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଯାଞ୍ଚ କରିବାକୁ ସାଧାରଣରେ ଦାବି ହୋଇଛି। ତେନ୍ତୁଳି ପାଣି ବଦଳରେ ମିଶାଯାଉଛି କୃତ୍ରିମ ରଙ୍ଗ ଓ କେମିକାଲ। ଯାହା ଦେହପ୍ରତି କ୍ଷତିକାରକ ଏବଂ ମାରାତ୍ମକ ରୋଗର କାରଣ ସାଜିପାରେ। ଏହା ମଣିଷ ଶରୀର ପାଇଁ ଉପଯୋଗୀ ନୁହେଁ। ସହରରେ ଗୁପ୍‌ଚୁପ୍ ବିକ୍ରୟ ଉପରେ ନିଷିଦ୍ଧାଦେଶ ଲଗାଇବାକୁ ସାଧାରଣରେ ଦାବି ହୋଇଛି। ଗୁପ୍‌ଚୁପ୍‌ରେ ବ୍ୟବହୃତ ପାଣିକୁ ଯାଞ୍ଚ କରିବାର ଆବଶ୍ୟକ ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଚାଷୀ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

କୁନ୍ଦୁରା, ୮ ।୧୨(ସମିସ): କୃଷକ କଲ୍ୟାଣ ମଞ୍ଚ ତରଫରୁ ଚାଷୀ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ଅପରାହ୍ନ ୨ଟା ସମୟରେ କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିରରେ କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲାପାଳ ମୋଜନ ସତ୍ୟବାନ ମହାଜନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଧାନ ଓ ମକା ମଣ୍ଡିକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ ମଣ୍ଡି ଅତି ଶୀଘ୍ର ଆରମ୍ଭ କରାଯାଉ। ଯେଉଁ ଦିନ ମଣ୍ଡି ଆରମ୍ଭ କରାଯିବ ସେ ଦିନ ହିଁ ଧାନ ଉଠାଯାଉ। ମଣ୍ଡି ଆରମ୍ଭ ୨ ଦିନ ପୂର୍ବରୁ ଟୋକନ ପ୍ରଦାନ, କ୍ରୟକାରୀ ସଂସ୍ଥା, ମିଲର୍ସ, ଯୋଗାଣ ବିଭାଗ ମଣ୍ଡିରେ ଖାଲି ଅଖା ବ୍ୟବସ୍ଥା, ଏଫଏକ୍ୟୁ ମାନରେ କଟ୍‌ନୀ ଛଟ୍‌ନୀ ବନ୍ଦ, ମଣ୍ଡିରେ ସମସ୍ତ ଧାନ ଓଜନ ଓ ଭେଣ୍ଡର ରସିଦ ପ୍ରଦାନ, ସମସ୍ତ ଜମିରେ ଏକର ପ୍ରତି ଅନ୍ୟାନ୍ୟ ୨୫ କ୍ୟୁଣ୍ଟାଲ ଧାନ କ୍ରୟ କୋଲାବ ଓ ତେଲେଙ୍ଗିରି ପ୍ରକଳ୍ପରୁ ରବି ଚାଷ ନିମନ୍ତେ ପାଣି ଯୋଗାଣ, ଦୁର୍ନୀତି ଗ୍ରସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ ଦେବାକୁ ଦାବି କରାଯାଇଛି।



## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର



ନବରଙ୍ଗପୁର,୮ ।୧୨( ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ବିଡିଓ ଶରତ ମାଝୀ ପ୍ରମୁଖଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନ ଶୁଣାଣି ଶିବିରରେ ମୋଟ ୨୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଜନ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୩ ଟି ହୁଇଲ ଚେୟାର ଏବଂ ୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ନୂତନ ସହାୟତା କାର୍ଡ ପ୍ରଦାନ କରାଯାଇଥିଲା। ୩ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କିତ ଅଧିକାରୀ ମନୋଜ କୁମାର ବେହେରା ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ



ସେମିଳିଗୁଡ଼ା,୮ ।୧୨ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକର ରାଜପୁଟ ପଞ୍ଚାୟତ ଅଧିନରେ ଥିବା ଜନୀ ଗୁଡା ଫାର୍ମ ଠାରେ ବିଶ୍ୱ ମୃର୍ତ୍ତିକା ଦିବସ ପାଳିତ ହଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ତର ର ଭିଭିନ୍ନ ଅଧିକାରୀ, ନିର୍ଦ୍ଦେଶକ, ସିଡିଓ, ଡି ଡି ହେଚ, ମୃର୍ତ୍ତିକା ବିଶେଷଜ୍ଞ, କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ବୃନ୍ଦ, ଜିଲ୍ଲାର ଭିଭିନ୍ନ ଅଞ୍ଚଳର ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ପର୍ଶୁରାମ ଶିଆଳ, ଏଡିଆର, ଆରଆରଟିଟିଏସ, ଡ. ଜ୍ୟୋତିର୍ମୟ ଲେଙ୍କା, ବୈଜ୍ଞାନିକ ଡ. ଶୁଭଶ୍ରୀ ବନ୍ଦିତାଙ୍କ ସମେତ ୮ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ମୃର୍ତ୍ତିକା ଉପରେ ଜ୍ଞାନ କୌଶଳ ନେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା।

## ବିହନ ବଣ୍ଟନ କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି,୮ ।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଆଲା କାର୍ଯ୍ୟାଳୟ ପରିସରରେ ଡାଲି ଜାତୀୟ ବିହନ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ବ୍ଲକ୍ କୃଷି ଅଧିକାରୀ ବରୁଣ ଧନଫୁଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ଭାବେ ଅଚ୍ୟୁତାନନ୍ଦ ବିଷୋୟୀ ଓ ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ ଯୋଗ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକରେ ଚଳିତ ରବି ଋତୁରେ ୧୭୦୦ ହେକ୍ଟର ପାଇଁ ବୁଟ ବିହନ, ୨୦୦ ହେକ୍ଟର ପାଇଁ ମୁଗ ବିହନ ଓ ୧୦୦ ହେକ୍ଟର ପାଇଁ ସୋରିଷ ବିହନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ ତେନ୍ତୁଳିଖୁଣ୍ଟି ହେକ୍ଟର ପିଛା ୪୦ କେଜି ମୁଗ,୨୦ କେଜି ମସୁରୀ ଏବଂ ୩୦ କେଜି ମସୁର ଦିଆଯିବା ବ୍ୟବସ୍ଥା ରହିଥିବା ବ୍ଲକ୍ କୃଷି ଅଧିକାରୀ ବରୁଣ ଧନଫୁଲ ପ୍ରକାଶ କରିଛନ୍ତି। ସହକାରୀ କୃଷି ଅଧିକାରୀ ପ୍ରତିଭା ତିରିଆଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଧିରେନ୍ ବେନ୍ୟା, କୃଷି ପରିଦର୍ଶକ ବନ୍ଦିତା ମହାରଣା,ମଧୁସ୍ମିତା ପତି,ଜିତେନ୍ଦ୍ର ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନରେ କୃଷି ବୈଷୟିକ ସହାୟକ ବାଳ ଗୋବିନ୍ଦ ସାହୁ, ଆଶିଷ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।




### ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଆନ୍ଦୋଳନ

## ୨୮ ଛାତ୍ରଛାତ୍ରୀଙ୍କୁ ପଢ଼ାଉଛନ୍ତି ଜଣେ ଶିକ୍ଷକ

କୁନ୍ଦୁରା,୮ ।୧୨(ସମିସ ): ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଆନ୍ଦାଳନ ଯୋଗୁଁ ବାଧାପ୍ରାପ୍ତ ହେଉଛି ଗ୍ରାମାଞ୍ଚଳ ଶିକ୍ଷା ଦାନ। ଏଭଳି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଗୁଣ୍ଡାଲ ଆଦର୍ଶ ବିଦ୍ୟାଳୟରେ । ଏହି ବିଦ୍ୟାଳୟର ରେଗୁଲାର ଶିକ୍ଷକ ଶିକ୍ଷୟତ୍ରୀ ୧୩ ଦଫା ଦାବି ନେଇ ସାମହିକ ଛୁଟିରେ ଭୁବନେଶ୍ୱର ଯାଇଛନ୍ତି। କେବଳ ଜଣେ ଶିକ୍ଷକ ତଥା ପ୍ରିନ୍ସପାଲଙ୍କ ଭରସାରେ ଚାଲିଛି ବିଦ୍ୟାଳୟ। ପାଠପଢାରେ ବ୍ୟାଘାତ ହେଇଛି । ଶିକ୍ଷକଙ୍କ ଅନୁପସ୍ଥିତିରେ ଶ୍ରେଣୀରେ ନିଜେ ନିଜେ ପିଲା ପାଠ ପଢୁଛନ୍ତି । ଆଗକୁ ପରୀକ୍ଷା ଥିବା ବେଳେ ଶିକ୍ଷକଙ୍କ ଏଭଳି ସାମୁହୀକ ଛୁଟି ଯୋଗୁଁ ଚିନ୍ତାରେ ପିଲାମାନେ। ରାଜ୍ୟ ସଂଘର ଡାକରାରେ ଆଜି ବିଦ୍ୟାଳୟର ୧୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଭୁବନେଶ୍ୱର ଲୋୟର୍ ପିଏମ୍‌ଜି ଠାରେ ଆଜି ସକାଳ ୧୦ଟାରୁ ଚାଲିଛି ଆନ୍ଦୋଳନ। କେବଳ ଅଧକ୍ଷ ଅଶୋକ କୁମାର ପଣ୍ଡା ଜଣେ କାର୍ଯ୍ୟରତ ଅଛନ୍ତି। ଦୁଇ ମାସ ପରେ ଫେବୃୟାରୀରେ ବୋର୍ଡ ପରୀକ୍ଷା ରହିଛି । ଶିକ୍ଷକ ଶିକ୍ଷୟିତ୍ରୀ ଶୀଘ୍ର ନ ଫେରିଲେ ପାଠପଢ଼ା ଓ ପରୀକ୍ଷା ପାଇଁ ପ୍ରସ୍ତୁତିରେ ବହୁ ସମସ୍ୟା ହେବ ବୋଲି ଛାତ୍ରଛାତ୍ରୀ କହିଛନ୍ତି। ଏ ନେଇ ଅଧକ୍ଷ ଶ୍ରୀ ପଣ୍ଡା କହିଛନ୍ତି ସମସ୍ତ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସେ ଜଣେ ହିଁ ବିଦ୍ୟାଳୟ ପରିଚାଳନା କରୁଛନ୍ତି । ଷଷ୍ଠ ଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ୨୮୪ ଜଣ ଛାତ୍ରଛାତ୍ରୀ ରହିଛନ୍ତି ଓ ସେମାନଙ୍କ ପାଠପଢ଼ା ତ ହେବ ନାହିଁ। ଛାତ୍ରଛାତ୍ରୀଙ୍କ ନିରାପତ୍ତା ଓ ସୁରକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳନାରେ ସମସ୍ୟା ହେଉଛି । ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲକୁ ନ ଫେରିବା ପର୍ଯ୍ୟନ୍ତ ସ୍କୁଲ ପରିଚାଳନା ନେଇ ଉପରିସ୍ଥ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ନାମ ସଙ୍କୀର୍ତ୍ତନ ଭାଗବତ ସତ୍‌ସଙ୍ଗର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



କୋରାପୁଟ,୮ ।୧୨(ସମିସ): କୋରାପୁଟ ଜିଲ୍ଲା ନାମ ସଙ୍କୀର୍ତ୍ତନ ଭାଗବତ ସତ୍‌ସଙ୍ଗ ତରଫରୁ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କମିଟିର କାର୍ଯ୍ୟକର୍ତ୍ତା ମାନେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ନାମ ସଂକୀର୍ତ୍ତନ ଭାଗବତ ସତ୍‌ସଂଗ ସଭାଗୃହ ନିର୍ମାଣ, ଜିଲ୍ଲା କାର୍ଯ୍ୟାଳୟ ନିର୍ମାଣ,ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପ୍ରଦାନ ଓ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି, ଜିଲ୍ଲାରେ କାର୍ଯ୍ୟ କରୁଥିବା ୯୦୦ ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀର ଟୁଙ୍ଗୀ ନିମନ୍ତେ ଭୋଗ ମଣ୍ଡପ ନିର୍ମାଣ ଓ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ସଦସ୍ୟାଙ୍କୁ ବିଭାଗୀୟ ଅଧିକାରୀଙ୍କ ଦସ୍ତଖତ ଥାଇ ପରିଚୟ ପତ୍ର ପ୍ରଦାନ ଆଦି ପ୍ରମୁଖ ଦାବି ରହିଥିବା ସଂଘ ତତଫରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କମିଟି ସଭାପତି ଡମ୍ବରୁଧର ନାୟକ, ସମ୍ପାଦକ ନାରାୟଣ ନାୟକ, ଉପ ସଭାପତି ଯୋଗେଶ ଖିଲ, କୋଷାଧକ୍ଷ ଇଶ୍ୱର ଖୀନବୁଡି, ସଦସ୍ୟ ମାଧବ ପୂଜାରୀ ଓ ଭକ୍ତରାମ ଦାସଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କନିଷ୍ଠ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

ଜୟପୁର, ୮ ।୧୨(ସମିସ): ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଚୁକ୍ତି ଭିତ୍ତିକ ପ୍ରଥା ଉଚ୍ଛେଦ ଏବଂ ସ୍ଥାୟୀ ଭାବେ ନିଯୁକ୍ତି ଦେବା ନେଇ ରାଜ୍ୟ ସରକାରଙ୍କ ଠାରେ ବାରମ୍ବାର ଦାବି କରିଥିଲେ। ଏହିପରି ଗତ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଦୀର୍ଘ ୪ ମାସ ହେଲାଣି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବି ନେଇ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆସନ୍ତା ୧୦ ତାରିଖ ଠାରୁ ସାରାରାଜ୍ୟର କନିଷ୍ଠ ଶିକ୍ଷକ ସଂଘ ଭୁବନେଶ୍ୱର ଲୋୟର ପିଏମଜି ଠାରେ ଧାରଣାରେ ଓ ଆନ୍ଦୋଳନ କରିବେ। ଏଥିନେଇ ଆଜି ଜୟପୁର ବ୍ଲକ ଓ ପୌରାଞ୍ଚଳର ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପୁର ବିଇଓ ଚନନ୍ଦ କୁମାର ନାୟକଙ୍କୁ ପ୍ରଦାନ କରିଥିଲେ। ଏହିପରି ସରକାରଙ୍କ ଦୋମୁହାଁ ନୀତିକୁ କନିଷ୍ଠ ଶିକ୍ଷକ ସଂଘ ନିନ୍ଦା କରିବା ସହ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନେଇଛି। ତେଣୁ ଆସନ୍ତା ୧୦ ତାରିଖ ଠାରୁ ସମସ୍ତ କନିଷ୍ଠ ଶିକ୍ଷକ ମାନେ ବ୍ୟକ୍ତିଗତ ଛୁଟି ନେଇ ଆନ୍ଦୋଳନରେ ଯୋଗଦାନ କରିବେ ବୋଲି କନିଷ୍ଠ ଶିକ୍ଷକ ସଂଘର ସଭାପତି ଅଜିତ କୁମାର ବେହେରା ପ୍ରକାଶ କରିଛନ୍ତି। ଏଥିରେ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ପଲାଇ, କୋଷାଧକ୍ଷ ପୁରନ୍ଦର ନାୟକ, କନିଷ୍ଠ ଶିକ୍ଷକ ସଂଘର ଉପ ସଭାନେତ୍ରୀ ପ୍ରତିମା ବେହେରା, ଉପଦେଷ୍ଟା କରୁଣାମୟ ପୃଷ୍ଟି, ଯୋଗେଶ ଦଣ୍ଡସେନା, ରାକେଶ ପ୍ରଧାନ, ବିଶ୍ୱଜିତ ସାହୁ, ନିର୍ମଳ ତଣ୍ଡକା ଙ୍କ ସମେତ ସମସ୍ତ କନିଷ୍ଠ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଉଠାଦୋକାନୀଙ୍କୁ ରାସ୍ତାରୁ ହଟାଇଲା ପ୍ରଶାସନ

ସେମିଳିଗୁଡ଼ା,୮ ।୧୨(ସମିସ): କୋରାପୁଟ ଜିଲ୍ଲା ସୁନାବେଡା ପୌର ପ୍ରଶାସନ ପକ୍ଷରୁ ପୌରାଞ୍ଚଳ ଅଧୀନ ସେମିଳିଗୁଡ଼ା ସହର ଦେଇ ଯାଇଥିବା ଜାତୀୟ ରାଜପଥ ସେମିଳିଗୁଡ଼ା ଭେଣ୍ଡିଂ ଜୋନ ନିକଟ ରାସ୍ତାର ଉଭୟ ପାଶ୍ୱର୍ରେ ବସି ବ୍ୟବସାୟ କରୁଥିବା ଉଠା ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଉଠାଯାଇଛି। ସେମିଳିଗୁଡ଼ା ଟ୍ରାଫିକ ଛକଠାରୁ ଗଙ୍ଗା ମା' ମନ୍ଦିର ଓ ନନ୍ଦପୁର ମୁଖ୍ୟରାସ୍ତା କଡ଼ ଦୋକାନୀଙ୍କୁ ହଟାଯାଇଛି। ରାସ୍ତାର ଉଭୟ ପାଖରେ ଦୋକାନ ଖୋଲିବା ଦ୍ୱାରା ରାସ୍ତା ସଂକୀର୍ଣ୍ଣ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଦୁର୍ଘଟଣା ଘଟୁଥିବା ନଜିର ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସମସ୍ତ ଅଞ୍ଚଳର ରାସ୍ତାକଡ଼ ବ୍ୟବସାୟୀଙ୍କୁ ରାସ୍ତା କଡ଼ରେ ନ ବସି ଭେଣ୍ଡିଂ ଜୋନ ମଧ୍ୟରେ ବ୍ୟବସାୟ କରିବାକୁ ଅନୁରୋଧ କରାଯାଇଛି। ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସୂଚନା ଦିଆଯାଇଛି। ଏଥିରେ ସୁନାବେଡ଼ା ପୌର ପରିଷଦ ଟାକ୍ସ ଅଧିକାରୀ କେ.ଭି.ରାଓ, କିଶୋର ଚନ୍ଦ୍ର ନାୟକ, ଶୁକଦେବ ପାତ୍ର, ମିଳନ ପାତ୍ର, ସୁନାବେଡା ଥାନା ପୁଲିସ ସାମିଲ ହୋଇଥିଲେ।

## ଅଧ୍ୟାପକ-ଅଧ୍ୟାପିକାଙ୍କ ଧାରଣା

ନବରଙ୍ଗପୁର, ୮।୧୨ (ସମିସ): ରାଜ୍ୟ ଏସ୍‌ଏସ୍‌ବି ସଂଘ "ଓସଲା'ର ଆହ୍ୱାନ କ୍ରମେ ଅଧ୍ୟାପକ ଓ ଅଧ୍ୟାପିକାମାନେ ସେମାନଙ୍କ ଗ୍ରେଡ ପେ'କୁ ୪୭୦୦ରୁ ଏଭଳି ୭ ଦଫା ଦାବିକୁ ନେଇଁ ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ମହାବିଦ୍ୟାଳୟର ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ଧାରଣା ଦେଇଛନ୍ତି। ଆଜି ରାଜ୍ୟର ବିଭିନ୍ନ ୪୮୮ ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ସହସ୍ରାଧିକ ଏସ୍‌ଏସ୍‌ବି ଅଧ୍ୟାପିକା-ଅଧ୍ୟାପକ ସୂମହ ଛୁଟି ନେଇ ଭୁବନେଶ୍ୱର ଲୋୟର ପି.ଏମ.ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଓସଲା ନବରଙ୍ଗପୁର ମହାବିଦ୍ୟାଳୟ ଶାଖା ତରଫରୁ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ ଧାରଣା ଦେଇଛନ୍ତି। ଏହି ଆନ୍ଦୋଳନରେ ମହାବିଦ୍ୟାଳୟର ସମସ୍ତ ଏସ୍‌ଏସ୍‌ବି ଅଧ୍ୟାପିକା-ଅଧ୍ୟାପକମାନେ ଯୋଗ ଦେଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ଧାରଣା ଦେଇଥିଲେ।

## ବିଦେଶୀ ମଦ ଜବତ, ୨ ଗିରଫ

କୋରାପୁଟ,୮ ।୧୨(ସମିସ): ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ସୋମବାର ଦିନ ବିଭିନ୍ନ ସ୍ଥାନରେ ଚଢଉ କରି ବିଦେଶୀ ମଦ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିବା ଜଣା ପଡିଛି। ଗିରଫ ଅଭିଯୁକ୍ତ ମାନେ ସେମିଳିଗୁଡା ଥାନା ଅନ୍ତର୍ଗତ ଦୁଧାରି ଗ୍ରାମର ନିରଞ୍ଜନ ବିଶୋଇ ଏବଂ ଅଭି ମଣ୍ଡଳ ନାୟକ ବୋଲି ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ଦୁଇଜଣ ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗ ହେବାରୁ ବିଭାଗ ପକ୍ଷରୁ ଆଜି ଚଢାଉ କରାଯାଇଥିଲା। ଚଢାଉ ସମୟରେ ଉଭୟଙ୍କ ଘରୁ ୧୬.୪୫ ଲିଟର ବିୟର ଓ ୨.୧୬ ଲିଟର ବିଦେଶୀ ମଦ ଜବତ କରା ଯାଇ ଅବକାରୀ ବିଭାଗ ପକ୍ଷରୁ ଉଭୟଙ୍କ ବିରୁଦ୍ଧରେ ୨ ଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଚଢ଼ାଉରେ ସଦର ଓଆଇସି ଜଗବନ୍ଧୁ ଜାନି, ସୁରେନ୍ଦ୍ର ପଣ୍ଡା, ମୀର ମୁସ୍ତାକ ଅଲ୍ଲୀ, ଧନୁର୍ଜୟ ପୂଜାରୀ, ମମତା ମୟୀ ମହାନ୍ତି ପ୍ରମୁଖ ଟିମରେ ସାମିଲ ହୋଇଥିଲେ।

# ୧୦୮ ଆମ୍ବୁଲାନ୍ସରେ ନାହିଁ ଅକ୍ସିଜେନ ସେବା

### ହନ୍ତସନ୍ତ ହେଉଛନ୍ତି ରୋଗୀ




ବୈପାରୀଗୁଡ଼ା,୮ ।୧୨(ସମିସ): ରାଜ୍ୟରେ ସରକାରଙ୍କ ପକ୍ଷରୁ ନିୟୋଜିତ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ବିଭିନ୍ନ ସମୟରେ ସେବା ପ୍ରଦାନ କରୁଛି । କଲ ଆସିବା ମାତ୍ରେ ରୋଗୀଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚୁଛି, ସଠିକ ସମୟରେ ରୋଗୀ ଡାକ୍ତରଖାନାରେ ପହଞ୍ଚିପାରୁଛି। କିନ୍ତୁ ବେଳେ ବେଳେ ଆମ୍ବୁଲାନ୍ସରେ ସବୁ ଜରୁରୀ ଚିକିତ୍ସା ସାମଗ୍ରୀ ଉପଲବ୍ଧ ନ ଥିବା ବେଳେ ଏବେ ଅକ୍ସିଜେନ ସେବା ମଧ୍ୟ ମିଳୁନି । ଫଳରେ ହନ୍ତସନ୍ତ ହେଉଛନ୍ତି ରୋଗୀ । ଏଭଳି ଘଟଣା ଦେଖିବାକୁ ମିଳିଛି ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ। ସୂଚନା ଅନୁଯାୟୀ, ଗତକାଲି ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଲମତାପୁଟ ମେଡ଼ିକାଲର (ଓଡି ୦୨ ସିପି ୦୫୪୩) ନମ୍ବର ଆମ୍ବୁଲାନ୍ସ ବୈପାରିଗୁଡା ମେଡ଼ିକାଲରେ ପହଞ୍ଚିଥିଲା। କିନ୍ତୁ ଉକ୍ତ ଆମ୍ବୁଲାନ୍ସରେ ଅକ୍ସିଜେନ ମେସିନ ୪ ଦିନ ଧରି କାମ କରୁନଥିବାରୁ ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ଗତକାଲି ସନ୍ଧ୍ୟାରେ ମୁଣ୍ଡାଗୁଡା ବ୍ରିଜ୍ ନିକଟରେ ବାଇକ୍ ଦୁର୍ଘଟଣାରେ ତିନି ଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଡ଼ାକ୍ତର ଜୟପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତୁରନ୍ତ ଗୁରୁତର ଆହତ ବ୍ୟକ୍ତିଙ୍କୁ ଅକ୍ସିଜେନ ଲଗାଇ ଜୟପୁର ପହଞ୍ଚାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଉକ୍ତ ଆମ୍ବୁଲାନ୍ସରେ ଅକ୍ସିଜେନ ମେସିନ ୪ ଦିନ ଧରି ଖରାପ ହୋଇଯାଇ ଥିବାରୁ ଆହତଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ଜୟପୁର ମେଡିକାଲ ପର୍ଯ୍ୟନ୍ତ ନେବା ପାଇଁ ୨୦ ମିନିଟ୍ ଅପେକ୍ଷା କରିବାକୁ ପଡ଼ିଥିଲା। ଗୁରୁତର ଆହତ ବ୍ୟକ୍ତି ଜୟପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଦି ଆମ୍ବୁଲାନ୍ସରେ ଅକ୍ସିଜେନ ବ୍ୟବସ୍ଥା ଠିକ୍ ରହିଥାନ୍ତା ହୁଏତ ଆହତ ବ୍ୟକ୍ତି ଜଣଙ୍କ ଜୀବନ ବଞ୍ଚି ଯାଇ ପାରିଥାନ୍ତା। ଉକ୍ତ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ମହେଶ୍ୱର ଖେମୁଡୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ୪ ଦିନ ଧରି ଅକ୍ସିଜେନ ମେସିନ କାମ କରୁନାହ। ଏ ନେଇ ପରିଚାଳନା ସଂସ୍ଥାକୁ ଜଣାଯାଇଛି। ମେକାନିକ୍ ଆସିନଥିବାରୁ ଏଭଳି ସମସ୍ୟା ହେଉଛି ବୋଲି ପ୍ରକାଶ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ବନ୍ଧୁଗାଁ, ୮ ।୧୨ (ସମିସ): ବନ୍ଧୁଗାଁ ବ୍ଲକ୍ କାବ୍ରିବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ପିଡ଼ିକାଙ୍କ ଅଧକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ବିଡିଓ ମିନତୀ ଜଗଦେବ ସଭାପତିତ୍ୱ କରିଥିଲେ। ଏଥିସହ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ସିଡିପିଓ ଗୀତାଞ୍ଜଳୀ ମହାରଣା, ସପ୍ଲାଏ ଇନ୍ସପେକ୍ଟର ଅରବିନ୍ଦ ମହାରଣା, କୃଷି ବିଭାଗ ରୁ ସୋରଜ କୁମାର ଶବର, ନାଏବ ସରପଞ୍ଚ ତାଉଡୁ ମାଣ୍ଡିଙ୍ଗି, ସିଆରସିସି ରମାକାନ୍ତ ମଲ୍ଲିକ, ସ୍ୱାସ୍ଥ୍ୟ ବିଭାଗରୁ ଏଏନଏମ, ଏଡିଇଓ ମନୋଜ କୁମାର ଗରଡା, ଜିଆରଏସ ଶ୍ରୀକାନ୍ତ ତ୍ରିପାଠୀଙ୍କ ସମେତ ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ନିଜସ୍ୱ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଶୁଣାଣି ବେଳେ ବିଶେଶ କରି ପ୍ରଧାନମନ୍ତ୍ରୀ ଆବାସ ଗୃହ ହିତାଧିକାରୀ ଅତି ଶୀଘ୍ର ତିଆରି କରିବା, ପିଡ଼ିଏସ କାର୍ଡ ହିତାଧିକାରୀ ଆଜି ପର୍ଯ୍ୟନ୍ତ ଆଙ୍ଗୁଠି ଛାପ ନେଉ ନ ଥିବାରୁ ୮୦ ରୁ ଉର୍ଦ୍ଧ ପରିବାର ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ନାମରେ ଥିବା ଜମି ଗୁଡ଼ିକୁ ଚିହ୍ନଟ କରି ସେଠାରେ କିଛି ଉନ୍ନୟନ ମୂଳକ କାମ କରିବା ପାଇଁ ଚିହ୍ନଟ କରିବା, ସରକାରଙ୍କ ଅନେକ ସୁବିଧା ସୁଯୋଗ ପାଇବା ପାଇଁ ଜମି ପଟ୍ଟା ଗୁଡିକ ନିଜ ନାମ ରେ କରିବା, ପଞ୍ଚାୟତ ର ଜାଙ୍ଗିଡିବାଲସା ଗ୍ରାମରେ ସ୍କୁଲ ବନ୍ଦ ହୋଇ ଥିବାରୁ ଡ୍ରୋପ ଆଉଟ୍ ଅଧିକ ରହି ଥିବାରୁ ପଞ୍ଚାୟତରେ ୨୦୬ ଅଧିକ ଡ୍ରପ୍ ଆଉଟ୍ ପିଲା ରହି ପାଠପଢାରୁ ବଞ୍ଚିତ ହୋଇଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ର ଅନେକ ଯୋଜନା ଗୁଡିକୁ ଆଜି ପର୍ଯ୍ୟନ୍ତ ଜଣେ ହିତାଧିକାରୀ ମଧ୍ୟ ହିତାଧିକାରୀ ହେବାକୁ ଅମଙ୍ଗ ହେଉଛନ୍ତି। ଆଜି ଜଣେ ମଧ୍ୟ ୱାର୍ଡ ମେମ୍ବର, ସମିତି ମେମ୍ବର ଓ ମେଟ୍ ମାନେ ଅଭିଯୋଗ ଶୁଣାଣିରେ ଆସି ନ ଥିଲେ। ଆମ ଗଣମାଧମ ଅନୁପସ୍ଥିତ ୱାର୍ଡ ମେମ୍ବରଙ୍କୁ ସାକ୍ଷାତ କରି ପଞ୍ଚାୟତରେ ଥିବା ପିଇଓ ପଞ୍ଚାୟତ କାର୍ଯ୍ୟାଳୟ ନ ଆସି ବନ୍ଧୁଗାଁ ଓ କୋରାପୁଟରେ ରହୁ ଥିବା, ନରେଗା କାମ କରିବାକୁ ଜିଆରଏସ ଫାଇଲ ନ ଖୋଲିବା ସହ ପଞ୍ଚାୟତର କିଛି ଉନ୍ନତି ମୂଳକ କାମ କରିବା ପାଇଁ ୱାର୍ଡ ମେମ୍ବର ମାନଙ୍କୁ ଅବଗତ କରାଯାଉ ନ ଥିବା ଅଭିଯୋଗ କରିଥିଲେ।

# ଭୁବନେଶ୍ୱର ସିଟି



# ରାତି ଅଧରେ ବୁଲିଲା ଖଣ୍ଡା

## ବାଉଁଶ ଫାଳିଆରେ ଆକ୍ରମଣ ଓ ପଥର ମାଡ଼

ଭୁବନେଶ୍ୱର, ୮।୧୨(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସହିଦନଗର ଥାନା ଅଞ୍ଚଳରେ ଗୋଷ୍ଠି ସଂଘର୍ଷ। ରାତି ଅଧରେ ବୁଲିଲା ଖଣ୍ଡା। ବାଉଁସ ଫାଳିଆରେ ଆକ୍ରମଣ ସାଙ୍ଗକୁ ପଥର ମାଡ। ଠେଲା ପେଲା, ଆଉ ଅସଭ୍ୟ ଭାଷାରେ ଗାଳିଗୁଲଜ ସାଙ୍ଗକୁ କମ୍ପଲା ସହିଦନଗର ସ୍ଥିତ ଡିଆନଙ୍କ ବାର ସାମ୍ନା। ଦୁଇ ଅପରାଧିକ ଗୋଷ୍ଠୀର ଏଭଳି କାର୍ଯ୍ୟକଳାପରେ ସ୍ଥାନୀୟ ଲୋକେ ଏବଂ ବ୍ୟବସାୟୀ ଆତଙ୍କିତ ହୋଇପଡ଼ିଲେ। ଏନେଇ ଥାନାରେ ଅଭିଯୋଗ ହେବାରୁ ଉଭୟ ପକ୍ଷର ୪ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୁର୍ଯ୍ୟୋଧନ ବାରିକ, ଜି. ଲିଟୁ ପ୍ରଧାନ ଅତନୁ ସବ୍ୟସାଚୀ ବିଶ୍ୱାଳ ଏବଂ ଅନ୍ୟ ଏକ ଗୋଷ୍ଠିର ଗୁରୁଦେବ ମିଶ୍ର। ଉଭୟଙ୍କ ଠାରୁ ଦୁଇଟି ଖଣ୍ଡା ଜବତ ହୋଇଛି। ଏହି ଦୁଇ ଗୋଷ୍ଠିରେ ଏକାଧିକ ଯୁବକ ପୂର୍ବରୁ ଅପରାଧିକ ମାମଲାରେ ଅଭିଯୁକ୍ତ। ବହୁ ଅପରାଧିକ ମାମଲାରେ ଜଡିତ ଏବଂ ଅଭ୍ୟାସଗତ ଅପରାଧୀ ଭାବେ ସେମାନଙ୍କ ବିରୁଦ୍ଧରେ ହିଂସା, ସାର୍ବଜନୀନ ଉପଦ୍ରବ ଏବଂ ଭୟଭୀତ କରିବା ଆଦି କାର୍ଯ୍ୟରେ ଲିପ୍ତ ଥିବା ପୁଲିସ ଜାଣିବାକୁ ପାଇଛି।

ପୁଲିସ ସୂଚନା ମୁତାବକ, ଗତ ୭ତାରିଖ ରାତି ସମୟରେ ଡାଏନଙ୍କ ବାର୍ ନିକଟରେ ଦୁଇଗୋଷ୍ଠୀ ପହଞ୍ଚିଥିଲେ। ପୂର୍ବ ବିବାଦର ଥିବାରୁ କୌଣସି କାରଣରୁ ପୁଣିଥରେ ଭିଡିଦେଲେ। ସେମାନଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଯାହା ପରେ ଉଗ୍ର ରୂପ ଧାରଣ କରିଥିଲା। ଏହି ସମୟରେ ଦୁର୍ଯ୍ୟୋଧନ, ଲିଟୁ ଓ ଅତନୁ ଅଭିଯୋଗକାରୀଙ୍କୁ ପେଭର ବ୍ଲକ, ବାଉଁଶ ଏବଂ ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିଥିଲେ। ଯାହା ଫଳରେ ଗୁରୁଦେବଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେମାନେ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଅଭିଯୁକ୍ତ ଜି. ଲିଟୁ ପ୍ରଧାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଏକ ଗାଡ଼ି ଜବତ କରାଯାଇଥିଲା। ଅଭିଯୁକ୍ତ ଦୁର୍ଯ୍ୟୋଧନ ବାରିକ ଓରଫ ଧନାଙ୍କ ନିକଟରୁ ଅପରାଧର ଅସ୍ତ୍ର ଏକ ଖଣ୍ଡା ଜବତ କରାଯାଇଥିଲା।

ସେହିପରି ପୁଲିସ ଗୁରୁଦେବ ମିଶ୍ର ଓରଫ ସୋନୁଙ୍କୁ ମଧ୍ୟ ଗିରଫ କରିଛି। ସେ ମଧ୍ୟ ଅନ୍ୟ ଏକ ଗୋଷ୍ଠୀର ଅତନୁ ସବ୍ୟସାଚୀ ବିଶ୍ୱାଳଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଅନ୍ୟ ଗୋଷ୍ଠୀର ଯୁବକମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପୁଲିସ ଚଢାଉ କରି ଅଭିଯୁକ୍ତ ଗୁରୁଦେବ ମିଶ୍ର ଓରଫ ସୋନୁଙ୍କ ଗିରଫ କରିଥିଲା। ତାଙ୍କ ହେପାଜତରୁ ଅପରାଧର ବ୍ୟବହୃତ ଏକ ଖଣ୍ଡା ଜବତ ହୋଇଥିଲା। ସେ ପୂର୍ବରୁ ବହୁ ଅପରାଧିକ ମାମଲାରେ ଜଡିତ ଏବଂ ଅଭ୍ୟାସଗତ ଭାବରେ ହିଂସା, ସାର୍ବଜନୀନ ଉପଦ୍ରବ ଏବଂ ଅପରାଧିକ ଧମକରେ ଲିପ୍ତ ଥିବା ନେଇ ପୁଲିସ ଜାଣିବାକୁ ପାଇଛି।




# ୧.୭ କୋଟିର ବ୍ରାଉନ୍‌ସୁଗର ଜବତ

ଭୁବନେଶ୍ୱର, ୮।୧୨ (ସମିସ): ଅବକାରୀ ବିଭାଗ ପକ୍ଷରୁ ୧.୭କୋଟି ଟଙ୍କାର ବ୍ରାଉନ୍‌ସୁଗର ଜବତ ହୋଇଛି। ବ୍ରାଉନସୁଗର କାରବାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମିତ ନାୟକ ଏବଂ ସଞ୍ଜୟ ନାୟକ। ଦୁହିଁଙ୍କୁ କେଦାରପଲ୍ଲୀ ବସ୍ତିରୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, କେଦାରପଲ୍ଲୀ ବସ୍ତିରେ ବ୍ରାଉନ୍‌ସୁଗର କାରବାର ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଗ୍ରାହକ ବେଶରେ ଯାଇ ଅବକାରୀ ବିଭାଗ ଦୁଇ ଜଣଙ୍କୁ ମାଡି ବସିଥିଲା।



**ଆଇଜିଏମ୍ ଆୟୁର୍ବେଦିକ ମେଡିକାଲ୍ କଲେଜ ମାମଲା**

# ସୁରଙ୍କୁ ଜିଏ ବିଭାଗର କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୮।୧୨(ସମିସ): ପୋଖରୀପୁଟସ୍ଥିତ ଇନ୍ଦିରା ଗାନ୍ଧି ସ୍ମାରକୀ (ଆଇଜିଏମ୍) ଆୟୁର୍ବେଦିକ ମେଡିକାଲ୍ କଲେଜ ପାଇଁ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ସାଧାରଣ ପ୍ରଶାସନ ବିଭାଗ। କଲେଜର ସଭାପତି ସୁରେଶ କୁମାର ରାଉରତରାୟଙ୍କୁ ଏହି କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଭୁବନେଶ୍ୱର ପୋଖରୀପୁଟ ମୌଜାରେ ଥିବା କଲେଜ ପାଇଁ ନୋଟିସ୍ କରାଯାଇଥିବା ବେଳେ ଏହି ଜମିରେ ଲିଜ ନିୟମର ଉଲ୍ଲଙ୍ଘନ ହୋଇଥିବା ନୋଟିସ୍‌ରେ ଦର୍ଶାଯାଇଛି। ବର୍ତ୍ତମାନ ଏହା ଜମି ବାଣିଜ୍ୟିକ କାର୍ଯ୍ୟରେ ଲାଗିଥିବା ଅଭିଯୋଗ ହୋଇଛି। ତେଣୁ ୧୫ ଦିନ ଭିତରେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୫ ଦିନ ଭିତରେ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

ବିଭାଗ ପକ୍ଷରୁ ଜାରି ନୋଟିସ୍‌ରେ କୁହାଯାଇଛି, ୧୯୮୯ ମସିହାରୁ ଆୟୁର୍ବେଦିକ ମେଡିକାଲ୍ କଲେଜ ପାଇଁ ସୁରେଶ ରାଉତରାୟ ଜମି ନେଇଛନ୍ତି। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ସେ କିଛି କରି ନାହାନ୍ତି। ନିୟମ ଦୃଷ୍ଟିରୁ ଜମି ନେଇ ଅବ୍ୟବହୃତ ରହିଲେ, ୫ ବର୍ଷ ମଧ୍ୟରେ ଏହା ସରକାରଙ୍କ ଖାତାକୁ ଫେରିଯିବ। ଏତେ ବର୍ଷ ହେବ ଏହି ଜମିକୁ କାହିଁକି ବ୍ୟବହାର କରି ରଖିଛନ୍ତି ବୋଲି ବିଭାଗ ପ୍ରଶ୍ନ କରିଛି। ସାଧାରଣ ପ୍ରଶାସନ ବିଭାଗ ଗତ ୫ ତାରିଖରେ କ୍ଷେତ୍ର ପରିଦର୍ଶନ କରିବା ପରେ ଏହି ନୋଟିସ୍ କରିଛି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତା ଏହାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ସରକାର ବହୁ ଅନ୍ୟାୟ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାଁରେ ମେଡିକାଲ କଲେଜ ହୋଇଛି। ୩୮ ଟି ବ୍ୟାଚ୍ ଏହି କଲେଜରୁ ପାସ୍ କରିଛନ୍ତି। କେନ୍ଦ୍ର ସରକାର ଅନୁମତି ଦେଲେ ନାହିଁ। ସେମାନେ ଇନ୍ଦିରା ଗାନ୍ଧୀଙ୍କ ନାମ କାଟିବା ପରେ ଅନୁମତି ଦିଆଯିବ କହିବାରୁ ସେ ନାଁ ହଟାଯିବ ନାହିଁ ବୋଲି ଶ୍ରୀ ରାଉତରାୟ କହିଥିଲେ। ସେବେଠାରୁ କଲେଜର ଅନୁମତି ପ୍ରତ୍ୟାହାର ହୋଇଛି। ସେଠାରେ ମେଡିକାଲ ଏବେ ବି ଚାଲିଛି। କେବଳ ମତେ ଧମକାଇବାକୁ ଏହି ନୋଟିସ୍ କରାଯାଇଛି। ମାତ୍ର ମୁଁ ପଛକୁ ହଟିବି ନାହିଁ। ହାଇକୋର୍ଟ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବି। ଅନ୍ୟାୟରେ ଏ ସରକାର ଏମିତି କରିଛି ବୋଲି ଶ୍ରୀ ରାଉତରାୟ କହିଛନ୍ତି।

ଅନ୍ୟପଟେ ସୁରେଶ ରାଉତରାୟଙ୍କୁ ନୋଟିସ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ କିଛି ଦିନ ତଳେ ତାଙ୍କର ପୁତ୍ର ତଥା ବିଜେଡି ନେତା ମନ୍ମଥ ରାଉତରାୟଙ୍କ ବିରୋଧରେ ବିଜେପି ଥାନାରେ ମାମଲା ଦାୟର କରିଥିବା ବେଳେ ଏହାର ପାଲଟା ଯବାବରେ ମନ୍ମଥ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ମନ୍ମଥଙ୍କ ବିରୋଧରେ ଏତଲା ପରେ ସୁରେଶ ରାଉତରାୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହାକୁ ଆଧାର କରି ତାଙ୍କୁ ପରୋକ୍ଷରେ ଦବାଇବା ପାଇଁ କାରଣ ଦର୍ଶାଅ ନୋଟିସ୍ କରାଯାଇଥିବା ଚର୍ଚ୍ଚା ହେଉଛି।

- ୧୫ ଦିନରେ ନୋଟିସ୍‌ର ଉତ୍ତର ଦେବାକୁ ନିର୍ଦ୍ଦେଶ
- ଧମକାଇବାକୁ ନୋଟିସ୍, ଦବିଯିବି ନାହିଁ: ସୁର

**ଗୋଆ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ**

# ଭୁବନେଶ୍ୱରରେ ଆମେ କେତେ ସୁରକ୍ଷିତ

ଭୁବନେଶ୍ୱର, ୮।୧୨ (ସମିସ): ଗୋଆ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ପରେ ଭୁବନେଶ୍ୱରର ବିଭିନ୍ନ ନାଇଟ୍ କ୍ଲବ ଓ ବାରଗୁଡ଼ିକର ଅଗ୍ନି ନିରାପତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିସ୍ଥଳେ ସ୍ଥାନୀୟ ପ୍ରଶାସନର ଚେତା ପଶିଛି। ରାଜ୍ୟରେ ଏପରି ଘଟଣା ନ ଘଟିବା ପାଇଁ ତତ୍ପରତା ଦେଖାଇଛି ଅଗ୍ନିଶମ ବିଭାଗ। ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ଉ କରାଯିବ। ଏଥିଲାଗି ତୃତୀୟ ପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଆଜିଠାରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ସେମାନଙ୍କୁ ବିଭିନ୍ନ ମଲ୍, ଡାକ୍ତରଖାନା, କାରଖାନା ଆଦିକୁ ନିଆଯାଇ ଟ୍ରେନିଂ ଦିଆଯିବ।

ଗତ ଶନିବାର ରାତିରେ ଗୋଆର ରୋମିଓ ଲେନରେ ଥିବା ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ଏପଟେ ଆଉ ଦିନ କେଇଟା ପରେ ବଡ଼ଦିନ ଓ ନୂଆବର୍ଷ। ରାଜଧାନୀରେ ଯୁବପିଢ଼ି ରାତିକୁ ରଙ୍ଗୀନ କରିବା ସହ ମତୁଆଲା ହେବାକୁ ଚାହିଁ ବସିଛନ୍ତି। ଗୋଆ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ଓ ଅବକାରୀ ବିଭାଗର ତତ୍ପରତା। କ୍ଲବ, ବାର ଓ ଡ୍ୟାନ୍ସ ପବ୍ ଗୁଡ଼ିକରେ ଯାଞ୍ଚ କରାଯିବ। ୫୦/୧୦୦ ସିଟ୍ କ୍ଷମତା ବିଶିଷ୍ଟ ରେଷ୍ଟୋରାଁକୁ ମଧ୍ୟ ଯାଞ୍ଚ ପରିସରଭୁକ୍ତ କରାଯିବ। ଏଥିସହିତ ଡାକ୍ତରଖାନା, ସପିଂ ମଲ୍, ବାର୍, ପବ୍ ଓ କାରଖାନା ଆଦିରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ କରିବାକୁ ତୃତୀୟ ପକ୍ଷଙ୍କୁ ନିୟୋଜିତ କରାଯାଇଛି। ବିଲ୍ଡିଂ ପ୍ଲାନ୍ ଅନୁମୋଦନ ହୋଇଥିଲେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଅଛି କି ନାହିଁ ଯାଞ୍ଚ କରାଯିବ। ପ୍ରତି ୬ ମାସରେ ଥରେ ଏହାକୁ ଅପଡେଟ୍ କରିବ ସଂସ୍ଥା। ପରିଶେଷରେ ଅଗ୍ନିଶମ ବିଭାଗ ଏହାକୁ ଯାଞ୍ଚ କରିବ। ୧୦ ଦିନ ମଧ୍ୟରେ ଅଗ୍ନିଶମ ନିରାପତ୍ତା ରିପୋର୍ଟ ପ୍ରଦାନ ପାଇଁ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ନିରାପତ୍ତା ସମ୍ବନ୍ଧିତ ସରଞ୍ଜାମ ରହିଛି କି ନାହିଁ ସେ ନେଇ ମଧ୍ୟ ଯାଞ୍ଚ କରାଯିବ।

ସେପଟେ ରାଜଧାନୀରେ ୧୫୫ ଟି ବାର ଓ ଡ୍ୟାନ୍ସ ପବ ରହିଥିବା ବେଳେ ସେଗୁଡ଼ିକ ଉପରେ ନଜର ପକାଇଛି ଅବକାରୀ ବିଭାଗ। ବାର୍ ଓ ପବ୍ ଗୁଡ଼ିକ ଅଗ୍ନିଶମ ବ୍ୟବସ୍ଥା, ନିଆଁ ଲିଭାଇବା ଯନ୍ତ୍ର ଅଛି କି ନାହିଁ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରମାଣପତ୍ର ଆଣିଛନ୍ତି କି ନାହିଁ, ସେସବୁର ଯାଞ୍ଚ କରିବ ଅବକାରୀ ବିଭାଗ। ଏଥିସହିତ ନିୟମିତ ବ୍ୟବଧାନରେ ସେସବୁର ଅପଡେଟ ହେଉଛି କି ନାହିଁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯିବ। ଯଦି ବିନା ଅଗ୍ନିଶମ ନିରାପତ୍ତାରେ ଳ କେହି ବାର ଓ ପବ ଚଳାଉଥାନ୍ତି, ତେବେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ ଚେତାବନୀ ଦେଇଛନ୍ତି।

- ଯାଞ୍ଚ ହେବ କ୍ଲବ୍, ବାର୍ ଓ ପବ୍‌ର ନିରାପତ୍ତା ପ୍ରମାଣପତ୍ର
- ୧୦ ଦିନରେ ସରିବ ପ୍ରକ୍ରିୟା
- ଖିଲାପ କରିଥିଲେ ରଦ୍ଦ ହେବ ବାର୍ ଲାଇସେନ୍ସ



# କାର୍ ଡ୍ରାଇଭରଙ୍କ ଆଙ୍ଗୁଠି କାମୁଡ଼ି ଛିଡ଼ାଇ ଦେଲେ ପାଣିପାଇପ କାରିଗର

ନନ୍ଦନକାନନ, ୮।୧୨(ସମିସ): ନନ୍ଦନକାନନ ଥାନା ରଘୁନାଥପୁର ଗ୍ରାମରେ ରବିବାର ରାତିରେ ଜଣେ ପ୍ଲମ୍ବର କାର୍ ଚାଳକଙ୍କ ଆଙ୍ଗୁଠି କାମୁଡ଼ି ଛିଡ଼ାଇ ଦେଇଛନ୍ତି। ଜଣକ ଘର ଆଗରେ ଥୁଆ ହୋଇଥିବା କାରରେ ଶୋଇପଡ଼ିଥିଲେ। ଉକ୍ତ ପ୍ଲମ୍ବରକୁ କାର୍‌ରୁ ବାହାରିବାକୁ କହିବାରୁ ଏଥିରେ ଦୁର୍ବ୍ୟବହାର କରିବା ସହ ଉତକ୍ଷିପ୍ତ ହୋଇ ମାଧବ ଚନ୍ଦ୍ର ରାଉତ ନାମକ ଜଣେ ବ୍ୟକ୍ତିଙ୍କ ହାତକୁ କାମୁଡି ଡାହାଣ ଆଙ୍ଗୁଠି ଛିଣ୍ଡାଇ ଦେଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ତଦନ୍ତ କରି ନନ୍ଦନକାନନ ପୁଲିସ ଯାଜପୁର ମଙ୍ଗଳପୁର ଥାନା ଅଞ୍ଚଳର ବିଦ୍ୟାଧର ବିଶ୍ୱାଳ (୪୩)କୁ ଗିରଫ କରି କୋର୍ଟ ଚଲାଣ କରିଛି। ବିଦ୍ୟାଧର ରଘୁନାଥପୁର ଅଞ୍ଚଳରେ ଥିବା ଜେଡ-୧ରେ ପ୍ଲମ୍ବର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ ଅଭିଯୋଗକାରୀ ଯାଦବ ରାଉତଙ୍କ ରଘୁନାଥପୁର ଗ୍ରାମର ଘର ଆଗରେ ଏକ କାର ଥୁଆ ହୋଇଥିଲା। ରାତି ସାଢେ ୯ଟା ସୁଦ୍ଧା ବିଦ୍ୟାଧର ଉକ୍ତ କାର ଭିତରେ ଶୋଇଯାଇଥିଲେ। ଜଣେ ଅଜଣା ବ୍ୟକ୍ତି କାର ଭିତରେ ଶୋଇଥିବା ଦେଖି କାର ମାଲିକାଣୀ କଲ୍ୟାଣୀ ଜେନା ବିଦ୍ୟାଧରକୁ କାରରୁ ବାହାରିବା ପାଇଁ କହିଥିଲେ। ହେଲେ ବିଦ୍ୟାଧର କାର ଭିତରୁ ବାହାରିବ କଣ ସେ କଲ୍ୟାଣୀଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଏହା ଦେଖି କଲ୍ୟାଣୀ ଯାଦବଙ୍କ ଭାଇ ମାଧବଚନ୍ଦ୍ର ରାଉତଙ୍କୁ ଡାକିଥିଲେ। ହେଲେ ବିଦ୍ୟାଧର ମାଧବଙ୍କ ସହ ଦୁର୍ବ୍ୟବହାର କରିବା ସହିତ ମାଧବଙ୍କ ଡାହାଣ ହାତ ବୁଢ଼ା ଆଙ୍ଗୁଠି କୁ କାମୁଡି ଛିଡାଇ ଦେଇଥିଲା। ମାଧବ କଟକ ଗୋପାଳପୁର ଅଞ୍ଚଳରେ ଥିବା ଏକ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ଏନେଇ ଯାଦବ ରାଉତ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ।



ଦିନରେ ଆନ୍ଦୋଳନ; ରାତିରେ ଲୋୟର ପିଏମ୍‌ଜିରେ ବିଶ୍ରାମ।

# କାର ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଦୁଇଭାଇ ଗିରଫ

ଧଉଳି, ୮।୧୨(ସମିସ): ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଅଞ୍ଚଳରେ ଜଣେ କାର ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ୨ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଶିଶୁପାଳଗଡ଼ ଅଞ୍ଚଳର ବାବାଜୀ ସାମଲଙ୍କ ୨ ପୁଅ ମଣ୍ଟୁ ଓରଫ ମନୋରଞ୍ଜନ ଏବଂ ବଣ୍ଟି ଓରଫ ବିଶ୍ୱରଞ୍ଜନ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଝାରପଡ଼ା ସ୍ଥିତ ବିଚାର ବିଭାଗ ହାଜତକୁ ପଠାଯାଇଛି। ଖବରନେବାରେ ଜଣାପଡ଼ିଛି ଏହି ଥାନା ଶିଶୁପାଳଗଡ଼ ଗ୍ରାମର ଜ୍ୟୋତିର୍ମୟୀ ସାହୁ ଶନିବାର ତାଙ୍କ ପୁଅକୁ ନେଇ କାର୍ ଯୋଗେ ବିଦ୍ୟାଳୟରୁ ଫେରୁଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୧ ଟାରେ ବଣ୍ଟି ସାମଲ ନାମକ ଜଣେ ଯୁବକ ତାଙ୍କ କାର ଆଗକୁ ଆସି କାର ଚଢାଇ ଛେଳିକୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଆଉ ଏଥିପାଇଁ ୧୦ ହଜାର ଟଙ୍କା ଦେବାପାଇଁ କହିଥିଲେ। ମାତ୍ର ସେମାନେ ତାଙ୍କ ଛେଳିକୁ ମାରିନଥିବା କହିବା ସହ ସେମାନେ ପଇସା ଦେବାପାଇଁ ମନା କରିଥିଲେ। ପରେ ରାଗକୁ ସଞ୍ଜମ ନକରିପାରି ବଣ୍ଟି ତାଙ୍କ ଚାଳକ ଦେବେନ୍ଦ୍ର ପଣ୍ଡାଙ୍କୁ କାର ଭିତରୁ ବାହାରକୁ ଆଣି ହାତରେ ଧରିଥିବା ଏକ ବାଉଁଶରେ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଦେବେନ୍ଦ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ବଣ୍ଟିଙ୍କ ଭାଇ ମଣ୍ଟୁ ଗତକାଲି ସକାଳେ ଜ୍ୟୋତିର୍ମୟୀଙ୍କ ଘର ଉପରକୁ ଢେଲାପଥର ମାଡ଼ କରିଥିଲେ। ଏହି ସମୟରେ ଜ୍ୟୋତିର୍ମୟୀଙ୍କ ସ୍ୱାମୀ ବିଜୟ ପହଞ୍ଚି ମଣ୍ଟୁଙ୍କୁ ଏମିତି ନ କରିବାପାଇଁ କହିଥିଲେ। ମାତ୍ର ମଣ୍ଟୁ ଉତକ୍ଷିପ୍ତ ହୋଇ ବିଜୟଙ୍କୁ ଛୁରା ମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ବିଜୟଙ୍କୁ ଘର ଲୋକେ ପ୍ରଥମେ କ୍ୟାପିଟାଲ ହାଇସ୍କୁଲ ପରେ ଏମ୍ସକୁ ସ୍ଥାନାନ୍ତରିତ କରିଥିଲେ। ଅପରପକ୍ଷରେ ଥାନାରୁ ଅଭିଯୋଗ ନ ଉଠାଇଲେ ପରିବାର ସମସ୍ତଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲେ। ଖବରପାଇ ପୁଲିସ ଶିଶୁପାଳଗଡ଼ରେ ପହଞ୍ଚି ସମ୍ପୃକ୍ତ ୨ ଭାଇଙ୍କୁ ଗିରଫ କରିଥିଲା।



# ନୂଆବର୍ଷ ପୂର୍ବରୁ ପ୍ରିଣ୍ଟିଂ ପ୍ରେସ୍‌କୁ ଫୁର୍‌ସତ ନାହିଁ

## ଡିଜିଟାଲ ପ୍ଲାଟଫର୍ମ, ବୁକେ ଓ ଡ୍ରାଏଫ୍ରୁଟସ୍ ସାଜୁଛି ବିକଳ୍ପ

ଭୁବନେଶ୍ୱର, ୮।୧୨(ସମିସ): ଆସୁଛି ନୂଆବର୍ଷ। ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ରାଜଧାନୀ। କିଏ କିପରି ଏହି ଦିନକୁ ପାଳନ କରିବେ ଓ କାହାକୁ କଣ ଉପହାରରେ ଦେବେ ସେଥିପାଇଁ ଯୋଜନା ଆରମ୍ଭ ହୋଇଗଲାଣି। ତାହାରି ଭିତରେ ଡାଏରୀ ଏବଂ କ୍ୟାଲେଣ୍ଡର ଛାପିବାରେ ଏବେ ବ୍ୟସ୍ତ ପ୍ରିଣ୍ଟିଙ୍ଗ ପ୍ରେସ। ବର୍ଷ ବର୍ଷ ଧରି ନୂଆବର୍ଷର ଅଭିନନ୍ଦନରେ କ୍ୟାଲେଣ୍ଡର ଏବଂ ଡାଏରୀ ଉପହାର ଦେବା ପାଇଁ ଲୋକଙ୍କ ଆଗୁଆ ଅର୍ଡର ଆରମ୍ଭ ହୋଇଯାଇଛି।

ନୂଆବର୍ଷ ଅବସରରେ କିଏ କାହାକୁ ଫୁଲ, ଗ୍ରିଟିଙ୍ଗସ୍ କାର୍ଡ, ନୂଆବର୍ଷର କ୍ୟାଲେଣ୍ଡର ଓ ଡାଏରୀ ଦେଇ ଅନେକ ଅଭିନନ୍ଦନ ଜଣାଇବାକୁ ପସନ୍ଦ କରନ୍ତି। କେବଳ ଯେ ଡାଏରୀ ଦେବା ତାହା ନୁହଁ ବରଂ ଦେବା ବାହାନାରେ ସାକ୍ଷାତକାର କରି ଭାବର ଆଦାନ ପ୍ରଦାନ କରିବା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତେଣୁ ଏହି ଦିନ ଆସିଲେ ଲୋକ ବିଭିନ୍ନ ବହି ଦୋକାନକୁ ଯାଇ ନିଜ ମନ ପସନ୍ଦର ଡାଏରୀ ଓ କ୍ୟାଲେଣ୍ଡର ବରାଦ ଦେଇ ଆସନ୍ତି। ସାଙ୍ଗ ସାଥୀ, କର୍ମକ୍ଷେତ୍ର, ଶିକ୍ଷକ ଓ ପରିବାରବର୍ଗଙ୍କୁ ଡାଏରୀ ଦେବା ସହ ଶୁଭେଚ୍ଛା ଜଣାଇବାର ଇଏ ଏକ ଉତ୍ତମ ମାଧ୍ୟମ ଜଣାଯାଏ। ସେଥିପାଇଁ ବିଭିନ୍ନ ଦୋକାନ, ଅଫିସ, କାର୍ଯ୍ୟାଳୟ ଓ ବ୍ୟାଙ୍କ ପକ୍ଷରୁ ଅର୍ଡର ଆସିବା ଆରମ୍ଭ ହେଲାଣି। ଏନେଇ ସିଭମ ପ୍ରିଣ୍ଟିଙ୍ଗ ପ୍ରେସ୍‌ର ମୁଖ୍ୟ ଶିବପ୍ରସାଦ ଦାସ କୁହନ୍ତି, ଗତବର୍ଷ କ୍ୟାଲେଣ୍ଡର ୬୦ରୁ ୭୦ ହଜାର ଛପା ଯାଇଥିବାବେଳେ ଚଳିତ ବର୍ଷ ସମୟଠୁ ଶିଘ୍ର ଅର୍ଡର ଆସିବା ଆରମ୍ଭ ହୋଇଯାଇଥିଲା। ମୁଖ୍ୟତଃ ନଭେମ୍ବରରୁ ଡିସେମ୍ବରରେ ଅର୍ଡର ଆସିଥାଏ। ହେଲେ ଚଳିତଥର ଅକ୍ଟୋବର ୨୦ରୁ କାମ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୨୫ ହଜାରଠୁ ଅଧିକ କ୍ୟାଲେଣ୍ଡର ଏବଂ ୧୨ରୁ ୧୩ ହଜାର ଡାଏରୀ ଛପା ସରିଲାଣି। ଗ୍ରାହକଙ୍କ ମଧ୍ୟରେ ବିଭିନ୍ନ ପ୍ରାଇଭେଟ କମ୍ପାନୀ ଏବଂ ଦୋକାନୀ ରହିଛନ୍ତି ବୋଲି ସେ କହିଥିଲେ।

ଅନ୍ୟପଟେ ଅନ୍ୟଏକ ପ୍ରିଣ୍ଟିଂପ୍ରେସରେ ୨୦ ବର୍ଷଧରି କାମ କରୁଥିବା କର୍ମଚାରୀ ସନ୍ତୋଷ ପ୍ରଧାନଙ୍କ କହିବାନୁଯାୟୀ, ସମୟ ସ୍ରୋତରେ ଧୀରେ ଧୀରେ ଡାଏରୀ ଓ କ୍ୟାଲେଣ୍ଡରର ଯୁଗ ହଜିବାକୁ ବସିଲାଣି। ଆଗ ଅପେକ୍ଷା ନିକଟ ୮ରୁ ୯ ବର୍ଷ ହେବ ଏସବୁ ଉପହାର ଦେବା କମେଇ ସାରିଲେଣି। ପୂର୍ବରୁ ସେ ଆହୁରି ଅଧିକ ଅର୍ଡର ଆସୁଥିବା ଦେଖିଛନ୍ତି। ଡିଜିଟାଲ ଯୁଗରେ ଲୋକ ଡାଏରୀ ଏବଂ କ୍ୟାଲେଣ୍ଡରକୁ ଆଉ କାଁ ଭାଁ ଖୋଜୁଛନ୍ତି। ଅନ୍ୟ କେଉଁଠିକି ଯିବା ଅପେକ୍ଷା କଲ କିମ୍ବା ମେସେଜ ମାଧ୍ୟମରେ ଶୁଭେଚ୍ଛା ଦବାକୁ ପସନ୍ଦ କରୁଛନ୍ତି ଲୋକ। ସେହିପରି ବହି ଦୋକାନୀଙ୍କ ମତରେ ଅଧିକାଂଶ ଲୋକ ଉପହାରରେ ରଙ୍ଗବେରଙ୍ଗର ବୁକେ ସହ ଡ୍ରାଏଫ୍ରୁଟସ ଓ ଚକ୍‌ଲେଟର ଉପହାର ବାକ୍ସ ଦବାକୁ ପସନ୍ଦ କରୁଛନ୍ତି। ଯାହା ବର୍ତ୍ତମାନର ଟ୍ରେଣ୍ଡ ପାଲଟିଗଲାଣି। କେବଳ ଯେ କିଛି ବୟସ୍କ ଏବଂ ସରକାରୀ ଅଫିସ, ସାମାଜିକ ଅନୁଷ୍ଠାନରେ ହିଁ ସେହି ଡାଏରୀ ଓ କ୍ୟାଲେଣ୍ଡର ଖୋଜିବାକୁ ଆସୁଛନ୍ତି। ଫଳରେ ଆଗ ଅପେକ୍ଷା ସେମାନେ ଦୋକାନରେ ବିକ୍ରି କମିବା ଯୋଗୁଁ ଡାଏରୀର ପରିମାଣ ରଖିବା ମଧ୍ୟ କମେଇ ସାରିଲେଣି ବୋଲି କହିଥିଲେ।









# ଭୁବନେଶ୍ୱର ସିଟି

## ତୃତୀୟ ଦିନରେ 'ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ'

# ଆକର୍ଷିତ କରୁଛି ଥିମ୍ ପାଭିଲିୟନ୍

ଭୁବନେଶ୍ୱର, ୮।୧୨(ସମିସ):ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫' ତୃତୀୟ ଦିନରେ ପହଞ୍ଚିଛି। ସନ୍ଧ୍ୟା ହେଲେ ଲେଖକ, ପ୍ରକାଶକ ଓ ପାଠକଙ୍କ ସମାଗମ ଦେଖିବାକୁ ମିଳିଛି। ତୃତୀୟ ସନ୍ଧ୍ୟାରେ କବି ରମାକାନ୍ତ ରଥ ମଞ୍ଚରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଲେଖିକା ସଂସଦର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଶକୁନ୍ତଳା ବଳିଆର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଭାରତୀ ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତିର ସମାନ କରି ମହିଳା ସ୍ୱାଧୀନତା ସଂଗ୍ରାମୀମାନେ କିପରି ଭାବେ ନିଜ ଜୀବନକୁ ଦେଶର ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ କରିଥିଲେ ସେ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତେବେ ନିଜ ମନ ପସନ୍ଦର ପୁସ୍ତକ କିଣିବା ସହ ମେଳା ପରିସରରେ ରହିଥିବା ଫୁଡକୋର୍ଟରେ ଭଳି କି ଭଳି ଚଟପଟା ଖାଦ୍ୟର ମଜ୍ଜା ନେଉଛନ୍ତି ଗ୍ରାହକ। ଏହାସହ ଶିତୁଆ ସନ୍ଧ୍ୟାରେ କଫି କର୍ଣ୍ଣରେ ମଧ୍ୟ ବହୁ ସଂଖ୍ୟାରେ ଭିଡ଼ ପରିଲକ୍ଷିତ ହୋଇଛି। ତେବେ ସବୁଠାରୁ ଆକର୍ଷଣ ପାଲଟିଛି ଥିମ୍ ପାଭିଲିୟନ୍। ଯେଉଁଠାରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାହିତ୍ୟ ସ୍ରଷ୍ଟାଙ୍କ କୃତିକୁ ଅତି ନିକଟରୁ ଜାଣିବାରୁ ସୁଯୋଗ ପାଉଛନ୍ତି ଗ୍ରାହକ।

ମହୋତ୍ସବର ମୁଖ୍ୟ ପ୍ରବେଶ ଦ୍ୱାରକୁ ମା' ରମାଦେବୀ ପ୍ରବେଶ ପଥ, ଭିତର ପ୍ରବେଶ ଦ୍ୱାରକୁ ସନ୍ଥକବି ଭୀମଭୋଇ ପ୍ରବେଶ ଦ୍ୱାର, ମୁଖ୍ୟ ମଞ୍ଚକୁ କବି ରମାକାନ୍ତ ରଥ ମଞ୍ଚ ଓ ଭିତର ମଞ୍ଚକୁ ଶହୀଦ ବାଜି ରାଉତ ମଞ୍ଚ ନାମରେ ନାମିତ କରାଯାଇଛି। ଏହାସହ ବିଶିଷ୍ଟ ସାହିତ୍ୟିକମାନଙ୍କର କାଳଜୟୀ ଉପନ୍ୟାସର ଫଟୋ ଗୁଡ଼ିକ ପ୍ରଦର୍ଶିତ ହୋଇଛି। ସେହିପରି ମହୋତ୍ସବର ଅନ୍ୟତମ ଆକର୍ଷଣ ପାଲଟିଛି ଦୁଇଟି ଥିମ୍ ପାଭିଲିୟନ। ଓଡ଼ିଶାର ବିଶିଷ୍ଟ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ନିର୍ମିତ ପାଭିଲିୟନରେ କୁନ୍ତଳା କୁମାରୀ ସାବତ, ସରଳା ଦେବୀ, କିଶୋରୀମଣି ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ଶୈଳବାଳା ଦାସ, ରମାଦେବୀ, ଜମ୍ବୁବତୀ ପଟ୍ଟନାୟକ ପ୍ରମୁଖଙ୍କ ଫଟୋ ସହ ସେମାନଙ୍କ ଅବଦାନ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇଛି। ସେହିପରି ଲୌହମାନବ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ଜୀବନୀକୁ ନେଇ ନିର୍ମିତ ଥିମ୍ ପାଭିଲିୟନ 'ସର୍ଦ୍ଦାର ଆଟ୍୧୫୦'ରେ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ରହିଛି। ଏହାସହ ତାଙ୍କ ଜୀବନୀ ଓ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ ଓ ଦେଶୀୟ ରାଜ୍ୟ ମିଶ୍ରଣରେ ତାଙ୍କର ଭୂମିକାକୁ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି।



### ଶିତୁଆ ସନ୍ଧ୍ୟାରେ ଫୁଡକୋର୍ଟ ଓ କଫି କର୍ଣ୍ଣରେ ଲମ୍ବା ଲାଇନ୍

### ମେଳା ପରିସରରେ ବହି ଉନ୍ମୋଚନ ପର୍ବ




ସୁନାମଧନ୍ୟ ଲେଖିକା ତଥା ସାଂସ୍କୃତିକ ଗବେଷିକା ଡ. ଆଦ୍ୟାଶା ଦାସଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଛି। ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାରେ ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରତିଭା ରାୟ, ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା, ଶଙ୍କର ନାରାୟଣ ମଲ୍ଲିକ ପ୍ରମୁଖ ଯୋଗଦେଇ ପୁସ୍ତକଦ୍ୱୟ 'ଦ ସନ୍ ଟେମ୍ପଲ୍ ଅଫ କୋଣାର୍କ' ଏବଂ କବିତା ସଙ୍କଳନ 'ଜହ୍ନ ନଦୀ'କୁ ଉନ୍ମୋଚନ କରିଛନ୍ତି। ଆମେରିକାର ବ୍ଲାକ ଇଗଲ ପ୍ରକାଶନ ସଂସ୍ଥା ପକ୍ଷରୁ ଡ. ଦାସଙ୍କ ଦୁଇ ପୁସ୍ତକ ପ୍ରକାଶିତ କରାଯାଇଛି। ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ଦାସ, ସମାଜସେବୀ ମାନସ ବସ୍ତିଆ, ଇସ୍ରୋ ବୈଜ୍ଞାନିକ ତଥା ସାହିତ୍ୟିକ କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିବା ବେଳେ ସାହିତ୍ୟିକ ତଥା ସାମ୍ବାଦିକ ଚିତ୍ତରଞ୍ଜନ ବେହେରା ପୁସ୍ତକର ସମୀକ୍ଷା କରିଥିଲେ।

ସେହିଭଳି ଶାନ୍ତିସେନା ପବ୍ଲିକେଶନ୍ସ ତରଫରୁ ରାଜ୍ୟ ପୁସ୍ତକ ମହୋତ୍ସବରେ ବିଶିଷ୍ଟ ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ଗଳ୍ପ ସଂକଳନ 'ଅନ୍ଧାରରେ ଦିନେ' ଉନ୍ମୋଚିତ ହୋଇଯାଇଛି। ଏଥିରେ ଶାନ୍ତିସେନାର ପ୍ରକାଶକ ତଥା ଯୁବ ଗାଳ୍ପିକ ରଜତ ରଶ୍ମି ସ୍ୱାଇଁ, କବୟିତ୍ରୀ ମଧୁମିତା, ନାଇଜର କୁଳସଚିବ ଅଭୟ ନାୟକ, ବିଶିଷ୍ଟ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥଙ୍କର ୨୪ ବେଶ ଦର୍ଶନ

ଭୁବନେଶ୍ୱର, ୮।୧୨(ସମିସ): ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତରି ବ୍ରହ୍ମ, ତାଙ୍କୁ ହସ୍ତପାଦ ଖଞ୍ଜି ରାମ କୃଷ୍ଣ, ନୃସିଂହ, ବାମନ ଆଦି ଅବତାର ଲୀଳା ମାନ ବେଶ ମାଧ୍ୟମରେ କରାଯାଇଥାଏ। ଚିଲିକାର ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ପୀଠଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦିବ୍ୟ ଦୁର୍ଲଭ ଦାରୁ ନିର୍ମିତ ୨୪ ବେଶ ତିନି ଦିନ ବ୍ୟାପି ୮ମ ଶ୍ରୀଜଗନ୍ନାଥ ମହୋତ୍ସବରେ ପ୍ରଦର୍ଶନ ହେବାକୁ ଯାଉଛି। ଏହି ଅବସରରେରେ ଶ୍ରୀଜଗନ୍ନାଥ କଥାଲହରୀ ଓ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ କାଙ୍କଣ ଶିଖରୀର ପ୍ରସ୍ତୁତି ବୈଠକ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୧୨ ତାରିଖଠାରୁ ୧୪ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କର ୨୪ ଗୋଟି ବେଶର ଦିବ୍ୟ ଦର୍ଶନ ପାଇବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିବସରେ କଥା ଲହରୀ ଅନୁଷ୍ଠାନ ଦ୍ୱିତୀୟ ବାର୍ଷିକ ଉତ୍ସବ ସହିତ ୨୪ ବେଶଙ୍କର ଉଦଘାଟନ ହେବ। କଥା ଲହରୀ କମିଟିର ନିଷ୍ପତି ଅନୁଯାଇ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କୁ ଶ୍ରୀଦାରୁବ୍ରହ୍ମ ସମ୍ମାନ, ଭିମସେନ ମଙ୍ଗରାଜଙ୍କୁ ଶ୍ରୀବଳଭଦ୍ର ସମ୍ମାନ, ଡା. ସୁଧାଙ୍ଗିନୀ ହରିଚନ୍ଦନଙ୍କୁ ସୁଭଦ୍ରା ସମ୍ମାନ, ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ଓ ଡ. ବଦ୍ରି ମିଶ୍ରଙ୍କୁ ଶ୍ରୀସୁଦର୍ଶନ ସମ୍ମାନରେ ସାମ୍ମାନିତ କରାଯିବ। ୱାଇଲଡ ଲାଇଫ ଡ଼ିଏଫଓ ଅମ୍ଳାନ ନାୟକ, ଏସଡ଼ିପି ଓ ବାଲୁଗାଁ ସଞ୍ଜୟ ପଟ୍ଟନାୟକ, ଚିଲିକା ବିଡ଼ିଓ ପୁନମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ପେନ୍‌ସନ ପାଇଁ ଓଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବି



ଭୁବନେଶ୍ୱର, ୮।୧୨(ସମିସ): ଓଏମସି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସରକାରୀ ପେନସନ ଦେବାକୁ ସ୍ଥିର କରି ଖଣି ନିଗମ ବୋର୍ଡରେ ପ୍ରସ୍ତାବ ଦିଆଯାଇଥିଲା। ବୋର୍ଡ ସଦସ୍ୟ ମାନେ ରାଜି ହେବାପରେ କମିଟି ଗଠନ କରି ଅନୁଧ୍ୟାନ ହୋଇଥିଲା। ହେଲେ ୧୯୯୦ରୁ ଓଏସଏଫବି ଓ ଓପିଟିସିଏଲ, ୨୦୦୫ରୁ ଓପିସିବି, ୧୯୯୬ ଓଏଚପିସି କ୍ଷେତ୍ରରେ ନନପେନସନାରୀ କର୍ମଚାରୀଙ୍କୁ ସରକାର ପିଏଫ ବଦଳରେ ପେନସନ ବ୍ୟବସ୍ଥାକୁ ଆସିଲେ। ସେବେଠାରୁ ସେମାନେ ସରକାରୀ ପେନସନ ପାଉଛନ୍ତି। ହେଲେ ଖଣି ନିଗମ କର୍ମଚାରୀଙ୍କୁ ଏଯାଏଁ ମିଳିପାରିନି ବୋଲି ସଂଘ ଅଭିଯୋଗ କରିଛି। ହିସାବ ଅନୁଯାୟି ଖଣିନିଗମର ପ୍ରାରମ୍ଭିକ ପ୍ରାୟ ୪ଶହ କୋଟି ଭିତରେ ଅର୍ଥ ଆବଶ୍ୟକ ହେବ। ଏଥିପାଇଁ ଖଣି ନିଗମ ପାଖରେ ଯଥେଷ୍ଟ ଅର୍ଥ ଗଚ୍ଛିତ ଅଛି। ଓଏମସି ପ୍ରତିବର୍ଷ ପ୍ରାଏ ୧୦ ହଜାର କୋଟିରୁ ଅଧିକ ଲାଭ କରୁଛି। ସାମାନ୍ୟ ୪୦୦ କୋଟି ଟଙ୍କା ଆଦିବାସି ବୃଦ୍ଧ, ଜରାଗ୍ରସ୍ତ, ଅବସରପ୍ରାପ୍ତ କର୍ମଚାରିମାନଙ୍କୁ ଦେବାପାଇଁ ଆଜିର ସରକାର ନକାରାତ୍ମକ ଭାବ କାହିଁକି ପ୍ରଦର୍ଶନ କରିଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି। ଓଏମସି ଅବସର ପ୍ରାପ୍ତ କର୍ମଚାରୀ ଓଡ଼ିଶାବାସୀ, ଅମଲାମାନଙ୍କୁ, ନେତା, ବିରୋଧ ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ପେନସନ ପାଇଁ ଅନୁରୋଧ କରିଛନ୍ତି।

## ରାଜ୍ୟ ଦିବ୍ୟାଙ୍ଗ ମହୋତ୍ସବକୁ ତିରୁପତି ପାଣିଗ୍ରାହୀଙ୍କ ସହଯୋଗ



ଭୁବନେଶ୍ୱର, ୮।୧୨(ସମିସ): ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ- ୨୦୨୫ 'ନନ୍ଦିନୀ' ଅନୁଷ୍ଠାନ ତରଫରୁ ବିପିନ ବିହାରୀ ଚୌଧୁରୀ ସ୍କୁଲ ଡେଫ୍ ଖେଳ ପଡ଼ିଆଠାରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଦିବ୍ୟାଙ୍ଗ ବିଦ୍ୟାଳୟର ପିଲାମାନଙ୍କ ସହ ସେମାନଙ୍କ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ୟ ଭାବେ ସମାଜସେବୀ ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ସମାଜସେବୀ କରୁଣାକର ନାୟକ, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରିଙ୍ଗ୍ ଷ୍ଟାଇଲ୍ ଅଧ୍ୟକ୍ଷା ସୁଚରିତା ମିଶ୍ର, ନନ୍ଦିନୀର ସମ୍ପାଦକ ହେମନ୍ତ ରଥ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦିବ୍ୟାଙ୍ଗମାନଙ୍କ ପାଇଁ ସମସ୍ତ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଦେବେ ବୋଲି ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି। ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ସମଗ୍ର ରାଜ୍ୟରୁ ୪ ହଜାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଜାଭିୟର୍ ସ୍କୁଲ୍‌ରେ ବିଜ୍ଞାନ ମେଳା

ଯାଁଳା, ୮।୧୨(ସମିସ): ଭୁବନେଶ୍ୱର ବ୍ଲକର ମହୁରା ଜାଭିୟର ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଓ ହସ୍ତକର୍ମ ମେଳା ଅନୁଷ୍ଠିତ ହୋଇଅଛି। ଏହି ମେଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୯୭ଟି ବିଜ୍ଞାନ ପ୍ରକଳ୍ପ ଓ ୨୩ଟି ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ଅମ୍ରିତପ୍ରଭା ବିଦ୍ୟାଳୟର ଚେୟାରମାନ ସମୀର ରଞ୍ଜନ ସ୍ୱାଇଁ, ବଟାନୀ ବିଭାଗର ରିଡର୍ ଡ. ଆଶୀର୍ବାଦ ମହାପାତ୍ର, ସରପଞ୍ଚ ସୁଚିତ୍ରା ପାତ୍ର, ଚେୟାରମ୍ୟାନ ରମାବଲ୍ଲଭ ପରିଡ଼ା, ନିର୍ଦ୍ଦେଶକ ଅନ୍ନପୂର୍ଣ୍ଣା ଜେନା, ଯୋଗ ଦେଇଥିଲେ। ସଭାର ସଭାପତିତ୍ୱ କରିଥିଲେ ଜାଭିୟର ସ୍କୁଲ ଅଧ୍ୟକ୍ଷ ମନୋଜ କୁମାର ସେନାପତି। ସଭା ପରିଚଳନା କରିଥିଲେ ଶିକ୍ଷୟିତ୍ରୀ ତପସ୍ୱିନୀ ପଟ୍ଟନାୟକ ଓ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଅମୀୟ ପ୍ରଣବ ହରିଚନ୍ଦନ।

● ମୋହିତ ଦାସ ମେମୋରିଆଲ୍ ବାସ୍କେଟବଲ୍

## ପୁରୁଷରେ ୟଙ୍ଗ ବ୍ଲଡ, ମହିଳାରେ ଆଭେଞ୍ଜର୍ସ ଚାମ୍ପିଅନ



ଭୁବନେଶ୍ୱର, ୭।୧୨ (ସମିସ): ଡ. ମୋହିତ ଦାସ ମେମୋରିଆଲ୍ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ବିହାରରେ ଅନୁଷ୍ଠିତ ହୋଇଯାଇଛି। ବିଡିଏମ୍ ବାସ୍କେଟବଲ୍ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ଭୁବନେଶ୍ୱରର ୟଙ୍ଗ ବ୍ଲଡ ଦଳ ଚାମ୍ପିଅନ ହୋଇଛି। କଟକର ଟେରିଫିକ୍ ଟେରର୍ ଓ ଭୁବନେଶ୍ୱରର ଡବ୍ଲ୍ୟୁଏ ବଲର୍ସ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ସେହିଭଳି ମହିଳା ବିଭାଗରେ କଟକର ଆଭେଞ୍ଜର୍ସ ଚାମ୍ପିଅନ ଓ ଭୁବନେଶ୍ୱରର ୱାଇପର୍ସ ରନର୍ସଅପ୍ ହୋଇଛି। ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ୩ୟ ସ୍ଥାନ ହାସଲ କରିଥିଲା। ଡ. ସମୀର କୁମାର ଦାସ ଓ ସଂଘମିତ୍ରାଙ୍କ ପୁତ୍ର ସ୍ୱର୍ଗତ ମୋହିତ୍ ସୋଆ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ଗୋଲ୍ଡ ମେଡାଲିଷ୍ଟ ରହିଥିଲେ। ସେହିଭଳି ମଣିପାଲ୍ କଲେଜ ଅଫ୍ ଡେଣ୍ଟାଲ ସାଇନ୍ସରେ ସେ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ମଧ୍ୟ ପାଇଥିଲେ।

## 'ପ୍ରଦୂଷଣ ମୁକାବିଲାରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୮।୧୨(ସମିସ): ସାମ୍ପ୍ରତିକ ସମୟରେ, ସହରାଞ୍ଚଳ ପ୍ରଦୂଷଣ ଏକ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। କାରଣ ଦ୍ରୁତଗତିରେ ବଢୁଥିବା ସହରାଞ୍ଚଳମାନେ ଅସ୍ୱଚ୍ଛ ବାୟୁ, ବର୍ଜ୍ୟ ପଦାର୍ଥ ଏବଂ ଶବ୍ଦର ବର୍ଦ୍ଧିତ ପ୍ରଦୂଷଣ ସହିତ ସଂଘର୍ଷ କରୁଛନ୍ତି। ସରକାର ଏବଂ ଅନୁଷ୍ଠାନମାନେ ପ୍ରଦୂଷଣ ନିୟନ୍ତ୍ରଣ ନିମନ୍ତେ ନୀତି ପ୍ରଣୟନ କରୁଥିବା ବେଳେ, କ୍ଷେତ୍ରସ୍ତରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ନାଗରିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ନାଗରିକମାନେ ସାମୂହିକ ସଫେଇ ଅଭିଯାନ, ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଏବଂ ପରିବେଶ ଅନୁକୂଳ ବ୍ୟବସାୟକୁ ସମର୍ଥନ କରିପାରିବେ। ସାମାଜିକ ଗଣମାଧ୍ୟମ ଏବଂ ସ୍ଥାନୀୟ ପଦକ୍ଷେପ ମାଧ୍ୟମରେ ସଚେତନତା ବୃଦ୍ଧି ଦାୟିତ୍ୱପୂର୍ଣ୍ଣ ଆଚରଣକୁ ଆହୁରି ଉତ୍ସାହିତ କରେ। ଓଡ଼ିଶା ପରିବେଶ ସମିତିର ଅନୁକୂଲ୍ୟରେ 'ସହରାଞ୍ଚଳ ପ୍ରଦୂଷଣ ଆହ୍ୱାନ - ନାଗରିକମାନଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏକ ୱେବିନାର୍‌ରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଓଇଏସ୍ ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବରିଷ୍ଠ ପରିବେଶ ଇଞ୍ଜିନିୟର ଦିଲ୍ଲୀପ କୁମାର ଦାଶ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ସହରାଞ୍ଚଳବାସୀଙ୍କୁ ସେମାନଙ୍କର ଅଙ୍ଗାରକ ପଦଚିହ୍ନ ହ୍ରାସ କରିବାକୁ ଏବଂ ପରିବେଶ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ, ଉପ-ସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଦେଇଥିଲେ।

## ଆରିଫିନକିଡଜ୍ ପକ୍ଷରୁ ରାଜ୍ୟସ୍ତରୀୟ ସମର ଅଲିମ୍ପିଆଡ୍



ଭୁବନେଶ୍ୱର, ୮।୧୨(ସମିସ): ସହରର ପ୍ରମୁଖ ଶିକ୍ଷାଗତ କୋଚିଂ ପ୍ରତିଷ୍ଠାନ ଆରିଫିନ ଏକାଡେମୀ ଏହାର ନୂତନ ବିଭାଗ ଆରିଫିନକିଡଜ୍ ଅଧୀନରେ ଗ୍ରୀଷ୍ମକାଳୀନ ଗଣିତ, ଇଂରାଜୀ, ସାଧାରଣ ଜ୍ଞାନ ଏବଂ ବିଜ୍ଞାନ ଅଲିମ୍ପିଆଡ୍ ପରୀକ୍ଷା ପରିଚାଳନା କରିଥିଲା। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩ହଜାର ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହି ଉଲକ୍ଷେ ଆଜି ରମାଦେବୀ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ସଫଳ ଛାତ୍ରଛାତ୍ରୀଙ୍କୁ ନଗଦ ପୁରସ୍କାର, ସ୍ୱର୍ଣ୍ଣ, ରୌପ୍ୟ ଏବଂ କାଂସ୍ୟ ପଦକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ଏଥିରେ ଡ. ସୁଚେତା ପ୍ରିୟବାଦିନୀ, ଡ. ଏସ୍. ମିନାକେତନ, ପଲି ପଟ୍ଟନାୟକ, ରୋଟାରିଆନ୍ ଜୟଶ୍ରୀ ମହାନ୍ତି, ସୁକୀର୍ତ୍ତି ପଟ୍ଟନାୟକ, କ୍ରୀଡ଼ାବିତ୍ ଦୂତୀ ଚାନ୍ଦ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆରିଫିନ୍ କିଡଜ୍‌ର ନିର୍ଦ୍ଦେଶକ ଶିଳ୍ପା ବରାଇ ଯୋଗଦେଇ ପିଲାମାନଙ୍କୁ ଭବିଷ୍ୟତର ବିଶ୍ୱ ଜ୍ଞାନୀ ଭାବରେ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି କହିବା ସହ ନିଶ୍ଚିତ କରିବାକୁ ପଡ଼ିବ ଯେ ସେମାନେ ନୂତନ ଚ୍ୟାଲେଞ୍ଜ ଗ୍ରହଣ କରିବା ପାଇଁ ସୃଜନଶୀଳ ରହିବେ।

## କମ୍ୟୁନିକ୍ ୨୦୨୫: ଇଲୁମିନାଟିକ୍ସର ବାର୍ଷିକ ମିଡିଆ କନକ୍ଲେଭ

ଭୁବନେଶ୍ୱର, ୮।୧୨(ସମିସ): ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ), ଭୁବନେଶ୍ୱରର ମିଡିଆ ଏବଂ ପିଆର ସେଲ ଇଲୁମିନାଟିକ୍ସ ଏହାର ବାର୍ଷିକ ମିଡିଆ କନକ୍ଲେଭ 'କମ୍ୟୁନିକ୍ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏହି କନକ୍ଲେଭରେ ଚଳିତ ବର୍ଷର ଥିମ୍ ଥିଲା 'ବିଲଡିଂ ବ୍ରାଣ୍ଡସ୍: ଏ ଡିପ୍ ଡାଇଭ୍ ଇନ୍‌ଟୁ ଦ ଷ୍ଟୋରୀଜ୍ ବିହାଇଣ୍ଡ ଥ୍ରାଇଭିଂ ବ୍ରାଣ୍ଡସ୍'। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆଇଏଚସିଏଲ ଡିଜିଟାଲ ମାର୍କେଟିଂ ଡାଇରେକ୍ଟର ଆର୍ଯ୍ୟା ସ୍ୱୟଂମିଶ୍ର, ପିଡିଲାଇଟ୍ ରିଜିଓନାଲ ମାର୍କେଟିଂ ମ୍ୟାନେଜର ସଞ୍ଜୟ କୁମାର ସାହୁ, ଟାଟା ସମ୍ପନ୍ନ ସ୍ପାଇସେସ୍ ସିନିଅର ବ୍ରାଣ୍ଡ ମ୍ୟାନେଜର ବର୍ଷା ନାୟକ, ଅର୍ବିଟ୍ ୮ ମିଡିଆ କ୍ରିଏଟିଭ ହେଡ କଳ୍ପିତ ମହାନ୍ତି ଯୋଗଦେଇଥିଲେ। ଏହି ଅଧିବେଶନକୁ ସଂଯୋଜନା କରିଥିଲେ ପ୍ରଫେସର ସୁମିତ୍ରା ମିଶ୍ର। ବକ୍ତାମାନେ ସ୍ୱଷ୍ଟତା, ସ୍ଥିରତା, ଉପଭୋକ୍ତା ସହ ପ୍ରକୃତ ସଂଯୋଗ, ପ୍ରାସଙ୍ଗିକତା ଏବଂ ଭାବପ୍ରବଣ କାହାଣୀ କହିବା ଉପରେ ଗୁରୁତ୍ୱ ଦେବା ସହ ଆପଲ୍, ନାଇକ୍, ଟାଟା ସଲ୍ଟ, ଫେଭିକ୍ୱିକ୍, ଚିଙ୍ଗସ୍ ଆଦି ସଫଳ ବ୍ରାଣ୍ଡର ଉଦାହରଣ ଦେଇ ସେମାନେ କହିଥିଲେ ଯେ, ମହାନ ବ୍ରାଣ୍ଡ ଏକ ଦିନରେ ନୁହେଁ, ଦଶକ ଦଶକ ଧରି ନିର୍ମାଣ ହୋଇଥାଏ। ଏଥିସହିତ କନକ୍ଲେଭରେ ଆକର୍ଷଣୀୟ ପ୍ୟାନେଲ ଆଲୋଚନା ଓ ପ୍ରଶ୍ନୋତ୍ତର ପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଇଲୁମିନାଟିକ୍ସ ସଂଯୋଜକ ନିଶାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶତାକ୍ଷୀରେ ବାର୍ଷିକ ଉତ୍ସବ

ଯାଁଳା/ବଡ଼ରଘୁନାଥପୁର, ୮।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ କଳିଙ୍ଗନଗର -୪ ସ୍ଥିତ ଶତାକ୍ଷୀ ମହିଳା ସଂଗଠନରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୁପେ ଏକ୍ରାମ ବିଧାୟକ ବାବୁ ସିଂ, ଓଡ଼ିଶାର ବିଶିଷ୍ଟ ପରିବେଶ ବିତ୍ ସଂରକ୍ଷଣବାଦୀ ପଦ୍ମଶ୍ରୀ ସାବରମତୀ ମୁଖ୍ୟବକ୍ତା, ଓଡ଼ିଶା ପ୍ରାନ୍ତ ଭାରତୀୟ ଯୋଗ ସଂସ୍ଥାନ ଓ ଖଣ୍ଡଗିରି ଯୋଗ ଜିଲ୍ଲା ପ୍ରଭାରୀ ମଞ୍ଜୁଳା ମିଶ୍ର ଏବଂ ବାର୍ତ୍ତା ସଂଯୋଜକ କନକ ଟିଭି ଭବାନୀ ଶଙ୍କର ମହାପାତ୍ର ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ପାଦିକା ମମତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ, କେବଳ ମହିଳାମାନଙ୍କ ଲେଖାକୁ ନେଇ ସଂଗଠନର ପତ୍ରିକା ଶତାକ୍ଷୀ ସ୍ମରଣୀକା କୁ ମୁଖ୍ୟ ଅତିଥି ବାବୁ ସିଂ ଉନ୍ମୋଚନ କରିଥିଲେ, ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବହୁତ ଚିତ୍ତାକର୍ଷକ ଥିଲା, ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସୁଶ୍ରୀ ସଙ୍ଗୀତା ମହାପାତ୍ର, ପ୍ରଣତି ମିଶ୍ର, ସବିତା ପୃଷ୍ଟି ଏବଂ ପୁଷ୍ପାଞ୍ଜଳି ବିଶ୍ୱାଳ ସୁନ୍ଦର ଭାବରେ ପରିଚାଳନା କରିଥିଲେ, ଏଥିରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା, ଶେଷରେ ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିହାର ରଞ୍ଜନ ରାଉତଙ୍କୁ 'ଏକ୍ସଲେନ୍ସ ଇନ୍ ଏମରଜିଂ ଏଆଇ ଟେକ୍ନୋଲୋଜି ଇନୋଭେସନ୍' ସମ୍ମାନ

ଭୁବନେଶ୍ୱର, ୮।୧୨ (ସମିସ): ଟେକ୍ କମ୍ପାନୀ କ୍ରିୟୁଟୋ ର ପ୍ରତିଷ୍ଠାତା ଓ ସିଇଓ ତଥା ଓଡ଼ିଶାର ଯୁବ ଟେକ୍ ଉଦ୍ୟୋଗପତି ନିହାର ରଞ୍ଜନ ରାଉତଙ୍କୁ 'ଏକ୍ସଲେନ୍ସ ଇନ୍ ଏମରଜିଂ ଏଆଇ ଟେକ୍ନୋଲୋଜି ଇନୋଭେସନ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଇଣ୍ଡିଆ ବିଜନେସ୍ ଆୱାର୍ଡ ୨୦୨୫ ପକ୍ଷରୁ ଏଆଇ ଏବଂ ସଫ୍ଟୱେୟାର ଡେଭଲପମେଣ୍ଟ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ରାଉତ କମ୍ ବୟସରେ ମଧ୍ୟ ଏଆଇ ଆଧାରିତ ସମାଧାନ, ସ୍କେଲେବଲ୍ ସଫ୍‌ଟୱେୟାର ପ୍ଲାଟଫର୍ମ ଓ ଡିଜିଟାଲ ଇନୋଭେସନ୍ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଆସୁଛନ୍ତି। ଏସଏମଇଏସ୍, ଷ୍ଟାର୍ଟଅପ ଓ ବିଭିନ୍ନ ଉଦ୍ୟମ ପାଇଁ ସେ ନବପ୍ରବର୍ତ୍ତନମୂଳକ ଟେକ୍ ସମାଧାନ ଉପସ୍ଥାପିତ କରୁଛନ୍ତି। ସମ୍ମାନ ଗ୍ରହଣ କରି ଶ୍ରୀ ରାଉତ କହିଛନ୍ତି ଯେ, ଆମ କାର୍ଯ୍ୟକୁ ଇଣ୍ଡିଆ ବିଜନେସ୍ ଆୱାର୍ଡ-୨୦୨୫ ପକ୍ଷରୁ ଏଭଳି ସ୍ୱୀକୃତି ଦିଆଯାଇଥିବାରୁ ଆମେ ପାଇଁ ଏହା ଗୌରବ ଏ ନୂତନ ଦାୟିତ୍ୱ। ସେମାନେ ଆମକୁ ଭରସା ଓ ସହଯୋଗ କରୁଥିବାରୁ ଏହି ସମ୍ମାନ ସେମାନଙ୍କୁ ଉତ୍ସର୍ଗ କରୁଛି ବୋଲି ଶ୍ରୀ ରାଉତ କହିଛନ୍ତି।

## ଭାଷା ସଂସ୍କୃତି ସମାଜ, ଭୁବନେଶ୍ୱରର ବାର୍ଷିକ ପ୍ରତିଭା ସମ୍ମାନ ସମାରୋହ

ଭୁବନେଶ୍ୱର, ୮।୧୨(ସମିସ): ୟୁନିଟ -୩ଖାରବେଳ ନଗରସ୍ଥ ଭାରତୀୟ ବିଦ୍ୟାଭବନ ସଭାଗୃହରେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ସାହିତ୍ୟ ଅନୁଷ୍ଠାନ ଭାଷା ସଂସ୍କୃତି ସମାଜର ବାର୍ଷିକ ସାହିତ୍ୟ ସମାରୋହ ଓ ପ୍ରତିଭା ସନମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହର ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଉତ୍ସବ କବୟିତ୍ରୀ ଡ. ଜୟଶ୍ରୀ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଚମକ ଚାନ୍ଦିନୀ ଦାଶ, ଗୋଲକ ବିହାରୀ ନାୟକ ଓ ଜୟଶ୍ରୀ ପଟ୍ଟନାୟକ ସଂଯୋଜନା କରିଥିଲେ। ପରେ ଅନୁଷ୍ଠାନର ସଭାପତି ପ୍ରଫେସର ଅଭୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଭା ସମ୍ମାନ ସମାରୋହରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରାଧ୍ୟାପକ ଡ. ବାବାଜୀ ଚରଣ ପଟ୍ଟନାୟକ ଓ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଲେଖକ ରଘୁନାଥ ମିଶ୍ର ଯୋଗଦେଇ ଥିଲେ। ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପାଞ୍ଚ ପ୍ରତିଭା ଜୟକୃଷ୍ଣ ସାମଲଙ୍କୁ ଭାଷା ସଂକୃତି ସମାଜ ସାହିତ୍ୟ ସମ୍ମାନ, ସୀମାଞ୍ଚଳ ପଣ୍ଡାଙ୍କୁ ଭାଷା ସଂକୃତି ସମାଜ ପ୍ରବନ୍ଧ ସମ୍ମାନ, ନିରୂପମା ରୟଙ୍କୁ ଭାଷା ସଂକୃତି ସମାଜ କବିତା ସମ୍ମାନ, ବିଦ୍ୟାଧର ଗୁରୁଙ୍କୁ ଭାଷା ସଂକୃତି ସମାଜ ଗପ ବା କାହାଣୀ ସନମାନ ଓ ବେବିଲତା ପାତ୍ରଙ୍କୁ ଭାଷା ସଂସ୍କୃତି ସମାଜ ନବ ପ୍ରତିଭା ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନ ର ସଭାପତି ପ୍ରଫେସର ଅଭୟ ବେହେରା ସ୍ୱାଗତ ଭାଷଣ ଦେଇଥିଲା ଅନୁଷ୍ଠାନର ସମ୍ପାଦିକା ସୌଦାମିନୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଜୟଶ୍ରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ନଟବର ମହାନ୍ତି ଯୁବ କବି ସ୍ୱପ୍ନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୮।୧୨(ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସ୍ପେଶାଲ୍ ଏଜୁକେସନାଲ୍ ନିଡ୍‌ସ (ସେନ୍) ଗ୍ଲୋବର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ବିଜେତା ପ୍ରଫେସର ଅଭିଜିତ ବିନାୟକ ବାନାର୍ଜୀ ଯୋଗ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ସେନ୍ ଗ୍ଲୋର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦିନ ତମାମ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସହ ବାଲ୍ ଶକ୍ତି ପୁରସ୍କାର ବିଜେତା କୋରୋକ୍ ବିଶ୍ୱାସଙ୍କ ଦ୍ୱାରା ଶାସ୍ତ୍ରୀୟ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

ସକାଳ THE SAKALA



## ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଚେତାବନୀ

# ଧାନ ଅଭାବି ବିକ୍ରି ପ୍ରତିବାଦ: ରାଜପଥକୁ ଓହ୍ଲାଇବେ ଚାଷୀ

ଅତାବିରା,୮।୧୨(ସମିସ):



ଧାନର ଅଭାବି ବିକ୍ରି ପ୍ରତିବାଦରେ ଆସନ୍ତାକାଲି ଠାରୁ ଚାଷୀ ଜାତୀୟ ରାଜପଥକୁ ଓହ୍ଲାଇବେ। ଅତାବିରାରୁ ଗୋଡ଼ଭଗା ଭିତରେ ଧାନ ବସ୍ତା ସହ ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଗୋଡ଼ଭଗାରେ ଅନୁଷ୍ଠିତ ଚାଷୀ ସମାବେଶରେ ନିଷ୍ପତ୍ତି ହୋଇଛି। ସଂଗଠନର ଅତାବିରା ବ୍ଲକ୍ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ବିଭିନ୍ନ ମାର୍କେଟ୍ ୟାର୍ଡରୁ ଶତାଧିକ ଚାଷୀ ଆସିଥିଲେ। ବିଗତ ବର୍ଷରେ ଖରିଫ ଫସଲରେ ନଭେମ୍ବର ୧୦ରୁ ମଣ୍ଡି ଖୋଲି ଡିସେମ୍ବର ବେଳକୁ ଧାନସଂଗ୍ରହ ଶେଷ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଡିସେମ୍ବରର ୮ ଦିନ ବିତିଛି। ହେଲେ ଧାନ ସଂଗ୍ରହ ନାମକୁ ମାତ୍ର ହୋଇଛି। ଅନେକ ମଣ୍ଡିରେ ଧାନ ବିକ୍ରି ଆରମ୍ଭ ହୋଇନାହିଁ। ମାସେ ପରେ ଜାନୁଆରୀ ମକର ସଙ୍କ୍ରାନ୍ତି ପରେ ହୀରାକୁଦ ସେଚାଞ୍ଚଳରେ ରବି ଫସଲ ପାଇଁ ଧାନରୁଆ ଆରମ୍ଭ ହୋଇ ଥାଏ। ଜାନୁଆରୀ ପହିଲାରୁ ଆଗାମୀ ଫସଲ ପାଇଁ ପ୍ରସ୍ତୁତି ହୋଇଥାଏ। କିନ୍ତୁ ଚଳିତ ବର୍ଷ ଧାନ ସଂଗ୍ରହରେ ଅଚଳାବସ୍ଥା, ମନ୍ଥରତା ନେଇ ଚାଷୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ଭାଳେଣି ପଡ଼ିଛି। ବହୁ ଲୋକଙ୍କ ଟୋକନ୍ ଏ ପର୍ଯ୍ୟନ୍ତ ଆସିନାହିଁ। ଟୋକନ କେବେ ଆସିବ କି ନାହିଁ ଚାଷୀ, ପାକ୍ସ କର୍ମଚାରୀଙ୍କ ମଧ୍ୟରେ କିଛି ସୂଚନା ନାହିଁ। ଧାନ ବିକ୍ରି ସମସ୍ୟା ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଜିଲ୍ଲା ପ୍ରଶାସନ ସହ ବହୁବାର ଆଲୋଚନା କରିଥିଲେ। କିନ୍ତୁ ଧାନ ସଂଗ୍ରହରେ ସୁଧାର ନ ହେବାରୁ ଏବଂ ପ୍ରଶାସନ ଦିନ ପରେ ଦିନ ଗଡ଼ାଇ ଚାଲିଥିବାରୁ ଶେଷରେ ଆଗାମୀ ଦିନରେ ରାଜପଥକୁ ଓହ୍ଲାଇବାର ନିଷ୍ପତ୍ତି ନିଆଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ମଣ୍ଡିରୁ ମିଲ୍ ପଏଣ୍ଟକୁ ଧାନ ନେବା ଖର୍ଚ୍ଚ ଚାଷୀ କରୁଛି ଓ ମିଲ୍ ପଏଣ୍ଟରେ କଟନି ଛଟନି ହେବ ବୋଲି କିଛି ମିଲରର ଏଜେଣ୍ଟ କହୁଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ସୋମବାର ଗୋଡ଼ଭଗା ମଣ୍ଡିରେ ହୋଇଥିବା ଚାଷୀ ବୈଠକରେ ଚାଷୀଙ୍କ ରୋଷ ଚରମ ସୀମାକୁ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ସରକାର ଚାଷୀଙ୍କ ସହନଶୀଳତାର ପରୀକ୍ଷା ନେଉଛନ୍ତି। ଧାନର ଅଭାବିବିକ୍ରି ପ୍ରତିବାଦରେ ଆଗାମୀ କାଲିରୁ ଯେକୌଣସି ସମୟରେ ଉଚିତ ଜବାବ ଦେବେ ବୋଲି ଚାଷୀ ଓ ସଂଗଠନ ଚେତାଇ ଦେଇଛି।

## ଜୋର ଧରିଲା ଧାନ ବିକ୍ରି ଦାବି

# କଟାପାଲି ମାର୍କେଟରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି

**ବରଗଡ଼,୮।୧୨(ସମିସ):** ସୋମବାର କଟାପାଲି ମାର୍କେଟରେ ପ୍ରଭାକର ପୃଷ୍ଟିଙ୍କ ସଭାପତିତ୍ୱରେ ଜରୁରୀ ବୈଠକ ବସିଥିଲା। ୨୮ ତାରିଖ ମାର୍କେଟ ଖୋଲିବା ଦିନରୁ ଆଜି ଯାଏ ଗୋଟିଏ ବସ୍ତା ଧାନ ବିକ୍ରି ନ ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସେଥିପାଇଁ ବଡ଼ ଆନ୍ଦୋଳନ ପାଇଁ ଚାଷୀ ମାନେ ମତ ରଖିଥିଲେ। ସଂଯୁକ୍ତ କୃଷକ ସଂଗଠନ ଆବାହକ ରମେଶ ମହାପାତ୍ର ବୈଠକରେ ଯୋଗ ଦେଇଥିଲେ। ମାର୍କେଟର ଧାନ ବିକ୍ରି ନୀତି ନିୟମ ଉପରେ ତଥା ବର୍ତ୍ତମାନ ସ୍ଥିତି ଉପରେ ଚାଷୀ ଭାଇଙ୍କୁ ସଚେତନ କରାଇଥିଲେ। ବୈଠକ ଚାଲିଥିବା ବେଳେ ସପ୍ଲାଏ ଅଫିସର୍ କବିରାଜ ଧରୁଆ ମିଟିଂରେ ଯୋଗ ଦେଇଥିଲେ। ସମସ୍ତ ଚାଷୀ କେବଳ ଗୋଟିଏ ମାତ୍ର ଦାବି କରିଥିଲେ ଯେ ସରକାରଙ୍କ ଫୁଡ୍ ପଲିସିର ନିୟମ ଅନୁସାରେ ଚାଷୀଙ୍କ ଧାନ କ୍ରୟ କରି ନିଅନ୍ତୁ। ଆସନ୍ତାକାଲି ସୁଦ୍ଧା କଟାପାଲି ମାର୍କେଟରୁ ଧାନ ବିକ୍ରି ନ ହେଲେ ତେବେ କୌଣସି ମୂହୁର୍ତ୍ତରେ କିଛି ବି ପଦକ୍ଷେପ ନେବାକୁ ଚାଷୀ ଶୁଣାଇ ଦେଇଥିଲେ। ସପ୍ଲାଏ ଅଫିସର୍ କବିରାଜ ଧରୁଅ ଆସନ୍ତାକାଲି ସୁଦ୍ଧା କିଣା ବିକା କଟାପାଲି ମାର୍କେଟରେ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବୃନ୍ଦାବନ ଭୋଇ, କିଶୋର ପ୍ରଧାନ, ଭଜ ସାହୁ, ମହେନ୍ଦ୍ର ପ୍ରଧାନ, ସୁଦୀପ୍ତ ଦାସ, ବୀରବର ମଲ୍ଲିକ, ଦଶରଥ ସେଠ୍, ସଫେଟ୍ ଭୋଇ, ନାଗର ନିଜ ନିଜ ମତ ରଖିଥିବା ବେଳେ ସୁଦାମ ସାହୁ ସଭାକୁ ପରିଚାଳନା କରିଥିଲେ।



# ଆଚାର୍ଯ୍ୟ ଓ କାର୍ଯ୍ୟକର୍ତ୍ତାଙ୍କ ପାରିବାରିକ ବନ୍ଧୁମିଳନ

**ଝାରବନ୍ଧ,୮।୧୨(ସମିସ):** ବିବେକାନନ୍ଦ କେନ୍ଦ୍ର ଏବଂ କାର୍ଯ୍ୟକର୍ତ୍ତାଙ୍କ ପରିବାର କନ୍ୟାକୁମାରୀ ଦ୍ୱାରା ପରିଚାଳିତ ଓଡ଼ିଶା ସେବା ପ୍ରକଳ୍ପ ବରଗଡ଼ ଓ ଆନନ୍ଦାଳୟ ଝାରବନ୍ଧ ଆନୁକୂଲ୍ୟରେ ଆଚାର୍ଯ୍ୟ ଓ କାର୍ଯ୍ୟକର୍ତ୍ତାମାନଙ୍କ ପରିବାର ମିଳନ କାର୍ଯ୍ୟକ୍ରମ ଝାରବନ୍ଧ ଡ୍ୟାମ ଶିବ ମନ୍ଦିରଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦ ପରିବାରରୁ ପ୍ରାୟ ୧୮୦ ଜଣ ସଦସ୍ୟ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ସରକାରୀ ଶିକ୍ଷକ ପ୍ରକାଶ ବାଗ ଓ ଗାୟିତ୍ରୀ ପରିବାରରୁ ବ୍ରହ୍ମାନନ୍ଦ ସିଦାର ଅତିଥି ଭାବେ ଯୋଗ ଦେଇ ଗୀତା ଓ ଭାରତୀୟ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସଂଯୋଜିକା କେଶରୀ କୁମର୍ରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ପରିଚାଳନା କରିଥିଲେ। ବିବେକାନନ୍ଦ କେନ୍ଦ୍ରର ଯୁବ କାର୍ଯ୍ୟକର୍ତ୍ତା ଯତୀନ୍ଦ୍ର କୁମର୍ରା ଆନନ୍ଦାଳୟର ଚାରିଟା ଆୟାମ୍ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କାର ଓ ସ୍ୱାଭିମାନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକର୍ତ୍ତା ଅନିଲ ଲୁହାର ଅନନ୍ଦାଳୟ ସୁପରଭାଇଜର ଲୋଚନ ସାହୁ ସମସ୍ତ ବ୍ୟବସ୍ଥା ଦାୟିତ୍ୱ ତୁଲାଇଥିଲେ। ମନୋରଞ୍ଜନ ପ୍ରଧାନ, କେତକୀ ବାଗ, ସନାତନ ପାଣ୍ଡେ, ଝୁମ୍ପା ରାଉତ୍, ମନୋଜ, ଟୁନା ଛତର ପ୍ରମୁଖ ସହଯୋଗ କରିଥିଲେ। ଆଚାର୍ଯ୍ୟ ମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଜାଗ୍ରତ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଚାର୍ଯ୍ୟ ନିଶା ସାହୁ ଓ ସପ୍ନା ମହାନନ୍ଦ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲା ବେଳେ ଆଚାର୍ଯ୍ୟ ରଶ୍ମି ମାଝୀ ଶାନ୍ତି ପାଠ ଓ ଦେଶ ଭକ୍ତି ଗାନ କରିଥିଲେ। ଆନନ୍ଦାଳୟର ଆଚାର୍ଯ୍ୟମାନଙ୍କ ଅଭିଭାବକ ମାନଙ୍କୁ ଏବଂ ସମସ୍ତ ଅତିଥି ମାନଙ୍କୁ ଶେଷରେ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।



# ପଦ୍ମପୁର ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

ପଦ୍ମପୁର,୮।୧୨(ସମିସ): ପଦ୍ମପୁର ଉପଖଣ୍ଡର ସ୍ଥାନୀୟ ଟାଉନ କ୍ଲବ୍ ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ କଳା ଓ ସଂସ୍କୃତିର ମହାମିଳନର ମଞ୍ଚ 'ପଦ୍ମପୁର ଲୋକ ମହୋତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୦ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ପୂର୍ବରୁ ୯ ତାରିଖ କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହେବ। ଏ ନେଇ ଆଜି ଆୟୋଜକ କମିଟି ତରଫରୁ ସ୍ଥାନୀୟ ଅଶୋକ ପଡିଆରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ସାଂସ୍କୃତିକ ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୨୨ଟି ଦଳ ଏବଂ ମେଢ଼ ଅଂଶଗ୍ରହଣ କରିବ। ମଞ୍ଚରେ ହେବାକୁ ଥିବା ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ରାଜ୍ୟ ବାହାରୁ ୩ଟି ଦଳ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲା ମାନଙ୍କରୁ ପ୍ରାୟ ୧୧ଟି ଏବଂ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିକୁ ଦର୍ଶାଉ ଥିବା ପ୍ରାୟ ୫ଟି ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। କମିଟି ତରଫରୁ ସମ୍ବଲପୁରୀ ବାନ୍ଧ କଳାର ପ୍ରଚାର ପ୍ରସାର ଏବଂ ଚଳଣିକୁ ନେଇ ଏକ ଫ୍ୟାସନ ସୋର ମଧ୍ୟ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମିଟି ତରଫରୁ ସଭାପତି ପ୍ରିତେଶ ବହିଦାର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଲୋକମାନଙ୍କୁ ନିବେଦନ କରିଥିଲେ। ସମ୍ମିଳନୀରେ ଲୋକ ମହୋତ୍ସବର ଆବାହକ ଅଶୋକ ମିଶ୍ର, ଉପସଭାପତି ନରେଶ ସୁନ୍ଦର ସାହୁ, ସରୋଜ ମିଶ୍ର, ବିକାଶ ବହିଦାର, ନରୋତ୍ତମ ପଧାନ, ନିରୋଜ ସିହ୍ନା, ଅମିତ ଗର୍ଗ, ଶୁଭମ ପଟ୍ଟନାୟକ, ଦିନେଶ ବାରିକ, ଆଇନଜୀବୀ ସୋମେଶ ଚନ୍ଦ୍ର ମହାନ୍ତି, ସୁରଜ ସୁନା, ଅନିଲ ଗୁର୍ଲ୍ଲା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ବିଇଡି ଶିକ୍ଷାର୍ଥୀଙ୍କ ପାଠ୍ୟଦାନ ଅଭ୍ୟାସ କାର୍ଯ୍ୟ ସମ୍ପନ୍ନ



ବରଗଡ,୮।୧୨(ସମିସ): ପଞ୍ଚାୟତ ମହାବିଦ୍ୟାଳୟର ବିଇଡି ଶିକ୍ଷାର୍ଥୀଙ୍କ ଶ୍ରେଣୀଗୃହ ପାଠ୍ୟଦାନ ଅଭ୍ୟାସ କାର୍ଯ୍ୟ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ସମ୍ପନ୍ନ ହୋଇଛି। ଦୀର୍ଘ ଏକ ମାସ ଧରି ୧୫ରୁ ଊର୍ଦ୍ଧ୍ୱ ବିଇଡି ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ଆଲୁମୁନି ସଦସ୍ୟ କପିଳ ବାଗ, ଡ.ଡୋଳାମଣି ଶତପଥୀ, ଅଭିଭାବକ ସୁଦର୍ଶନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ସମସ୍ତ ବିଇଡି ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରା ଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାର୍ଥୀ ମାନେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପଦ୍ମପୁର ବଣିକ ସଂଘର ବନ୍ଧୁମିଳନ

ପଦ୍ମପୁର,୮।୧୨(ସମିସ): ପଦ୍ମପୁର ବଣିକ ସଂଘ ତରଫରୁ ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁନିଲ ଅଗ୍ରୱାଲ ସମ୍ପାଦକ ନନ୍ଦ କିଶୋର ଅଗ୍ରୱାଲଙ୍କ ସମେତ ସମସ୍ତ ସଦସ୍ୟ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ବ୍ୟବସାୟୀ ମାନେ ନାଚଗୀତ କରି ପରସ୍ପର ଭିତରେ ଭାବର ଆଦାନପ୍ରଦାନ କରିଥିଲେ।

# ଝାରବନ୍ଧରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

**ଝାରବନ୍ଧ,୮।୧୨(ସମିସ):** ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ବରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଝାରବନ୍ଧ ତହସିଲଦାର ଅଲେଖ ଘୁଟା ଏବଂ ଝାରବନ୍ଧ ବ୍ଲକ୍ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିର ସମୟରେ ଚାଷୀଙ୍କ ଟୋକନ ସମସ୍ୟା, ଧାନ ଉଠା, ରାସ୍ତା କାର୍ଯ୍ୟ, ରାସନ କାର୍ଡ ସମସ୍ୟା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ସମିତି ଗ୍ରାଣ୍ଟ ବଣ୍ଟନରେ ପାତରଅନ୍ତର, ଲୌଡିଦର୍ହା ଅଞ୍ଚଳର ନେଟୱାର୍କ ସମସ୍ୟା, ଲଖନପୁରରେ ମୁରୁମ କାମରେ ଅନିୟମିତତା ଓ ରୟତି ଜମିରୁ ଟ୍ରାନ୍ସଫରମର ସ୍ଥାନାନ୍ତରଣ, ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦେଇ ଅଙ୍ଗନବାଡି ଏବଂ ମହିଳା ସୁପରଭାଇଜର ଚାକିରିର ତଦନ୍ତ, ପଞ୍ଚାୟତ ସମିତି ଜୁନିୟର କଲେଜ ଝାରବନ୍ଧର ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ, ଦେଶୀ ବିଦେଶୀ କୁଚିଆ ମଦଭାଟି ଉଚ୍ଛେଦ, ସ୍ୱତନ୍ତ୍ର ପାଣ୍ଠି ଅନୁଦାନର କାର୍ଯ୍ୟ ନହେବା ଭଳି ବିଭିନ୍ନ ଅଭିଯୋଗ ଉଠିଥିଲା। ମୋଟ ୯୪ ଅଭିଯୋଗ ରେକର୍ଡ ହୋଇଥିବା ବେଳେ ଯାହା ମଧ୍ୟରୁ ୬୪ଟି ବ୍ୟକ୍ତିଗତ ଏବଂ ୩୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗକୁ ଶୁଣି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀ ମାନଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଖ୍ରୀଷ୍ଟ ଜନ୍ମର ସ୍ୱାଗତ ସମାରୋହ

ବରଗଡ଼,୮।୧୨(ସମିସ): ବରଗଡ଼ ଗାନ୍ଧୀ ନଗର ଚର୍ଚ୍ଚ ପରିସରରେ ଖ୍ରୀଷ୍ଟ ଜନ୍ମ ସ୍ୱାଗତ ପର୍ବ ମହାସମାରୋହରେ ପାଳନ ହେଉଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ସମାଜସେବୀ ସୁବ୍ରତ ବିର୍ତ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଚାର୍ଯ୍ୟ ନକୁଳ ବାଗ୍ ଉପସ୍ଥିତ ଥିଲେ। ନିଳମ ନନ୍ଦ ସଭା ସଞ୍ଚାଳନ କରିଥିଲେ। କୁମୋଦିନି ବାଗ, ସୁଭାଷିନୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଚନ୍ଦ୍ର ଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଦବ ସମାଜ ସଭାପତି ଭାବେ ରାଜୁ ଘିବେଲା ପୁନଃ ନିର୍ବାଚିତ



ବରଗଡ଼,୮।୧୨(ସମିସ): ବରଗଡ଼ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜର ସଭାପତି ରୂପେ ପୁନର୍ବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲ୍ଲା ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ରୂପେ ରାଜ୍ୟ ଉପସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲା ସଭାପତି ତପନ ଜୁଆଡିଙ୍କ ସମେତ ରାଜ୍ୟ ଉପସଭାପତି ଧନସିଂ ଭୋଇ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ଶଣ୍ଢ, ଜିଲ୍ଲା ଯାଦବ ସମାଜର ବରିଷ୍ଠ ନେତା ଅମୃତଲାଲ ବନଛୋର ଓ ଜିଲ୍ଲା ଉପଦେଷ୍ଟା ଜୟସିଂ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଜିଲ୍ଲାର ଭେଡେନ ବ୍ଲକ୍‌ର କର୍ମକର୍ତ୍ତା ପ୍ରସ୍ତାବ ଦେଇଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ୧୧ଟି ବ୍ଲକ୍, ସମସ୍ତ ସମସ୍ତ ଏନଏସି ଓ ପୌର ପରିଷଦ ବରଗଡ଼ର ସଭାପତି ସମ୍ପାଦକ ମାନେ ସମର୍ଥନ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ଜିଲ୍ଲା ସଭାପତି ରୂପେ ରାଜୁ ଘିବେଲା ନିର୍ବାଚିତ ହୋଇଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ସଭାପତି ଓ ସମ୍ପାଦକ ଯଥା ରାମ ନାଗ ନାରାୟଣ ଭୋଇ, ଚୂଡ଼ାମଣି ବାଗ, ନୀଳାମ୍ବର ମଲ୍ଲିକ, ମାଲିକ ଭୋଇ, ପୂର୍ଣ୍ଣାନନ୍ଦ ସାମଲ, ମନଫୁଲ ଭୋଇ, ହାଡିଆ ବଗର୍ତି, ଗୋବିନ୍ଦ ବିନ୍ଦ ଜୁଆଡି, ସପ୍ତସିନ୍ଧୁ ବଗର୍ତି, ଝସକେତନ ବଗର୍ତି, ସାହେବ କୁଦେଇ, ପୂର୍ଣ୍ଣାନନ୍ଦ ବଢ଼େଇ, ସନ୍ତୋଷ ବନଛୋର, ସଞ୍ଜୟ କାଣ୍ଡ, ଯଦୁନାଥ ଖରସଲେ, ଗଣପତି ବଗର୍ତି, ଧ୍ରୁବଚରଣ ହାତୀ, କେଶବ ଜାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଚାଳନାରେ ଜଗଦୀଶ ବଗାର ଜିଲ୍ଲା ଯୁବ ଯାଦବ ସଭାପତି, ପ୍ରଦୀପ ଥପା ସାଧାରଣ ସମ୍ପାଦକ, ପିତବାସ ବେହେରା, ମନବୋଧ ବନଛୋର, ରାଧେଶ୍ୟାମ ପୋଡ଼, ଚନ୍ଦ୍ରମଣି ଷାଣ୍ଢ, ଛେଲିଆ ପୋଡ଼, ରବୀନ୍ଦ୍ର କୋକ, ଅଗସ୍ତି ବଗର୍ତି, ସୁଦାମ ଭୋଇ, କୁଞ୍ଜବିହାରୀ ରାଉତ, ରକ୍ଷାକାରୀ ଠେଲା ପ୍ରମୁଖ ସହଯୋଗ କରିଥିଲେ।

# ସୋହେଲା କ୍ୟାରମ୍ ଚାମ୍ପିଅନସିପ୍




ସୋହେଲା,୮।୧୨(ସମିସ): ସୋହେଲା ଗୌରୀ କଲ୍ୟାଣ ମଣ୍ଡପରେ ଜୟ ଜଗନ୍ନାଥ କ୍ଲବ୍ ସୋହେଲା ତରଫରୁ ପଞ୍ଚମ ସୋହେଲା କ୍ୟାରମ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୦ଟି ଦଳ ଭାଗ ନେଇଥିଲେ। ବିଜେପୁରର ଅମିତ ଗଡତିଆ ଏବଂ ରାଜୁ ମଟାରି ଚାମ୍ପିଅନ, ପାଟଣାଗଡ ବାଙ୍କିବାହାଲର ବିଶ୍ୱଜିତ ନାଗ ଏବଂ ଟୁକୁ ପଧାନ ଉପ ବିଜେତା, ସୋହେଲାର ବାଳଗୋପଲ ସାହୁ ଏବଂ ରଞ୍ଜିତ ଭୋଇ ଯୋଡି ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ନଗଦ ପୁରସ୍କାର ପାଇଥିଲେ। ଗତକାଲି ଅପରାହ୍ନରେ ସୋହେଲା ଗୌନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ସୋହେଲା ଭାଜପା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଯୁବ ସଂଗଠକ ଚନ୍ଦ୍ରମଣି ଭଞ୍ଜ ଅତିଥି ଭାବେ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ସୋହେଲାର ୨ଜଣ ଅଗ୍ରଣୀ କ୍ୟାରମ୍ ଖେଳାଳି ସ୍ୱର୍ଗତ ବିଜୟ କାଣ୍ଡ ଏବଂ ପିଣ୍ଟୁ ବାରିକଙ୍କ ସ୍ମୃତିରେ ଚଳିତ ବର୍ଷର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋହେଲା ଭାଜପା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଯୁବ ସଂଗଠକ ଚନ୍ଦ୍ରମଣି ଭଞ୍ଜ ଅତିଥି ଭାବେ ବିଜୟୀ ମାନଙ୍କୁ ପୁରସ୍କୃତ କରିଥିଲେ। କିଶୋର ହତା, ବିଶ୍ୱନାଥ ସାହୁ ଖେଳ ପରିଚାଳନା କରିଥିଲେ। ଅବିନାଶ ନାୟକ, ଧର୍ମେସ ଦାସ, ପ୍ରେମାକାନ୍ତ ନାୟକ, ଆଶିଷ ନାୟକ, ଆୟୁସମାନ ସାହୁ, ଅଭିମାନ ସାହୁ, ଅଭିଳାଷ ନାୟକ, ଦୟସାଗର ସାହୁ, ଚିଣ୍ଟୁ ନାୟକ, ମଳୟ ପଶାୟତ, ସୁମନ ନାୟକ, ମହମ୍ମଦ ଅମିନ, ଦୁଷ୍ମନ୍ତ ଭୋଇ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ଆପ୍ରାଇଜ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବରଗଡ଼,୮।୧୨(ସମିସ): ବରଗଡ଼ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ କଲେଜରେ ତିନି ଦିନଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦ୍‌ଯାପନୀ ସହ ପୁରସ୍କାର ବିତରଣ ହୋଇଯାଇଛି। ମୁଖ୍ୟ ଅତିଥି ସତ୍ୟକେତନ ମହାନ୍ତି ଅନ୍ତର୍ଜାତୀୟ ସଂଗ୍ରାହକ ତଥା ବିଶିଷ୍ଟ ସମାଜସେବୀ, ସରୋଜ ଷଡଙ୍ଗୀ ଜିଲ୍ଲା ପ୍ରତିନିଧି ଦୈନିକ ସକାଳ ଖବରକାଗଜ ଏବଂ ପରମାନନ୍ଦ ମିଶ୍ର ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ତଥା ରାଜ୍ୟ ସାମ୍ବାଦିକ ସଂଘ ଉପସଭାପତି ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ଉପସ୍ଥିତ ଥିଲେ। ଗ୍ରୁପର ଉପାଧ୍ୟକ୍ଷ ଭୀଷ୍ମଦେବ ଦାଶ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟାଳୟ ପ୍ରମୁଖ ଚିତ୍ତରଞ୍ଜନ ଦାଶ ତଥା କଲେଜର ସମସ୍ତ କର୍ମଚାରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ଶେଷରେ ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସଂଗଠନ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

ଗାଇସିଲେଟ,୮।୧୨(ସମିସ):




ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ତରଫରୁ ରାଜ୍ୟର ସମସ୍ତ ବ୍ଲକ୍‌ରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ପ୍ରତି ବ୍ଲକ୍‌ରେ ୧୦ ଏକର ଜମି ନିରୂପଣ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଆସିଛି। ତଦନୁସାରେ ଗାଇସିଲେଟ ବ୍ଲକ୍ ମୁଖ୍ୟାଳୟରେ ରାଜସ୍ୱ ବିଭାଗ ୧୦ ଏକର ସରକାରୀ ଜାଗା ଚିହ୍ନଟ କରି କ୍ରୀଡା ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ କୌଣସି କାରଣ ବଶତଃ ଜିଲ୍ଲା କ୍ରୀଡା ବିଭାଗ ଉକ୍ତ ସ୍ଥାନକୁ ଅନୁପଯୁକ୍ତ ଦର୍ଶାଇ ଅନ୍ୟ ସ୍ଥାନ ନିରୂପଣ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଗାଇସିଲେଟ ଠାରେ ଅସନ୍ତୋଷ ଦେଖା ଦେଇଛି। ଆଜି ଗାଇସିଲେଟ ୟୁଥ୍ କ୍ଲବ୍ ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ କମିଟି, ବରିଷ୍ଠ ନାଗରିକ ସଂଘ, ବଣିକ ସଂଘ, ଓକିଲ ସଂଘ, ସମସ୍ତ ସାମାଜିକ ସଂଘ, ସ୍ପୋର୍ଟସ ସଂଗଠନର ସମସ୍ତ ସଦସ୍ୟ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗାଇସିଲେଟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଗାଇସିଲେଟ ବିଡିଓ ଏବଂ ଥାନାଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଇସିଲେଟ ଠାରେ ୫ଟି ପ୍ରାଥମିକ ବିଦ୍ୟାଳୟ, ୨ଟି ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଯୁକ୍ତ ୨ ଏବଂ ଡିଗ୍ରୀ ମହାବିଦ୍ୟାଳୟର ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ତଥା ଅଗଣିତ ସ୍ଥାନୀୟ ସ୍ୱାସ୍ଥ୍ୟ ସଚେତନ ନାଗରିକ ଉପକୃତ ହୋଇଥାନ୍ତେ। ଏହା ନ ହେଲେ ଗାଇସିଲେଟ ପାଇଁ ଏକ ବଡକ୍ଷତି ହେବ ବୋଲି ସମସ୍ତେ ଅସନ୍ତୋଷ ପ୍ରକାଶ କରିବା ସହିତ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଯଦି ଜିଲ୍ଲାପାଳ ମହୋଦୟ ଏହାର ଠୋସ ପଦକ୍ଷେପ ନ ନିଅନ୍ତି ତେବେ ସମସ୍ତ ସଂଗଠନ ଏକ ହୋଇ ବିରାଟ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିବା ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

## ଗଁଦିଆ ବରିଷ୍ଠ ନାଗରିକ ମଞ୍ଚ ବୈଠକ



ଗଁଦିଆ,୮ ।୧୨(ସମିସ): ଗଁଦିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ପୋରୁହଖୋଜ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ତଥା ମୁଖ୍ୟ ଉପଦେଷ୍ଟା ଭିକାରୀ ଚରଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାପତି ବିଜୟ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଦଣ୍ଡଧର ସାହୁ, ବିଶ୍ୱନାଥ ଜେନା, ମଙ୍ଗୁଳି ବିଶ୍ୱାଳ, ସୁଧାକର ଦଳାଇ, ରବିନାରାୟଣ ରାଉଳ, ନେତ୍ରାନନ୍ଦ ରାଉତ, ଲମ୍ବୋଦର ପରିଡା, କାର୍ଯ୍ୟକାରୀ ସଭାପତି ହରିହର ସାହୁ, ଉପସଭାପତି ପୀତବାସ ରାଉତ, ଡମ୍ବରୁଧର ସେଠୀ, ଗୋପାଳ ରାଉତ, ସାଧାରଣ ସମ୍ପାଦକ ରାଘବ ମହାରଣା, ସହସମ୍ପାଦକ ଅନନ୍ତ ନାରାୟଣ ଶତପଥୀ, ରଞ୍ଜନ ନାୟକ, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ଭୂତିଆ, ସମୀକ୍ଷକ ଉପେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ, ମୁଖପାତ୍ର ଯୁଧିଷ୍ଠିର ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ହଳଧର ମହାନ୍ତି ପ୍ରମୁଖ ଯୋଗଦେଇ ମତ ସାବ୍ୟସ୍ତ କରିଥିଲେ। ଉପଦେଷ୍ଟା ଭାବେ ରବିନାରାୟଣ ରାଉଳ, ନେତ୍ରାନନ୍ଦ ରାଉତ, ଦାମୋଦର ପରିଡାଙ୍କ ସହିତ କାର୍ଯ୍ୟକାରୀ ସଦସ୍ୟ ଭାବେ ପୀତବାସ ସାହୁ, ବୀରକିଶୋର ନାୟକଙ୍କୁ ପରିସରଭୁକ୍ତ କରାଯାଇଥିଲା। ଉପଦେଷ୍ଟା ଶ୍ରୀ ରାଉଳ, ଶ୍ରୀ ରାଉତ ଓ ଶ୍ରୀ ପରିଡାଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀରାମଚନ୍ଦ୍ରପୁରରେ ସଂଗଠନ ସମ୍ପାଦକ ଶ୍ରୀ ଭୂତିଆଙ୍କ ଘରେ କାର୍ଯ୍ୟାଳୟ ଚାଲିବାକୁ କାର୍ଯ୍ୟକାରୀ କମିଟି ଅନୁମୋଦିତ କରିଛି। ମଞ୍ଚର ଉପଦେଷ୍ଟା ବିଶ୍ୱନାଥ ଜେନା ଓ କୁଣିଦା ଗ୍ରାମର ବରିଷ୍ଠ ନାଗରିକ ଗୋବର୍ଦ୍ଧନ ମିଶ୍ରଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସାଧାରଣ ସମ୍ପାଦକ ରାଘବ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବ୍ୟବସ୍ଥା ମଧ୍ୟରେ ଆଞ୍ଚଳିକ ଉଚ୍ଚବିଦ୍ୟାଳୟ

# ଗୃହ ଅଭାବରୁ ଖତ ଖାଉଛି ଲକ୍ଷାଧିକ ଟଙ୍କାର ସାମଗ୍ରୀ

ପରଜଙ୍ଗ,୮ ।୧୨(ସମିସ):

ପରଜଙ୍ଗ ବ୍ଲକ୍‌ର ଜପୁରାକାଟେଣୀ ପଞ୍ଚାୟତର ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଆଧୁନିକ ଯୁଗରେ କମ୍ପ୍ୟୁଟରର ନିତିଦିନିଆ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ପାଠ୍ୟକ୍ରମ

### ଶୌଚାଳୟ ପାଇଁ ଭରସା ଖୋଲା ପଡ଼ିଆ

ସାଙ୍ଗକୁ ଅଭ୍ୟାସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ଶିକ୍ଷକ ନିଯୁକ୍ତି ରହିଥିବାବେଳେ ଜୟପୁରାକାଟେଣ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ କାରଣରୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ବିଦ୍ୟୁତ୍ ଉପକରଣ ଆଦି ଖତ ଖାଉଛି।

ଉକ୍ତ ବିଦ୍ୟାଳୟ ୧୯୯୨ରେ ସ୍ଥାପିତ ହୋଇଥିଲା।





ବର୍ତ୍ତମାନ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୧୪୩ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ତିନୋଟି ଶ୍ରେଣୀ ନିମନ୍ତେ ତିନୋଟି କକ୍ଷ ରହିଥିବାବେଳେ କାର୍ଯ୍ୟାଳୟ ଛୋଟ କୋଠରୀରେ ଚାଲିଛି। ପୂର୍ବ ସରକାର ସମୟରେ ଉକ୍ତ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ପାଖାପାଖି ୬୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ବିଦ୍ୟାଳୟର ଉନ୍ନତିକରଣ ପାଇଁ ଦୁଇଟି ପର୍ଯ୍ୟାୟରେ ୨୦୨୩ରେ ୪୦ ଲକ୍ଷ ଓ ୨୦୨୪ରେ ୧୫ ଲକ୍ଷ ଟଙ୍କା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବିଦ୍ୟାଳୟକୁ ଆସିଥିବା ଅର୍ଥରୁ ପ୍ରେରିତ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ବ୍ଲକ୍ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ କରା ନ ଯାଇ ୫-ଟି ଅର୍ଥରେ ଡେସ୍କ ବେଞ୍ଚ୍ ୭୦ଟି, କମ୍ପ୍ୟୁଟର ୪ଟି, ଇନଭେଟର ଗୋଟିଏ ଓ ଚେୟାର ୨୪ଟି ଯୋଗାଇ ଦେଇ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। କିନ୍ତୁ ବିଦ୍ୟାଳୟରେ କକ୍ଷର ଘୋର ଅଭାବ ରହିଥିବାରୁ କମ୍ପ୍ୟୁଟର ଆସିବା ଦିନଠାରୁ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ କକ୍ଷର ଅର୍ଦ୍ଧାଧିକ ସ୍ଥାନରେ ଗଦା ହୋଇରହିଛି। ଯାହାକି ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ଲାଗିପାରୁ ନ ଥିବାରୁ ଛାତ୍ରଛାତ୍ରୀ କମ୍ପ୍ୟୁଟର ପାଠ୍ୟକ୍ରମରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ରହିଛନ୍ତି। ସେହିପରି ଡେସ୍କ ବେଞ୍ଚ ଅର୍ଦ୍ଧନିର୍ମିତ ଖୋଲା ଆକାଶ ତଳେ ଖରାବର୍ଷାରେ ପଡିରହିଥିବା ଦେଖିବାକୁ ମିଳିଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୨-୨୩ରେ ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ତିନି ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ୟୟବରାଦ ହୋଇଥିଲେ ମଧ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଅଟକି ରହିଛି। ବିଦ୍ୟାଳୟର ଚତୁଃପାର୍ଶ୍ୱ ଖୋଲା ଅବସ୍ଥାରେ ପଡ଼ିରହିଛି। ବିଦ୍ୟାଳୟର ନିଜସ୍ୱ ଅର୍ଥରେ କାଠଖୁଣ୍ଟ ପୋତା ଯାଇ ତାର ବାଡରେ ଅବରୋଧ ରହିଛି। ଶୌଚାଳୟ ନ ଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ପଛ ପାଖ ପଡିଆ ଏକମାତ୍ର ଭରସା ସାଜିଛି। ଏ ନେଇ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାବେଳେ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ସମାଧାନର ପନ୍ଥା ଅବଲମ୍ବନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ସଦର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ଢେଙ୍କାନାଳ,୮ ।୧୨(ସମିସ): ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚବିଦ୍ୟାଳୟରେ ସଦର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ଦେବବ୍ରତ ନାଥ, ନଡିଆଳି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଉତ୍ସବରେ ଅଧ୍ୟକ୍ଷତା କରି ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଓ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଭଗବାନ ବେହେରା ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନିତାବାଳା ଷଡଙ୍ଗୀ ମଞ୍ଚାସୀନ ଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରାଥମିକ ବର୍ଗରୁ ୧୫ଟି, ମାଧ୍ୟମିକ ବର୍ଗରୁ ୩୬ଟି, ଇକୋ କ୍ଲବ ମାଧ୍ୟମିକ ବର୍ଗରୁ ୩୮ଟି ଓ ବାଲ ବୈଜ୍ଞାନିକ ବର୍ଗରୁ ୩୪ଟି ମୋଟ ୧୨୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରାଥମିକ ବର୍ଗରୁ ମନୀସା ବେହେରା, ଅଙ୍କିତା ଦାସ, ସୋମନାଥ ଭୋଳ, ମାଧ୍ୟମିକ




ବର୍ଗରୁ ଲକ୍ଷ୍ମୀପ୍ରିୟା ପରିଡା, ଦିବ୍ୟଦର୍ଶିନୀ ପୃଷ୍ଟି, ସ୍ନେହଲତା ମଲ୍ଲିକ, ଇକୋ କ୍ଲବ ବର୍ଗରୁ ରିତେଶ ହୋତା, ଆକାଂକ୍ଷା ପ୍ରିୟଦର୍ଶିନୀ ସାହୁ, ଅନୁପମ ସାହୁ, ଶୁଭେନ୍ଦୁ ବେହେରା, ଭାଗ୍ୟଶ୍ରୀ ଧଳ, ସ୍ୱୟଂଶ୍ରୀ ସମାପିକା ରାଉତ, ପ୍ରାଚୀ ପଟ୍ଟନାୟକ, ବାଲ ବୈଜ୍ଞାନିକ ବର୍ଗରୁ ଉପାସନା ମିଶ୍ର, ଆୟୁଷ ଅର୍ମାନ ମିଶ୍ର, ପ୍ରିୟଙ୍କା ନାୟକ, ସୋହନ ପ୍ରଧାନ, ରାନୀ ପ୍ରଧାନ, ନବଜିତ ସିନ୍ଧୁ, ଶ୍ରେୟା ବିଶ୍ୱାଳଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି।

ଅପରାହ୍ନରେ ବିଇଓ ଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାଇମାଟି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବ୍ରତ ପାତ୍ର ଓ ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡଃ ଦେବରାଜ ପରିଡା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଚାରକ ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଅଧ୍ୟାପକ ଡଃ ପଙ୍କଜ ସାହୁ, କଳ୍ପନା ଦାସ, ଡଃ ସୁନାମଣି ସାହୁ, ଡଃ ନିଳାଦ୍ରୀ ବିହାରୀ ଦେବତା, ଡଃ ଦିଲ୍ଲୀପ ନାୟକ ଓ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଡଃ ସିଦ୍ଧାର୍ଥ ଶଙ୍କର ରାମ, ଡଃ ଭୁବନେଶ୍ୱର ମୁଦୁଲି ଓ ଡଃ ସାଗରିକା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭସ୍ମିତା ବେଉରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ପଣ୍ଡା, କାଳନ୍ଦୀ ଦେବତା, ବିକାଶ ଜେନା, ବିଚ୍ଛନ୍ଦ ବେହେରା, ବିକ୍ରମ ସେଠୀ, ଅର୍ଜୁନ ନାୟକ, ଦେବୀ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସହ ସମସ୍ତ ସିଆର୍‌ସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଙ୍କଡ଼ାହାଡ଼ ଆକାଂକ୍ଷା ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଢେଙ୍କାନାଳ,୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷା ଉପଖଣ୍ଡର କଙ୍କଡାହାଡ଼ ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆକାଂକ୍ଷା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅଧ୍ୟକ୍ଷତା କରି ଆକାଂକ୍ଷା ବ୍ଲକ୍‌ରେ ସ୍ୱାସ୍ଥ୍ୟ ଓ ପୌଷ୍ଟିକତା, ଶିକ୍ଷା, କୃଷିଭିତ୍ତିକ କାର୍ଯ୍ୟ, ମୌଳିକ ସୁବିଧା ସୁଯୋଗ, ସାମାଜିକ ସୁରକ୍ଷା ଆଦି ନିମନ୍ତେ ସମ୍ପୃକ୍ତ ବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକ୍‌ରେ ହେଉଥିବା




ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ବିବରଣୀ ସଠିକ ସମୟରେ ମିନିଷ୍ଟେରିଆଲ ପୋର୍ଟାଲରେ ଅପଲୋଡ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଆମେ ହାତକୁ ନେଇଥିବା କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରି ସଫଳତା ହାସଲ କରିପାରିବା ବୋଲି କହିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଯୋଜନା ଓ ପରିସଂଖ୍ୟାନର ଉପନିର୍ଦ୍ଦେଶକ ରାଜବଲ୍ଲଭ କର, କଙ୍କଡାହାଡ ବିଡିଓ ଯଶୋବନ୍ତ ଦେହୁରୀଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ବକ୍ତୃତାମାଳା

ଗଁଦିଆ,୮ ।୧୨(ସମିସ): ଗଁଦିଆସ୍ଥ କପିଳାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜିଲ୍ଲା ଶାଖା ପକ୍ଷରୁ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲ୍ଲା ସଭାପତି ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କପିଳାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ



ଅଧ୍ୟକ୍ଷ ଗୋଲକ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଭବାନୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ହରିନାରାୟଣ ସେନାପତି ଓ ପୋରହଖୋଜ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁଭଦର୍ଶିନୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ଆଜୀବନ ସଦସ୍ୟା ଦୀପ୍ତିମୟୀ ଲେଙ୍କା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଜିଲ୍ଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଆଜୀବନ ସଦସ୍ୟ ବୈକୁଣ୍ଠ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶରଣ ଶ୍ରୀକ୍ଷେତ୍ରରେ ତୁଳସୀ ବୃକ୍ଷ ରୋପଣ

ହିନ୍ଦୋଳ,୮ ।୧୨(ସମିସ): ଓଡାପଡ଼ା ବ୍ଲକ୍ ଅନ୍ତର୍ଗତ ଏକଘରିଆସ୍ଥ ଭକ୍ତକବି ଦୀନକୃଷ୍ଣ ଦାସ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ରରେ ତୁଳସୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟ ସେବକ ପତି ମହାପାତ୍ର ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି କହିଥିଲେ, ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଏହି ଏକଘରିଆର ଶରଣ ଶ୍ରୀକ୍ଷେତ୍ର। ଯେଉଁ ମାଟିରେ ଭକ୍ତ କବି ଦୀନକୃଷ୍ଣ ଦାସ ଭଜନ, ଜଣାଣ, ଚଉତିଶା ଆଦି ରଚନା କରିଯାଇଛନ୍ତି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ଏକ ଭବ୍ୟ



ମନ୍ଦିର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି। ଭାବଭକ୍ତିର ତୁଳସୀ ଫୁଲ ଓ ଦୟଣା ଆଦି ଚିଣ୍ଟୁ ବାବାଙ୍କ ଦ୍ୱାରା ପ୍ରତ୍ୟେକ ଦିନ ବାଇକ ଯୋଗେ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗ ସେବା ନିମନ୍ତେ ନିଆଯାଉଛି। ଭକ୍ତକବିଙ୍କ ଭକ୍ତର ପରାକାଷ୍ଠାକୁ ପ୍ରତିପାଦନ ନିମନ୍ତେ ମହାପ୍ରଭୁ ନିଜେ ତୁଳସୀ ସେବା ନିମନ୍ତେ ସ୍ୱପ୍ନାଦେଶ କରିଥିଲେ। ଶରଣ ଶ୍ରୀକ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ପ୍ରତ୍ୟେକ ଦିନ ତୁଳସୀ ନେଇ ଯାଆନ୍ତି କାଳିଆ ସାଆନ୍ତଙ୍କ ନିକଟକୁ ଆମର ପ୍ରିୟ ଚିଣ୍ଟୁ ବାବା ବୋଲି କହିଥିଲେ। ପତି ମହାପାତ୍ରଙ୍କ ହସ୍ତରେ ଶରଣ ଶ୍ରୀକ୍ଷେତ୍ରରେ ୧୦୦୦ ତୁଳସୀ ବୃକ୍ଷ ରୋପଣ କରାଯାଇଛି। ପତି ମହାପାତ୍ରଙ୍କ ବ୍ୟତୀତ ଶିବଶଙ୍କର ଖୁଣ୍ଟିଆଙ୍କ ସମେତ ଅନ୍ୟାନ୍ୟ ସେବାୟତ ଜଗନ୍ନାଥ ଆଶ୍ରିତ ମଣ୍ଡଳୀ, ଦୀନକୃଷ୍ଣ ଗ୍ରାମ୍ୟ କମିଟି ଓ ଅନେକ ସଦସ୍ୟ ଯୋଗଦାନ କରିଥିଲେ।

## ପୁଷ୍ପାଞ୍ଜଳି ଜେନାଙ୍କୁ ଡ. ରାଧାନାଥ ରଥ ସମ୍ମାନ

ଢେଙ୍କାନାଳ,୮ ।୧୨(ସମିସ): ଶ୍ରୀରାମଚନ୍ଦ୍ର ଭବନରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଛି। ଡକ୍ଟର ରାଧାନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇନ୍ଦିରା ସୋସିଆଲ ୱେଲଫେଆର ଅର୍ଗାନାଇଜେସନର ସମ୍ପାଦିକା ପୁଷ୍ପାଞ୍ଜଳି ଜେନାଙ୍କୁ



ମର୍ଯ୍ୟାଦାଜନକ ରାଧାନାଥ ରଥ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ୧୦ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନ୍ୟାୟମୂର୍ତ୍ତି ଏଏସ ନାଇଡୁ ଅଧ୍ୟକ୍ଷତା କରିଥିବା ବେଳେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ସମାଜର ପ୍ରକାଶକ ଓ ମୁଦ୍ରକାର ରାଜେନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଓଡ଼ିଶା ଆଇନ କମିଶନ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଗାନ୍ଧିବାଦୀ ନେତା ପ୍ରହଲ୍ଲାଦ ସିହ୍ନା, ଟ୍ରଷ୍ଟ ସାଧରଣ ସମ୍ପାଦକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ଟ୍ରଷ୍ଟ ଉପସଭାପତି ଡ. ସତ୍ୟ ରାୟ, ସଙ୍ଗଠନ ସମ୍ପାଦକ ଡ. ଦୀପାୟନ ପଟ୍ଟନାଏକ, ଯୁଗ୍ମ ସମ୍ପାଦକ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୀରା ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଶିଶୁ ବିବାହ ମୁକ୍ତ କାର୍ଯ୍ୟକ୍ରମ

ଢେଙ୍କାନାଳ,୮ ।୧୨(ସମିସ): ଭାରତ ସରକାର ୨୦୩୦ ସୁଦ୍ଧା ଦେଶକୁ ଶିଶୁ ବିବାହମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ପ୍ରତିବଦ୍ଧତା ପାଇଁ ଅନୁଗୁଳ, ଢେଙ୍କାନାଳ ଓ ବୌଦ୍ଧ ଜିଲ୍ଲାରେ ବାଲବିବାହ ମୁକ୍ତ ଭାରତର ପ୍ରଥମ ବାର୍ଷିକୀ ଉତ୍ସବ ପାଳନ କରାଯାଇଛି। ଶିଶୁ ବିବାହ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବା ପାଇଁ ଜିଲ୍ଲାରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ବିଶ୍ୱ ଯୁବ କେନ୍ଦ୍ର ସମସ୍ତ ବିଭାଗ ଓ ଏଜେନ୍ସିଙ୍କ ସହ ସମନ୍ୱୟରେ କାମ କରି, ସରକାରଙ୍କ ୧୦୦ ଦିନିଆ ସଚେତନତା ଅଭିଯାନକୁ ଜିଲ୍ଲାରେ ସଫଳ କରିବାକୁ ଦୃଢ଼ ନିଶ୍ଚୟ କରିଛି। ନୂଆଦିଲ୍ଲୀରେ କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ବାଲ ବିବାହ ମୁକ୍ତ ଭାରତର ପ୍ରଥମ ବାର୍ଷିକୀ ଅବସରରେ ଆରମ୍ଭ ହୋଇଥିବା ୧୦୦ ଦିନିଆ ଯୋଜନା ଶିଶୁ ବିବାହକୁ ବଢ଼ିବାକୁ ଦେଇଥିବା ସମଗ୍ର ପରିବେଶକୁ ପ୍ରଭାବିତ କରିବାକୁ ଏକ ଲକ୍ଷ୍ୟଭିତ୍ତିକ ରଣନୀତି ପ୍ରସ୍ତୁତ କରିଛି। ଭାରତ ସରକାର ସମସ୍ତ ରାଜ୍ୟ ସରକାରଙ୍କୁ ୧୦୦ ଦିନିଆ ଅଭିଯାନରେ ଯୋଗଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ, ଗ୍ରାମୀଣ ବିକାଶ ବିଭାଗ,




ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସକ୍ରିୟ ଭାବେ ଅଭିଯାନକୁ ପ୍ରଭାବଶାଳୀ କରିବାକୁ କୁହାଯାଇଛି।

ଜିଲ୍ଲାରେ ଶିଶୁ ବିବାହ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ଲଗାତର ପ୍ରୟାସକୁ ସ୍ୱାଗତ କରି, ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର କହିଥିଲେ, ଆମ ଜିଲ୍ଲାର ପ୍ରଶାସନ ଶିଶୁ ବିବାହ ବିରୋଧରେ ସକ୍ରିୟ ଭାବେ ଲଢୁଛି। ସେମାନଙ୍କ ସହ ସମନ୍ୱୟରେ କାମ କରି ଆମେ ଏଯାଏ ପହଞ୍ଚିଛୁ। ୨୦୩୦ ପୂର୍ବରୁ ଏହି ଅପରାଧକୁ ଅବସାନ କରିବାରେ କୌଣସି ବାଧା ନାହିଁ। ଯାହା କେବେ ଅସମ୍ଭବ ଥିଲା, ତାହା ଆଜି ସତ୍ୟ ହେବାକୁ ଯାଉଛି। ୧୦୦ ଦିନିଆ ଏହି ଜାଗରୁକତା ଅଭିଯାନ ସ୍କୁଲ ଓ ଶିକ୍ଷାନୁଷ୍ଠାନ, ବିବାହ ସମ୍ପନ୍ନ ହୋଇଥିବା ଧାର୍ମିକ ସ୍ଥାନ, ବିବାହ ସମ୍ପର୍କିତ ସେବାଦାତା, ପଞ୍ଚାୟତରେ କେନ୍ଦ୍ରିତ ହୋଇ ଏହି ଅପରାଧକୁ ଶେଷ କରିବାର ଲକ୍ଷ୍ୟରେ ଏକ ଲକ୍ଷ୍ୟଭିତ୍ତିକ ରଣନୀତି ଗଠନ କରିଛି। ଏହି ଅଭିଯାନ ୮ ମାର୍ଚ୍ଚ ୨୦୨୬ରେ ଆନ୍ତର୍ଜାତିକ ନାରୀ ଦିବସରେ ସମାପ୍ତ ହେବ। ରାଜ୍ୟ, ଜିଲ୍ଲା ଓ ଗ୍ରାମ ସ୍ତରରେ ପାଳନ ହେବାକୁ ଥିବା ଏହି ଯୋଜନା ୩ଟି ପର୍ଯ୍ୟାୟରେ ବିଭାଜିତ। ପ୍ରଥମ ପର୍ଯ୍ୟାୟରେ ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଧାର୍ମିକ ସ୍ଥାନ ଓ ବିବାହ ସମ୍ପର୍କିତ ସେବାଦାତା ଯେପରିକି ମନ୍ଦିର, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାରା, ବିବାହ ମଣ୍ଡପ, ବ୍ୟାଣ୍ଡ ପାର୍ଟି ଏ ସବୁକୁ ପରିସର ଭୁକ୍ତ କରାଯିବ। ତୃତୀୟ ପର୍ଯ୍ୟାୟରେ ଗ୍ରାମ ପଞ୍ଚାୟତ ଓ ୱାର୍ଡ ମାଧ୍ୟମରେ ଅଂଶଗ୍ରହଣ କରାଯିବ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

କଙ୍କଡାହାଡ଼,୮ ।୧୨(ସମିସ): କଙ୍କଡାହାଡ଼ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଗ୍ରାମ ସମସ୍ୟା, ଆବାସ ଯୋଜନରେ ଘର, ସ୍ୱାସ୍ଥ୍ୟ



ସମସ୍ୟା, ରାସନ କାର୍ଡ, ଭତ୍ତା, ଚୋରା ମୋରମ, ମାଟି ଓ ବାଲି ବେନିୟମ ଭାବେ ଉତ୍ତୋଳନ, ମନରେଗା ଯୋଜନାରେ ଅନିୟମିତତା, କଙ୍କଡାହାଡ-କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତାର ଉର୍ବଙ୍ଗୀ ନାଳ ଉପରେ ନିର୍ମାଣ ସୁଉଚ୍ଚ ସେତୁ ନିର୍ମାଣ ନିମ୍ନମାନର ଆଦି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ୩୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୩ଟିର ତୁରନ୍ତ ସମାଧାନ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ଜଣେ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କର, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସଞ୍ଜୟ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସନ୍ନ ପରିଜା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଉପଜିଲ୍ଲାପାଳ ଦୀନମଣି ନାୟକ, ବ୍ଲକ୍ ଅଧ୍ୟକ୍ଷା ଚାରୁଲତା ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, ତହସିଲଦାର ସୌଦାମିନୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

### ନକଲି ମଦପିଇ ଯୁବକ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକ

ଭୁବନ,୮ ।୧୨(ସମିସ):

ନକଲି ମଦପିଇ ଯୁବକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଦାବିରେ ମୃତଦେହ ରାସ୍ତା ଉପରେ ରଖି ଅବରୋଧ କରିଛନ୍ତି ପରିବାର ଲୋକେ ଓ ଗ୍ରାମବାସୀ। ଫଳରେ ଜାତୀୟ ଗ୍ରାମିଣ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଭୁବନ ଥାନା ବାଲିବୋ ପଞ୍ଚାୟତ ଅନ୍ତର୍ଗତ କାନଖାଇ ଗ୍ରାମରେ। ଗ୍ରାମର ନୟନ ଦେହୁରୀଙ୍କ ପୁଅ ରମାକାନ୍ତ ଦେହୁରୀ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ



କରନ୍ତି। ଗତକାଲି ବିଲକୁ ଧାନ କାଟିବାକୁ ଯାଇଥିଲେ। ଯିବା ବାଟରେ ଗ୍ରାମ ନିକଟ ବିଦେଶୀ ମଦ ଦୋକାନରୁ ମଦ କିଣି ବିଲକୁ ଯାଇଥିଲେ। ବିଲରେ ମଦପିଇ ଧାନ କାଟୁଥିବା ସମୟରେ ଅସୁସ୍ଥତା ଅନୁଭବ କରି ଶୋଇପଡିଥିଲେ। ସନ୍ଧ୍ୟାରେ ଅନ୍ୟ ଶ୍ରମିକ ତାଙ୍କୁ ଉଠାଇଥିଲେ। କିଛି ଉତ୍ତର ନ ମିଳିବାରୁ ପରିବାରକୁ ଖବରଦେଇ ଭୁବନ ମେଡିକାଲରେ ଭର୍ତ୍ତି କରାଇଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ ଭୁବନ ଥାନାରେ ନକଲି ମଦପିଇ ମୃତ୍ୟୁ ହୋଇଥିବା ଅଭିଯୋଗ ପରେ ଶବକୁ ଜବତ କରି ସୋମବାର ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରି ତଦନ୍ତ ଚଳାଇଥିବା ଜଣାଇଛନ୍ତି। ବ୍ୟବଚ୍ଛେଦ ପରେ ଶବ ଧରି ପରିବାର ଲୋକଙ୍କ ସମେତ ଗ୍ରାମବାସୀ କାନଖାଇ ଅନନ୍ତପୁର ବାଲିବୋ ନୀଳକଣ୍ଠପୁର ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ଭୁବନ ପୁଲିସ ଓ ସ୍ଥାନିୟ ତହସିଲଦାର ଅନୀଲ ମହାନ୍ତି ପହଞ୍ଚି ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା।

## ଅମୀୟ ଚାନ୍ଦ ବାରବାଟୀ ଆନ୍ତର୍ଜାତିକ ଟି-୨୦ରେ ଭାଷ୍ୟକାର

ଢେଙ୍କାନାଳ,୮ ।୧୨(ସମିସ): ଖ୍ୟାତି ସମ୍ପନ୍ନ ବରିଷ୍ଠ ଆନ୍ତର୍ଜାତିକ ଭାଷ୍ୟକାର ଓ ଘୋଷକ ଡଃ ଅମୀୟ କୁମାର ଚାନ୍ଦଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ ପାଇଁ ଭାଷ୍ୟକାର ଭାବେ



ମନୋନୀତ କରାଯାଇଛି। ଶ୍ରୀ ଚାନ୍ଦ କଟକରେ ହୋଇଥିବା ସମସ୍ତ ଫର୍ମାଟରେ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍‌ରେ ଉତ୍ତମ ଭାଷ୍ୟକାର ଭାବେ ବହୁ ସୁନାମ ଆଣି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

## ସରସ୍ୱତୀ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ହିନ୍ଦୋଳ,୮ ।୧୨(ସମିସ): ରାସୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଅଚାର୍ଯ୍ୟା ଉଷାରାଣୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ନିମନ୍ତେ ଭାରତ ବର୍ଷର ମହିୟସୀ ମହିଳାଙ୍କ ବିଷୟରେ ମାର୍ଗଦର୍ଶନ କରାଇଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ସଙ୍କଳ୍ପ ପାଠ କରାଇଥିଲେ। ପରିଚାଳନା ସମିତି ସଦସ୍ୟା ଅନୁରାଧା ପ୍ରଧାନ ଓ ସୁଜାତା ବେହେରା ଉପସ୍ଥିତ ରହିଥିଲେ। ଶିଶୁ ବାଟିକା ପ୍ରମୁଖ ପ୍ରଣତୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଓ ଏହାର ଆଭିମୁଖ୍ୟ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ସ୍ମିତାରାଣୀ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ୩ ବାର୍‌ହା ଶିକାରୀଙ୍କୁ କୋର୍ଟ ଚାଲାଣ କଲା ବନବିଭାଗ



ଚମ୍ପୁଆ/ଯୋଡା,୮।୧୨(ସମିସ):

ଜଙ୍ଗଲ ମଧ୍ୟରେ ବାର୍‌ହା ଶିକାର କରି ମାଂସ ଭାଗ କରୁଥିବା ବେଳେ ବନ ବିଭାଗ ଅତର୍କିତ ଚଢ଼ଉ କରି ୩ ଶିକାରୀଙ୍କୁ ଗିରଫ କରିଥିଲା। ବାର୍‌ହା ଧରିବା ଫାସ, ୧୦ କି.ଗ୍ରା ବାର୍‌ହା ମାଂସ, ୨ଟି ପନିକି, ଗୋଟିଏ କଟୁରିକୁ ବନ ବିଭାଗ ଜବତ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆ ସୂଚନା ଦେଇଛନ୍ତି। ସୂଚନା ଅନୁସାର ଚମ୍ପୁଆ ରେଞ୍ଜ ଅଧୀନ ଯୋଡ଼ା ସେକ୍ସନର ମୁଟୁଦା ଜଙ୍ଗଲରେ ଗତ ୭ ତାରିଖ ସକାଳ ସମୟରେ ଗୁରୁଚରଣ ମୁଣ୍ଡା (୨୪), ସୁରେନ୍ଦ୍ର ମୁଣ୍ଡା (୩୧) ଓ ରାଜେନ୍ଦ୍ର ମୁଣ୍ଡା (୩୪) ଏକ ଜଙ୍ଗଲି ବାରହାକୁ କାଟୁଥିବା ଖବର ପାଇ ଏସିଏଫ ଶ୍ରୀ ଛତ୍ରିୟାଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ କରାଯାଇଥିଲା ଏବଂ ଅଭିଯୁକ୍ତ ମାନଙ୍କ ଠାରୁ ଉପରୋକ୍ତ ଶିକାରରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ। ଆଜି ଉକ୍ତ ୩ ଜଣଙ୍କୁ କେସ ନମ୍ବର ୧୩ସିଏର୍/୨୫ ଅନୁସାରେ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଅସୁସ୍ଥ 'ମାଖନା'ର ମୃତ୍ୟୁ

## ବନ ଅଧିକାରୀଙ୍କ ଅବହେଳା ଯୋଗୁଁ ମୃତ୍ୟୁ ଅଭିଯୋଗ



ତେଲକୋଇ,୮।୧୨(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ କନ୍ତଲେଇ ଦାଢିଆ ସାହି ନିକଟସ୍ଥ ବଙ୍କା ମୁଣ୍ଡା ଜମି ମାଳରେ ଅସୁସ୍ଥ ହୋଇ ପଡ଼ିଥିବା ମାଖନା ହାତୀର ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ ହାତୀର ବୟସ ୧୮ ରୁ ୨୦ ବର୍ଷ ବୋଲି କୁହା ଯାଉଛି। ବନ ବିଭାଗର ଦାୟିତ୍ୱହୀନତା ଓ ଚିକିତ୍ସାରେ ଅବହେଳା ଯୋଗୁଁ ମାଖନାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ପ୍ରକାଶ ଥାଉକି ହାତୀଟି ଦୀର୍ଘ ତିନି ମାସ ହେବ ଦନ୍ତା ଆକ୍ରମଣରେ ଗୁରୁତର ଅସୁସ୍ଥ ହୋଇଥିଲା। ହାତୀର ବାମ ଗୋଡ଼ରେ ଗଭୀର କ୍ଷତ ହୋଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଏହା ଜଣା ପଡ଼ିବା ପରେ ବନ ବିଭାଗ ପକ୍ଷରୁ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ନିୟମିତ ଓ ଉନ୍ନତ ମାନର ଚିକିତ୍ସା ଅଭାବରୁ ହାତୀ ଧୀରେ ଧୀରେ ଦୁର୍ବଳ ହେବା ସହିତ ସ୍ୱାସ୍ଥ୍ୟ ବସ୍ଥା ଆହୁରି ବିଗିଡ଼ିବାରେ ଲାଗିଥିଲା। ମାତ୍ର ବନଖଣ୍ଡ ଅଧିକାରୀ ସବୁବେଳେ ତାଙ୍କ ପ୍ରତିକ୍ରିୟାରେ ହାତୀ ସୁସ୍ଥ ଥିବା ଏବଂ ସ୍ୱାସ୍ଥ୍ୟ ବସ୍ଥାରେ ଉନ୍ନତି ଘଟୁଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏପରି ସ୍ଥଳେ ହାତୀର ମୃତ୍ୟୁ ହେବା ବିଭାଗୀୟ ଅବହେଳା ଜଳ ଜଳ ବୋଲି ଅଭିଯୋଗ ହୋଇଛି। ଏଇ ବର୍ଷେ ମଧ୍ୟରେ ଉକ୍ତ ସ୍ଥାନର ଅନତି ଦୂରରେ ଆଉ ଏକ ମାଖନା ହାତୀର ମୃତ୍ୟୁ ହୋଇଥିଲା। ତେବେ ୨/୩ ବର୍ଷ ମଧ୍ୟରେ ତେଲକୋଇ ବନାଞ୍ଚଳରେ ପାଖା ପାଖି ୧୦ ଟି ହାତୀ ବିଭିନ୍ନ କାରଣରୁ ମୃତ୍ୟୁ ବରଣ କରିଛନ୍ତି। ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ତେଲକୋଇ ବନାଞ୍ଚଳ ଏବେ ହାତୀଙ୍କ ଶ୍ମଶାନ ଘାଟ ପାଲଟି ଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ମୃତ ମାଖନାର ବ୍ୟବଚ୍ଛେଦ କରାଯାଇ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣା ପଡ଼ିଛି।

## ଶିକ୍ଷକ, କର୍ମଚାରୀଙ୍କ ଧାରଣା; ଶିକ୍ଷାଦାନ ବାଧାପ୍ରାପ୍ତ

ତୁରୁମୁଙ୍ଗା,୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ କେନ୍ଦେଇପଶିର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଶିକ୍ଷକ କର୍ମଚାରୀ ମାନେ ୧୩ ଦଫା ଦାବି ରେ ସୋମବାର ଭୁବନେଶ୍ୱର ଲୋୟର ପି ଏମ ଜି ରେ ଧାରଣା ରେ ବସିଥିବାରୁ ଶିକ୍ଷା ଦାନ ବାଧାପ୍ରାପ୍ତ ହୋଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ମୋଟ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠପ୍ ହୋଇଯାଇଛି। ମୋଟ ୧୪ଜଣ ଶିକ୍ଷକ କର୍ମଚାରୀ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିବାରୁ ଅବିଭାବକ ଓ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତି। ଏମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ କର୍ମଚାରୀଙ୍କ ପାଇଁ ୟୁନିଫର୍ମ କ୍ୟାଡର ନିୟମ, ସଂଗୀତ, କ୍ରୀଡ଼ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କ ପାଇଁ ୪୬୦୦ ଗ୍ରେଡ୍ ପେ' ଲାଗୁ କରିବା, ପ୍ରତ୍ୟେକ ସ୍କୁଲରେ ପିଜିଟି ଓଡ଼ିଆ ପଦବୀ, କଳା ଷ୍ଟ୍ରିମ୍ ଖୋଲିବା, ସ୍କୁଲରେ ପିଜିଟି ହିନ୍ଦୀ ଏବଂ ପିଜିଟି ସଂସ୍କୃତ ପଦବୀ ଆଦି ୧୩ଟି ପ୍ରମୁଖ ଦାବି ନେଇ ଧାରଣାରେ ବସିଛନ୍ତି।

## ୧୦୬ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

# ଡିଜେ ସାଉଣ୍ଡ ବନ୍ଦ ପାଇଁ ବରିଷ୍ଠ ନାଗରିକଙ୍କ ଗୁହାରି

ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ବାହାଘର ରୋଷଣି ଓ ଭସାଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାର ବନ୍ଦ କରିବା ପାଇଁ ଆନନ୍ଦପୁରର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି। ଆନନ୍ଦପୁର ବ୍ଲକ ରାଜୀବଗାନ୍ଧୀ ସଭାଗୃହ ଠାରେ ବିଡିଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭିଯୋଗ ଶୁଣାଣିରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରି କାର୍ଯ୍ୟକାରୀ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୦୬ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗ ମଧ୍ୟରେ ଆଦିବାସୀ ଇଲାକା ସିଙ୍ଗନାଳୀ କେନ୍ଦ୍ରରେ ଛତୁଆ ନିୟମିତ ପହଞ୍ଚୁ ନଥିବା, ଗୋଷ୍ଠୀ ସମସ୍ୟା, ଗ୍ରାମ୍ୟ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ସମସ୍ୟା,ଥିବା ବେଳେ ଆନନ୍ଦପୁର ବ୍ରିଜ ଛକ ନିକଟରେ ଥିବା ବିଦେଶୀ ମଦ ଦୋକାନକୁ ଉଠାଇବା ସହିତ ଆନନ୍ଦପୁରର ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରଦାନ କରାଯାଇଥିଲା। କିଛି ସମସ୍ୟା ଜିଲ୍ଲାପାଳ ସମାଧାନ କରିଥିଲେ, କିଛି ସମସ୍ୟା ଉପସ୍ଥିତ ଥିବା ଅଧିକାରୀଙ୍କୁ ଅବଗତ କରାଇଥିଲେ ଜିଲ୍ଲାପାଳ। ଏହି ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିନୋଦ ବିହାରୀ ମିଶ୍ର, ଓ ଆନନ୍ଦପୁର ବନାଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜଶ୍ରୀ ବେହେରା, ଜିଲ୍ଲା ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ ଭୁବନେଶ୍ୱରୀ ମହାନ୍ତଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଆନନ୍ଦପୁର ଉପଖଣ୍ଡର ଅଧିକାରୀ ଯୋଗ ଦେଇଥିଲେ। ଆଜିର ଏହି ଜନଶୁଣାଣିକୁ ସଫଳ କରିବା ପାଇଁ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଏବଂ ଆନନ୍ଦପୁର ଥାନା ଅଧିକାରୀ ଫନେନ୍ଦ୍ର ଭୂଷଣ ନାଏକ ଉପସ୍ଥିତ ରହି ଜନଶୁଣାଣିକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିଥିବା ବେଳେ ଆନନ୍ଦପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକ ଏବଂ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜନଶୁଣାଣିକୁ ପରିଚାଳନା କରିଥିଲେ।




## ୫ ଦିନ ହେଲା 'ମୁଖ୍ୟମନ୍ତ୍ରୀ ବସ୍' ଅଚଳ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ଡଗର ଛକରେ୫ ଦିନ ଧରି ଅଚଳ ହୋଇ ପଡ଼ିରହିଛି ମୁଖ୍ୟମନ୍ତ୍ରୀ ବସ୍। ଏହି ବସ୍‌ର ବ୍ୟାଟେରି ଖରାପ ହୋଇଯିବା ଯୋଗୁଁ ବସ୍ ଚଳାଚଳ କରିପାରୁ ନାହିଁ। ଫଳରେ ଆନନ୍ଦପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଅତିକ୍ରମ କରି ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ଏବେ ଯାତାୟାତ କରିପାରୁନାହିଁ। କଣ୍ଟିପାଳ ଭାୟା ବଳଦୁଆଁ, ମୋଚିନ୍ଦା, ଶାଳବଣି ଦେଇ ଆନନ୍ଦପୁରକୁ ଚାଲୁଥିବା ଏହି ବସ୍ ଅଚଳ ହେବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଫକୀରପୁର ଆକୁଳି ସୁରଙ୍କ ପରଲୋକ

ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ବଙ୍ଗାଳି ସାହି ନିବାସୀ ଆକୁଳି ସୁର (୮୬)ଙ୍କ ଆଜି ପ୍ରତ୍ୟୁଷରୁ ପରଲୋକ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ଆଜି ସକାଳୁ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଆଖ ପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଫକୀରପୁରର ବହୁ ସାମାଜିକ ଆଧ୍ୟାକିକ ଅନୁଷ୍ଠାନ, ମନ୍ଦିର ଓ ଶିକ୍ଷନୁଷ୍ଠାନ ସହ ଜଡ଼ିତ।

## ବ୍ରାହ୍ମଣ ମହାସଭାର ଦ୍ୱିବାର୍ଷିକ ସମ୍ମିଳନୀ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ବ୍ରାହ୍ମଣ ମହାସଭାର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଫକୀରପୁର ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପୁରସ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଶରତ କୁମାର ମିଶ୍ର ଯୋଗଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ସଂଯୋଜକ ମଦନ ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପାଢ଼ୀ, ଜିଲ୍ଲା ସମ୍ପାଦକ ପ୍ରସନ କୁମାର ନନ୍ଦ, ଦୀନବନ୍ଧୁ ପତି, ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆୟୋଜକ କମିଟିର ଉପଦେଷ୍ଟା ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜକ କମିଟି ସଦସ୍ୟ ବୁଦ୍ଧଦେବ ପଣ୍ଡା, ମହେଶ୍ୱର ପତି, ବାବୁ ପଣ୍ଡା, ସୁଧାଂଶୁ ମୋହନ ପତି, ପ୍ରମୋଦ କୁମାର ପଣ୍ଡା, ସଙ୍ଘ ସଂଯୋଜକ ମଦନ ମୋହନ ମିଶ୍ର, ସହ ସମ୍ପାଦକ ଆଇନଜୀବୀ ଭାଗୀରଥି ଦାଶ ଯୋଗଦେଇ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ କର୍ମକାଣ୍ଡବିତ୍ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜକ କମିଟି ସଂଯୋଜକ ହରମୋହନ ପାଢ଼ୀଙ୍କ ପତ୍ନୀ ସୁକାନ୍ତି ପାଢ଼ୀ ୧୫୧ଜଣ ବ୍ରାହ୍ମଣ ବିପ୍ର ଗୋସେଇଁଙ୍କୁ ଉତ୍ତରୀୟ, ଗୀତା ଓ ପଇତା ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସଙ୍ଘ ଆବାହକ ମଦନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ

ହାଟଡିହୀ,୮।୧୨(ସମିସ): ହାଟଡ଼ିହୀ ବ୍ଲକ୍ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୧୧ତମ ବାର୍ଷିକ ଉତ୍ସବ ଏବଂ ସିବିଏସଇ ଆଫିଲେସନ୍ ଦିବସ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ କମଳ ଲୋଚନ ବିଶ୍ୱାଳ, ଏଆଇଏଫ୍‌ଇଏର ସମ୍ପାଦକ ତଥା ଆଓଲୋଷ୍ଟାନ ଯୁଗ୍ମ ମୁଖ୍ୟ ଉପଦେଷ୍ଟା, ଅବସରପ୍ରାପ୍ତ ବିଇଓ ଭୋଗରାଇ, ସମ୍ମାନିତ ଅତିଥି ଭାବେ ହାଟଡ଼ିହୀ ବିଇଓ ରାଜୀବ କୁମାର ଦଳେଇ, ପ୍ରତିଷ୍ଠାତା ନରେନ୍ଦ୍ର ନାଥ କର, ଭଦ୍ରକ ଜିଲ୍ଲା ଭିଜିଲାନ୍ସ ଡିଏସ୍‌ପି, ଦୁଷ୍ମନ୍ତ କୁମାର ନାୟକ, ସମାଜସେବୀ ଆଲୋକ କୁମାର ସେଠୀ, ଚିନ୍ମୟ ବେହେରା, ଯୁଗ୍ମ ସମ୍ପାଦକ, ଓଡ଼ିଶା ତାଇକୋଣ୍ଡୋ ସଂଗଠନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ତଥା ସଭାପତି ଉଦୟନାଥ କର, ବିଦ୍ୟାଳୟର ଅଧ୍ୟକ୍ଷ ଅମିତ୍ କୁମାର ସିଂ ଓ ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ପତ୍ରିକା ୨୦୨୫-୨୬ "ଉଦୟ" ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ପରିଚାଳକ ଶ୍ରୀ କର ଆଗାମୀ ଦିନରେ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ କିଭଳି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସିଂ ଆଜିର ସ୍ମାର୍ଟବୋର୍ଡ ମାଧ୍ୟମରେ ଶିକ୍ଷାପ୍ରଦାନ କରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଜଣେ କୃତୀ ପ୍ରତିଯୋଗୀ ହୋଇପାରିବେ ତାହା ଦର୍ଶାଇଥିଲେ। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସିଂ, ଶିକ୍ଷକ ପାର୍ଥ ସାରଥୀ ଜେନା ଏବଂ ଦୁଇ ଦିବ୍ୟାଙ୍ଗ ଭାଇ ନୃସିଂହ ଚରଣ ଜେନା ଓ ରଞ୍ଜନ ପଣ୍ଡାଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶିକ୍ଷକ ପାର୍ଥ ସାରଥୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ସଂଗୀତ ପରିବେଷିତ ହୋଇଥିଲା। ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ଏବଂ ସିବିଏସ୍‌ଇ ଆଫିଲେସନ୍ ଦିବସ ଉତ୍ସବଟିକୁ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ରାଜେଶ ବେହେରା, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକର୍ମୀ ବିଜୟ କୁମାର ପହି, ପାର୍ଥ ସାରଥୀ ଜେନା, ଦେବାଶିଷ ରାଉତ, ଦୟାନିଧି ଚିନରା, ପ୍ରଶାନ୍ତ କୁମାର ଦାସ, ହିମାଂଶୁ ରଞ୍ଜନ ବାରିକ୍, ବ୍ରହ୍ମାନନ୍ଦ ମଲ୍ଲିକ, ସୁନୀଲ୍ କୁମାର ରାଉତ, ସଂଗ୍ରାମ କେଶରୀ ପଟ୍ଟନାୟକ, ସୁଦୀପ୍ତ ଦାଶ, ବ୍ରହ୍ମାନନ୍ଦ ମଲ୍ଲିକ, ଉମାକାନ୍ତ ରାଉତ, ନିରଞ୍ଜନ ବାରିକ୍, ବାଦଲ ଜେନା, ତନୁଶ୍ରୀ ତନୟା ପହି, ଉର୍ମୀ ମହାନ୍ତି, ଶୁଭଶ୍ରୀ ପଣ୍ଡା, ବିଷ୍ଣୁପ୍ରିୟା ଦାଶ, ପ୍ରୀତିନନ୍ଦା ମଲ୍ଲିକ, ଭାଗ୍ୟଶ୍ରୀ ସାହୁ, ବିଶ୍ୱଭାରତୀ ମିଶ୍ର, ଚିନ୍ମୟୀ ସାହୁ, ଏସ୍‌ବି ସାଇମଗ୍ନା, ସସ୍ମିତା କର, ସାଇକ୍ରିଷ୍ଟା ଜେନା, ମୋନାଲିସା ବାରିକ୍, ତନୁଶ୍ରୀ ତନୟା ଓଝା, ଇସ୍ମିତା ମିଶ୍ର, ମଞ୍ଜୁଲତା ଖୁଣ୍ଟିଆ, ଉର୍ମିଳା ସେଠୀ ଓ ମନୋରମା ସେଠୀଙ୍କ ସହଯୋଗ କରିଥିଲେ।



## ଆନନ୍ଦପୁରରେ ସାଇବର ଠକେଇ; ୩ ଗିରଫ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ସାଇବର ଠକେଇ ଦିନକୁ ଦିନ ବଢ଼ିଚାଲିଥିବାରୁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ପୁଲିସ ପଞ୍ଝାରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ୩ ଜଣ ଠକ ଧରାପଡ଼ିଛନ୍ତି। ଏ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ସାଇବର ଠକାମୀର ଶିକାର ହୋଇଥିବା ନେଇ ଏକ ଅଭିଯୋଗ ମିଳିବା ପରେ ନନ୍ଦିପଦା ଥାନା ଅଧିକାରୀ ସୁଶାନ୍ତ ଶାନ୍ତି ଅନୁସନ୍ଧାନ କରି ଏଥିରେ ଜଡ଼ିତ ଥିବା ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଖଡ଼ିଶିଙ୍ଗା ଗ୍ରାମର ଧ୍ରୁତି ସୁନ୍ଦର ସ୍ୱାଇଁଙ୍କୁ ଗିରଫ କରିଥିଲେ। ପରେ ତଦନ୍ତ କାଳରେ ଆନନ୍ଦପୁର ଓ ଘସିପୁରା ଅଞ୍ଚଳରୁ ପ୍ରାୟ ୫ ଲକ୍ଷ ଟଙ୍କାର ଠକେଇ ହୋଇଥିବା ସୁରାକ୍ ମିଳିଥିଲା। ଏହି ଘଟଣରେ ଘସିପୁରା ଥାନା ଅନ୍ତର୍ଗତ ଖଡ଼ବିଲ ଗ୍ରାମର ହରିହର ଜେନା ଓ ବିକାଶ ଜେନା ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବା ତଦନ୍ତବେଳେ ଜାଣିପାରି ପୁଲିସ ଗିରଫ କରିଥିବା ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଓ ଘସିପୁରା ଥାନା ଅଧିକାରୀ କିଶୋର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଟ୍ରକ୍ ଦୁର୍ଘଟଣାରେ ଯୁବକ ମୃତ

ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର-କରଞ୍ଜିଆ ରାସ୍ତାର ଚିଆଁବେଡା ନିକଟସ୍ଥ ଘୋଳାଗୁଳିଆ ନିକଟରେ ଏକ ବାରଚକିଆ ଟ୍ରକ୍ ଧକାରେ କୁଣ୍ଡାକୋଟ ଗ୍ରାମର ଜଗନ୍ନାଥ ବେହେରାଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଥୀରେ ଥିବା ସେହି ଗ୍ରାମର ସତ୍ୟ ଖିଲାର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ମୃତାହତ ଦୁଇଜଣ ଏକ ବାଇକ୍‌ୟରେ ପଣସଡିହାରୁ ଫେରୁଥିବା ବେଳେ ରାସ୍ତାରେ ଟ୍ରକ୍ ଧକ୍କା ଦେଇଥିଲା। ମୃତଦେହକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାରେ ରଖିଛି।

## ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର




କେନ୍ଦୁଝର,୮।୧୨(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଯୁବ ରେଡକ୍ରସ ଓ ରେଡ୍ ରିବନ୍ ସମିତିର ମିଳିତ ସହଯୋଗରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଉକ୍ତ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରମାକାନ୍ତ ମୁଣ୍ଡାଙ୍କ ତତ୍ତ୍ୱାବଧାନତାରେ ଓ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ରେଡକ୍ରସ୍ ସଂସ୍ଥା କାର୍ଯ୍ୟକାରୀ ଅଧିକାରୀ ଡ. ମୋନାଲିସା ଦାସ, ରେଡ୍ ରିବନ୍ କ୍ଲବ୍ ଅଧିକାରୀ ଡ. ବାଣିଶ୍ରୀ ଦାଶ, ଜାତୀୟ ସେବା ଯୋଜନା ଅଧିକାରୀ ଡ. ନିବେଦିତା ଦାସ ଏବଂ ସୁସ୍ମିତା ମଞ୍ଜରୀ ନାଏକ, ସୁମିତା ହାଁସଦା, ଗୀତାଞ୍ଜଳି ନାଏକ ପମୁଖ କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ। ଶିବିର ସୁପରିଚାଳନାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଚିତ୍ତ ରଞ୍ଜନ ସାହୁ, ଶିକ୍ଷାନୁଷ୍ଠାନର ବ୍ୟବସ୍ଥାପକ ଅଧିକାରୀ ଡ. ବିଷ୍ଣୁ ଚରଣ ଦାସ, ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ରାମଚନ୍ଦ୍ର ମଲ୍ଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଛାତ୍ରୀ ଗାୟତ୍ରୀ ଜେନା, କୌଶଲ୍ୟା ନାଏକ, ଜୟସ୍ମିତା କୁଅଁର, ସାନିଆ ପରିଡ଼ା, ମିନାକ୍ଷୀ ଦେହୁରୀ ଶିବିର ସୁପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ମୋଟ ୫୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆନନ୍ଦପୁର,୮।୧୨(ସମିସ):

ଆନନ୍ଦପୁର ମହାବିଦ୍ୟାଳୟର ୬୨ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଭିମନ୍ୟୁ ସେଠୀ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଓ ଅଧ୍ୟାପକ ରଘୁ ଦୀପ୍ତି ନାୟକଙ୍କ ସଂଯୋଜନାରେ ବିଶେଷ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ନୃସିଂହ ଚରଣ ନନ୍ଦ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ନିରାକାର ସାହୁ, ଡକ୍ଟର ନିମାଇଁ ଚରଣ ରାଉତ, ଡ. ଶକ୍ତି ପ୍ରସାଦ ମହାପାତ୍ର, ଦୁର୍ଗା ଶଙ୍କର ପରିଡ଼ା, ଶ୍ରୀଲେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଡକ୍ଟର ବଶିଷ୍ଠ କୁମାର ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ଅଧ୍ୟକ୍ଷ ଡକ୍ଟର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରବୋଧ କୁମାର ବିଶ୍ୱାଳ କ୍ରୀଡ଼ା ପରିଚାଳନା କରିଥିଲେ। ୧୦୦ ମିଟର ଦୌଡ ପ୍ରତିଯୋଗିତା, ଲଙ୍ଗ ଜମ୍ପ, ପୁଟିଂ ଦି ସର୍ଟ, ଆଦି କ୍ରୀଡ଼ାକୁ ବିଶ୍ୱଜିତ୍ ରାଉତ, ଓଜେଲ୍ ପଟ୍ଟନାୟକ, ରଞ୍ଜନ ନାୟକ, ମଧୁସ୍ମିତା ସାହୁ, ଭାରତୀ ସାହୁ, ଆରତୀ ଲୁଗୁନ୍, ମିତଶ୍ରୀ ବେହେରା, ହେମା ଗୁପ୍ତା, ସୁରୁଚି ସ୍ୱାଇଁ, ମମତା ମିଶ୍ର, ତନୁ ଶ୍ରୀ ପଣ୍ଡା, ଆଦ୍ୟଦେବ ମହାନ୍ତି, ପ୍ରକାଶ କୁମାର ସାହୁ, ପ୍ରଦୀପ କୁମାର ପୂର୍ତ୍ତି, କାହ୍ନୁ ଚରଣ ଜେନା, ଦେବାଶିଷ ଆଚାର୍ଯ୍ୟ, ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ, ବିଜୟ କୁମାର ସାହୁ, ଉପେନ୍ଦ୍ର କୁମାର ମିଶ୍ର, ରତିକାନ୍ତ ଦାସ, ସବିନ ଆର ବେଗମ, ନିହାରିକା ପାତ୍ର, ସୂର୍ଯ୍ୟମଣି ଜେନା, ପୁଷ୍ପଲତା ରାମ, ସତ୍ୟବ୍ରତ ସ୍ୱାଇଁ, ସୁବ୍ରତ ପରିଡ଼ା, ସୁବ୍ରତ ସାହାଣୀ, ନାରାୟଣ ହେମ୍ବ୍ରମ, ପ୍ରତାପ କଅଁର, ବିଶ୍ୱରଞ୍ଜନ ସାହୁ, ଅଜିତ ଜେନା, ପାର୍ଥ ସାରଥି ଶଙ୍ଖୁଆ, ମନୋଜ କୁମାର ନାୟକ, ନରେଶ ସାହା ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ସମଲେଶ୍ୱରୀ ମନ୍ଦିରରେ କାର୍ଯ୍ୟରତ ଶ୍ରମିକଙ୍କ ବର୍ଦ୍ଧିତ ଦରମା ମିଳୁନି

ସମ୍ବଲପୁର, ୮।୧୨ (ସମିସ)

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠକୁ ବିକଶିତ ଓ ସୌନ୍ଦର୍ଯ୍ୟକରଣ କରି ଏକର ଏକର ଜାଗାରେ ଏହାକୁ ପ୍ରସାରିତ କରିବାସହ ରାଜ୍ୟ ତଥା ଦେଶର ଅନ୍ୟତମ ଆଧ୍ୟାତ୍ମିକ ପୀଠ ଭାବେ ମାନ୍ୟତା ପାଇଛି। 'ସମଲେଇ' ଯୋଜନାରେ ଏହା ବିକଶିତ ହେବାପରେ ଆବଶ୍ୟକତା ଦୃଷ୍ଟିରୁ ଏଠାରେ ପ୍ରାୟ ଅଢ଼େଇରୁ ତିନି ଶହ ମହିଳା ଓ ପୁରୁଷ କାର୍ଯ୍ୟରତ ଅଛନ୍ତି। ତେବେ, ସେମାନଙ୍କ ଦରମା ପ୍ରତିମାସରେ ବିଳମ୍ବରେ ମିଳୁଥିବାବେଳେ ପରିବର୍ଦ୍ଧିତ ଦରମା ମିଳୁନଥିବା ସେମାନେ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କଠାରେ ଅଭିଯୋଗ କରିଛନ୍ତି। ସମଲେଇ ପ୍ରକଳ୍ପରେ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ



## ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ

ଦାୟିତ୍ୱ ଦିଆଯାଇଛି। ସେହି ଘରୋଇ ସଂସ୍ଥା ପକ୍ଷରୁ ମନ୍ଦିରର ସଫେଇଠାରୁ ଆରମ୍ଭ କରି ସୁରକ୍ଷା, ଉଦ୍ୟାନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବହୁସଂଖ୍ୟାରେ ମହିଳା ଏବଂ ପୁରୁଷଙ୍କୁ ନିୟୋଜିତ କରିଛି। ତେବେ, ସଂସ୍ଥା ସେମାନଙ୍କୁ ପ୍ରତି ମାସର ପ୍ରଥମ ସପ୍ତାହ ବଦଳରେ ବହୁ ବିଳମ୍ବରେ ଦରମା ପ୍ରଦାନ କରୁଛି। ଏହାସହ ବର୍ଦ୍ଧିତ ଦରମା କିମ୍ବା ବକେୟା ରାଶି ଦେଉନ ଥିବା ସେମାନେ ଅଭିଯୋଗ କରୁଛନ୍ତି। ଏନେଇ କାର୍ଯ୍ୟରତ ମହିଳା ଓ ପୁରୁଷମାନେ ବାରମ୍ବାର ସଂସ୍ଥା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରିକି କେତେକ ସମୟରେ ସେମାନଙ୍କ ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଆଜି ମନ୍ଦିର ପରିସରରେ କାର୍ଯ୍ୟରତ ପ୍ରାୟ ତିନି ଶହ ମହିଳା ଓ ପୁରୁଷ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଏହାପରେ ସେମାନେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ବାଧ୍ୟ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

'ସମଲେଇ' ପ୍ରକଳ୍ପରେ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ କରିବାପାଇଁ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ କର୍ପୋରେସନ ଲିମିଟେଡ (ଓବିସିସି) ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ଏବଂ ତାହାର ପାଉଣା ଦେବାର ଦାୟିତ୍ୱ ସମ୍ବଲପୁର ମହାନଗର ନିଗମକୁ ଦିଆଯାଇଛି। ଏଥିରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର କୌଣସି ଭୂମିକା ନଥିବା ସୂଚନା ମିଳିଛି।



ସମ୍ବଲପୁର : ଧାନ ଶୁଖାଇ ବସ୍ତାରେ ଭରୁଛି ଚାଷୀ।

# ଗ୍ୟାସ୍ ଦୋକାନରେ ନିଆଁ, ମାଲିକ ଗୁରୁତର

**ସମ୍ବଲପୁର, ୮।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ନୂଆଁ ରମ୍ଭେଲା ବସଷ୍ଟାଣ୍ଡ ପାଖରେ ଥିବା ରାମଚଣ୍ଡୀ ଗ୍ୟାସ୍ ସେଲ୍‌ଫ ଆଣ୍ଡ ସର୍ଭିସ୍ ଦୋକାନରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ। ଦୋକାନ ମାଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବୁର୍ଲା ଭିମସାର ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୧୨ଟା ସମୟରେ ଗ୍ୟାସ୍



ଦୋକାନରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗି ଯାଇଥିଲା। ଦୋକାନ ଭିତରେ ଥିବା କେତେକ ଗ୍ୟାସ୍ ସିଲିଣ୍ଡର୍ ଫାଟି ଯାଇଥିବା କୁହାଯାଉଛି। ବିସ୍ଫୋରଣରେ ଦୋକାନର ଆଜବେଷ୍ଟସ ମଧ୍ୟ ଫାଟିଯିବା ସହିତ ଦୋକାନର ସାମଗ୍ରୀ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ରେଙ୍ଗାଲି ଓ ସମ୍ବଲପୁରରୁ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୋକାନରେ ରନ୍ଧନଗ୍ୟାସ୍ ସିଲିଣ୍ଡର ଓ ୧ ଲିଟର ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ରହିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଦୋକାନ ମାଲିକ ଅଭିଷେକ ବାରିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ତାଙ୍କୁ ତୁରନ୍ତ ବୁର୍ଲା ଭିମସାର ଡାକ୍ତରଖାନାକୁ ନିଆଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ପ୍ରେସ ଇନ୍‌ଫର୍ମେସନ୍ ବ୍ୟୁରୋ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଦୂରଦର୍ଶନ ଓ ଆକାଶବାଣୀ ପରିଦର୍ଶନ

**ସମ୍ବଲପୁର, ୮।୧୨ (ସମିସ) :** ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ, ଭୁବନେଶ୍ୱର ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଜି ସମ୍ବଲପୁର ଗସ୍ତରେ ଆସି ଦୂରଦର୍ଶନ ଏବଂ ଆକାଶବାଣୀ ସମ୍ବଲପୁର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ମିଶ୍ର ଦୂରଦର୍ଶନ ଓ ଆକାଶବାଣୀର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସାକ୍ଷାତ୍ କରି ଉଭୟ ସଂସ୍ଥାର କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। କେନ୍ଦ୍ରରୁ ପ୍ରସାରିତ ହେଉଥିବା ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ କେନ୍ଦ୍ରର ନିର୍ଦ୍ଦେଶକ ଅଭିଯାନ୍ତ୍ରିକି ସନ୍ତୋଷ କୁମାର ପ୍ରଧାନ, କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, ବାର୍ତ୍ତା ସମ୍ପାଦକ ଆଲୋକ ଚନ୍ଦ୍ର ବାରିକ, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, କ୍ଷେତ୍ରମଣି ବିଭାର ଏବଂ ଆଞ୍ଚଳିକ ସମ୍ବାଦ ବିଭାଗର ବିସ୍ମିତା ପ୍ରଧାନ, ସୁପ୍ରୀତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଥଇଥାନ କଲା ଏମ୍‌ସ ଫାଉଣ୍ଡେସନ



**ସମ୍ବଲପୁର, ୮।୧୨ (ସମିସ):** ଏମ୍‌ସ ଫାଉଣ୍ଡେସନ ସମ୍ବଲପୁର ପକ୍ଷରୁ ଜଣେ ଅସହାୟଙ୍କୁ ଥଇଥାନ କରାଯାଇଛି। ବ୍ୟକ୍ତି ଜଣକ ସମ୍ବଲପୁରର ରେଲୱେ ଷ୍ଟେସନରେ ଦୁର୍ଘଟଣା ଗ୍ରସ୍ତ ହୋଇ ଅସହାୟ ଅବସ୍ଥାରେ ପଡ଼ିଥିଲେ। ପରିଚୟ ପକ୍ଷରୁ ଉଦ୍ଧାର କରି ତାଙ୍କୁ ବୁର୍ଲା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ମାସ ଧରି ବୁର୍ଲା ମେଡ଼ିକାଲ ଅସହାୟ ବିଭାଗରେ ଚିକିତ୍ସିତ ହୋଇ ରହିଥିଲେ। ଏମ୍‌ସ ଫାଉଣ୍ଡେସନର ଶ୍ରୀମନ୍ତ ପାତ୍ର ଏହା ଜାଣିବା ପରେ ତାଙ୍କୁ ଛତିଶଗଡ଼ ରାୟଗଡ଼ ସ୍ଥିତ ଅପନଘର ଆଶ୍ରମକୁ ଥଇଥାନ ନିମନ୍ତେ ବ୍ୟବସ୍ଥା କରିଥିଲେ। ଏଥିରେ ପରିଚୟ ସଦସ୍ୟ ଏବଂ ମେଡ଼ିକାଲ୍ ନର୍ସିଂ ଅଧିଆରୀ ଅଞ୍ଜଳି ସାହୁ, ଅଜିତ୍ ନାଏକ, ନାରାୟଣ ପ୍ରଧାନ ମଧୁ ରଞ୍ଜନ ଛତ୍ରୀୟା ସହଯୋଗ କରିଥିଲେ।

# ସମ୍ବଲପୁର କଳା ଏକାଡେମୀର ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ

**ସମ୍ବଲପୁର, ୮।୧୨(ସମିସ):** ସମ୍ବଲପୁର କଳା ଏକାଡେମୀର ବାର୍ଷିକ ଉତ୍ସବ ଅବସରରେ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଚାଲିଥିବା ଚିତ୍ରକଳା ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାର



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଚିତ୍ରଶିଳ୍ପୀ ବରଦା ମାଧବ ଗୁରୁ ମୁଖ୍ୟଅତିଥି, ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ଓ ଚିତ୍ରଶିଳ୍ପୀ ପ୍ରବୀର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ସାହୁ, ଉଦ୍ୟୋକ୍ତା ପ୍ରଶାନ୍ତ ମାଝୀ ଓ ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ। ଚିତ୍ରଶିଳ୍ପୀ ଅନୀଲ କେରକେଟାଙ୍କୁ କଳା ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଅନୁଷ୍ଠାନର ୩ ଜଣ ଛାତ୍ରଛାତ୍ରୀ ରୋନିତ ସିଂ, ଇପ୍‌ସା ପ୍ରିୟଦର୍ଶନୀ ସାହୁ ଓ ନିତୁ ଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା। ସୁବ୍ରତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶହେ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଜ୍ୟୋତିରାଦିତ୍ୟ ମହାନ୍ତି ସଂଯୋଜନା କରିଥିବା ବେଳେ ପବିତ୍ର ବେରିହା ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ପ୍ରଦୀପ୍ତ ମୋହନ ଦାଶ, ମନୋଜ ଚୌଧୁରୀ, ଡା. ଅଶୋକ ନାୟକ, ସାମ୍ବାଦିକ ପ୍ରିୟ ରଞ୍ଜନ ବାବୁ, ଚିତ୍ରଶିଳ୍ପୀ ରାଧାମୋହନ ମୁଦୁଲି, ସଙ୍ଗୀତଜ୍ଞ ରତନ ପୂଜାରୀ, ଅଭିନେତା ସନ୍ତୋଷ ରାୟଗୁରୁ, ଫଟୋଗ୍ରାଫର ସୁବ୍ରତ ନାଥ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ବ୍ରଜ ମୋହନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୩ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନମ୍ରତା ନାୟକ, ଶିବାନୀ ଭୋଇ, ଇତିଶା ମହାପାତ୍ର, ଶିଳ୍ପୀରାମ, ଅଭିଶେଷ ବିଶ୍ୱାଳ, କୁଳଦୀପ ବର୍ମା, ରାଜେଶ ବଡ଼େଇ, ଗୌରୀଦାସ ପଣ୍ଡା ଓ ବଳରାମ ହୋତା ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ସାମ୍ବାଦିକଙ୍କ ମୃତ୍ୟୁ



**ନାକଟିଦେଉଳ, ୮।୧୨ (ସମିସ):** ବାଇକ୍ ଦୁର୍ଘଟଣାରେ ଜଣେ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପଞ୍ଚାୟତ ସମିତିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିର ଖବର ସଂଗ୍ରହ ପାଇଁ ସାମ୍ବାଦିକ ରମାକାନ୍ତ ମହାନନ୍ଦ ବାଇକ୍‌ରେ ଆସୁଥିଲେ। ରାଞ୍ଚି ବିଜୟ ୱାର୍ଡ଼ା ଜାତୀୟ ରାଜପଥ ଆଦର୍ଶବିଦ୍ୟାଳୟ ନିକଟସ୍ଥ ରାସ୍ତାପାର୍ଶ୍ୱରେ ପୋତା ଯାଇଥିବା ସିମେଣ୍ଟ ପୋଲରେ ପିଟି ହୋଇ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ଅଣା ଯାଇ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ମୃତଦେହକୁ ରେଢ଼ାଖୋଲ ଅଣାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ରେଢ଼ାଖୋଲରେ ଶହ ଶହ ଲୋକ ରୁଣ୍ଡ ହୋଇଥିବା ବେଳେ ରେଢ଼ାଖୋଲ ଭୀମଭୋଇ ଛକ ଓ ପ୍ରେସ କ୍ଲବ୍ ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଘରକୁ ନିଆଯାଇଥିଲା। ତାଙ୍କର ମୃତ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜଣେ ଦକ୍ଷ, ସାହସୀ ଏବଂ ନିଷ୍ଠାପର ସାମ୍ବାଦିକ ଥିଲେ:ଧର୍ମେନ୍ଦ୍ର

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେଢାଖୋଲ ଅଞ୍ଚଳର ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଦୁର୍ଘଟଣାରେ ମୃତ୍ୟୁରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ଜଣେ ଦକ୍ଷ, ସାହସୀ ଏବଂ ନିଷ୍ଠାପର ସାମ୍ବାଦିକ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

## ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଶୋକ

ଦୁର୍ଘଟଣାରେ ବରିଷ୍ଠ ସାମ୍ବାଦିକ ରେଢ଼ାଖୋଲ ନିବାସୀ ରମାକାନ୍ତ ମହାନନ୍ଦଙ୍କ ଆକସ୍ମିକ ମୃତ୍ୟୁରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଶୋକ ବାର୍ତ୍ତା ଦେଇଛନ୍ତି। ରମାକାନ୍ତଙ୍କ ମୃତ୍ୟୁ ଆମ ସମସ୍ତଙ୍କୁ ମର୍ମାହତ କରିଅଛି। ସ୍ୱର୍ଗତ ମହାନନ୍ଦ ଜଣେ ଅନୁସନ୍ଧିତ୍ସୁ ଓ ନିରପେକ୍ଷ ସାମ୍ବାଦିକ ଭାବରେ ଅତ୍ୟନ୍ତ ଲୋକ ପ୍ରିୟ ଥିଲେ। ତାଙ୍କ ବିୟୋଗ ରେ ସମଗ୍ର ରେଢ଼ାଖୋଲ ଅଞ୍ଚଳର ତଥା ସାମ୍ବାଦିକ ଜଗତର ଅପୂରଣୀୟ କ୍ଷତି ଘଟିଲା। ମୁଁ ତାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରୁଅଛି ଏବଂ ସ୍ୱର୍ଗତ ଆତ୍ମାଙ୍କର ସଦ୍‌ଗତି କାମନା କରୁଅଛି। ଈଶ୍ୱର ତାଙ୍କ ପରିବାରବର୍ଗଙ୍କୁ ଶକ୍ତି ଓ ସାହସ ଦିଅନ୍ତୁ।

## ପାର୍ଥିବ ଶରୀର ଅନ୍ତିମ ଦର୍ଶନ କଲେ ରୋହିତ

ରେଢ଼ାଖୋଲ ଅଞ୍ଚଳର ପ୍ରତିନିଧି ରମାକାନ୍ତ ମହାନନ୍ଦଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ଖବର ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଗଭୀର ଶୋକ ପ୍ରକାଶ କରିବା ସହ ବୁର୍ଲା ଭିମସାରରେ ତାଙ୍କର ପାର୍ଥିବ ଶରୀରର ଅନ୍ତିମ ଦର୍ଶନ କରିଥିଲେ। ଇଂ ପୂଜାରୀ ଜଣାଇଛନ୍ତି ଯେ ସ୍ୱର୍ଗତ ମହାନନ୍ଦଙ୍କ ଅକାଳ ବିୟୋଗ ଖବର ସେ ଗଭୀର ମର୍ମାହତ ଏବଂ ଦୁଃଖିତ। ସ୍ୱର୍ଗତ ମହାନନ୍ଦଙ୍କ ସହ ବ୍ୟକ୍ତିଗତ ଭାବରେ ଘନିଷ୍ଠ ସମ୍ପର୍କ ରହିଥିଲା। ତାଙ୍କର ବିୟୋଗରେ ରେଢ଼ାଖୋଲ ଅଞ୍ଚଳର ଅପୂରଣୀୟ କ୍ଷତି ଘଟିଛି, ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଯୁବ ସମାଜକୁ ଚିର ପ୍ରେରଣାଦାୟୀ ରହିବ।

# ମହିଳା ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସଂଘ ବୈଠକ



**ସମ୍ବଲପୁର, ୮।୧୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅଭିଭାବକ-ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଭିଭାବକ-ଶିକ୍ଷକ ସଂଘର ଅଧିକାରୀ ପ୍ରଫେସର ଶୈଳଜା ମହାନନ୍ଦ, ସଦସ୍ୟା ଡଃ ସନ୍ଧ୍ୟାମୟୀ ସାହୁ, ଡଃ ରାକେଶ କୁମାର ସାହୁ ଓ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ବକ୍ତବ୍ୟ ସହ ମହାବିଦ୍ୟାଳୟର ଥିବା ବିଭିନ୍ନ ଶୈକ୍ଷିକ ଓ ଅନୁସଙ୍ଗିକ ସୁବିଧା ଉପରେ ଆଲୋକପାତ କରି ସେମାନଙ୍କର ସମୟୋପଯୋଗୀ ସାହାଯ୍ୟ ଓ ସମର୍ଥନ ଆଶା କରିଥିଲେ। ପ୍ରଫେସର ମହାନନ୍ଦ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର ସାହୁ ସଂଘର ଉଦ୍ଦେଶ୍ୟ ଓ ଆବଶ୍ୟକତା ଜ୍ଞାପନ କରିଥିଲେ। ବୈଠକରେ ଷାଠିଏରୁ ଊର୍ଦ୍ଧ୍ୱ ଅଭିଭାବକ ତଥା ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଭିଭାବକ ଅଭିଭାବିକା ମାନଙ୍କ କଲେଜ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ତଥା ଜିଜ୍ଞାସାର ଉତ୍ତର ଅଧ୍ୟକ୍ଷା, ଅଧିକାରୀ ତଥା ବିଭାଗୀୟ ମୁଖ୍ୟମାନେ ପ୍ରଦାନ କରିଥିଲେ। ପ୍ରଫେସର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିଲେ।

# ଟାଉନ ହାଇସ୍କୁଲ ୧୯୭୧ ବ୍ୟାଚ୍ ବୈଠକ

**ସମ୍ବଲପୁର, ୮।୧୨ (ସମିସ) :** ନୃସିଂହ ଗୁରୁ ଟାଉନ ହାଇସ୍କୁଲର ୧୯୭୧ ମେଟ୍ରିକ ବ୍ୟାଚ୍‌ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ଏକ ହୋଟେଲରେ ଡା. କୋଦଣ୍ଡ ରାଓଙ୍କ ଅଧ୍ୟକ୍ଷତାଙ୍କ ଅଧ୍ୟକ୍ଷତାରେ ବୈଠକ ପ୍ରାରମ୍ଭରେ ଦିବଂଗତ ସହପାଠୀ ଦେବେନ୍ଦ୍ର ସୁପକାର, ପ୍ରଫୁଲ୍ଲ ପ୍ରଧାନ ଏବଂ କିଶୋର ବହିଦାରଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡଃ ବିଜୟ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆଗାମୀ ଦିନରେ ବୟସ୍କ ମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର, ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାହାଯ୍ୟ ତଥା ସମାଜର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଆଲୋଚନାରେ ଶିବ ରାଏ, ସୁକାନ୍ତ ବହିଦାର, ଅମୂଲ୍ୟ ମିଶ୍ର, ନିଗମାନନ୍ଦ ମିଶ୍ର, ଭବାନୀ ମିସ୍ତ୍ରୀ, ସୁରେନ୍ଦ୍ର ନାଥ, ପ୍ରଫୁଲ୍ଲ ପ୍ରଧାନ, ଶ୍ରୀକାନ୍ତ ପୂଜାରୀ, ନନ୍ଦକୁମାର ଜଗଦଲ୍ଲା ପ୍ରମୁଖ ସହପାଠୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଆର୍ଥ କୀପର୍ସ ଚାରିଟେବଲ୍ ଟ୍ରଷ୍ଟର ରକ୍ତଦାନ ଶିବିର

**ସମ୍ବଲପୁର, ୮।୧୨ (ସମିସ):** ଆର୍ଥ କୀପର୍ସ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଗୁଜରାଟି ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ଶିବିରକୁ ମୁଖ୍ୟଅତିଥି ସମାଜସେବୀ ସୁଧୀର ରଞ୍ଜନ ବହିଦାର ଉଦ୍‌ଘାଟନ କରିଥିଲେ। ଲଳିତ ପଟେଲ, ଶିବ ନନ୍ଦ, ସୌରୀ ପାଣିଗ୍ରାହୀ, ଶାଲୁ ରାଜପୁତ, ରାଜେନ୍ଦ୍ର ସତନାମୀ, ମହେନ୍ଦ୍ର ବରର୍ଗି, ସ୍ପନ୍ଦନ ବେହେରା ଓ ବିଭୁତି ମହାକୁଳ ଉପସ୍ଥିତ ଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ବିଶ୍ୱଜିତ ବାରିକ ଓ ସଚିବ ରାହୁଲ୍ ଗୁପ୍ତାଙ୍କ ନେତୃତ୍ୱରେ ଶିବିରଟି ସଫଳତାର ସହ ପରିଚାଳିତ ହୋଇଥିଲା। ମୋଟ ୫୧ ୟୁନିଟ୍ ରକ୍ତସଂଗ୍ରହ ହୋଇଥିଲା। କୁନ୍ଦନ ରାଉତ, ବିକାଶ ସ୍ୱାଇଁ, ଜ୍ୟୋତି ପାଣିଗ୍ରାହୀ, ରାଜା ଦାଶ, ଅଭିନାଶ ରାଉତ, ଚିଙ୍କୁ ସାହୁ ଓ ଚିନ୍ମୟ ମହାନ୍ତି ସହଯୋଗ କରିଥିଲେ।



# ଭିସୁଟରେ ସ୍ମାର୍ଟ ହାକାଥନ ଉଦ୍‌ଘାଟିତ

**ସମ୍ବଲପୁର, ୮।୧୨(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବିଜ୍ଞାନ ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ସ୍ମାର୍ଟ ଇଣ୍ଡିଆ ହାକାଥନ (ଏସଆଇଏଚ) ୨୦୨୫-ସଫ୍ଟୱେର୍ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ଦୁଇଦିନ ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ସର୍ବୋତ୍କୃଷ୍ଟ ଯୁବ ମେଧାବୀମାନେ ବ୍ୟବହାରିକ ସମସ୍ୟାମାନଙ୍କର ପ୍ରଯୁକ୍ତିଭିତ୍ତିକ ସମାଧାନ ଉନ୍ନତ କରିବା ପାଇଁ ଏକତ୍ର ହୋଇଛନ୍ତି। ଭିସୁଟ ଇ-ଲର୍ଣ୍ଣିଂ ସେଣ୍ଟରରେ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଭିସୁଟ ଭିସି ପ୍ରଫେସର ଦିପକ କୁମାର ସାହୁ, ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, ଏସଆଇଏଚ ସଂଯୋଜକ ପ୍ରଫେସର ସଞ୍ଜୟ ଅଗ୍ରୱାଲ, ପ୍ରଫେସର ଗଣେଶ୍ୱର ନାଥ ଏବଂ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି, ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍‌ର ଅଧିକାରୀ, ଏଆଇସିଟିଇ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ରାଜ୍ୟରୁ ମୋଟ ୨୦ ଟି ଦଳ ନୋଡାଲ ସେଣ୍ଟରରେ ପ୍ରତିଯୋଗିତା କରୁଛନ୍ତି। ସାଇବର ସୁରକ୍ଷା, ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥିରତା, ସ୍ମାର୍ଟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଡୋମେନଗୁଡ଼ିକ ପରି ସମସ୍ୟା ବିବୃତ୍ତି ଉପରେ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକ୍ଷମ ପ୍ରୋଟୋଟାଇପ୍ ବିକାଶ କରିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶରେ ଦଳଗୁଡ଼ିକ ୩୬ ଘଣ୍ଟା ନିରନ୍ତର କାର୍ଯ୍ୟ କରିବେ। କାର୍ଯ୍ୟକ୍ରମରେ ଶିଳ୍ପ ନେତୃତ୍ୱଙ୍କ ସହିତ ଆଲୋଚନା, କର୍ମଶାଳା ହେବା ସହ ଭିସୁଟ ବିଦ୍ୟାର୍ଥୀ ସାଂସ୍କୃତିକ ପ୍ରଦର୍ଶନ କରିଥିଲେ। ଗ୍ରାଣ୍ଡ ଫାଇନାଲର ଫଳାଫଳ ମଙ୍ଗଳବାର ଘୋଷଣା କରାଯାଇ ପୁରସ୍କୃତ କରାଯିବ।



# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜମନକିରା, ୮।୧୨(ସମିସ)

ଜମନକିରା ଖଇରଡ଼ିହି ଗ୍ରାମରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଗତ ୬ ଓ ୭ ତାରିଖ ରେ ଖଇରଡ଼ିହି ଗ୍ରାମ ଆଦିବାସୀ ମୁଣ୍ଡା ସମାଜ ସଭାପତି ମିଥୁନ ମୁଣ୍ଡାଙ୍କ ସଭାପତିତ୍ୱରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଫାଇନାଲ ଖେଳ ଦେହୁରୀଣୀ ମାଲଓ ଆନନ୍ଦପୁର ଦଳ ମଧ୍ୟରେ ହୋଇ ଥିଲା। ଏଥିରେ ଦେହୁରୀଣୀ ମାଲ ଦଳ ଚାମ୍ପିଅନ ହୋଇଥିବା ବେଳେ ଆନନ୍ଦପୁର ଦଳ ରନର୍ସଅପ ହୋଇଥିଲା। କମିଟି ପକ୍ଷରୁ ଉଭୟ ଦଳକୁ ଟ୍ରଫି ସହିତ ଚାମ୍ପିଅନ ଦଳକୁ ୩ହଜାର ଟଙ୍କା ଏବଂ ରଣର ଅପ ଦଳକୁ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରଥମ ଦିନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ କିଶୋର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଜମନକିରା ଏଏସ୍‌ଆଇ ନିରଞ୍ଜନ ପଧାନ ଯୋଗ ଦେଇଥିଲେ। ଏହି ଫୁଟବଲ ପ୍ରତିଯୋଗିତାରେ ଲଙ୍ଗାବାହାଲ, କଲୋନୀ ପଡ଼ା, ଦେହୁରୀଣୀ ମାଲ, ଆନନ୍ଦପୁର, ବିର୍ସାମୁଣ୍ଡା ଏଫସି, ବୁଦେଲକାନୀ, ଘୋଡାବାନ୍ଧୁଣି, ବନ୍ଦକାନି, ଗନଘୋଷ ଗ୍ରାମର ଟିମ୍ ଭାଗ ନେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଆଦି ପ୍ରସାଦ ମହାକୁଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଫାଶୀମାଲ ପଞ୍ଚାୟତ ସମିତି ସଭ୍ୟ ତଥା କଂଗ୍ରେସ ନେତା କେଦାର ବରିହା, ଅଶୋକ ଦାନୀ, ସୁରାଜିତ ନାୟକ, ବିଶିଷ୍ଟ ବ୍ୟକ୍ତି ପ୍ରତାପ କୁମାର ନାୟକ, ଭୁଲେଶ୍ୱର ମୁଣ୍ଡା, ସଞ୍ଜୟ ଗୁ?ଆ ସହିତ ବିଭିନ୍ନ ଗୁଡିର ସଭାପତିମାନେ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ସମସ୍ତ ଅତିଥି ବୃନ୍ଦଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବୀର ବିର୍ସା ମୁଣ୍ଡାଙ୍କ ଫୋଟୋ ଚିତ୍ରରେ ଅତିଥିଗଣ ପୁଷ୍ପ ପ୍ରଦାନ କରିଥିଲେ। କମିଟି ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କୁ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଭିନ୍ନ ଆଦିବାସୀ ସମାଜ ପକ୍ଷରୁ ପାରମ୍ପରିକ ଏବଂ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା।



# ସର୍ଟସର୍କିଟରୁ ଜଳିଗଲା ଦୋକାନ

## ଲକ୍ଷାଧିକ ଟଙ୍କାର ଜିନିଷ ପାଉଁଶ




**ବରଗଡ଼, ୮।୧୨(ସମିସ):** ଆଖି ଆଗରେ ହୁତୁ ହୁତୁ ହୋଇ ଜଳିଲା ଦୋକାନ। ବରଗଡ଼ କୋର୍ଟ ସମ୍ମୁଖରେ ଥିବା କମ୍ପ୍ଲେକ୍ସର ଫେଣ୍ଟ ଏଣ୍ଟ ଗଗଲ୍ସ ଚଷମା ଦୋକାନ ସୋମବାର ଜଳିଯାଇଛି। ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ତଥା ପ୍ଲାଷ୍ଟିକ ତାର ପୋଡ଼ା ଗନ୍ଧ ବାରି ଲୋକମାନେ ଦୋକାନ ଆଗରେ ରୁଣ୍ଡ ହୋଇଥିଲେ। ବିଦ୍ୟୁତ୍ ବିଭାଗ ଓ ଦମକଳ ବାହିନୀଙ୍କୁ ଫୋନ କରିବା ଭିତରେ ହଠାତ୍ ନିଆଁର ପ୍ରକୋପ ବୃଦ୍ଧି ପାଇଥିଲା। ତେବେ ବରଗଡ଼ ଅଗ୍ନିଶମ ବିଭାଗ ଆସିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରଥମେ ଆଖପାଖ ସ୍ଥାନର ବିଦ୍ୟୁତ୍ ସଂଯୋଗକୁ କାଟି ଦିଆଯାଇଥିଲା। ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ନିଆଁ ଦେଖି ଅଗ୍ନିଶମ ଅଧିକାରୀଙ୍କୁ ଫୋନ କରଥିଲେ। ପ୍ରଥମେ ସେ ଫୋନ ଉଠାଇ ନଥିଲେ। ପରେ ସେ ଛୁଟିରେ ଅଛନ୍ତି କହି ମୋବାଇଲ ସୁଇଚ୍ ଅଫ୍ କରି ଦେଇଥିଲେ। ମାତ୍ର ୨ କିମି ରାସ୍ତା ପାଇଁ ଦମକଳ ବାହିନୀକୁ ଅଧ ଘଣ୍ଟା ସମୟ ଲାଗିଥିଲା। ଯଦ୍ୱାରା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଜିଲ୍ଲା କୋର୍ଟ ସମ୍ମାରେ ଯଦି ଏପରି ଅବସ୍ଥା ତେବେ ଗାଁ ମାନଙ୍କରେ ଅଗ୍ନିଶମ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଉଛନ୍ତି ସ୍ଥାନୀୟ ଦୋକାନ ମାଲିକ। ଅଗ୍ନିଶମ ଗାଡି ଯଦି ଠିକ୍ ସମୟରେ ଆସିଥାନ୍ତା, ତେବେ ଏତେ କ୍ଷୟକ୍ଷତି ହୋଇ ନ ଥାନ୍ତା ବୋଲି ଲୋକେ କହିଛନ୍ତି। ବରିଷ୍ଠ ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ବରିଷ୍ଠ ଆଇନଜୀବୀ ପଞ୍ଚାନନ ମିଶ୍ର, ହାଇକୋର୍ଟ ଆଡଭୋକେଟ ହୀରାରାମ ଭୋଇ ଅବସରପ୍ରାପ୍ତ ଅଧ୍ୟାପକ ତ୍ରିନାଥ ପ୍ରସାଦ ତ୍ରିପାଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଦମକଳ ବାହିନୀଙ୍କ ବହୁ ପରିଶ୍ରମ ପରେ ନିଆଁ ଆୟତ୍ତ ହୋଇଥିଲା।

# ଧାନ ବିକ୍ରି ଓ ଟୋକନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ କୃଷକ ସଙ୍ଗଠନ

**ପଦ୍ମପୁର, ୮।୧୨(ସମିସ)**

ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡରେ ଗତମାସ ୨୮ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ସୋମବାର ୧୧ ଦିନରେ ପହଞ୍ଚିଛି।

## ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ



ହେଲେ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇ ପାରିନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରାଜବୋଡାସମ୍ବର କୃଷକ ସଙ୍ଗଠନ ଆନୁକୂଲ୍ୟରେ ଆବାହକ ଅଶୋକ ସାହୁ, ଆଇନ ପରାମର୍ଶ ଦାତା ଅଜିତ ଶତପଥୀଙ୍କ ନେତୃତ୍ୱରେ ସୋମବାର ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ୭୦ ପ୍ରତିଶତ ଚାଷୀଙ୍କ ଟୋକନ ପହଞ୍ଚି ନଥିବା ବେଳେ ଚାଷୀଙ୍କ କଷ୍ଟୋପାର୍ଜିତ ଧାନ ଖଳା, ରାସ୍ତା କଡ଼ ତଥା କ୍ଷେତରେ ପଡ଼ି ରହିଥିବା ସେମାନେ କହିଛନ୍ତି। ଅପରପକ୍ଷରେ ଯେଉଁ ଚାଷୀ ଧାନ ପକାଇଛନ୍ତି ସେମାନଙ୍କ ଧାନ କେବେ ମିଲର୍ସ ଉଠାଇବେ ସେ ନେଇ ଚାହିଁ ରହିଛନ୍ତି। ମାତ୍ର ଉପଖଣ୍ଡର କୌଣସି ମଣ୍ଡିକୁ ଏପର୍ଯ୍ୟନ୍ତ ମିଲର୍ସ ପହଞ୍ଚି ନଥିବା ବେଳେ ପ୍ରଶାସନ ମଧ୍ୟ ତତ୍ପରତା ପ୍ରକାଶ କରୁନଥିବା ଚାଷୀ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ସୁଦ୍ଧା ଧାନ ଉଠାଣ ଓ ଟୋକନ ପ୍ରଦାନ ସ୍ୱାଭାବିକ ନହେଲେ ରାଜବୋଡାସମ୍ବର କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉଦ୍‌ଯାପିତ



**କୁଚିଣ୍ଡା, ୮।୧୨(ସମିସ):** କୁଚିଣ୍ଡା ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ମୀରାଧାମରେ ଦୁଇ ଦିନ ଧରି କଲେଜ ପଡ଼ିଆରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜୀବନ ବୀମାର ବ୍ରାଞ୍ଚ ମ୍ୟାନେଜର ଯୋଗେଶ୍ୱର ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ସିନିଅର ବିଭାଗ ସୋନିଆ ମାଝି, ସ୍ନେହା କୁସୁମ, ଅନ୍ୱିତ ବା ଓ ଜୁନିଅର ବିଭାଗ ରେ ପୂଜା ମୁଣ୍ଡା, ଅଞ୍ଜଳି ସିଂହଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି କ୍ଷମାଶୀଳ ପଟେଲ, ଉପସଭାପତି ମନୋଜ ସାହୁ, ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ଶିକ୍ଷକ ବିଜୟ କୁମାର ଭୋଳଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କସ୍ତୁରୀ କେଡିଆଙ୍କ ପରଲୋକ

**ଗାଇସିଲେଟ, ୮।୧୨ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଗୁଦେରପାଲି ଗାଁର ଯୁବନେତା ମୁକେଶ ମୁରାରୀ କେଡିଆଙ୍କ ମାଁ କସ୍ତୁରୀ କେଡିଆଙ୍କ(୭୬) ପରଲୋକ ଘଟିଛି। ସେ ଶ୍ୱାସ ଜନିତ ରୋଗରେ ପୀଡିତ



ଥିଲେ। ସୋମବାର ସଂଧ୍ୟାରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ବରଗଡ଼ ଡାକ୍ତରଖାନାକୁ ନେଲା ବେଳେ ବିଜେପୁର ଠାରେ ତାଙ୍କ ପରଲୋକ ହୋଇଛି। ତାଙ୍କ ପଛରେ ଦୁଇ ପୁଅ ମୁକେଶ ମୁରାରୀ, ସଜନ, ଦୁଇ ବୋହୂ, ନାତି ନାତୁଣୀଙ୍କୁ ଛାଡି ଯାଇଛନ୍ତି। ତାଙ୍କ ପରଲୋକରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ସାଂସଦ ପ୍ରଭାସ ସିଂ, ଦେବେଶ ଆଚାର୍ଯ୍ୟ, ଚାଷୀ ନେତା କିଶୋର ଚନ୍ଦ୍ର ଦେବତା, ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ସାମ୍ବାଦିକ ରିଙ୍କୁ ଦେବତାଙ୍କ ସମେତ ସମସ୍ତ ଅଞ୍ଚଳ ବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଗୁଦେରପାଲି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୮।୧୨ (ସମିସ) :** ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ସମ୍ବଲପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ହୋପସ୍କୋପ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ସହଯୋଗରେ ଅନୁଷ୍ଠାନର ଜାତୀୟ ସେବା ଯୋଜନା ୟୁନିଟ (ଏନଏସଏସ) ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ -ଦୁଇ ଅଧ୍ୟକ୍ଷ ଅଶୋକ ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଆଞ୍ଚଳିକ ସଡ଼କ ପରିବହନ ଅଧିକାରୀ ରାମଦାସ ଟୁଡୁ ଯୋଗ ଦେଇଥିଲେ। ଆର୍‌ଟିଓ ଶ୍ରୀ ଟୁଡୁ କହିଲେ ଯେ, ସଡ଼କରେ ଯାନ ଚଳାଇବା ସମୟରେ ଆମେ ନିଜେ ସତର୍କ ରହିବା ସହ ଅନ୍ୟ ଚାଳକମାନଙ୍କ ଭୁଲ ପ୍ରତି ମଧ୍ୟ ସଚେତନ ରହିବା। ବିନା ହେଲମେଟ କିମ୍ବା ବିନା ଲାଇସେନସ୍‌ରେ ଦୁଇଚକିଆ ଯାନ ଚଳାଇବା ଆଇନତଃ ଅପରାଧ ହେଲେ ମଧ୍ୟ ସେଥିପ୍ରତି ଚାଳକମାନେ ସଚେତନ ନହେବା ଏବଂ ସ୍ଥଳ ବିଶେଷରେ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସମ୍ପ୍ରତି ଏକ ଚିନ୍ତାର ବିଷୟ। ସମ୍ମାନିତ ଅତିଥି ଭାବେ ଉପପରିବହନ ଅଧିକାରୀ କାହ୍ନୁଚରଣ ବାନ୍‌ରା, ସତୀଶ କୁମାର ପାଢ଼ୀ, କନିଷ୍ଠ ମୋଟର ବାହନ ନିରୀକ୍ଷକ ସଞ୍ଜୟ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ହୋପସ୍କୋପ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପକ୍ଷରୁ ଏକ ବୃତ୍ତଚିତ୍ର



ପ୍ରଦର୍ଶନ କରାଯିବା ସହ ସଡ଼କ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ସେଣ୍ଟର ପକ୍ଷରୁ ମନୋରଞ୍ଜନ ବେହେରା ଓ ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପୂର୍ବରୁ ହୋଇଥିବା ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଓ ପୋଷ୍ଟର ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ତିନି ଅଧ୍ୟକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ-୩ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରମୋଦ ଦେହେରୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଯୁକ୍ତ-୨ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ଓ ଅଧ୍ୟାପିକା ମିନତି ଦାଶ ସହଯୋଗ କରିଥିଲେ। ମୁଖ୍ୟଅତିଥି ସମ୍ବଲପୁର ଆରଟିଓ ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷାର ଶପଥ ପାଠ କରାଇଥିଲେ। ସଭା ପୂର୍ବରୁ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସଡକ ସୁରକ୍ଷା ବିଷୟକ ସ୍ଲୋଗାନ ଦେଇ ଧମା ଗ୍ରାମ ଓ ବଜାର ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଅବସରରେ ବଜାର ପ୍ରାଙ୍ଗଣରେ ହୋପସ୍କୋପ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପକ୍ଷରୁ ଯମରାଜ ଓ ଚିତ୍ରଗୁପ୍ତ ଚରିତ୍ରକୁ ନେଇ ସଡକ ସୁରକ୍ଷା ସଚେତନତାର ବାର୍ତ୍ତା ବହନ କରୁଥିବା ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ଯଦୁ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ



**ବରଗଡ଼, ୮।୧୨(ସମିସ):** ସ୍ୱପ୍ନର ସୌଦାଗର ଭାବେ ପରିଚିତ ଥିବା ବରଗଡ଼ର ପୂର୍ବତନ ବିଧାୟକ ଯଦୁ ପ୍ରଧାନ ଆଜି ନାହାନ୍ତି। ହେଲେ ସେ ପଛରେ ଛାଡ଼ି ଯାଇଥିବା ଅଗଣିତ ଶିକ୍ଷାନୁଷ୍ଠାନ, ରାସ୍ତାଘାଟ, ପବ୍ଲିକ ସେଣ୍ଟର ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ଆଜି ବି ତାଙ୍କୁ ଜନମାନସରେ ବଞ୍ଚାଇ ରଖିଛି। ଆଧୁନିକ ବରଗଡ଼ର ସ୍ଥପତିକାର ସ୍ୱର୍ଗତ ପ୍ରଧାନ ପ୍ରକୃତରେ ବରଗଡ଼ର ବିଶ୍ୱକର୍ମା ଥିଲେ। ବରଗଡ଼ ଏସ୍‌ପି ଅଫିସ ଆଗରେ ଥିବା ଯଦୁ ପ୍ରଧାନ ଛକ ସ୍ଥିତ ଯଦୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଯଦୁମଣି ପ୍ରଧାନ ସ୍ମୃତି କମିଟି ଆନୁକୂଲ୍ୟରେ ସୋମବାର ସ୍ୱର୍ଗତ ପ୍ରଧାନଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ମୃତି କମିଟି ପକ୍ଷରୁ ସଂଯୋଜିତ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ବିଜେଡି, ବିଜେପି, କଂଗ୍ରେସ, ଆପ୍ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳର ନେତା ଓ କର୍ମୀମାନଙ୍କ ସମେତ ବିଭିନ୍ନ ସଂଘ, ସଙ୍ଗଠନ ଓ ଅନୁଷ୍ଠାନର ସଦସ୍ୟ ତଥା ସଚେତନ ବରଗଡ଼ ବାସୀ ଏବଂ ସାମ୍ବାଦିକ ମାନେ ଉପସ୍ଥିତ ହୋଇ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ଗତବର୍ଷ ଠିକ୍ ଏହି ଦିନ ବରଗଡ଼ ସାମ୍ବାଦିକ ବୀରେନ ପ୍ରଧାନ ନବ ନିର୍ମିତ ଅଡିଟରିୟମକୁ ସ୍ୱର୍ଗତ ପୂର୍ବତନ ବିଧାୟକ ଯଦୁ ମଣି ପ୍ରଧାନଙ୍କ ନାମରେ ନାମିତ କରିବା ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ଅନୁରୋଧ କରିଥିଲେ। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଡିଟରିୟମକୁ ଯଦୁମଣିଙ୍କ ନାମରେ ନାମିତ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ନଗରପାଳ କଳ୍ପନା ମାଝି, ବିଜେପି ନେତା ସୁରେଶ୍ୱର ଶତପଥୀ, ଅରୁଣା ସାହୁ, ଡିସିସି ସଭାପତି ହରଦୀପ ସିଂ, ବିଜେଡି ନେତା ସମ୍ବିଦ ଆଚାର୍ଯ୍ୟ, ଆପ ନେତା ଭବାନୀ ସାହୁ, ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ଓ ସମ୍ପାଦକ ଲଲାଟେନ୍ଦୁ ବେହେରା, ନିପନ ଦାଶ, ବ୍ରହ୍ମାନନ୍ଦ ମହାକୁଡ଼, କଂଗ୍ରେସ ନେତା ଆଇନଜୀବୀ ସରୋଜ ଷଡ଼ଙ୍ଗୀ, ଯୁଗଳ ପ୍ରସାଦ ସିଂହ, ଶୁଭେନ୍ଦୁ ସାହୁ, ଚିତ୍ତ ଦେବତା, ବିମଳ ଦାଶ ତଥା ନିମାଇଁ ମହାପାତ୍ର, ଶୈଳେନ୍ଦ୍ର ବିଶ୍ୱାଳ, କ୍ରୀଷ୍ଣା ନକୁଲା, ସୁବ୍ରତ ତ୍ରିପାଠୀଙ୍କ ସମେତ ବହୁ ଜନସାଧାରଣ ସ୍ୱର୍ଗତ ଯଦୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ଆନନ୍ଦ ପ୍ରଧାନ ସଂଯୋଜନା କରିଥିବା ବେଳେ ସାନପୁଅ ମନୋହର ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ।

# ଡିପିଏସ୍ ଶାସନରେ ବାର୍ଷିକ ଆଥଲେଟିକ୍ ମିଟ୍

**ସମ୍ବଲପୁର, ୮।୧୨ (ସମିସ) :** ସୌହାର୍ଦ୍ଦ୍ୟ ଏବଂ ପ୍ରକୃତ କ୍ରୀଡା ମନୋଭାବରେ ପରିପୂର୍ଣ୍ଣ ପରିବେଶ ସହିତ ଶାସନସ୍ଥିତ ଡିପିଏସ୍‌ରେ ୫ ଓ ୬ ତାରିଖ ବାର୍ଷିକ ଆଥଲେଟିକ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଦିନ ମୁଖ୍ୟଅତିଥି ଭାବେ ଶାସନ ଥାନାଧିକାରୀ ପ୍ରବୀଣ କେଶରୀ ତ୍ରିପାଠୀ ଏବଂ ଦ୍ୱିତୀୟ ଦିନ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜତିନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷକ ନେତା ବିଭୁ ପଟ୍ଟନାୟକ ଓ ପି.ଟି.ଏ. ସଦସ୍ୟ ମାନସ ଦାସ ଉପସ୍ଥିତ ଥିଲେ। ଏହି ବାର୍ଷିକ ଆଥଲେଟିକ୍ ମିଟ୍ ପ୍ରତିଭା, ଦୃଢ଼ତା ଏବଂ ଦଳଗତ ଭାବେ କାର୍ଯ୍ୟ କରିବାର ଏକ ଉତ୍ସବ ଥିଲା। ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, କେବଳ ଶାରୀରିକ




ଦକ୍ଷତା ନୁହେଁ ବରଂ ସର୍ବୋଚ୍ଚ ସ୍ତରର କ୍ରୀଡା ମନୋଭାବ ମଧ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ମିଟ୍ ଚମ୍ପିଆନ୍ସ ହୋଇଥିଲେ, ବାଳିକା (ଶ୍ରେଣୀ ୬-୮) ଶ୍ରାବଣୀ ଜାନକର, ବାଳକ (ଶ୍ରେଣୀ ୬-୮) ସତ୍ୟମ ନାଏକ, ବାଳିକା (ଶ୍ରେଣୀ ୯-୧୨) ସସ୍ମିତା ଡାଙ୍ଗ ଏବଂ ବାଳକ (ଶ୍ରେଣୀ ୯-୧୨) ଅଙ୍କିତ ଭୋଇ। କ୍ରୀଡା ଶିକ୍ଷକ ଗିରିଶ ଏବଂ କ୍ରୀଡା ଶିକ୍ଷୟିତ୍ରୀ ଜ୍ୟୋତି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷା ସୁଜାତା ଲେଙ୍କା ସମସ୍ତ ଖେଳାଳିଙ୍କୁ ସେମାନଙ୍କ ଅସାଧାରଣ ସଫଳତା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବାସହ ସେମାନଙ୍କ ସ୍ଥିରତା, ଶୃଙ୍ଖଳା ଏବଂ ଉତ୍ସାହୀ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ।

# ଏନ୍‌ଏସ୍‌ସିବି କଲେଜ ଓଡ଼ିଆ ବିଭାଗର ସାପ୍ତାହିକ ଆଲୋଚନାଚକ୍ର

**ସମ୍ବଲପୁର, ୮।୧୨ (ସମିସ) :** ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି' ଶୀର୍ଷକ ସାପ୍ତାହିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡଃ ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ ଭୋଇ ପ୍ରଥମେ ସ୍ୱାଗତ କରିବାସହିତ ଉଦ୍ଦେଶ୍ୟ ଜ୍ଞାପନ ଏବଂ 'ଓଡ଼ିଆ ଲୋକସାହିତ୍ୟ ଲୋକ ସଂସ୍କୃତି' ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଆଲୋଚନାଚକ୍ରର ସଂକ୍ଷେପ ଉପସ୍ଥାପନ କରିଥିଲେ। ତତ୍ପରେ ସ୍ନାତକୋତ୍ତର ଦ୍ୱିତୀୟବର୍ଷର ଛାତ୍ରୀ ଭୋଜରାଣୀ ତାଣ୍ଡିଆ 'ଲୋକ ସାହିତ୍ୟର ସଞ୍ଜ୍ଞା, ସ୍ୱରୂପ ଓ ପ୍ରକାରଭେଦ', ଛାତ୍ର ପର୍ଶୁରାମ ରାଉଳ 'ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ଦିଗ', ଛାତ୍ରୀ ଶିବାନୀ ତ୍ରିପାଠୀ 'ଓଡ଼ିଆ ଲୋକ ଗୀତରେ ସମାଜ ଚିତ୍ର', ଛାତ୍ର ପ୍ରମୋଦ



ନାଏକ 'ଓଡ଼ିଆ ଲୋକ ଗୀତରେ ନାରୀ ଜୀବନର ଚିତ୍ର' ଏବଂ ଛାତ୍ରୀ ଉଷାରାଣୀ ନାଏକ 'ଲୋକସାହିତ୍ୟରେ ମୋଟିଫ୍ ତତ୍ତ୍ୱ' ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ନିବନ୍ଧ ଉପସ୍ଥାପନ ପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ୟକ ଜେନା, ଶାନ୍ତନୁ ତାଣ୍ଡି, ଅର୍ଚ୍ଚିତା ପ୍ରଧାନ, ଝିଲିମା ପ୍ରଧାନ, ଉଷା ସାହାଣୀ, ଦିବ୍ୟାସା ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସହକାରୀ ପ୍ରଫେସର ଡଃ ଶ୍ରଦ୍ଧାମୟୀ ପୁରୋହିତ ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବାବେଳେ ଓ ଅନ୍ୟତମ ସହକାରୀ ପ୍ରଫେସର ଡଃ ରଶ୍ମିତା ରାଉତରାୟ ଲୋକଗୀତ ଓ ଲୋକ ସଂସ୍କୃତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ତଥା ଘୁଡୁକୀ କଳାକାର ହେମନ୍ତ ଖୁଟୁଲା ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ଶ୍ୱେତାରାଣୀ ପଧାନଙ୍କ ସହ ମିଶି ଲୋକଗୀତ ପରିବେଷଣ କରିଥିଲେ। ଶେଷରେ ହେମନ୍ତ ଖୁଟୁଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାମୀ ହତ୍ୟାକାରୀକୁ ଆଜୀବନ ଜେଲ୍

**ପଦ୍ମପୁର, ୮।୧୨ (ସମିସ):** ଝାରବନ୍ଧ ଥାନା ଅଧୀନ କୁସୁମଦାରହା ଗାଁର ସମାରି ବରିହା ୪ ବର୍ଷ ପୂର୍ବେ ନିଜ ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସୋମବାର ଅତିରିକ୍ତ ଜିଲ୍ଲା ଏବଂ ସେସନ ବିଚାରପତି, ପଦ୍ମପୁର, ଅଭିଯୁକ୍ତ ସମାରିକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ରେ ରାତିରେ ସମାରି ତାଙ୍କ ସ୍ୱାମୀ ସଦାଶିବ ବରିହାଙ୍କୁ ଠେଲି ଦେଇ ତାଙ୍କ ବେକରେ ଏକ ତଉଲିଆ ବାନ୍ଧି ହତ୍ୟା କରିଥିଲେ। ୨୩ ଜଣ ସାକ୍ଷୀଙ୍କୁ ଜେରା କରିବା ପରେ ୩୩ଟି ସାକ୍ଷ୍ୟ ପ୍ରସ୍ତୁତ କରାଯାଇଥିଲା। ୧୧ ଜଣ ଏମ୍‌ଓ ଚିହ୍ନଟ କରାଯାଇଥିଲା। ରେକର୍ଡରେ ଉପଲବ୍ଧ ପ୍ରମାଣକୁ ବିଚାର କରି ଏଡିଜେ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ଏହି ଦଣ୍ଡ ଏବଂ ଜରିମାନା ରାୟ ଶୁଣାଇଛନ୍ତି।

# ନଅଗାଁ ଧନୁଯାତ୍ରା ପାଇଁ କଂସ ବରଣ



**ଗାଇସିଲେଟ, ୮।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ କଟାବାହାଲ ମଲକେନ ଡ୍ୟାମ ଠାରେ ନଅଗାଁ ଧନୁଯାତ୍ରା ପାଇଁ ଧନୁଯାତ୍ରା କମିଟି ତରଫରୁ କଂସ ବରଣ କରାଯାଇଛି। ତେବେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅଧୀନ ନଅଗାଁ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଧନୁଯାତ୍ରା ପାଇଁ ଗାଇସିଲେଟ ବ୍ଲକ ମୁଣ୍ଡାପାଲି ଗାଁର ବିଜୟ ଦେବତାଙ୍କୁ ମହାରାଜ କଂସ ଭାବେ, ଉଗ୍ରେସନ ଭାବେ ଚୈତନ୍ୟ ସାହୁ, ଅକ୍ରୁର ଭୂମିକାରେ ବିରଥ ଭୋଇଙ୍କୁ ଅଭିନୟ କରିବା ପାଇଁ ଗାଁର ଗୌନ୍ତିଆ ଉଜ୍ଜଳ ଡନସେନା, ଅକ୍ଷୟ ଦାଶ, ପାନୁ ବେହେରା, ଈଶ୍ୱର ମହାପାତ୍ର, ଗାନ୍ଧୀ ପଧାନ, ରବି ଭୋଇ, କବି ବାରିକ ଓ ମାଯିଷ୍ଟର ମେହେର ପ୍ରମୁଖ ଉପସ୍ଥିତ ରହି ମଲକେନ ଡ୍ୟାମ୍ ସ୍ଥିତ ମାଁ ବିନ୍ଧ୍ୟବାସିନୀ ମନ୍ଦିର ପ୍ରାଙ୍ଗଣରେ ଉପଢୌକନ ପୁଷ୍ପମାଲ୍ୟ, ନଡ଼ିଆ, ସିନ୍ଦୂର ପ୍ରଦାନ କରି ବରଣ କରିଥିଲେ। ପୂର୍ବରୁ ଶ୍ରୀ ଦେବତା କଂସ, ରାବଣ, ତ୍ରିପୁରାସୁର, ଜଳନ୍ଧର, ମୁରାସୁର ଭଳି ବିଭିନ୍ନ ଭୂମିକାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଭିନୟ କରିଛନ୍ତି। ଅଭିନୟରେ ଦୀର୍ଘ ୨୩ ବର୍ଷର ତାଙ୍କର ଅଭିଜ୍ଞତା ରହିଛି। ଡିସେମ୍ବର ୨୨ ରୁ ୩୧ ପର୍ଯ୍ୟନ୍ତ ୧୦ ଦିନ ଧରି ଧନୁଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବଲାଙ୍ଗିର ଜିଲ୍ଲା ନଅଗାଁ ମଥୁରା ନଗରୀ ଓ ବରଗଡ଼ ଜିଲ୍ଲା ସାଉତଖଣ୍ଡି ଗାଁ ଗୋପପୁର ଏବଂ ମଝିରେ ପ୍ରବାହିତ ଅଙ୍ଗନଦୀକୁ ଯମୁନା ନଦୀ ରୂପେ ଚିତ୍ରିତ କରାଯାଇଥାଏ। ଏହି ଅବସରରେ ଦର୍ଶକ ମାନଙ୍କ ପାଇଁ ମୀନାବାଜର, ଅର୍କେଷ୍ଟ୍ରା, ଅପେରା ଯାଜ୍ଞସେନନୀ, ପାରାୟଣ, ଦଣ୍ଡନୃତ୍ୟ, ଭଜନ ସମାରୋହ ଭଳି ଅନେକ କାର୍ଯ୍ୟକ୍ରମର ଆୟୋଜନ ରହିଥିବା ଧନୁଯାତ୍ରା କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜମନକିରା, ୮ ।୧୨(ସମିସ)**

ଜମନକିରା ବ୍ଲକ ମୁଣ୍ଡେନପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସହବନ୍ଧିତ ବିଦ୍ୟାଳୟର ସମ୍ବଲପୁର ଜିଲ୍ଲା ଜୋନ୍-୨ର ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୫ଟି ବିଦ୍ୟାଳୟର ୨୦୦ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅବସରପ୍ରାପ୍ତ ଖେଳ ଶିକ୍ଷକ ତଥା ଓଡ଼ିଶା ଖୋଖୋ ସଂଘ ର ସହ ସମ୍ପାଦକ ଲକ୍ଷ୍ମଣ କୁମାର ନାଥ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ଭୁବନେଶ୍ୱରର ପଶ୍ଚିମ କ୍ଷେତ୍ର ସଂଯୋଜକ କୁରୁକ୍ଷେତ୍ର ଧଙ୍ଗଡ଼ା ମାଝୀ ନିରୀକ୍ଷକ ଭାବରେ ଯୋଗଦାନ କରିଥିଲେ। ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ମୁଣ୍ଡେନପାଲିର ଖେଳ ଶିକ୍ଷକ ବିକାଶ କିସାନ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଣ୍ଡେନପାଲିର କ୍ରୀଡ଼ା




ପ୍ରମୁଖ ଅଷ୍ଟଶମ୍ଭୁ ମହାକୁଳ ଖେଳ ପରିଚାଳନା କରିଥିଲେ। ଏଥିରେ ଉପଶିଶୁ ବିଭାଗର ୫ଟି, ଶିଶୁ ବିଭାଗର ୬ଟି, ବାଲ୍ ବିଭାଗର ୭ଟି ପ୍ରତିଯୋଗିତା ହୋଇଥିଲା। ଉପଶିଶୁ ବିଭାଗର କୌଶିକ ମିର୍ଦ୍ଧା, ଶିଶୁ ବିଭାଗର ବାଳିକା ବର୍ଗର ଶୃତୀ ମିର୍ଦ୍ଧା, ବାଳକ ବର୍ଗରେ ପ୍ରୀୟାଂଶୁ ଖମାରୀ, ବାଲ୍ ବିଭାଗ ବାଳିକା ବର୍ଗରେ ସୋନାକ୍ଷୀ ଦୀପ୍, ବାଳକ ବର୍ଗରେ ପ୍ରତୀକ ପ୍ରଧାନ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବରେ ଡିପିଏ କଲେଜ ମୁରା ର ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦାନ କରି କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ପାଇଁ ଜୀବନର ଏକ ଅଙ୍ଗ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେଙ୍ଗାଲିର ସଭାପତି ରାଜୀବ ମିଶ୍ର ଏବଂ ପ୍ରଧାନ ଆଚାର୍ଯ୍ୟ କରୁଣାକର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟନ୍ତପୁରର ପ୍ରଧାନ ଆଚାର୍ଯ୍ୟା ସୁସ୍ମିତା ଦୀପ ଯୋଗଦାନ କରିଥିଲେ।ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମୁଣ୍ଡେନପାଲିର ସଭାପତି ସରୋଜ କୁମାର ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ଶିବାନୀ ବାଗ, କଲ୍ୟାଣୀ ଷଡ଼ଙ୍ଗୀ, ମନୀଷା ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ଅନୀତା ବାଗ, ସୌଦାମିନୀ ଭୋଇ, ପ୍ରଜ୍ଞାଶ୍ରୀ ବେରିହା, ଲିଲି ପିଙ୍କ, ସୋନାଲି ପ୍ରଧାନ, ସାଗରିକା ଭୋଇ, ପ୍ରଣତୀ ବଡ଼ାଇ, ପଦ୍ମାଳୟା ବିଶି ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।



■ ଏନ୍‌ଏଚ ୨୬ ହେବ ପ୍ରଶସ୍ତୀକରଣ

# ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଅଭିଯାନ

**କେସିଙ୍ଗା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ତହସିଲ ଲଇତରା ମୌଜା ଅଧୀନ କେସିଙ୍ଗା ୨୬ ନୁମ୍ବର ଜାତୀୟ ରାଜପଥ ଉପରେ ଥିବା ଯୋଲକୋ ଛକରୁ ସୋମବାର ଠାରୁ ସରକାରୀ ଜବରଦଖଲ ଉଛେଦ ଆରମ୍ଭ ହୋଇଛି । କେସିଙ୍ଗା ୨୬ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଜାତୀୟ ରାଜପଥ ବିଭାଗ ସହିତ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ ସ୍ଥାନୀୟ ପୁଲିସର ସହାୟତାରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ଜବରଦଖଲକାରୀଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ସୂଚନା ଦେଇଥିଲେ ଏବଂ କେସିଙ୍ଗା ପୁଲିସ ସହାୟତା ରେ ଜବରଦଖଲ ବେଳେ ସ୍ଥାନୀୟ ଜନସାଧାରଣ ବିଶେଷ ସହଯୋଗ କରିଥିବା କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ପ୍ରକାଶ କରିଥିଲେ । ଯୋଲକୋ ଛକରେ ସରକାରୀ ଜାଗାରେ ଥିବା ଦୁଇଟି ଦୋକାନ ଗୃହକୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଛି । ଆଗକୁ କସ୍ତୁପଡ଼ା ପଞ୍ଚାୟତର ବିନେକେଲାରେ ମଧ୍ୟ ଜବର ଦାଖଲ ଉଚ୍ଛେଦ ଅଭିଯାନ କରାଯିବ ବୋଲି କେସିଙ୍ଗା ତହସିଲଦାର ପ୍ରକାଶ କରିଛନ୍ତି । ଜବରଦଖଲ ସମୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ, ଲଇତରା ରାଜସ୍ୱ ନିରୀକ୍ଷକ ମୋହନ ମାଝୀ, ରାଜସ୍ୱ ପରିଦର୍ଶକ, କେସିଙ୍ଗା ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।



ବିକାଶ ଖୋଜୁଛି ପରାବାହିଲିଗାଁ

# ରାସ୍ତା, ବିଜୁଳି ସ୍ୱପ୍ନ





**ଲାଞ୍ଜିଗଡ଼, ୮ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତର ପରାବାହିଲି ଗାଁ। ଏହି ଗାଁରେ ସ୍ୱାଧୀନତା ପୂର୍ବରୁ ୧୮ଆଦିବାସୀ ପରିବାର ବସବାସ କରୁଛନ୍ତି। ଏଠାକାର ମୁଖ୍ୟ ସମସ୍ୟା ହେଉଛି ଗମନା ଗମନ। ଭଟାଙ୍ଗପଦର ପଞ୍ଚାୟତର ସୁଲିଆ ଗାଁଠାରୁ ୭ କିମି ଦୂରରେ ପାହାଡ଼ ମଝିରେ ଜଙ୍ଗଲ ଘେରା ମଧ୍ୟରେ ରହିଛି ଏହି ଗାଁ। ଗାଁକୁ କେବଳ ପାଦଚଲା ରାସ୍ତା ଅଛି। ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ୭ କିମି ସୁଲିଆ ଗାଁ ପର୍ଯ୍ୟନ୍ତ ବୋହି ମୁଖ୍ୟରାସ୍ତା ଯାଏ ନେବାକୁ ପଡ଼ିଥାଏ। ଗାଁ ପିଲା ପାଦଚଲା ଜଙ୍ଗଲ ରାସ୍ତାରେ ଚାଲି ଚାଲି ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ୫ କିମି ଦୂର ପଢ଼ିବାକୁ ଯାଉଛନ୍ତି।କିନ୍ତୁ ବର୍ଷା ୪ ମାସ ପିଲାଙ୍କ ପାଠ ପଢ଼ିବା ସମ୍ଭବ ହୋଇନଥାଏ। ବ୍ଲକ ଶିକ୍ଷା ବିଭାଗକୁ ଅଭିଯୋଗ ପରେ କିଛି ପଲାଙ୍କୁ ବିଭାଗ ପକ୍ଷରୁ ହଷ୍ଟେଲ ସ୍କୁଲରେ ଛାଡିଥିବା ଗାଁ ଲୋକଙ୍କ ଠାରୁ ଜଣାଯାଉଛି। ସେଭଳି ସୁଲିଆ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଶିଶୁ ୭ କିମି ଦୂର ଯାଇ ପାରୁନାହାନ୍ତି। ଶିଶୁଙ୍କ ଖାଦ୍ୟ ପାଇଁ ପରିବାର ଲୋକେ ଯାଇଥାନ୍ତି। ଗାଁରେ ବିଜୁଳି ନାହିଁ।କିଛି ବର୍ଷ ପୂର୍ବେ ଗାଁ ଲୋକଙ୍କୁ ସୌଭାଗ୍ୟ ଯୋଜନାରେ ସୋଲାର ଲାଇଟ ଯୋଗାଇ ଦିଆ ଯାଇଥିଲା। କିଛିଦିନ ଜଳିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବର୍ଷ ବର୍ଷ ଧରି ଅଚଳ ହୋଇ ରହିଛି। ଗାଁରେ ବିଜୁଳି ସଂଯୋଗୀକରଣ ନେଇ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ଏମାନଙ୍କୁ ଠିକ୍ ଭାବେ କାମ ମିଳୁନଥିବା ଯୋଗୁଁ ନିକଟରେ ଥିବା ଜଙ୍ଗଲରେ ପୋଡ଼ୁ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ଲୋକଙ୍କୁ ଘର ମିଳିଥିବା ବେଳେ ରାସ୍ତା ନଥିବା ଯୋଗୁଁ ନିଜେ ନକରି ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଠିକାଦାର ମଧ୍ୟ ଆଦିବାସୀଙ୍କ ସରଳତା ଦେଖି ନିର୍ମାଣରେ ବିଳମ୍ବ କରୁଥିବା ଦେଖିବାକୁ ମିଳିଛି। ଗାଁରେ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି। ଗାଁରେ ଗୋଟିଏ ହେଲେ ପାଇଖନା ନାହିଁ। ସ୍ୱଚ୍ଛ ପାଇଁ ଗ୍ରାମବାସୀ ବାହାରକୁ ଯାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଗରମ ପାଣି ପଡ଼ି ଯୁବକ ଗୁରୁତର

# ଅର୍ଥାଭାବରୁ ହୋଇପାରୁନି ଉପଯୁକ୍ତ ଚିକିତ୍ସା

**କୋକସରା, ୮ ।୧୨(ସମିସ):** ଗାଧୋଇବା ପାଇଁ ନେଉଥିବା ଗରମ୍ ପାଣି ପଡ଼ି କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଟିକ୍ରାପଡ଼ାର ଯୁବକ ଘନଶ୍ୟାମ ମାଝୀ(୩୮) ଗୁରୁତର ହୋଇଛନ୍ତି। ରବିବାର ଦିନ ଗାଧୋଇବା ପାଇଁ ଗରମ ପାଣି ନେଇ ଯାଉଥିବା ସମୟରେ ଅସାବଧାନତା କାରଣରୁ ଗଡ଼ ଖସି ଯିବାରୁ ଘନଶ୍ୟାମ ଉପରେ ଗରମ ପାଣି ପଡ଼ିଯାଇଥିଲା। ଫଳରେ ଘନଶ୍ୟାମଙ୍କ ମୁହଁ, ହାତ ଓ ଗୋଡ଼ରେ ଗରମ ପାଣି ପଡ଼ିବାରୁ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଭବାନୀପାଟଣା ମେଡିକାଲରେ ଚିକିତ୍ସାପରେ ଅବସ୍ଥା ଜଟିଳ ଥିବାରୁ ଘନଶ୍ୟାମଙ୍କୁ ବୁର୍ଲା ମେଡ଼ିକାଲ ରେଫର କରାଯାଇଥିଲା। ତେବେ ଘନଶ୍ୟାମଙ୍କ ପରିବାର ଗରିବ ଶ୍ରେଣୀର ହେଇଥିବାରୁ ଅର୍ଥ ଅଭାବ ଯୋଗୁଁ ବୁର୍ଲା ମେଡ଼ିକାଲ ନେଇ ନପାରି ଘରକୁ ଫେରାଇ ଆଣିଛନ୍ତି। ଘନଶ୍ୟାମଙ୍କ ମୁହଁ, ହାତ ଓ ଗୋଡ଼ରେ ଗରମ ପାଣି ପଡ଼ି ପ୍ରାୟ ୪୦ ପ୍ରତିଶତ ପୋଡ଼ି ଯାଇଛି। ବର୍ତ୍ତମାନ ସେ ଘରେ ଗୁରୁତର ଅବସ୍ଥାରେ ପଡ଼ି ରହି କଷ୍ଟ ଭୋଗୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଏହି ଗରିବ ପରିବାରକୁ ଚିକିତ୍ସା ସହାୟତା କରିବା ପାଇଁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।



# କୋମନା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗର ଶୁଣାଣି



**କୋମନା, ୮ ।୧୨(ସମିସ):** କୋମନା ସ୍ଥିତ ବ୍ଲକ ସଭାଗୃହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୧ ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୩୫ବ୍ୟକ୍ତିଗତ ୧୬ ଗୋଷ୍ଠୀଗତ ଅଭିଯୋଗ ଆସିଥିଲା।ଅତିଶିଘ୍ର ଉକ୍ତ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଡିଏଫ୍ ଓ କେନ୍ଦୁପତ୍ର, ଏ ମାଧବୀ ଲତା, ଡିଏଫ୍‌ଓ ବନ୍ୟଜନ୍ତୁ, ସମିର କୁମାର ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।ବିଡିଓ ସର୍ବେଶ୍ୱର ଜାଲ, ତହସିଲଦାର ସୋନିଆ ଶ୍ରୀ ମଲ୍ଲିକ, ଡେପୁଟି କଲେକ୍ଟର ଶେଖ୍ ନସିମ, ଏ ବିଡିଓ ଭକ୍ତବନ୍ଧୁ ଧରୁଆ, ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ଗଣ ମାଧମର ପ୍ରତିନିଧି ଉପସ୍ଥିତ ଥିଲେ।ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜିତ ହୋଇଥିଲା। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# କୈକେୟୀଙ୍କୁ ମିଳିବ ପକ୍କା ଘର

**କେସିଙ୍ଗା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ କାଣ୍ଡେଲ ପଞ୍ଚାୟତର କୈକେୟୀ ମାଝୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମିଳିବ ସରକାରୀ ଘର ମିଳିବ। ଏ ନେଇ ଗତ ୨୬.୧୦ରେ 'ସକାଳ' ଖବର ପ୍ରସାରଣ କରାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।ପ୍ରକାଶ ଥାଉକୀ କୈକେୟୀ ମାଝୀଙ୍କ ନିଜ ବିବାହିତ ଝିଅ ବ୍ୟତୀତ ଆଉ କେହି ନାହାନ୍ତି। ଗତ ବର୍ଷା ଦିନରେ କୈକେୟୀ ନିଜ ଝାଟିମାଟି କୁଡ଼ିଆରେ ଶୋଇଥିବା ବେଳେ ହଠାତ୍ ରାତିରେ ଘର ଭାଙ୍ଗି ଯାଇଥିଲା ଭାଗ୍ୟ ବଶତଃ ସୋଇଥିବା କୈକେୟୀ ଓ ତାଙ୍କ ତିନି ବର୍ଷ ର ନାତୁଣୀ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ପରେ ଖବର ପ୍ରସାରଣ ପରେ କେସିଙ୍ଗା ତହସିଲଦାର, ବିଡିଓଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଉଳ, ଡାଲି ଓ କିଛି ଦରକାରୀ ଜିନିଷ ଦେଇ କାଣ୍ଡେଲ ରାଜସ୍ୱ ନୀରିକ୍ଷକଙ୍କୁ କ୍ଷୟକ୍ଷତି ଆକଳନ କରି ଯଥା ଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ଆଧାର କରି କୈକେୟୀଙ୍କ ଅବସ୍ଥାକୁ ଦେଖି ଗୁରୁତ୍ୱର ସହିତ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଯଥା ଶୀଘ୍ର ଘର ଯୋଗାଇ ଦେବା ପାଇଁ ବ୍ଲକ ଚିଠି ନମ୍ବର ୪୫୪୪/ ୩.୧୧.୨୦୨୫ରେ ଦର୍ଶା ଯାଇଛି।

ସକାଳ THE SAKALA ପ୍ରଭାବ




OFFICE OF THE PANCHAYAT SAMITI, KESINGA
DIST:-KALAHANDI
E_mail: ori-kesinga@nic.in Tel:-06670-222003
Letter No. 4544 / Date. 03 / 11 /2025

To
The Collector & District Magistrate,
Kalahandi.
Sub:- Submission of compliance report of Grievance report No:- [redacted]
Sir,
With reference to the subject cited above, As per the report from BPC, RH, Smt. Kaikeya Majhi of Kandel Village, Kandel Gram Panchayat, Kesinga Block, has been found eligible for the Antodaya Gruha Yojana (AGJ) Scheme under the Natural Calamity category. The Revenue Inspector (RI) has submitted a factual report, and her name has been placed at the top priority in the AGJ list. She will be allotted a house as soon as the government issues the allotment order.
This is for favour of your kind information and necessary action.
Encl:- Report of BPC, RH.
Yours faithfully,
Block Development Officer
Kesinga

# କ୍ଷତ୍ରୀୟ ପାଇକ ସମାଜର ବାର୍ଷିକ ସମ୍ମିଳନୀ




**କଲମପୁର, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ରାଜପୁତ କ୍ଷତ୍ରୀୟ ପାଇକ ସମାଜ ପଶ୍ଚିମମଣ୍ଡଳ ଭଇରୀଗୁଡାର ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା କଲମପୁର ବ୍ଲକ ଦେପୁରମଣ୍ଡଳ ପୋଟେସପଲ୍ଲି ଠାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭାକୁ କୁଳପତି ରଜନୀକାନ୍ତ ବିଶିଙ୍କ ସଭାପତିତ୍ୱ ଓ ମୁଖ୍ୟ ପରାମର୍ଶ ଦାତା ଯୁଗଳ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମି ଦ୍ୱାରା ସମ୍ମାନଜନକ ଓଡ଼ିଶା ଏକାଡେମି ସମ୍ମାନ ପ୍ରାପ୍ତ କୃପାସିନ୍ଧୁ ନାଏକ, ପ୍ରଣବ ପ୍ରକାଶ ଭଞ୍ଜ(ମୁଖ୍ୟ ଉପସ୍ଥାପକ) ଓ ଘୁମୁରା ଗୁରୁ ତଥା କବି ଦୟାନିଧି ବାଣୁଆଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କୁଳସୋଦର, ମଣ୍ଡଳ ସଦସ୍ୟ, ପରାମର୍ଶ ଦାତାମାନଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଆଗାମୀ ଦିନରେ ସମାଜର ବିଭିନ୍ନ କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। କୁଳପତି ଶ୍ରୀ ବିଶିଙ୍କ ସମେତ କୁଳ ସଚିବ ନରୋତ୍ତମ ପୁଝାରି, ସହ ସଚିବ ଲବ ଦଳପତି, ସାଙ୍ଗଠାନିକ ସମ୍ପାଦକ ଶେଷଦେବ ପାତ୍ର, କୋଷାଧ୍ୟକ୍ଷ ଦ୍ୱିତୀକୃଷ୍ଣ ପୁଝାରି, କୁଳସୋଦର ନୀଳକଣ୍ଠ ପାତ୍ର, ଇନ୍ଦ୍ରମଣି ଧଙ୍ଗଡ଼ା ମାଝୀ, ଘନଶ୍ୟାମ ଗୁରୁ, ପାରେଶ୍ୱର ପୁଝାରି, ମୁଖ୍ୟ ପରାମର୍ଶ ଦାତା ଯୁଗଳ କିଶୋର ନାଏକ, ରାମ ଦଣ୍ଡସେନା, ଅଶୋକ ପ୍ରଧାନୀ, ଗୁଣନିଧି ଧଙ୍ଗଡ଼ା ମାଝୀ, ସମସ୍ତ ମଣ୍ଡଳ ସଦସ୍ୟ, ପଲ୍ଲି ସଭାପତି ପ୍ରମୁଖ ସମାଜର ବିଭିନ୍ନ ବ୍ୟବସ୍ଥା ଉପରେ ନିଜର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶେଷଦେବ ପାତ୍ର ଓ କୃପାସିନ୍ଧୁ ନାଏକ ପରିଚାଳନା କରିଥିବା ବେଳେ ପୋଟେସ ପଲ୍ଲିର ସାମାଜିକ ସଦସ୍ୟ ମାନେ ସହଯୋଗ କରିଥିଲେ।

# ଭାଗବତ ପ୍ରବଚନ ଉଦ୍‌ଯାପିତ

**କେସିଙ୍ଗା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ୩ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଗୀତା ଜୟନ୍ତୀ ଉପଲକ୍ଷେ ପ୍ରବଚକ ଆଚାର୍ଯ୍ୟ ସ୍ୱାମୀ ସାସ୍ୱତା ନନ୍ଦ ସରସ୍ୱତିଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ସଂସ୍କୃତି ଭବନଠାରେ ଦିବ୍ୟ ପ୍ରବଚନ ହୋଇ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୩ ତାରିଖ ବୁଧବାର ଶ୍ରୀମଦ୍ ଭାଗବତ ଗୀତା ପାରାୟଣ ଓ ଆହୁତି ପ୍ରଦାନ ପରେ ୩ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଆଚାର୍ଯ୍ୟ ସ୍ୱାମୀ ଶାଶ୍ୱତା ନନ୍ଦ ସରସ୍ୱତୀଙ୍କ ଦ୍ୱାରା ଦିବ୍ୟ ପ୍ରବଚନ କରିଥିଲେ।କାର୍ଯ୍ୟକ୍ରମ ଟ୍ରଷ୍ଟ ବୋର୍ଡ ସଭାପତି ଡ଼.ହେମସାଗର୍ ସାହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ଦିବ୍ୟ ପ୍ରବଚନ ଏବଂ ବେଦାନ୍ତ ଓ ଧ୍ୟାନ ପ୍ରଶିକ୍ଷଣ ଶୁଣିବାପାଇଁ କେସିଙ୍ଗା ସହର ତଥା ଆଖ ପାଖ ଗାଁ ବୋରିଂପଦର୍, ଲଇତରା, ଯୋଲକୋ, ଭାଲେଗା, କଣ୍ଟପଡ଼ା, ମହଦା, ତହସିର, କନ୍ତେଶିର ଆଦି ଗ୍ରାମ ମାନଙ୍କରୁ ବହୁ ସଂଖ୍ୟାରେ ଭାଗବତ ପ୍ରେମୀମାନେ ଉପସ୍ଥିତ ରହି ଦିବ୍ୟ ପ୍ରବଚନ ଶୁଣୁଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡ ର ମେନେଜିଂ ଟ୍ରଷ୍ଟି ହରିଶଙ୍କର ଭୋଇ, ଭଜରାମ ସାହୁ, ବେଣୁଧର ମହଲା, ପର୍ଶୁରାମ ପାଢ଼ୀ ପ୍ରମୁଖ ସହଯୋଗ କରୁଥିଲେ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର

**କଲମପୁର, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ବ୍ଲକ ପରିସରରେ ଆୟୋଜିତ ହୋଇ ଯାଇଛି। ବ୍ଲକ ପ୍ରଶାସନ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହେବା ସହିତ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଜନ ସାଧାରଣଙ୍କୁ ସୂଚନା ପ୍ରଦାନ କରିଥିଲେ। ରାସ୍ତାଘାଟ ନାଳ ନର୍ଦ୍ଦମା ସଫା କରିବା ସହିତ କେତେକ କାର୍ଯ୍ୟାଳୟରେ ରଙ୍ଗବୋଳା କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତିରେ ହୋଇଥିଲା। ସମସ୍ତଙ୍କ ପାଇଁ ସବୁ ଦିଗକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ପିଡି ଡିଆରଡିଏ ଦୟାମୟ ପାଢି, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୁର୍ଯ୍ୟୋଧନ ଭୋଇ, ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡୋଲାମଣୀ ଭୋଇ ପ୍ରମୁଖ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ।ଏଥିରେ ବ୍ୟକ୍ତିଗତ ୫୧, ଅନ୍ୟାନ୍ୟ ୨୨, ଘର ପାଇଁ ୧୨, ଭତ୍ତା ପାଇଁ ୩ ସମୁଦାୟ ୮୮ଟି ଅଭିଯୋଗ ପଞ୍ଜିକୃତ ହୋଇ ସମସ୍ତଙ୍କ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଶୁଭଶ୍ରୀ ସାହୁ ନାଏକଗୁଡା ଓ ସୁଲୋଚନା ମାଝୀ ଦେପୁରଙ୍କୁ ଜିଲ୍ଲାପାଳ ଉପସ୍ଥିତିରେ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅବକାରୀ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥ୍ରୀଫେଜ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରିବାରୁ ରୋଗୀସେବା ବ୍ୟାହତ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଡାକି ଛଅ ମାସ ହେବ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରିବା ଲଜ୍ୟାଜନକ ବିଷୟ ବୋଲି ଭର୍ତ୍ସନା କରିଥିଲେ। ସେହିଭଳି କଲମପୁର +୨ କଲେଜ ଛାତ୍ରଛାତ୍ରୀ ମାନେ କଲେଜ ପାଚେରି ଓ ମୁଖ୍ୟ ଫାଟକ ନିମନ୍ତେ ଅଭିଯୋଗ କରିଥିଲେ। କଲେଜରେ ପାଚେରି ଓ ମୁଖ୍ୟ ଫାଟକ ନ ଥିବାରୁ ଅନେକ ଅସୁବିଧା ହେଉଛି ଓ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଛାତ୍ରୀଙ୍କୁ ରୋଡ ରୋମିଓମାନେ ଅସଦାଚରଣ କରୁଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତୁରନ୍ତ ଏଥିପାଇଁ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି +୨ ଓ+୩ କଲେଜର ଛାତ୍ରଛାତ୍ରୀ ରାସ୍ତା ପାଇଁ ଅଭିଯୋଗ କରିଥିଲେ, ରାସ୍ତା ପାଇଁ ମଧ୍ୟ ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଆରଡି ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କରୋନା କାର୍ଯ୍ୟ କରୁଥିବା ସମୟରେ କଲମପୁର ଆଶା ଦିଦି ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁକୁ ନେଇ ମୃତକାଙ୍କ ସ୍ୱାମୀ ଲଳିତ ମୋହନ ନାଏକଙ୍କ ଅଭିଯୋଗ ଆଧାରରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେଇ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



# ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ସାମ୍ବାଦିକ

**କୋମନା, ୮ ।୧୨(ସମିସ):** ଖବର ସଂଗ୍ରହରେ ଯାଉଥିବା ନୂଆପଡ଼ା ଜିଲ୍ଲାର ଦୁଇ ସାମ୍ବାଦିକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ସାମ୍ବାଦିକ ଦିଲିପ ଦଳପତି ଏବଂ ସାମ୍ବାଦିକ ତେଜୁରାମ ନାଏକ ଉଭୟେ ସୋମବାର ସକାଳରୁ ନୂଆପଡ଼ା ଅଭିମୁଖେ ଖବର ସଂଗ୍ରହରେ ଜିଲ୍ଲା ହେଡ଼ କ୍ୱାଟରକୁ ଯାଇ କୋମନା ବ୍ଲକରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ନୂଆପଡ଼ାସ୍ଥିତ ୩୫୩ ନମ୍ବର ଜାତୀୟ ରାଜପଥର ପାଣିଗ୍ରାହୀ ପେଟ୍ରୋଲ ଟାଙ୍କି ନିକଟରେ ପଛପଟୁ ଏକ ଅଜଣା ବାଇକ୍ ଧକ୍କା ଦେଇ ଫେରାର ମାରିଥିଲା। ଫଳରେ ଦୁଇ ସାମ୍ବାଦିକ ତଳେ ପଡ଼ିଯାଇ ଆହତ ହୋଇଥିଲେ। ସ୍ଥାନୀୟଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ନିଜେ ସାମ୍ବାଦିକ ଦ୍ୱୟ ପ୍ରକାଶ କରିଛନ୍ତି।

୩ ଗାଡ଼ି ଉପରେ ମାଡିଗଲା ଟ୍ରେଲର

# ୩ ଗୁରୁତର, ଡ୍ରାଇଭର ଥାନାରେ ଅଟକ





**କୋକସରା, ୮ ।୧୨(ସମିସ)**

୨୬ ନମ୍ବର ଜାତୀୟ ରାଜପଥରର କୋକସରା ଥାନା ଚିଲିଗୁଡା ବସ୍‌ଷ୍ଟାଣ୍ଡ ବୁଲାଣିରେ ସୋମବାର ସଡ଼କ ଦୁର୍ଘଟଣା ଘଟିଛି। ସୋମବାର ମଧ୍ୟାହ୍ନରେ ଭବାନୀପାଟଣା ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରେଲର ନମ୍ବର ଏନ୍‌ଏଲ୦୧ଏଜି-୮୮୭୭ ରାସ୍ତା କଡରେ ଥିବା ଏକ ବୋଲେରୋ, ଟ୍ରାକ୍ଟର ଓ ବାଇକ୍ ସମେତ ଲୋକଙ୍କ ଉପରେ ମାଡି ଯାଇଥିଲା। ବୋଲେରୋ, ଟ୍ରାକ୍ଟର ଓ ବାଇକ୍ ଉପରେ ଟ୍ରେଲର ଚଢ଼ି ଯିବାରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚିଲିଗୁଡା ଗ୍ରାମର ପ୍ରଶାନ୍ତ ସିଂ, ଭୋଳା ଶଙ୍କର ନାଏକ ଓ ଶଙ୍କର ନିଆଁଲ। ସୂଚନା ଅନୁସାରେ, ଫଳରେ ୩ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ଗ୍ରାମବାସୀ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଡ୍ରାଇଭରକୁ କାବୁ କରି କୋକସରା ଥାନା ପୁଲିସକୁ ଖବର ଦେଇଥିଲେ।ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ନେଇ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। କୋକସରା ମେଡ଼ିକାଲରେ ପ୍ରଶାନ୍ତ, ଭୋଳା ଶଙ୍କର ଓ ଶଙ୍କର କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ପ୍ରଶାନ୍ତ ସିଂଙ୍କ ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଟକ ଡ୍ରାଇଭର ହେଲେ ପଞ୍ଜାବ ରାମଦାସ ଗ୍ରାମର ଗୁରଚନ ସିଂ ଓ ଟ୍ରେଲର ରାୟପୁରର ବୋଲି ସୂଚନା ମିଳିଛି। କୋକସରା ଥାନା ପୁଲିସ ଟ୍ରେଲରକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

# ନନ୍ଦଗାଁ ମଣ୍ଡିରେ ଚାଷୀ ସମାବେଶ

**ଧର୍ମଗଡ଼, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ନନ୍ଦଗାଁ ଧାନମଣ୍ଡିରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନନ୍ଦଗାଁ ସେବା ସମବାୟର ସଭାପତି ଖଗେଶ୍ୱର ବଣିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ନନ୍ଦଗାଁ ସରପଞ୍ଚ ପ୍ରତିନିଧି ତଥା ଯୁବନେତା ଭବାନୀ ଶଙ୍କର ବଣିଆ, ପୂର୍ବତନ ସରପଞ୍ଚ କିଶୋର ବଣିଆ, ସମିତି ସଭ୍ୟ ଭୁବନେଶ୍ୱର ଶବର, ପାକ୍ସ ନିର୍ବାହୀ ଅଧିକାରୀ ମନୋଜ ବଣିଆ, ପେକ୍ସ ଡାଇରେକ୍ଟର ସଞ୍ଜୟ କୁମାର ପଟେଲ, ଗଣେଶ ରାମ ଶବର, ଆରଏମସି କର୍ମଚାରୀ ଅନ୍ତର୍ଯ୍ୟାମୀ ଖଡିକାର, ଚାଷୀ ପ୍ରତିନିଧି ରାଘବନନ୍ଦ ନାଏକଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମଣ୍ଡିରେ ବିଗତ ଦିନମାନଙ୍କରେ ହୋଇଥିବା ଅରାଜକତା ପୁନର୍ବାର କରାଇ ଦେବୁ ନାହିଁ ଉଚିତ ଚାଷୀଙ୍କ ଧାନ ପ୍ରଥମେ ବିକ୍ରୟ କରାଯିବ ବୋଲି ଯୁବନେତା ଭବାନୀ ବଣିଆ ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ ମଣ୍ଡି ଉଦ୍‌ଘାଟନ ହୋଇ ୧୦ ଦିନ ହୋଇଥିଲେ ମଧ୍ୟ ମାତ୍ର ୨ ଜଣ ଚାଷୀଙ୍କ ଧାନ ଉଠିଛି। ପ୍ରାୟ ଚାଷୀ ଧାନଅମଳ କରି ଦେଢ଼ ମାସ ହେବ ନିଜ ଖଳାରେ ଗଛିତ ରଖି ଶୀତ କାକରରେ ଜଗୁଛନ୍ତି ବୋଲି ଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।



# ବାଲିକୁଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର/ବାଲିକୁଦା,୮।୧୨(ସମିସ)



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ଟି, ଆବାସ ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୦ଟି, ପୁଲିସ ସହାୟତା ପାଇବା ପାଇଁ ୧, ପେନସନ ପାଇବା ପାଇଁ ୧ ଏବଂ ଅନ୍ୟାନ୍ୟ ୧୭ ଅଭିଯୋଗର ଶୁଣାଣି କରାଯାଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ବାଲିକୁଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ବାଲିକୁଦା ତହସିଲଦାର ବିକାଶ ରଞ୍ଜନ, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଏଥିରେ ବାଲିକୁଦା କଲେଜରେ ଅଧ୍ୟାପକ ମରୁଡି ନେଇ ଈଶ୍ୱରପୁରର ସମାଜସେବୀ ପ୍ରଦୀପ୍ତ ମହାନ୍ତି ଅଭିଯୋଗ କରିଥିବା କରିଥିଲେ। ଆବାସ ଯୋଜନା ପାଇଁ ହୁଇଲ ଚେୟାରରେ ଆସି ଅଭିଯୋଗ କରିଥିଲେ ଦିବ୍ୟାଙ୍ଗ ଓ ଥାଲେସେମିଆ ରୋଗୀ ମଲ୍ଲୀକାପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ପ୍ରିୟବ୍ରତ ଗୋଛାୟତ। ୨ ଗୋଡ଼ କାର୍ଯ୍ୟ କରୁନଥିବା ଶିଶୁପୁତ୍ର ପ୍ରସନ୍ନ କୁମାର ଓଝାଙ୍କୁ ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ସଂଗ୍ରାମପୁର ଗ୍ରାମର ପ୍ରକାଶ ଓଝା। ବନ୍ଦରେଇ ପୀଠର ଭିତ୍ତିଭୂମି ବିକାଶ କାର୍ଯ୍ୟରେ ଆସିଥିବା ୧ କୋଟି ୨୦ ଲକ୍ଷ ଅନୁଦାନ ରାଶିକୁ ଠିକାଦାର କାର୍ଯ୍ୟ ଶେଷ କରୁ ନଥିବା ନେଇ ଅଭିଯୋଗ କରିଥିଲେ ସମାଜସେବୀ ରୁଦ୍ର ନାରାୟଣ ପ୍ରଧାନ। ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ବନ୍ଦର ସାମୁଦ୍ରିକ ଥାନା ଅଧୀନରେ ଥିବା ଗଣ୍ଡକୁଳ ବଜାର ନିକଟରେ ଦୋକାନ କରିଥିବା କିଛି ବ୍ୟବସାୟୀ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଛନ୍ତି। ଏଣୁ ଜିଲ୍ଲାପାଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗଣ୍ଡକୁଳ ଗ୍ରାମବାସୀ ଦାବି କରିଥିଲେ। ବାଲିକୁଦା ବ୍ଲକରେ ୧୪ଟି ଓଭରହେଡ୍ ପାଣି ଟାଙ୍କି ଓ ପାଇପ ବିଛା କାର୍ଯ୍ୟ ଅଧାପନ୍ତରିଆ ଥିବା ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏପ୍ରିଲ ମାସ ସୁଦ୍ଧା କାର୍ଯ୍ୟ ଶେଷ ନହେଲେ ଉକ୍ତ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରିବା ସହ ନୂଆ ଟେଣ୍ଡର କରି କାର୍ଯ୍ୟ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅପଣ୍ଡରା ପଞ୍ଚାୟତ ସାଲ ବେଲପୁର ଗ୍ରାମକୁ ପାଇପ ବିଛା ଯାଇଥିଲେ ସୁଦ୍ଧା ପାନୀୟ ଜଳ ଆସୁ ନଥିବା ନେଇ ଅଭିଯୋଗ କରିଥିଲେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ। ଶ୍ରୀବନ୍ତପୁର ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମେ କିଛି ବ୍ୟକ୍ତିଙ୍କୁ କୁହାଯାଇଥିଲା। ଫଳରେ ସେମାନେ ୨୦ ପ୍ରତିଶତ କାର୍ଯ୍ୟ ଶେଷ କରିବା ପରେ ସେମାନଙ୍କ ଅଗୋଚରରେ ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ୟ ଠିକାଦାର ନିଯୁକ୍ତି କରାଯାଇଥିଲା। ଫଳରେ ସେମାନେ ଖର୍ଚ୍ଚ କରିଥିବା ଅର୍ଥ ପାଇ ନଥିବା ବେଳେ ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ନ୍ୟାୟ ପାଇଁ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ ଦାବି କରିଥିଲେ। ବନ୍ଦର ସାମୁଦ୍ରିକ ଥାନା ଠାରୁ କୁସୁପୁର ଦେକଣୀ ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ସୁନାମୀ ବନ୍ଧର ପୁନଃ ନିର୍ମାଣ ପାଇଁ ଦାବି ହୋଇଥିଲା। ଏନେଇ ଜିଲ୍ଲାପାଳ ଜଳ ସମ୍ପଦ ବିଭାଗକୁ ତୁରନ୍ତ ଏଥିପାଇଁ କିପରି ଅର୍ଥ ମଞ୍ଜୁରୀ ହୋଇପାରିବ ସେନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୨ ବଖରା ଜଳିଗଲା

ନାଉଗାଁ,୮।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତର ଚନ୍ଦ୍ରପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁରେଶ ଚନ୍ଦ୍ର ଦାସଙ୍କ ଗୁହାଳ ଘର ସହ ୨ ବଖରା ଜଳିଯାଇଛି। ଘର ଜଳୁଥିବାର ତାଙ୍କ ସ୍ତ୍ରୀ ଦେଖିବାକୁ ପାଇ ଗ୍ରାମବାସୀଙ୍କୁ ଡାକିଥିଲେ। ପରେ ନାଉଗାଁ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ତାଙ୍କର ୨ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା।

## ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଜଗତସିଂହପୁର, ୮।୧୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳରେ ଗତ ୨୦୨୩ ଡିସେମ୍ବର ମାସରେ ସଂଗଠିତ ଏକ ହତ୍ୟାକାଣ୍ଡ ମାମଲାର ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି ଅଦାଲତ। ସୂଚନା ଅନୁସାରେ ଗତ ୨୦୨୩ ମସିହା ଡିସେମ୍ବର ୨୨ ତାରିଖ ଅପରାହ୍ନ ୧. ୩୦ମି. ସମୟରେ ବାଲିକୁଦା ଥାନା ଅନ୍ତର୍ଗତ କୋସିଦା ଗ୍ରାମର ପ୍ରହ୍ଲାଦ ଦାସ ଖାଇ ବସିଥିବା ବେଳେ ତାଙ୍କ ବାଡ଼ି ମଧ୍ୟରେ ଘୁଷୁରି ପଶିଯାଇଥିଲା। ପ୍ରହ୍ଲାଦ ଏହାର ପ୍ରତିବାଦ କରିବାରୁ ବାନା ଦାସ ହାତରେ ଧରିଥିବା ଏକ କଟୁରିରେ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପ୍ରହ୍ଲାଦ ଅଚେତ ହୋଇ ପଡିଯିବା ପରେ ବାନା ସେଠାରୁ ଦୌଡି ପଳାଇଥିଲା। ତେବେ ଲୋକମାନେ ତାର ପିଛାକରି ନିକଟସ୍ଥ ଓରଡ଼ାଙ୍ଗ ଗ୍ରାମର ଏକ କୁକୁଡା ଫାର୍ମ ନିକଟରେ ତାକୁ କାବୁ କରିଥିଲେ। ପରେ ବାନାକୁ ପୁଲିସ ଜିମା ଦିଆଯାଇଥିଲା। ପ୍ରହ୍ଲାଦଙ୍କୁ ବାଲିକୁଦା ମେଡିକାଲ ନିଆଯାଇଥିଲା ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରହ୍ଲାଦଙ୍କ ପତ୍ନୀ ଶାନ୍ତିଲତା ଦାସ ଘଟଣା ସଂପର୍କରେ ବାଲିକୁଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୫୬୯/୨୩ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବାନା ଦାସକୁ ଗିରଫ୍ କରି କୋର୍ଟଚାଲାଣ କରିଥିଲା। ମୋଟ ୧୪ ଜଣଙ୍କ ଠାରୁ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଆଜି ଜଗତସିଂହପୁର ଜିଲ୍ଲା ଦୌରା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ଅଭିଯୁକ୍ତ ବାନା ଦାସକୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ କାରାଦଣ୍ଡ ପାଇଁ ଆଦେଶ କରିଛନ୍ତି ଅଦାଲତ। ସରକାରଙ୍କ ତରଫରୁ ଏହି ମାମଲାକୁ ପବ୍ଲିକ୍ ପ୍ରସିକ୍ୟୁଟର ତପନ କୁମାର ପାଲ ପରିଚାଳନା କରୁଥିଲେ।

## ମହାନଦୀରୁ ମୃତଦେହ ଉଦ୍ଧାର

ରଘୁନାଥପୁର,୮।୧୨(ସମିସ): ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଛପଡ଼ା ପଞ୍ଚାୟତ ଜଇପୁର ନିକଟସ୍ଥ ମହାନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ ଜଇପୁର (ମଠସାହି) ଗ୍ରାମର ଦୁର୍ଯ୍ୟୋଧନ ଦାସଙ୍କ ପୁଅ ଦିଲୀପ କୁମାର ଦାସ (୫୭)। ସବୁଦିନ ମଧ୍ୟାହ୍ନରେ ସେ ନିଜର କର୍ମ ସାରି ନଦୀକୁ ଗାଧେଇବାକୁ ଯାଆନ୍ତି। ନଦୀ ଆରପାରିରେ ଥିବା ପଠାକୁ ଯାଇ ଛେଳି ପାଇଁ ଲଟାପତ୍ର କାଟି ଆଣିଥାନ୍ତି। ସୋମବାର ମଧ୍ୟାହ୍ନରେ ଏକ କାତେଣି ଧରି ସାଇକଲରେ ଘରୁ ବାହାରି ଯାଇଥିଲେ। ଦିଲୀପଙ୍କ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ନଦୀକୂଳରେ ତାଙ୍କର ସାଇକଲ ଓ ଚପଲ ଥିବାର ଦେଖିବାକୁ ପାଇଥିଲେ। ପଠାକୁ ଯାଇ ଖୋଜାଖୋଜି କରି ଦିଲୀପଙ୍କୁ ନପାଇବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢିଥିଲା। କିଛି ବ୍ୟକ୍ତି ପାଣି ଭିତରେ ଖୋଜାଖୋଜି କରି ତାଙ୍କର ମୃତଦେହ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପୁଲିସକୁ ଖବର ଦିଆଯାଇଥିଲା। ତେବେ ପିସିଆର୍ ଭ୍ୟାନ ଆସି ଦେଖି ସେଠାରୁ ଫେରି ଯାଇଥିଲା। ପରେ ତିର୍ତ୍ତୋଲ ଦମକଳ ବାହିନୀ ଆସି ଦିଲୀପଙ୍କ ମୃତଦେହକୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ।

## ୧୩ରେ ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ପାରାଦୀପ,୮।୧୨(ସମିସ): ଆସନ୍ତା ୧୩ ତାରିଖ ଶନିବାର ପାରାଦୀପରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଆବିର୍ଭାବ ମହୋତ୍ସବ ତଥା ପାରାଦୀପ ଆଞ୍ଚଳିକ ସତ୍‌ସଙ୍ଗ ଉତ୍ସବ ସ୍ଥାନୀୟ ଜୟଦେବ ସଦନ ପରିସରରେ ପାଳନ କରାଯିବ। ଏନେଇ ବ୍ରାହ୍ମ ମୁହୂର୍ତ୍ତରୁ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ ୬ଟା ୧୩ମି ସମବେତ ଉଷା ବିନତି ପ୍ରାର୍ଥନା, ପରେପରେ ପବିତ୍ର ଉତ୍ସବ ଉଦ୍‌ଘାଟନ, ନଗର ପରିକ୍ରମା, ଶିଶୁ ମାନଙ୍କୁ ନେଇ ଭଜନ ଓ ବକ୍ତୃତା ପ୍ରତିଯୋଗିତା, କିଶୋର ସତସଙ୍ଗ, ଅପରାହ୍ନରେ ମାତୃ ସମ୍ମିଳନୀ, ସଙ୍ଗୀତାଞ୍ଜଳି, ସନ୍ଧ୍ୟା ୫ଟା ୫ମି. ରେ ସମବେତ ସନ୍ଧ୍ୟା ବିନତି ପ୍ରାର୍ଥନା, ୬ଟା ୩୦ରେ ସତସଙ୍ଗ ଓ ସାଧାରଣ ସଭା ସହିତ ସଦାଲୋଚନା, ପରେପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସଦ୍‌ଦୀକ୍ଷାର କାର୍ଯ୍ୟକ୍ରମ ଚାଲିବ ବୋଲି ପାରାଦୀପ ଆଞ୍ଚଳିକ ସତସଙ୍ଗ ବିହାରର ସ.ପ୍ର. ରିତିକ୍ ଲଳିତ କୁମାର ହୋତା ଓ ପାରାଦୀପ ସତସଙ୍ଗ କମିଟିର ଗୁରୁଭାଇ ମାନେ ସୂଚନା ଦେଇଛନ୍ତି।

## ଅନୁସୂଚିତ ଜାତିଙ୍କ ଜମିକୁ ଜବର ଦଖଲ ଅଭିଯୋଗ



ବିରିଡ଼ି,୮।୧୨(ସମିସ): ବିରିଡି ତହସିଲ ଅଧୀନ ମଇନ୍ଦିପୁର ମୌଜାରେ ଥିବା ଖାତା ନମ୍ବର ୫୩, ପ୍ଲଟ ନମ୍ବର ୬୮୭ରେ ଥିବା ଜମିଟି ଚାଷୀଖଣ୍ଡ ମୌଜାରେ ବାସ କରୁଥିବା ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପୂର୍ବ ପୁରୁଷଙ୍କ ନାମରେ ରହିଛି। ଉକ୍ତ ଜମି ଉପରେ ଏକ କୋଠା ନିର୍ମାଣ ଚାଲିଛି। ଏହା ବିରିଡ଼ି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଦେଶ ବଳରେ ଚାଲିଥିବା ବେଳେ ତାହା ଜବରଦଖଲ କରାଯାଇଥିବା ଅଭିଯୋଗ ଅଣାଯାଇଛି। ଆଜି ଏହି ମର୍ମରେ ବିରିଡି ବିଡିଓ ଓ ତହସିଲଦାରଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଛନ୍ତି ଚାଷୀଖଣ୍ଡ ମୌଜାର ଶୁଭ୍ରାଂଶୁ ଭୋଇ, ନରେନ୍ଦ୍ର ଭୋଇ, ସୁଶାନ୍ତ ଭୋଇ, ଭଗବାନ ଭୋଇ, ଅଭୟ ଭୋଇ, ଟୁନ ଭୋଇ, ହୃଷିକେଶ ଭୋଇ, ଦିଗନ୍ତ ଭୋଇ, ସୌରଭ ଭୋଇ ପ୍ରମୁଖ।

## ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ବାଲିକୁଦା,୮।୧୨(ସମିସ): ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନି ଦିନ ଧରି ଚାଲିଥିବା ୨୫ତମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ନେତା ସତ୍ୟସାରଥୀ ମହାନ୍ତି ଯୋଗ ଦେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ତେଜସ୍ୱିନୀ ବିଶ୍ୱାଳଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଅଧ୍ୟାପିକା କଳ୍ପନା କାନୁନଗୋ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସସ୍ମିତା ପରିଜା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

## ବିଦ୍ୟୁତ ଉପକରଣ ଚୋରି କରି ୨ ଗିରଫ



ନାଉଗାଁ,୮।୧୨(ସମିସ): ନାଉଗାଁ ବିଦ୍ୟୁତ ବିଭାଗର ଉପକରଣ ଓ ତାର ଚୋରି ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେିଛନ୍ତି ଏସ୍‌ଡିପିଓ। ଗତ ୭ ତାରିଖରେ ନାଉଗାଁ ଟିପିସିଓଡିଏଲ୍ ବିଦ୍ୟୁତ ବିଭାଗର ଅତିରିକ୍ତ ସେକ୍ସନ ଇନଚାର୍ଜ ଶୁଭମ ମହାନ୍ତିଙ୍କ ଅଭିଯୋଗ କ୍ରମେ କୁଣ୍ଡେଶ୍ୱର ନିକଟରେ ଥିବା ଟ୍ରାନ୍ସଫର୍ମରର ଲାଇନ୍ ସ୍ପାନ୍‌ରୁ ୧୧ କେଭି ଏର୍‌ଟି ବେୟାର କଣ୍ଡକ୍ଟର (ପ୍ରାୟ ୧.୪ କିଲୋମିଟର)ର ୧୩ଟି ସ୍ପାନ୍ ସହିତ କିଛି ଜରୁରୀ ଟ୍ରାନ୍ସଫର୍ମର ଅଂଶ ଓ ଅନ୍ୟ ବୈଦୁତିକ ଉପକରଣ ଚୋରି ହୋଇଥିଲା। ତାଙ୍କ ଲିଖିତ ଅଭିଯୋଗ ନାଉଗାଁ ପୁଲିସ ଷ୍ଟେସନରେ ହେବା ପରେ ପୁଲିସ ୩୩୮/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଦୁଇ ଅଭିଯୁକ୍ତ କୁଣ୍ଡେଶ୍ୱର ଗ୍ରାମର ରମେଶ କାଣ୍ଡିଙ୍କ ପୁଅ ବିଶ୍ୱକର୍ମା କାଣ୍ଡି ଓ ଅନ୍ୟଜଣେ ଉକ୍ତ ଗ୍ରାମର ଜଣେ ନାବାଳକକୁ ପୁଲିସ ଗିରଫ କରିଛି। ଚୋରି ଯାଇଥିବା ସାମଗ୍ରୀ, ନଗଦ ୪୧୦୦ ଟଙ୍କା ଓ ଚୋରିରେ ବ୍ୟବହୃତ ଉପକରଣକୁ ମଧ ପୁଲିସ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଏସ୍‌ଡିପିଓ ଆଞ୍ଜିକ୍ୟ ମାଣେ ସୂଚନା ଦେଇଛନ୍ତି।

ଇନ୍‌ଷ୍ଟାଗ୍ରାମରୁ ପ୍ରେମ, ପ୍ରେମ ପରେ ଅପହରଣ

## ଅପହୃତା ନାବାଳିକା ଢେଙ୍କାନାଳରୁ ଉଦ୍ଧାର

ପାରାଦୀପ, ୮।୧୨ (ସମିସ): ପାରାଦୀପ ଅଞ୍ଚଳରେ ନାବାଳିକା ଅପହରଣ ଅଭିଯୋଗ ବଢିବାରେ ଲାଗିଛି। ଫେସବୁକ ହେଉ କିମ୍ବା ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ହେଉ ନାବାଳିକାମାନେ ଅଚିହ୍ନା ଯୁବକଙ୍କ ସହିତ ଚାଟିଂ କରି ଏଭଳି ଶିକାର ହେଉଛନ୍ତି। ଏପରିକି ପାଠ ପଢ଼ା ଛାଡ଼ି ଯୁବକଙ୍କ ସହିତ ଘରୁ ଲୁଚି ପଳାଉଛନ୍ତି। ପାରାଦୀପ ଲକ୍‌ଥାନା ଅଧୀନ ଅଞ୍ଚଳରେ ଏଭଳି ଲଗାତାର ଦୁଇ ଦୁଇଟି ଘଟଣା ଏବେ ସାମ୍ନାକୁ ଆସିଛି। ତେବେ ଏଭଳି ଘଟଣା ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଗତ ସପ୍ତାହରେ ଦୁଇ ପ୍ରେମୀ ଯୁଗଳଙ୍କୁ ଲକ୍ ଥାନା ପୁଲିସ ଆଣି ପରିବାର ଜିମା ଦେଇଥିବା ବେଳେ ପୁଣି ଆଜି ପାରାଦୀପ ଲକ୍ ଥାନା ପୁଲିସ ଆଉ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ପୁଲିସ ସୂଚନା ମୁତାବକ ଗତ ୧ ତାରିଖରେ ପାରାଦୀପ ଗଡ଼ ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଏତଲା ହୋଇଥିଲା। ନାବାଳିକା ଜଣଙ୍କ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ଢେଙ୍କାନାଳ ଅଞ୍ଚଳର ଜଣେ ଯୁବକ ସହିତ ପରିଚୟ ହୋଇଥିଲେ। ପରେ ଦୁଇ ଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା। ତେବେ ଗତ ଡିସେମ୍ବର ୧ ତାରିଖରେ ଯୁବକ ଜଣଙ୍କ ସହିତ ନାବାଳିକା ଜଣଙ୍କ ଢେଙ୍କାନାଳ ପଳାଇ ପୁଅର ମାଉସୀ ଘରେ ଆଶ୍ରୟ ନେଇଥିଲେ। ଖବର ପାଇ ପୁଲିସ ସେହି ଅପହୃତା ନାବଳିକାକୁ ଢେଙ୍କାନାଳରୁ ଉଦ୍ଧାର କରିଛି। ଯୁବକ ଜଣକ ପ୍ରାପ୍ତ ବୟସ୍କ ହୋଇଥିବା ବେଳେ ଝିଅ ନାବାଳିକା ବୋଲି ପୁଲିସ କହିଛି। ଆଜି ପୁଲିସ ଉଭୟଙ୍କୁ ଉଦ୍ଧାର କରି ଆଣି ପାରାଦୀପରେ ପହଞ୍ଚି ଡାକ୍ତରୀ ମଇନା କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଯୁବକକୁ କୋର୍ଟଚାଲାଣ କରାଯାଇଛି। ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରଙ୍ଗୀନ ମାଛ ଚାଷ ସଚେତନତା କର୍ମଶାଳା




ଜଗତସିଂହପୁର,୮।୧୨(ସମିସ): କୃଷିବିଜ୍ଞାନ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ଏନ୍‌ଏଫଡିବି ହାଇଦ୍ରାବାଦର ଆର୍ଥିକ ସହାୟତାରେ ରଙ୍ଗୀନ ମାଛ ଚାଷ ବିଷୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂପୁର ଜିଲ୍ଲାର ବିଭିନ୍ନ ଗ୍ରାମରୁ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକଙ୍କ ଉପସ୍ଥିତିରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ବିଶେଷଜ୍ଞ ସରିତା ଦାସ ଭାଗ ନେଇଥିବା ଚାଷୀମାନଙ୍କୁ ଉତ୍ତମ ବୈଜ୍ଞାନିକ ପ୍ରଣାଳୀରେ ରଙ୍ଗୀନ ମାଛ ଚାଷ ଏବଂ ଏହାର ସହଜ ପ୍ରଣାଳୀରେ ପ୍ରଜନନ ବିଷୟରେ ଅବଗତ କରାଇଥିଲେ। ଛୁଆ ଦେଉଥିବା ମାଛ ମଲି, ଗପୀ, ସୋଡଟେଲ୍, ପ୍ଲାଟି ଓ ଅଣ୍ଡା ଦେଉଥିବା ରଙ୍ଗୀନ ମାଛ କୋଇକାର୍ପ, ଗୋଲ୍ଡ ଫିସ, ଚିଚିଲିଡ୍ସ, ଟେଟ୍ରା, ବାର୍ବ ଆଦି ଲାଭଜନକ ରଙ୍ଗୀନ ମାଛ ପ୍ରଜାତି ଉପରେ ବିଶେଷ ଭାବରେ ତଥ୍ୟ ପ୍ରଦାନ କରାଯାଇଥିଲା। ଅତିଥି ରୂପରେ କୁଜଙ୍ଗ ଏଏଫଓ ସ୍ୱସ୍ତିକ ସତ୍ୟରଞ୍ଜନ, ଏସଏଫଟିଏ ବିଧାନଚନ୍ଦ୍ର ଦାସ, ତିର୍ତ୍ତୋଲ ଜେଏଫଟିଏ ପ୍ରିୟଙ୍କା ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝୀ, ସସ୍ମିତା ପୁରୋହିତ, ବଳିଆ ମାଝୀ, ରୁଦ୍ରପ୍ରତାପ ସ୍ୱାଇଁ, ବିଜୟିନୀ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ଢିଙ୍କିଆରେ ଜେଏସ୍‌ଡବ୍ଲୁର ନିଯୁକ୍ତି ମେଳା




ପାରାଦୀପ,୮।୧୨(ସମିସ): ଆଜି ଠାରୁ ଜେଏସ୍‌ଡବ୍ଲୁ ପକ୍ଷରୁ ଢିଙ୍କିଆ ଚାରିଦେଶରେ ଜିନ୍ଦଲ ଷ୍ଟିଲ ପକ୍ଷରୁ ସ୍ଥାନୀୟ ବେକାର ଯୁବକ/ଯୁବତୀମାନଙ୍କ ପାଇଁ ନିଯୁକ୍ତି ମେଳା ଆୟୋଜନ କରାଯାଇଛି। ସ୍ଥାନୀୟ ଶିକ୍ଷିତ ଯୁବକମାନଙ୍କୁ ଆଉ ଦାଦନ ଖଟିବାକୁ ବାହାରକୁ ଯିବାକୁ ପଡିବନି। ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ଏକାଧିକ ସ୍ଥାନରେ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ୍ ତରଫରୁ ଆଇଟିଆଇ, ବିଇ, ଡିପ୍ଲୋମା, ବିଟେକ ପ୍ରାର୍ଥୀମାନଙ୍କୁ ଏହି ନିଯୁକ୍ତି ମେଳାରେ ପ୍ରାଥମିକତା ଦିଆଯାଇଥିଲା। ଫଳରେ ଜମି ହରାଇଥିବା ପରିବାରଙ୍କ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଜେଏସ୍‌ଡବ୍ଲୁ ତରଫରୁ ସ୍ଥାନୀୟ ଅଞ୍ଚଳରେ ସିଏସ୍‌ଆର୍ ଅର୍ଥରେ ଶିକ୍ଷା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବିକାଶ କରିଛି। କମ୍ପାନୀର କାମ ଆରମ୍ଭ ହେଉଥିବା ସମୟରେ ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ପାଞ୍ଚଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ଆଜିର ଏହି ନିଯୁକ୍ତି ମେଳା ଦ୍ୱାରା ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀଙ୍କୁ ସ୍ଥାନୀୟ ପ୍ରକଳ୍ପରେ ବ୍ୟାପକ ନିଯୁକ୍ତି ମିଳିବ ବୋଲି କହିଛନ୍ତି ଗୋବିନ୍ଦପୁର, ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଓ ପାଟଣା ଗ୍ରାମବାସୀ। ଆଜିର ଏହି ନିଯୁକ୍ତି ମେଳାରେ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କ ଲମ୍ବାଧାଡି ଲାଗିଥିବା ବେଳେ ଆମକୁ ନିଶ୍ଚିତ ନିଯୁକ୍ତି ମିଳିବ ବୋଲି କହିଛନ୍ତି ଆଶାୟୀ ପ୍ରାର୍ଥୀ।

## ଝଙ୍କଡ଼ପୀଠରେ ଉଇଜଡମ ଗ୍ରୁପର ବୈଠକ



ତିର୍ତ୍ତୋଲ,୮।୧୨(ସମିସ): ଝଙ୍କଡ଼ ମା' ସାରଳାଙ୍କ ମନ୍ଦିର ପରିସରରେ ଉଇଜଡମ୍ ଗ୍ରୁପ ଜଗତସିଂହପୁର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ରଘୁନାଥପୁରର ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଆବାହକ ପ୍ରାକ୍ତନ ମଣ୍ଡଳ ସହ ଶିକ୍ଷାଧିକାରୀ ନାଉଗାଁର ବାମଦେବ ସ୍ୱାଇଁ ସଭାର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ସମ୍ପାଦକ ଅଶୋକ ସ୍ୱାଇଁ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ବାଲିକୁଦାର ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ, ପ୍ରାକ୍ତନ ସହ ଶିକ୍ଷାଧିକାରୀ ମେନକା କୁମାରୀ ମହାପାତ୍ର, ଗୋପବନ୍ଧୁ ନାୟକ, ସରୋଜିନୀ ଦେବୀ, ପବିତ୍ର ମୋହନ ସାହୁ, ରାମଚନ୍ଦ୍ର ସ୍ୱାଇଁ ଓ ଶିକ୍ଷକ ଡ. ଅରବିନ୍ଦ ସେନାପତି, ରଶ୍ମିରଞ୍ଜନ ମଲ୍ଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଖଟୁଆ, ଝୁଲରାମ ଦାସ, ବସନ୍ତ ବଳ, ହାଡ଼ିବନ୍ଧୁ ବେହେରା, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସରସ୍ୱତୀ ନନ୍ଦ, ଅଶୋକ ପାଳ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ନୂତନ ସଭ୍ୟ ସାମିଲ ହେବାକୁ ପ୍ରତି ବ୍ଲକରେ ଜଣେ ଜଣେ ସଂଯୋଜକକୁ ମନୋନୀତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ଲିଗ୍

ଜଗତସିଂହପୁର,୮।୧୨(ସମିସ)

ଜଗତସିଂହପୁର ଜିଲ୍ଲାର ୭ଟି ଷ୍ଟାଡିଅମରେ ଚାଲିଥିବା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ଲିଗ୍‌ର ଆଜି ତୃତୀୟ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜି ୧୭ ବର୍ଷରୁ କମ ବାଳକ ବିଭଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୪ଟି ମ୍ୟାଚ ଲିଗ୍ ଭିତ୍ତିରେ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ଯାଜପୁର ବନାମ ସୋନପୁର ଏବଂ ସୁନ୍ଦରଗଡ ବନାମ ଗଜପତି, ନନ୍ଦବ୍ରତ ଷ୍ଟାଡିୟମ ଠାରେ ଭୁବନେଶ୍ୱର ବନାମ ବଲାଙ୍ଗୀର ଓ ନବରଙ୍ଗପୁର ବନାମ ବୌଦ୍ଧ, ସତୀ ଖେଳପଡିଆ ଠାରେ ସମ୍ବଲପୁର ବନାମ ଦେଓଗଡ ଓ ମାଲକାନଗିରି ବନାମ ଜଗତସିଂହପୁର, ତର୍ତ୍ତଙ୍ଗ ମିନିଷ୍ଟାଡିୟମ ଠାରେ ମୟୂରଭଞ୍ଜ ବନାମ କନ୍ଧମାଳ, ଓ କଟକ ବନାମ କେନ୍ଦୁଝର, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ରେ ବରଗଡ଼ ବନାମ ପୁରୀ, ଗଞ୍ଜାମ ବନାମ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ଲିଗ ପ୍ରତିଯୋଗିତାରେ ଯାଜପୁର, ଗଜପତି, ବଲାଙ୍ଗୀର, ନବରଙ୍ଗପୁର, ସମ୍ବଲପୁର, ମାଲକାନଗିରି, ମୟୂରଭଞ୍ଜ, କେଉଁଝର, ଗଞ୍ଜାମ ଏବଂ ପୁରୀ କ୍ରୀଡ଼ା ଜିଲ୍ଲା ବିଜୟୀ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ ବାଳିକା ବିଭାଗରେ ପୁନଃଙ୍ଗ ସ୍ଥିତ ପୁଲିସ ବାରାକ ପଡିଆରେ ଭୁବନେଶ୍ୱର ବନାମ ସୁନ୍ଦରଗଡ଼ ଏବଂ ବାଲେଶ୍ୱର ବନାମ ନବରଙ୍ଗପୁର, ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ଝାରସୁଗୁଡା ବନାମ ପୁରୀ, ଓ ଜଗତସିଂହପୁର ବନାମ କଟକ ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଭୁବନେଶ୍ୱର, ବାଲେଶ୍ୱର, ପୁରୀ ଓ କଟକ କ୍ରୀଡାଜିଲ୍ଲା ବିଜୟୀ ହୋଇଛନ୍ତି। ସମସ୍ତ ଲିଗ୍ ମ୍ୟାଚକୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରକ୍ଷୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଓ ବିନାୟକ ଉପାଧ୍ୟାୟ।

## ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ କୁରେମାଲ ଲାଇନ ହୋଟେଲ ସ୍ଥିତ ପଥପ୍ରାନ୍ତ ସୁବିଧାକେନ୍ଦ୍ର ପରିସରରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମରବଗାରୁ ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୮୭ ମସିହାରେ ଆରମ୍ଭ ହୋଇଥିବା ବିଦ୍ୟାଳୟରେ ପ୍ରାରମ୍ଭରୁ ଶିକ୍ଷାଦାନ କରିଥିବା ପ୍ରଧାନଶିକ୍ଷକ ଶାନ୍ତନୁ ପାଣିଗ୍ରାହୀ ଗତ ୨୦୨୩ ମାର୍ଚ୍ଚରେ ଏବଂ ଏପ୍ରିଲରେ ଇଂରାଜୀ ଶିକ୍ଷକ ମଙ୍ଗଳ ପ୍ରସାଦ ଭୋଇ, ୨୦୨୪ ମେ ମାସରେ ଶାରୀରିକ ଶିକ୍ଷା ଶିକ୍ଷକ ବିହାରୀଲାଲ ପଟେଲ ଏବଂ ଜୁନରେ ଗଣିତ ଶିକ୍ଷକ ଯଦୁମଣି ପଧାନ, ୨୦୨୫ ଅଗଷ୍ଟରେ ଭୂଗୋଳ ଶିକ୍ଷକ ବଟୁ ପଧାନ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରଥମ ବ୍ୟାଚ ଛାତ୍ର ମହେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଗୁରୁ ପୂଜା କରିବା ସହିତ ଗୁରୁ ମାନଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଛାତ୍ର ରାଜେଶ ସିଂଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ମାନଙ୍କୁ ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ସହିତ ଶୋଭାଯାତ୍ରାରେ ସସମ୍ମାନେ ସେମାନଙ୍କ ଗୃହରେ ପହଞ୍ଚାଇଥିଲେ।

## ମହିଳା ମହାବିଦ୍ୟାଳୟରେ ଏଡ୍ସ ସଚେତନତା




ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟ ଝାରସୁଗୁଡ଼ା ଓ ବେଦାନ୍ତ କମ୍ପାନୀର ସଂଯୁକ୍ତ ପ୍ରୟାସରେ ରାଜନୀତି ବିଭାଗର ବିଭାଗ ଅଧ୍ୟକ୍ଷ ରେଣୁକା ପୂଜାରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ରେଡ୍‌କ୍ରସର ଜିଲ୍ଲା ସମନ୍ୱୟକ ସୁରେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ବେଦାନ୍ତ ପକ୍ଷରୁ ଡ.ଅଦ୍ୱିତୀୟ ବାରିକ ଓ ଅମିୟ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଏଡ୍ସ ସମ୍ପର୍କରେ ଥିବା ଭ୍ରମ, ଅନ୍ଧବିଶ୍ୱାସ ଓ ସାମାଜିକ କଳଙ୍କୁ ଦୂର କରିବା ସହ ଯୁବଶକ୍ତିଙ୍କୁ ସଚେତନତା ଅଭିଯାନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଞ୍ଚାଳନ ମହିଳା ମହାବିଦ୍ୟାଳୟ ଯୁବରେଡ୍ କ୍ରସ ସମନ୍ୱୟକ ଡ.ସଂଘମିତ୍ରା ପୃଷ୍ଟି କରିଥିଲେ। ଯୁବ ରେଡ୍‌କ୍ରସର ଅନ୍ୟାନ୍ୟ ସମନ୍ୱୟକ ଡ.ଫାତିମା ବି ଓ ଗୋକୁଳ ନନ୍ଦ ସାହୁଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ ରେଣୁକା ପଟେଲ, ରେଶ୍ମା ଇକ୍କା, ସୁଷ୍ମିତା ସାହାନୀ ଓ ସରୋଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ନାଟକ ମାଧ୍ୟମରେ ସୁରକ୍ଷା ସଚେତନତା ବାର୍ତ୍ତା



ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ମହାନଦୀ କୋଲ ଫିଲ୍ଡ ଅଧୀନରେ ଥିବା ଲଜକୁରା ଖୋଲା ମୁହାଁ ଖଣିରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ନାଟକ ମାଧ୍ୟମରେ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଇଛି। ମହାନଦୀ କୋଲ ଫିଲ୍ଡ ଅଧୀନରେ ଥିବା ସମଲେଶ୍ୱରୀ, ଲଜକୁରା, ମାଇନ ନମ୍ବର ୨, ବୁନ୍ଧିଆ ମାଇନ୍ସରେ ଗତ ୧୪ ଦିନ ଧରି ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା। ସ୍ଥାନୀୟ ଆଦର୍ଶ ନଗର କଲୋନୀରେ ଗୋବିନ୍ଦ ବେହେରାଙ୍କ ଦ୍ୱାରା ରଚିତ ସୁରକ୍ଷା ଭିତ୍ତିକ ନାଟକ 'ବେତାଳ କଥା' ମଞ୍ଚସ୍ଥ ହୋଇଥିଲା। ନାଟକକୁ ଗୋବିନ୍ଦ ସିଂହ ଓ ସୁଧୀର ନାଏକ ସଂଯୋଜନା କରିଥିବା ବେଳେ ଝସକେତନ ସାହୁ, ପ୍ରମୋଦ ମେହେର ଓ ପ୍ରଶାନ୍ତ ମହାରଣା ନିର୍ଦ୍ଦେଶକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଣି ଅବା ବାହାରେ କାର୍ଯ୍ୟ ସମୟରେ ସୁରକ୍ଷା ଉପକରଣ ସାଙ୍ଗରେ ନେବା, ଅସବଧାନତା ସହିତ କାର୍ଯ୍ୟ କଲେ କିପରି ଜୀବନ ହାନି ହୁଏ, ଦୁର୍ଘଟଣା ଘଟେ ତା ଉପରେ କଳାକାର ମାନଙ୍କ ଦ୍ୱାରା ନାଟକ ପ୍ରଦର୍ଶିତ ହୋଇଥିଲା। ବିଜୟ ସାହୁ, ଅନିଲ ଦୀକ୍ଷିତ, ସତେନ୍ଦ୍ର ନାଏକ, ଅମିତ ରାଉତ, ଜଗଦୀଶ ବଢ଼େଇ, ଗୋପାଳ, ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ କଳାକାର ନାଟକରେ ଚମତ୍କାର ଅଭିନୟ କରିଥିଲେ।

# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

ଦେବଗଡ଼, ୮।୧୨(ସମିସ)



ଦେବଗଡ଼ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂଆଁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତରିତ ହେବା ପରେ ପୁରୁଣା କୋଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଜିଲ୍ଲାର ବିଭିନ୍ନ ମହଲରେ ଦାବି ହେଉଛି। ଏହି କ୍ରମରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯାତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଓ ଦେବଗଡ଼ ବନ୍ଦ ପାଳନ ଆଦି ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ନହେବାରୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ଏହି ଧାରଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଜନ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଜନସାଧାରଣଙ୍କ ନାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟ ପକ୍ଷରେ ଦାବି ପୂରଣରେ ବିଳମ୍ବକୁ ଦୃଷ୍ଟିରେ ରଖି ମଞ୍ଚ ପକ୍ଷରୁ ଦେବଗଡ଼ ପୌରାଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା

**ଜିଲ୍ଲା ଯୁବ ଏକତା ମଞ୍ଚ ଦସ୍ତଖତ ଅଭିଯାନ**

ସୃଷ୍ଟି ଓ ସମ୍ଭାବ୍ୟ ଆନ୍ଦୋଳନ ପାଇଁ ଅଧିକରୁ ଅଧିକ ସମର୍ଥନ ହାସଲ ପାଇଁ ଗତ ୪ ତାରିଖ ଠାରୁ ସାହି ବସ୍ତି ଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନ ଜାରି ରହିଛି। ଏହି କ୍ରମରେ ଆଜି ପଞ୍ଚମ ସଂଧ୍ୟାରେ ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଦେବଗଡ଼ ପୌରାଞ୍ଚଳ ୨ ନମ୍ବର ୱାର୍ଡ ସ୍ଥିତ ରାଧାମାଧବ ମଣ୍ଡପ ଠାରେ ଅଞ୍ଚଳବାସୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚର ସନ୍ତୋଷ ଦେବତା, ଭୀମସେନ ନାୟକ ଓ ମାନସ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ଉପରୋକ୍ତ ଦାବି ସମ୍ପର୍କରେ ସାହି ବାସୀନ୍ଦା ମାନଙ୍କୁ ସଚେତନ କରିଥିଲେ। ଏହାସହ ଦାବି ବିଷୟରେ ସେମାନଙ୍କର ମତାମତ ଓ ଦସ୍ତଖତ ସଂଗ୍ରହ କରିଥିଲେ। ସେହିପରି ଦେବଗଡ଼ ପୌରାଞ୍ଚଳ ୬ ନମ୍ବର ୱାର୍ଡରେ ମଧ୍ୟ ମଞ୍ଚ ପକ୍ଷରୁ ଅନୁରୂପ ମତାମତ ଓ ଦସ୍ତଖତ ସଂଗ୍ରହ କରାଯାଇଥିବା ମଞ୍ଚ ପକ୍ଷରୁ ସୂଚନା ମିଳିଛି।

## ପଦ୍ମପୁର ବ୍ୟାଡମିଣ୍ଟନ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ପଦ୍ମପୁର,୮।୧୨(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ ଶେଖ ହାଇଦରଙ୍କ ସ୍ମୃତିରେ ପଦ୍ମପୁର ବ୍ୟାଡମିଣ୍ଟନ ଅନୁଷ୍ଠାନ ଦ୍ୱାରା ୨ ଦିନ ଧରି ହେଉଥିବା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସୋମବାର ସମାପ୍ତ ହୋଇଛି। ୬ ତାରିଖ ଆଉଟଡୋର ଟୁର୍ଣ୍ଣାମେଣ୍ଟ ହୋଇଥିଲା। ସେଥିରେ ମାନେଶ୍ୱରର ମନଜିତ ମେହେର ଓ ହେପି ମହାପାତ୍ର ବିଜେତା ହୋଇଥିଲେ। ପଦ୍ମପୁରର ବୋଧୀଦିତ୍ୟ ସାହୁ ଓ ଫିରୋଜ ଖାନ ଉପବିଜେତା ହୋଇଥିଲେ। ଆଜି ଇନଡୋର ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ଅନେକ ପ୍ରତିଷ୍ଠିତ ଖେଳାଳି ଭାଗ ନେଇଥିଲେ। ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡବ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସମାଜକୁ ନିଶା ସେବନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର




ଥାନାଧିକାରୀ ମମତା ନାଏକ ପୁରସ୍କାର ବିତରଣ କରିଥିଲେ। ବାବୁଲୁ ଶେଖ, ବିଷ୍ଣୁ ଦୋରା, କହ୍ନେଇ ଦୋରା, କପିଳ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭୁବନେଶ୍ୱରର ଡିବିଏସ୍ ଚନ୍ଦ୍ରା ଓ କଲଗା ଜଗଦୀଶ ବିଜେତା ହୋଇଥିଲେ। ଅନୁଗୁଳର ତନ୍ମୟ ସାହୁ ଓ ଅଭିଜିତ ମହାରଣା ଉପବିଜେତା ହୋଇଥିଲେ। ପି.ଚକ୍ରଧର ଓ ଅମ୍ଳାନ ଗଡନାଏକ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଚତୁର୍ଥ ସ୍ଥାନରେ ବିକାଶ ସେଠି ଓ ଜନ୍ମୟ ଗୁରୁ ରହିଥିଲେ। ସମସ୍ତଙ୍କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ୟାଡମିଣ୍ଟନର ସଦସ୍ୟ ହରିଶଙ୍କର ସିଂହ, ବଂଶୀ ଅଗ୍ରୱାଲ, ସୁନୀଲ ସାହୁ, ସୁଧିର ସାହୁ, ଅଶୋକ ମିଶ୍ର, ସଲ୍ଲୁ ଖାନ, ଅପ୍ପୁ ଖାନ, ଦୀପକ ଅଗ୍ରୱାଲ, ସଲମାନ ଖାନ, ମହମ୍ମଦ୍ ଆବତାଭ, ଅରୂପାନନ୍ଦ ନାଏକ, କମଳ ଅଗ୍ରୱାଲ, ସୋମୁ ଅଗ୍ରୱାଲ, ଅବିକ ସିଦ୍ଦିକ, ନିପୁନ ସାହୁ, ରିତେଶ ସାହୁ, ଶିଭମ ଶେଖର ସାହୁ, ଟିନୁ ମଲ୍ଲିକ, ଅଂଶୁମାନ ତ୍ରିପାଠୀ, କିଶୋର ବାଗ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ହରିଶଙ୍କର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ବରଗଡ଼,୮।୧୨(ସମିସ): ବରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ଦୀପ୍ତିଙ୍କ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲାର ବରପାଲି, ଭେଡେନ, ବରଗଡ଼, ଅତାବିରା ଓ ବିଜେପୁର ବ୍ଲକ୍‌ର ୨୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ନେଇ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବ୍ରତ ବିର୍ତିଆ, କିଶୋର ଚନ୍ଦ୍ର ସାହୁ ଓ ଅନୁରଞ୍ଜନ ଡୁଙ୍ଗ୍ ଡୁଙ୍ଗ୍ ନିର୍ଦ୍ଦେଶକ ବିକାଶ ଦୀପ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯାମିନୀ ସେଠ୍, ନାଗପାଲି,ମଞ୍ଜୁ ବାଗ୍, ବଚସ୍ୱିନୀ ବିଶ୍ୱାଳ ହିର୍ଲିପାଲି ଓ ଶୁଶାନ୍ତ ମେହେର ଚିଚିଣ୍ଡାଙ୍କୁ ସମ୍ମାନିତ କରାଯାଇ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସ୍ୱୟଂ ସହାୟକ ଦଳର ଉତ୍ପାଦିତ ସାମଗ୍ରୀକୁ ଆଣି ଦିବ୍ୟାଙ୍ଗ ଭାଇ ଭଉଣୀ ପ୍ରଦର୍ଶନ କରିଥିଲେ। ୪୮ଜଣ ଦିବ୍ୟାଙ୍ଗ ବାଳକ ବାଳିକାଙ୍କୁ ନାଚ, ଖେଳ, ମ୍ୟୁଜିକ ଚେୟାର, ବଲ୍ ଫିଙ୍ଗା, ଚିତ୍ରାଙ୍କନ ଓ ଅନ୍ଧ ପୁଚୁଳି ଖେଳରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥି ମାନେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ସାହୁ ସଂଯୋଜନା କରିଥିବା ବେଳେ ବିକାଶ ଦୀପ୍ତିର ସଦସ୍ୟ ମାନେ ପରିଚାଳନା କରିଥିଲେ।

## ବରପାଲି ସାମ୍ବାଦିକ ସଂଘର ବାର୍ଷିକୋତ୍ସବ



ବରପାଲି,୮।୧୨(ସମିସ): ବରପାଲି ସାମ୍ବାଦିକ ସଂଘର ୩୯ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବ ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡତିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମ୍ବାଦିକ ବାଲ କିଶୋର ଖାଡଙ୍ଗା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ପଦ୍ମ ଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଶୁତୋଷ ରଥ ଓ ନିବେଦିତା ସ୍ୱାଇଁ ମଞ୍ଚ ସଞ୍ଚାଳନ କରିଥିଲେ। ବରଗଡ଼ ଧନୁଯାତ୍ରା ସମ୍ପାଦକ ସୁରେଶ୍ୱର ଶତପଥୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ସମାପନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାକୁ ବ୍ଲକ୍ ଅଧ୍ୟକ୍ଷା ରୀନା ଥଇତ ଉଦ୍‌ଘାଟନ କରିଥିଲେ। ନିବେଦିତା ସ୍ୱାଇଁ ଓ ଅଶୋକ ପଣ୍ଡା ଏହାର ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେ ବାପା ଜେଜେ ମା' ସମ୍ମିଳନୀ



ଦେବଗଡ଼,୮।୧୨(ସମିସ): ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସୋମବାର ଜେଜେ ବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଭାଗ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ଚାଳକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ପରିବାରରେ ଜେଜେ ବାପା ଜେଜେମା' ମାନଙ୍କ ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ୯୫ରୁ ଉର୍ଦ୍ଧ୍ୱ ଜେଜେ ବାପା ଜେଜେମା' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୁରୁମା ଗୀତାରାଣୀ ପ୍ରଧାନ ସଭା ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ସଭାପତି ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ରାଜପୁର ରେଳ ଓଭରବ୍ରିଜ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଅଞ୍ଚଳର ମଧୁ ମେହେରଙ୍କ ପୁଅ ରାଜୁ ମେହେର ବୋଲି ଜଣାପଡିଛି। ମୃତକଙ୍କ ବୟସ ପ୍ରାୟ ୩୦ ବର୍ଷ ହୋଇଥିବା ଅନୁମାନ କରାଯାଇଛି। ରବିବାର ବିଳମ୍ବିତ ରାତ୍ରିରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ରେଲୱେ ପୁଲିସ ଓ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା। ସୋମବାର ସକାଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

## ମାଧବ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୮।୧୨(ସମିସ): ବ୍ରଜରାଜନଗର ସ୍ଥିତ ରବୀନ୍ଦ୍ର ଭବନ ଠାରେ ମାଧବ ସଙ୍ଗୀତ ବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ କ୍ରିଷ୍ଣା ଗୋପାଳ ସିତାନି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ସଙ୍ଗୀତ ବିଦ୍ୟାଳୟର ନିର୍ଦ୍ଦେଶକ ଦିନେଶ ପଲେଇ ଓ ସମ୍ପାଦକ ଶମ୍ଭୁ ଚରଣ ଠାକୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼/ରିଆମାଳ,୮।୧୨(ସମିସ): ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ ଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୬ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ୧୭ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ସିସି ରାସ୍ତା ନିର୍ମାଣ, ରାସନ୍ କାର୍ଡ ଓ ଜମି ଚିହ୍ନଟ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏସ୍‌ଟି ଜମି ଉପନିବନ୍ଧକଙ୍କ ନିଲମ୍ବନକୁ ବିରୋଧ

**ଜିଲ୍ଲା ଏସ୍‌ସି ଏସ୍‌ଟି କ୍ରିୟାନୁଷ୍ଠାନ କମିଟିର ପ୍ରେସ୍‌ମିଟ୍**



ଝାରସୁଗୁଡ଼ା,୮।୧୨(ସମିସ): ସରକାର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଏସ୍‌ଟି ଜମି ଉପନିବନ୍ଧକ ଅଧିକାରୀଙ୍କୁ ନିଲମ୍ବନ ବିରୋଧରେ ଜିଲ୍ଲା ଏସ୍‌ସି ଏସ୍‌ଟି କ୍ରିୟାନୁଷ୍ଠାନ କମିଟି ରବିବାର ସାମ୍ବାଦିକ ସମ୍ମିଳନୀ କରିଛି। ନିଲମ୍ବିତ ଅଧିକାରୀଙ୍କୁ ଫସାଇ ଦିଆଯାଇଥିବା ଏବଂ ଏହି ଘଟଣାରେ ଅନ୍ୟ ବଡ଼ ମୁଣ୍ଡ ପ୍ରଚ୍ଛଦରେ ରହିଥିବା କମିଟି ଅଭିଯୋଗ କରିବା ସହ ଘଟଣାର ତୁରନ୍ତ ଟିକିନିଖି ତଦନ୍ତ ଦାବି କରିଛି।

ଝାରସୁଗୁଡ଼ା ଜିଲ୍ଲା ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଏସ୍‌ସି ଏସ୍‌ଟି ଜମିକୁ ଶାଗମାଛ ଦରରେ ଅଣ ଆଦିବାସୀ ଓ ଅଣହରିଜନଙ୍କୁ ବିକ୍ରି କରାଯାଉଛି। ଏହା ସମସ୍ତ ଆଦିବାସୀ ହରିଜନ ତଥା ଅଞ୍ଚଳର ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଜଣେ ବ୍ୟକ୍ତିଙ୍କୁ କିପରି ଏକର ଏକର ଜମି କିଣାବିକା ପାଇଁ ଅନୁମତି ମିଳି ପାରୁଛି ବୋଲି ପ୍ରଶ୍ନ ଉଠିଛି। କିର୍ମିରା ଓ ଲଇକେରା ବ୍ଲକ୍ ଗୁଡିକୁ ସରକାରୀ ସ୍ତରରେ ଆଇଟିଡିଆର ବ୍ଲକ୍ ଭାବେ ନିରୂପଣ କରାଯାଇଛି। ଏହାସତ୍ତ୍ୱେ ଆଦିବାସୀ ହରିଜନ ଲୋକଙ୍କ ଜମିକୁ ଶାଗମାଛ ଦରରେ ବିକ୍ରିବଟା କରାଯାଉଛି। ଏଥିପାଇଁ ଅନୁମତି ମିଳିବା କିପରି ସମ୍ଭବପର ହେଉଛି ତାହା ତଦନ୍ତ ଯୋଗ୍ୟ ବୋଲି ଏସ୍‌ସି ଏସ୍‌ଟି କ୍ରିୟାନୁଷ୍ଠାନ କମିଟି ପ୍ରେସମିଟ ମାଧ୍ୟମରେ ସରକାର ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛି। ଏହାସହ ଝାରସୁଗୁଡ଼ା ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଏସ୍‌ଟି ଜମି ଉପନିବନ୍ଧକ ବିକାଶ କୁଜୁରଙ୍କୁ ଏହି ଘଟଣାରେ ଦୋଷୀ ଭାବେ ଫସାଇ ଦିଆଯାଇଥିବା କମିଟି ଅଭିଯୋଗ କରିଛି। କାରଣ ଦର୍ଶାଅ ନୋଟିସ ନଦେଇ ସରକାର ଗତ ୬ ତାରିଖରେ ଶ୍ରୀ କୁଜୁରଙ୍କୁ ନିଲମ୍ବନ କରିଛନ୍ତି। ଏହା ସମସ୍ତ ଏସ୍‌ସି ଏସ୍‌ଟି ସମାଜ ପାଇଁ ନିନ୍ଦନୀୟ ଘଟଣା ବୋଲି କମିଟି କହିଛି। ଛୋଟମାଛ ଫଶି ବଡ ଖସି ଯିବାର ଘଟଣା ବୋଲି କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏଣୁ ଏହି ଏସ୍‌ଟି ବ୍ୟକ୍ତି ଦୋଷୀ ହେଲେ ଏଥିରେ ସଂଶ୍ଳିଷ୍ଟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୫ ଦିନ ତଦନ୍ତ ପରିସରଭୁକ୍ତ କରିବାକୁ ଝାରସୁଗୁଡ଼ା ଜିଲ୍ଲାର ଏସ୍‌ସି ଏସ୍‌ଟି କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏପରି ନହେଲେ କମିଟି ସଭାପତି ଲକ୍ଷ୍ମୀଚରଣ ପାଳ, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ବୁଦୁଲା, ସଦସ୍ୟ ବିନୋଦ ବିହାରୀ ବାଗ, ସହକାରୀ ସମ୍ପାଦକ ଉଦିତ ଗର୍ଡିଆ, ସମ୍ପାଦକ ଲିଙ୍ଗରାଜ ପ୍ରଧାନ, କୋଷାଧ୍ୟକ୍ଷ ଜିତେନ୍ଦ୍ରୀୟ ଧୁରୁଆ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

## ଏନ୍‌ଆଇଟିରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

ରାଉରକେଲା, ୮।୧୨(ସମିସ): ପ୍ରଧାନମନ୍ତ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ରାଉରକେଲା ଏନ୍‌ଆଇଟିରେ ଏକ ୫ ଦିନିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରଗଡ, ଭଦ୍ରକ, ବୌଦ୍ଧ, କଟକ, କାଳାହାଣ୍ଡି, ଖୋର୍ଦ୍ଧା, ନବରଙ୍ଗପୁର, ନୟାଗଡ଼, ସମ୍ବଲପୁର, ନୁଆପଡା, ବାଲାଙ୍ଗୀର ଏବଂ ଛତିଶଗଡର ସୁରଜପୁର, ବାଲିଗଡ, ରାୟଗଡ, କୋରିଆ, ଦୁର୍ଗ, ଧାମତାରି, ବାଲୋଡାଗଡ, ରାଜନନ୍ଦଗାଁ ଆଦି ଅଞ୍ଚଳରୁ ଶିକ୍ଷକମାନେ ଯୋଗ ଦେଇଥିଲେ। ଏନଆଇଟି ସେଣ୍ଟର ଫର୍ କଣ୍ଟିନିଉଇଂ ଏଜୁକେସନ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଆସୋସିଏଟ୍ ଡିନ୍ ପ୍ରଫେସର ସମିତ ଆରି ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମ ନୂତନ ଶିକ୍ଷାଦାନ ପଦ୍ଧତି ଏବଂ ଶ୍ରେଣୀଗୃହରେ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାର ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲା ପ୍ରଫେସର ଅଶୋକ କୁମାର ତୁରୁକ, ଡିନ୍ (ଶିକ୍ଷାକ୍ଷେତ୍ର) ପ୍ରଫେସର ସ୍ୱଦେଶ କୁମାର ପ୍ରତିହାରୀ ଉପସ୍ଥିତ ଥିଲେ। ଜବାହାର ନବୋଦୟ ବିଦ୍ୟାଳୟର ପୂର୍ବତନ ଛାତ୍ର କୁଳସଚିବ ପ୍ରଫେସର ରୋହନ ଧିମାନ ଏନ୍‌ଆଇଟି ରାଉରକେଲା ନବୋଦୟ ବିଦ୍ୟାଳୟଗୁଡ଼ିକ ଜାତୀୟ ପ୍ରତିଭା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି; ଏହି ତାଲିମ ଶିକ୍ଷକମାନଙ୍କୁ ଶ୍ରେଣୀଗୃହ ଅଭ୍ୟାସଗୁଡ଼ିକୁ ସୁଧାରିବା ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱଷ୍ଟତା ଏବଂ ଆତ୍ମବିଶ୍ୱାସକୁ ସୁଦୃଢ଼ କରୁଥିବା ପଦ୍ଧତି ଗ୍ରହଣ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ପ୍ରଫେସର ଏସ୍. କେ. ପ୍ରତିହାର ଶିକ୍ଷକମାନେ କେବଳ ବିଷୟ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଭାବପ୍ରବଣ ସୁସ୍ଥତାକୁ ବୁଝିବା ଏବଂ




ପ୍ରତ୍ୟେକ ଛାତ୍ରଙ୍କୁ ଆତ୍ମବିଶ୍ୱାସ ସହିତ ବଢ଼ିବାକୁ ପ୍ରେରଣା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଶୋକ କୁମାର ତୁରୁକ ପ୍ରଯୁକ୍ତିବିଦ୍ୟା ଉପରେ ବଢୁଥିବା ନିର୍ଭରଶୀଳତା ସହିତ ଛାତ୍ରଛାତ୍ରୀମାନେ ପ୍ରାୟତଃ ଅନଲାଇନ୍ ଉତ୍ସ କିମ୍ବା ଦ୍ରୁତ ଡିଜିଟାଲ୍ ପ୍ରତିକ୍ରିୟା ଉପରେ ନିର୍ଭର କରନ୍ତି, ଯାହା ଦ୍ୱାରା ସମାନ ଉତ୍ତର ଏବଂ ସମାଲୋଚନାମୂଳକ ଚିନ୍ତାଧାରା ହ୍ରାସ ପାଇପାରେ ବୋଲି କହିଥିଲେ।

## ସୋର ବ୍ଲକରେ ମିଳିତ ଜନଶୁଣାଣି ଶିବିର

ସୋର,୮।୧୨(ସମିସ): ସୋର ବ୍ଲକ ପରିସରରେ ଆଜି ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ୧୧୭ଟି ଅଭିଯୋଗର ଶୁଣାଣି କରିଥିଲେ। ସୋର ବ୍ଲକ ଓ ମ୍ୟୁନିସିପାଲିଟିର ୱାର୍ଡ ଓ ପଞ୍ଚାୟତରୁ ବିଭିନ୍ନ ବିଭାଗରେ ଅଭିଯୋଗ ହୋଇଥିଲା। ବିଶେଷ କରି ଜମିଜମା ବାବଦରେ ୩୪, ବ୍ଲକ ପାଇଁ ୧୭ ଅଭିଯୋଗ ସମେତ ବିଭିନ୍ନ ବିଭାଗରେ ଅଭିଯୋଗ ଆସିଥିଲା। ଉକ୍ତ ଅଭିଯୋଗକୁ ଆସନ୍ତା ୧୫ ଦିନ ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ବିଡ଼ିଓ ସତ୍ୟନାଥ ନାୟକ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିବାବେଳେ ସୋର ବ୍ଲକରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀ, ସୋର ତହସିଲଦାର ଦୈତାରୀ ମଲ୍ଲିକ, ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଉପସ୍ଥିତ ଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉନ୍ମତ୍ତକାଣ୍ଡ

ବାହାନଗା, ୮।୧୨(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ନିଶାସକ୍ତ ହୋଇ ଦୁର୍ଘଟଣା ଘଟାଇବା ସହ ପୁଲିସକୁ ଦୁର୍ବ୍ୟବହାର ଏବଂ ହତ୍ୟା ଧମକ ଦେବା ଅଧିକାରୀଙ୍କୁ ମହଙ୍ଗା ପଡିଥିବା ବେଳେ ଗୋପାଳପୁର ଥାନାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ତାଙ୍କ ସହଯୋଗୀଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

ଭଦ୍ରକ ଜିଲ୍ଲା କନ୍ହେଇବିନ୍ଧା ଅଞ୍ଚଳର ଜ୍ଞାନ ପ୍ରକାଶ ପାଣିଗ୍ରାହୀ (୩୧) ବାହାନଗା ବ୍ଲକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରନ୍ତି। ଶ୍ରୀ ପାଣିଗ୍ରାହୀ ସରକାରୀ କାର୍ଯ୍ୟରେ ଅସହଯୋଗ କରିବା ଏବଂ କାର୍ଯ୍ୟ ସଠିକ ଭାବେ ନ କରିବା ନେଇ ତାଙ୍କ ନାମରେ ଜନପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ ଉଠାଇଥିଲେ। ଏପରିସ୍ଥଳେ ରବିବାର ସନ୍ଧ୍ୟାରେ ଏକ କାର ଯୋଗେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ଅଭଣା ପଞ୍ଚାୟତ ଦେବେନ୍ଦ୍ରପୁର ଗ୍ରାମର ଗୌରୀ ଶଙ୍କର ପାଣିଗ୍ରାହୀ ବାଲେଶ୍ୱର ଆଡୁ ତାଳକୁରୁଣିଆ ଅଭିମୁଖେ ଯାଉଥିଲେ। ଉଭୟ ନିଶାସକ୍ତ ଥିବା ବେଳେ ଗାଡି ଚଳାଇ ସ୍କୁଟି ଆରୋହୀ ମହିଳାଙ୍କୁ ଗୋପାଳପୁର ବ୍ୟାଙ୍କ ନିକଟରେ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଦୁର୍ଘଟଣାଗ୍ରସ୍ତ କାରକୁ ଅଟକ ରଖିବା ସହ ଆହତଙ୍କୁ ମେଡିକାଲକୁ ପଠାଇଥିଲେ। ହେଲେ ଦୁର୍ଘଟଣା ଘଟାଇଥିବା ସମ୍ପୃକ୍ତ ଅଧିକାରୀ ଏବଂ ତାଙ୍କ ସହଯୋଗୀ ହଙ୍ଗାମା କରିବା ସହ ଲୋକଙ୍କୁ ଧମକ ଚମକ ଦେଇଥିଲେ। ଖବରପାଇ ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରି ଥାନାକୁ ନେବା ସହ ଉଭୟଙ୍କୁ ଥାନାରେ ଅଟକ ରଖିଥିଲେ। ପରେ ଗୋପାଳପୁର ଥାନା ପୁଲିସ ଉଭୟଙ୍କୁ ଡାକ୍ତରୀ ମାଇନା କରିବା ସହ ସଦର ଥାନାକୁ ନେଇ ନିଶାର ପରିମାଣକୁ ମେସିନ ଜରିଆରେ ମାପିଥିଲେ। ମେସିନରେ ପଞ୍ଚାୟତ



**କାର୍ ଦୁର୍ଘଟଣା ଘଟାଇ ପୁଲିସକୁ ଦେଲେ ହତ୍ୟା ଧମକ**

ନିର୍ବାହୀ ଅଧିକାରୀ ୧୦୦ ପ୍ରତିଶତରୁ ଉର୍ଦ୍ଧ୍ୱ ନିଶାସକ୍ତ ଥିବାର ରିପୋର୍ଟରୁ ଜଣାପଡିଛି। ପରେ ନିଶାସକ୍ତ ହୋଇ ବେପରୁଆ ଗାଡି ଚଳାଇବା, ପୁଲିସକୁ କାର୍ଯ୍ୟରେ ବାଧାଦେବା ଏବଂ ପୁଲିସକୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ଦେବା ଭଳି ସଙ୍ଗୀନ ଦଫାରେ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପରେ ଉଭୟଙ୍କୁ ଥାନା ପକ୍ଷରୁ ନୋଟିସ ଦିଆଯାଇ ଛଡା ଯାଇଥିବା ବେଳେ ପୁଲିସ କାରଟିକୁ ଜବତ କରି ରଖିଥିବା ଜଣାପଡିଛି। ସେପଟେ ସରକାରୀ ଅଧିକାରୀଙ୍କ ଏଭଳି କାଣ୍ଡକୁ ସାଧାରଣ ଲୋକେ ନାପସନ୍ଦ କରିଥିବା ବେଳେ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ବିଶୃଙ୍ଖଳିତ ଆଚରଣ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା




ବାଲେଶ୍ୱର, ୮।୧୨(ସମିସ): ସଦର ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ହିଞ୍ଜଳାରେ ଶିକ୍ଷକ ମାନେ ୧୩ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇବା ସହିତ ଶିକ୍ଷାଦାନରୁ ନିବୃତ ରହିଥିବା ବେଳେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଆଜି ବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଇବା ସହିତ ସେମାନଙ୍କ ଦାବିଗୁଡିକୁ ସରକାର ପୂରଣ କରିବା ଦିଗରେ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ଦାବୀ ଗୁଡିକ ମଧ୍ୟରେ, ୧୫% ରିଜରର୍ଭେସନ ଇନ ଜେଇ ମେନ ଏଣ୍ଡ ଏଡଭାନ୍ସ ଓ ନିଟ, (ଏନ.ଏମ.ଏମ.ଏସ) ନ୍ୟାସନାଲ କମ ମିନ୍ସ ସ୍କଲାରସିପ ପୁନଃ ପ୍ରଚଳନ, ସାରା ଓଡିଶା ଆଦର୍ଶ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଅନୁଷ୍ଠିତ ହେଉଥିବା କ୍ରୀଡା, ସାଂସ୍କୃତିକ, କଳାର ବିକାଶ ପାଇଁ ଉଦ୍ଦିଷ୍ଟ ସ୍ୱାର୍କ କାର୍ଯ୍ୟକ୍ରମକୁ ପୁନଃ ପ୍ରଚଳିତ କରାଯିବାର ଦାବି କରିଥିଲେ। ଅପରପକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ସରକାର ଦୃଷ୍ଟି ଦେବା ସହିତ ଉଚିତ ନିଷ୍ପତ୍ତି ନେବାକୁ ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ ନୌସୈନିକ ପରିବାର ସମାବେଶ



ବାଲେଶ୍ୱର, ୮।୧୨(ସମିସ): ଅବସରପ୍ରାପ୍ତ ନୌସୈନିକ ପରିବାର ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ନୌସେନା ଦିବସ ପାଳନ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ଅବସରପ୍ରାପ୍ତ ନୌସୈନିକ ମାନଙ୍କ ପରିବାର ପକ୍ଷରୁ ଏକ ପାରିବାରିକ ବନ୍ଧୁ ମିଳନ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଖାପାଖି ୨୫୦ରୁ ୩୦୦ ଅବସରପ୍ରାପ୍ତ ନୌସୈନିକମାନଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। କପିଳେଶ୍ୱର ମହାପାତ୍ର, କିଶୋର ଚନ୍ଦ୍ର ସାହୁ, ରବି ନାରାୟଣ କର, ଗଣେଶ ପାତ୍ର, ପ୍ରମୋଦ ପଣ୍ଡା, ଆଶିଷ ଦାଶ, ନବ ଭୂୟାଁ, ସଞ୍ଜିବ ମଲ୍ଲିକ, ରାଜକିଶୋର ସେନାପତି, ଯଶୋବନ୍ତ ନାରାୟଣ ଜେନା, ଶଙ୍କର୍ଷଣ ନାୟକ, ମାରକଣ୍ଡ ବାରିକ, ସୁଶିଲ କର, ଗୋପିନାଥ ରାଉତ୍ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

ବାଲେଶ୍ୱର, ୮।୧୨(ସମିସ): ବହୁଜନ ସମାଜ ପାର୍ଟି ପକ୍ଷରୁ ଦଳିତ ଜାତିର ମୁକ୍ତିଦାତା, ଜ୍ଞାନର ମଶାଲ, ପୁସ୍ତକର ସାଥୀ, ଜ୍ଞାନର ପ୍ରତୀକ, ଗୋଲଟେବୁଲ୍ ବୈଠକର ନେତା, ବିଶ୍ୱରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ବିଏସ୍ପିର ବହୁ କର୍ମକର୍ତ୍ତା ଯୋଗଦେଇ ବାବାସାହେବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ଓ ପ୍ରଣାମ ଜଣାଇଥିଲେ। ବିଏସ୍ପି ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଡ. ଆମ୍ବେଦକର କହିଯାଇଛନ୍ତି ରାଜନୈତିକ କ୍ଷମତା ହେଲା ସାମାଜିକ ଉନ୍ନତିର ଚାବିକାଠି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରହ୍ଲାଦ ଦାସ, ବେଦସ୍ମିତା ଦାସ, ବିଶ୍ୱକର୍ମା ଦାସ, ରେମୁଣା ନିର୍ବାଚନ ମଣ୍ଡଳୀ ବିଏସ୍ପିର ବିଧାୟକ ପ୍ରାର୍ଥୀ ସମାଜସେବୀ ସଂଗ୍ରାମ କିଶୋର ମାଝୀ, ଭୋଳାନାଥ ବେହେରା, କମଳାକାନ୍ତ ସିଂ, ଅନନ୍ତ ମଣ୍ଡଳ, ଗଗନ ପାତ୍ର, ନିରୁପମା ପାତ୍ର, ଦିଲ୍ଲୀପ ମାଝୀ, ନିରଞ୍ଜନ ମହାଳିକ, ମନୋରଞ୍ଜନ ମହାଳିକ, ମିନତୀ ଜେନା, କୁଞ୍ଜଲତା ଜେନା ଅନ୍ୟତମ। ଶେଷରେ ନେତ୍ରୀ ଆରତୀ ମାଝୀ ଧନ୍ୟବାଦ ଦେଇଥିଲେ।

## ସାମ୍ବାଦିକ ଦେବଦାସ କୁଣ୍ଡୁଙ୍କ ସ୍ମୃତିସଭା

ବାଲେଶ୍ୱର, ୮।୧୨(ସମିସ): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସାମ୍ବାଦିକ ଦେବଦାସ କୁଣ୍ଡୁଙ୍କ ଶ୍ରାଦ୍ଧବାର୍ଷିକୀ ସାମ୍ବାଦିକ ପ୍ରକୋଷ୍ଠରେ ପାଳନ ହୋଇଯାଇଛି। ଏହି ସ୍ମୃତି ସଭାରେ ଏଡିପିଆରଓ ବାଲେଶ୍ୱର ବୁଢାନ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶିବଶଙ୍କର ଭୋଇ ସୁରେନ୍ଦ୍ର ଜେନା, ବିରଷ୍ଠ ଓକିଲ ନିରଞ୍ଜନ ପରିଡା, ବରିଷ୍ଠ ସାମ୍ବାଦିକ ରବି ରାଉତ ପ୍ରମୁଖ ଯୋଗ ଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ଦୁଇ ଯୁବ ସାମ୍ବାଦିକ ସନ୍ଦିପ୍ତ ଦାସ ଓ ତ୍ରିଲୋଚନ ମହାନ୍ତିଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସ୍ମୃତି ସଭାରେ ବରିଷ୍ଠ ସାମ୍ବାଦିକ ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ସମ୍ପାଦକ ଗଗନ ସେଠୀ, ବଂଶିଧର ଦଳେଇ, ଭଗବାନ ଦାସ, ପୂର୍ଣ୍ଣ ବାବୁ, ଶରତ ବାରିକ, ବାସୁଦେବ ରାଉଳ, ପଦ୍ମଲୋଚନ ଦତ୍ତ, ତପନ ବାବୁ, ପ୍ରଦୀପ ବେରା, ପ୍ରଶ୍ନଜିତ ଆସ ପ୍ରମୁଖ ଯୋଗଦାନ କରି ନିଜ ନିଜର ସ୍ମୃତି ସୁମନ ଅର୍ପଣ କରିଥିଲେ। ଶରତ ବାରିକ ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବ୍ୟାସୋତ୍ସବ'



ବାଲେଶ୍ୱର, ୮।୧୨(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱି ଦିବସୀୟ ବାର୍ଷିକ ଉତ୍ସବ 'ବ୍ୟାସସ୍ତୋବ' ଉଦଘାଟିତ ହୋଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ରଣାଙ୍କ ସଭାପତିତ୍ୱରେ ଉତ୍ସବ ଉଦଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସ୍କୃତିକ ପରିଷଦ, ବାଳିକା ସାଧାରଣ କକ୍ଷ, ବାଳକ ସାଧାରଣ କକ୍ଷ, କଳା ପରିଷଦ, ବିଜ୍ଞାନ ପରିଷଦ ଓ ବାଣିଜ୍ୟ ପରିଷଦର ମିଳିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ ଯଶୋବନ୍ତ ସାମଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାନ୍ଦିପୁର ଆଇଟଇଆର ଅତିରିକ୍ତ ନିର୍ଦ୍ଦେଶକ ଡ. ନିଳାଦ୍ରୀ ରାୟ, ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ବେହେରା, ବରିଷ୍ଠ କବି ପ୍ରଶାନ୍ତ କୁମାର ଦାସ, ସାଇବର ସୁରକ୍ଷା ଓ ଅର୍ଥନୈତିକ ଅପରାଧ ଶାଖାର ସହକାରୀ ପୁଲିସ କମିଶନର ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ରପ୍ରାରମ୍ଭରେ ସାଂସ୍କୃତିକ ପରିଷଦର ସହ ଉପଦେଷ୍ଟା ସୁଶ୍ରୀ ଶ୍ୱେତପଦ୍ମାସିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଉପଦେଷ୍ଟା ତଥା ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ସାଂସ୍କୃତିକ ପରିଷଦ ଓ ଅନ୍ୟାନ୍ୟ ସହଯୋଗୀ ପରିଷଦର ମିଳିତ ବାର୍ଷିକ ବିବରଣୀ ରଖିଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ସୁଶ୍ରୀ ମିତାଲି ରାଉତରାୟ ଏବଂ ଶୁଭମ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ପରିଷଦର ସହଉପଦେଷ୍ଟା ଜୟଶ୍ରୀ ଗାହାଣ ଧନ୍ୟବାଦ ଦେଇଥିଲେ।

## ନିଷ୍ଟ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ନିଷ୍ଟ ସାରେଗାମା

ବାଲେଶ୍ୱର, ୮।୧୨(ସମିସ): ଚାନ୍ଦିପୁର ରୋଡସ୍ଥିତ ନିଷ୍ଟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ +୨ ବିଜ୍ଞାନ, କଳା, ବାଣିଜ୍ୟ, +୩ ବିଜ୍ଞାନ, ବି. ଏସି ନର୍ସିଂ, ଜିଏନଏମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବିଚାରକ ଭାବେ ଓଡ଼ିଶାର ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାଣୀ ବିଜ୍ଞାନର ମୁଖ୍ୟ ଡ. ନିବାରଣ ଶତପଥି ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ନିରଞ୍ଜନ ଜେନା, ଚନ୍ଦନ କୁମାର ନାୟକ ଓ ସମାଜସେବୀ କେଶବ ନାୟକ ସଙ୍ଗୀତ ହିଁ ବଞ୍ଚିବାର ପ୍ରେରଣା ବୋଲି କହିଥିଲେ। ପ୍ରତିଯୋଗୀମାନଙ୍କୁ ଦୟାନନ୍ଦ ଶତପଥି ଆହ୍ୱାନ କରୁଥିଲେ। ଏହି କାର୍ଯ୍ୟକ୍ରମରେ ସୂତାପା ଜେନା ପ୍ରଥମ, ରଶ୍ମିରେଖା ପ୍ରଧାନ ଦ୍ୱିତୀୟ ଏବଂ ଯୁଗ୍ମ ତୃତୀୟ ଭାବେ ନମ୍ରତା କର, ବିଶ୍ୱାନନ୍ଦନ ନନ୍ଦୀଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଜିତ୍




ବିଚାରକ ଭାବେ ଅଧ୍ୟାପକ ତଥା ଅଗ୍ନିଡ଼େଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡଃ ପଙ୍କଜ କୁମାର ଜେନା, କଳାକାର ସଦାଶିବ ଜେନା ଯୋଗ ଦେଇଥିଲେ। ସାହୁ, ମନୋଜ ପ୍ରଧାନ, ସତ୍ୟ ପ୍ରକାଶ ଭୂୟାଁ, ଉତ୍ତମ ବେହେରା ପରିଚାଳନା କରିଥିଲେ। ନର୍ସିଂ କଲେଜର ପ୍ରିନ୍ସିପାଲ୍ ପ୍ରାଚୀପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ

ବାଲେଶ୍ୱର,୮।୧୨(ସମିସ): ବ୍ଲକସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ମୋ ଭାରତ ଯୁବ କେନ୍ଦ୍ର ଓ ଉକ୍ରଳା କଲଚୁରାଲ ଏକାଡେମୀ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରୀଡା ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଞ୍ଜନ ଖଟୁଆ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଜେନା ଅଭିଭାଷଣ ରଖିଥିଲେ। କ୍ରୀଡା କୋଚ ଆୟୁଷି ଚୌଧୁରୀ ପରିଚାଳନା କରିଥିଲେ। ଅନ୍ୟତମ ଖେଳ ପ୍ରଶିକ୍ଷକ ରଜନୀକାନ୍ତ ପ୍ରଧାନ ସହଯୋଗ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୨୦୦ ମିଟର ଦୌଡ଼( ପୁରୁଷ,ମହିଳା) ବ୍ୟାଡମିଣ୍ଟନ



(ପୁରୁଷ, ମହିଳା) କବାଡି(ମହିଳା) ଭଲିବଲ (ପୁରୁଷ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭଲିବଲ ଖେଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ କାରାଗାର ଅନ୍ତେବାସୀ ଟିମ, ତୃତୀୟ ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍। ଏହି ସଭାରେ ଜିଲା କାରାଗାର ଅଧିକ୍ଷକ ସୁଚିତ୍ରା ଦାସ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପାଳ ସୁଧାକର ନାୟକ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିବାବେଳେ ଅନ୍ୟତମ ଅତିଥି ଜିଲ୍ଲା କାରାଗାର ଜେଲର୍ ଏବଂ କାରାଗାର କଲ୍ୟାଣ ଅଧିକାରୀ ଜୟରାମ ମେହେର, ଓ ଜିଲ୍ଲା ବିକଳ୍ପ ବିବାଦ ସମାଧାନ କେନ୍ଦ୍ରର ସଚିବ ସୁମନ ଜେନା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ କ୍ରୀଡାରେ ଭାଗ ନେବେ। ଶେଷରେ ଉକ୍ରଳା କଲଚୁରଲ ଅଧକ୍ଷ ବିକ୍ରମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଉକ୍ରଳା କଲଚୁରାଲ ଅଭିଜିତ ବେହେରା, ନେହା ପଟନାୟକ, ସୁବ୍ରତ ନାୟକ, ମନିଷ୍ଣା ଭଞ୍ଜ, ସମ୍ୟଶ୍ରୀ ପାତ୍ର, ରସିଦା ଅକ୍ତର, ଅଜୟ ମାଝୀ, ଶୁଭ୍ରାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

**ମହାବୀର ଆଖଡ଼ା ସଂଘର ଶତବାର୍ଷିକୀ ପୂର୍ତ୍ତି**

# ରାଜ୍ୟସ୍ତରୀୟ ଆଖଡ଼ା ଖେଳ ପ୍ରତିଯୋଗିତା






ବାଲେଶ୍ୱର, ୮ ।୧୨(ସମିସ)

ବାଲେଶ୍ୱର ମହାବୀର ଆଖଡ଼ା ସଂଘ ଏବଂ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ,ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂଘର ଶତବାର୍ଷିକୀ ପୂର୍ତ୍ତି ଉଦଯାପନୀ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଷ୍ଟେସନ କ୍ଲବରେ ରାଜ୍ୟସ୍ତରୀୟ ଆଖଡ଼ା ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବାଲେଶ୍ୱର, ରେମୁଣା ଓ ଖୋର୍ଦ୍ଧା ଅଞ୍ଚଳର ଆଖଡ଼ା ଖେଳାଳୀମାନେ ଯୋଗ ଦେଇ ସେମାନଙ୍କର ଖେଳ କୌଶଳ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପାଇକ ଆଖଡ଼ା ଖେଳ ଓଡ଼ିଶା ଅସ୍ମିତାର ପରିଚୟ ଦେଉଥିବା ବେଳେ ସାହିତ୍ୟ ଓ ସଂସ୍କୃତିର ମାଟି ବାଲେଶ୍ୱରରେ ଆଜି ମଧ୍ୟ ପ୍ରାଚୀନ ଆଖଡ଼ା ଖେଳ ପରମ୍ପରା ବଂଚି ରହିଛି। ଦୁର୍ଗାପୂଜା ସମୟ ଆସିଲେ ମାସକ ପୂର୍ବରୁ ବାଲେଶ୍ୱର ସହରରେ ଏହି ଖେଳ ପାଇଁ ସଜବାଜ ଆରମ୍ଭ ହୁଏ। ସର୍ବଦା ଖେଳାଳୀମାନେ ଶୃଙ୍ଖଳାର ସହ ଖେଳ ପ୍ରଦର୍ଶନ କରୁଥିବାରୁ ଆଖଡ଼ାର ଅନ୍ୟନାମ ଶୃଙ୍ଖଳା ବୋଲି ମୁଖ୍ୟଅତିଥି କହିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବାଲେଶ୍ୱରର ୩୨ଟି, ରେମୁଣାର ୧୬ଟି ଆଖଡ଼ା ଦଳର ପ୍ରତିଯୋଗୀମାନେ ଯୋଗ ଦେଇଥିବା ବେଳେ ବାହାର ଜିଲ୍ଲାର ଆଖଡ଼ା ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ ସହ ସେମାନଙ୍କର ଖେଳ ଦେଖାଇଥିଲେ। ପ୍ରତିଯୋଗୀମାନଙ୍କର ରୁକମାର, ବାନା, ବନାଟି, ଖଣ୍ଡାଖେଳ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଥମେ ୬୦ବର୍ଷରୁ ଅଧିକ ବରିଷ୍ଠ ନାଗରିକମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ତେବେ ୮୦ରୁ ୯୦ବର୍ଷର ଖେଳାଳୀଙ୍କ ଖେଳ ପ୍ରଦର୍ଶନ ଅତି ଚମତ୍କାର ଥିଲା। ମାତ୍ର ପୂର୍ବ ଅପେକ୍ଷା ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହି ଆଖଡ଼ାଖେଳ ପ୍ରତି କ୍ରମଶଃ ଆଗ୍ରହ କମିବାକୁ ନେଇ ସେମାନେ ଚିନ୍ତା ପ୍ରକଟ କରିଥିଲେ। ସେହିପରି କିଶୋରୀ ଓ ଛାତ୍ରୀମାନେ ମଧ୍ୟ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶତବାର୍ଷିକୀ ପାଳନ ପାଇଁ ବାଲେଶ୍ୱର ମହାବୀର ଆଖଡ଼ା ସଂଘ ପକ୍ଷରୁ ଏକ ବର୍ଷ ଧରି ବୃକ୍ଷରୋପଣ, ରକ୍ତଦାନ ଶିବିର, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା ଓ ଶେଷରେ ଆଖଡ଼ା ଖେଳ ପ୍ରତିଯୋଗିତା କରାଯାଇଥିଲା। ଜିଲ୍ଲା ତଥା ରାଜ୍ୟର ପ୍ରତିଯୋଗିମାନେ ଏଥିରେ ଅଂଶ ଗ୍ରହଣ କରିବା ସହ ବାଲେଶ୍ୱରର ସଂସ୍କୃତି ଓ ପରମ୍ପରାକୁ ଉଦଜୀବିତ କରିବା ଉଦେଶ୍ୟରେ ଆୟୋଜନ କରାଯାଇଥିବା କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ସଂଘର ଉପସଭାପତି ପଦ୍ମଲୋଚନ ଲେଙ୍କା ଓ ବୈଲୋଚନ ଦାଶ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ସଂଘର ସଭାପତି ଗୋପିନାଥ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମନୋଜ ଦାସ, ଉପସଭାପତି ମନୋଜ ରାଉତ, ଯୁଗ୍ମ ସଂପାଦକ ରାମେଶ୍ୱର ବେହେରା, ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସଂଘ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।



୮/୧୨/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୧୭,୨୮୯/- ସୁନା: ୦୨.୮୦୦ ଗ୍ରାମ୍ ରୁପା: ୬୨.୫୦୦ ଗ୍ରାମ୍



# ବାଲୁଖଣ୍ଡରୁ ଗଛ ଚୋରି କଲା କିଏ ?

ପୁରୀ,୮।୧୨(ସମିସ)





ବାଲୁଖଣ୍ଡ ଅଭୟାରଣ୍ୟରୁ ଗଛ ଚୋରି। ଅଭୟାରଣ୍ୟ ପରିସର ସିଭି କଲ୍‌ଚର ଅଫିସ ନିକଟରୁ ଏକ ବଡ଼ ଆକାଶିଆ ଗଛ ମୂଳରୁ କାଟି ନିଆଯାଇଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି ବାଲୁଖଣ୍ଡ ଅଭୟାରଣ୍ୟରୁ ଗଛ ଚୋରି କରୁଛି କିଏ? ଏକଦା 'ଫନି' ବାତ୍ୟାର ଶିକାର ହୋଇ ନିଜ ସବୁଜିମା ଫେରି ପାଇବା ଲାଗି ବାଲୁଖଣ୍ଡ ସଂଘର୍ଷ କରୁଥିବାବେଳେ ଏବେ ଗଛ କାଟିନିଆଯିବାକୁ ନେଇ ପରିବେଶବିତ୍ କ୍ଷୋଭ ପ୍ରକାଶ କରିଛନ୍ତି। ଯଦି ଜଙ୍ଗଲରୁ ଏମିତି ବଡ଼ ବଡ଼ ଗଛ କାଟି ନିଆଯାଏ ତେବେ ବାଲୁଖଣ୍ଡ ତା'ର ଆକର୍ଷଣ ହରାଇବ ବୋଲି ମତ ରଖୁଛନ୍ତି। ସେହିପରି ଜଙ୍ଗଲ ଭିତରେ ବିଦ୍ୟୁତ୍ ତାର ନେବାରେ କିଛି କଟକଣା ରହିଛି। ହେଲେ ଏହି କଟକଣାକୁ ବାଲୁଖଣ୍ଡରେ ପୁ କରିଦିଆଯାଉଛି। ଜଙ୍ଗଲ ଭିତରେ କମ୍ ଉଚ୍ଚତାରେ ନିଆଯାଇଛି ବିଦ୍ୟୁତ୍ ତାର। ତେବେ ଏ ସବୁ କରୁଛି କିଏ?

- ମୂଳରୁ କାଟି ନିଆଯାଇଛି ବଡ଼ ଆକାଶିଆ ଗଛ
- ଜଙ୍ଗଲ ଭିତରେ ନିଆଯାଇଛି ବିଦ୍ୟୁତ୍ ତାର

ବିଭାଗୀୟ ଅଧିକାରୀମାନେ ଏ ବିଷୟରେ ଅବଗତ ଅଛନ୍ତି ନା ନାହାନ୍ତି ତାହାକୁ ନେଇ ପ୍ରଶ୍ନ କରିଛନ୍ତି ପରିବେଶବିତ୍।

୨୦୧୯ ପ୍ରଳୟଙ୍କାରୀ ବାତ୍ୟା "ଫନି" ପ୍ରଭାବରେ ଉଜୁଡ଼ି ଯାଇଥିଲା ବାଲୁଖଣ୍ଡ ଅଭୟାରଣ୍ୟର ସବୁଜିମା। ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଥିଲା ଏହି ମଣିଷ ତିଆରି ଜଙ୍ଗଲ। ବଙ୍ଗୋପସାଗର କୂଳରେ ୮୭ ବର୍ଗ କିଲୋମିଟର ବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ପୂର୍ବ ଏସିଆର ଏକ ବିରଳ ଅଭୟାରଣ୍ୟ। ପ୍ରତିବର୍ଷ ଏହାର ବିରଳ ଦୃଶ୍ୟକୁ ଉପଭୋଗ ପାଇଁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ହେଲେ ଫନୀ ପରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଯିବାରୁ ଏହା ଆକର୍ଷଣୀୟ ହଜରାଇଥିଲା। ତତ୍କାଳୀନ ଜଙ୍ଗଲ ମନ୍ତ୍ରୀ ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବାକୁ ବନୀକରଣ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଘୋଷଣା କରିଥିଲେ। ସେ ସମୟରେ ବାଲୁଖଣ୍ଡ ଅଭୟାରଣ୍ୟରେ ବିଭିନ୍ନ ପ୍ରଜାତିର ପ୍ରାୟ ୨୨ ଲକ୍ଷ ଗଛ ଲଗାଯିବା ପ୍ରାଥମିକ ଆକଳନ କରାଯାଇଥିଲା। ଏଣୁ ଏହାର ଦ୍ରୁତଗୁଣ ଗଛ ଲଗାଇବାକୁ ଘୋଷଣା କରିଥିଲେ ସରକାର। ଉଦ୍ଦେଶ୍ୟ ଥିଲା ବାଲୁଖଣ୍ଡ ତା'ର ସବୁଜିମା ପାଇଁ ଯେଉଁଭଳି ପ୍ରକୃତିପ୍ରେମୀଙ୍କୁ ଆକର୍ଷଣ କରୁଥିଲା ସେହି ସ୍ଥିତିକୁ ବଜାୟ ରଖିବା। ପରବର୍ତ୍ତୀ ସମୟରେ ଏ ଦିଗରେ ଚେଷ୍ଟା ମଧ୍ୟ ହେଲା। ବ୍ୟାପକ ଚାରାରୋପଣ କରାଯାଇଥିଲା। କିଛି ତ ବଞ୍ଚିଲେ, ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ହଜାର ହଜାର ଚାରା ମାଟିରେ ମିଶିଗଲା। ଇତିମଧ୍ୟରେ ବାଲୁଖଣ୍ଡ କେତେକାଂଶରେ ତା'ର ସବୁଜିମା ଫେରି ପାଇଛି। ହେଲେ ଜଙ୍ଗଲର ବୃକ୍ଷରାଜିକୁ ଯେଉଁଭଳି ସୁରକ୍ଷା ଦିଆଯିବା କଥା ତାହା ଦିଆଯାଉ ନାହିଁ। ଅଭୟାରଣ୍ୟ ପରିସର ସିଭି କଲ୍‌ଚର କାର୍ଯ୍ୟାଳୟ ନିକଟରେ ଏକ ବଡ଼ ଆକାଶିଆ ଗଛ ମୂଳରୁ କାଟି ନିଆଯିବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଭଳି ସାହସ କଲା କିଏ? କାରଣ ଏହି ସିଭି କଲ୍‌ଚର କାର୍ଯ୍ୟାଳୟ ସୈକତ ନିବାସ ନିକଟରେ ଅବସ୍ଥିତ। ଏଠାରେ ସର୍ବଦା ବନ କର୍ମଚାରୀଙ୍କ ଚଳପ୍ରଚଳ ଲାଗିଥାଏ। କାର୍ଯ୍ୟାଳୟ ସଂଲଗ୍ନ ଏକ ସୀମିତ ପରିସୀମା ଥିବା ଜଙ୍ଗଲ ଚାରିପଟେ ବାଡ଼ ରହିଛି। ଏହା ସତ୍ତ୍ୱେ ପୋଲାଙ୍ଗ ନର୍ସରୀ ପଛପଟରେ ଏକ ବିଶାଳ ଆକାଶିଆ ଗଛ କଟା ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ପୂର୍ବରୁ ଏହି ଗଛ କଟାଯାଇଥିବା ବେଳେ ଏହାର ଅବଶେଷ ସେଠାରେ ପଡ଼ିରହିଛି। ସବୁଠୁ ବଡ଼ କଥା ହେଲା ମେସିନରେ କାଟିବା ବେଳେ ଶବ୍ଦ କ'ଣ କେହି ଜାଣିପାରିଲେ ନାହିଁ? କଟାଯିବା ପରେ ବଡ଼ ବଡ଼ କାଠଖଣ୍ଡ ବାହାରକୁ ଗଲା କେମିତି? ଏ ବିଷୟରେ ଅଧିକାରୀ କିମ୍ବା କର୍ମଚାରୀ ଜାଣିପାରିଲେ ନାହିଁ କେମିତି? ନା ଜାଣିଶୁଣି ଏହାକୁ ଚାପି ଦିଆଯାଇଛି ବୋଲି ପ୍ରଶ୍ନ ଉଠାଇଛନ୍ତି ପରିବେଶପ୍ରେମୀ ବଦ୍ରି ମିଶ୍ର।

ସେହିପରି ସିଭି କଲ୍‌ଚର କାର୍ଯ୍ୟାଳୟ ପାଖରୁ ଜଙ୍ଗଲ ଭିତରକୁ ପ୍ରାୟ ୪୦୦ରୁ ୫୦୦ ମିଟର ବିଦ୍ୟୁତ୍ ତାର ଟଣାଯାଇଛି। ଜଙ୍ଗଲ ଭିତରେ ବିଦ୍ୟୁତ୍ ତାର ନେବା ବନ୍ୟଜୀବଙ୍କ ପାଇଁ କେତେବେଳେ ବି ବିପଜ୍ଜନକ ହୋଇଥାଏ। ଏହାଦ୍ୱାରା ବନ୍ୟଜନ୍ତୁମାନଙ୍କୁ ବିଦ୍ୟୁତ୍ ଆଘାତ ଏବଂ ବନାଗ୍ନି ହେବାର ସମ୍ଭାବନା ରହିଛି। ହେଲେ ଏଠାରୁ ଏହାକୁ ଉଲ୍ଲଂଘନ କରାଯାଇଛି। ଏପରିକି ଭିତରେ ଦୁଇ ତିନୋଟି ଚୁଲି ରହିଛି, ଯେଉଁଥିରେ ରୋଷେଇ ହେଉଥିବା ଅନୁମାନ ହୁଏ। କିଭଳି ଜଙ୍ଗଲ ଭିତରେ କର୍ମଚାରୀ ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। ବିଭାଗ ପକ୍ଷରୁ ଏ ସବୁର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଡିଏଫ୍‌ଓ ମଗର ଧନଜୀ ରାଓସୋଙ୍କୁ ପଚାରିବାରେ ଗଛ କାଟି ନିଆଯିବା ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନ ଥିଲା। ନେଚର କ୍ୟାମ୍ପ୍‌କୁ ବିଦ୍ୟୁତ୍ ସଂଯୋଗ ଅଛି। ହେଲେ ଜଙ୍ଗଲର ଅନ୍ୟ ଅଞ୍ଚଳରେ ବିଦ୍ୟୁତ୍ ତାର ସଂଯୋଗ ହେବା କଥା ନୁହେଁ। ବାସ୍ତବରେ ଏହି ଅଭିଯୋଗ କ'ଣ ରହିଛି ତାହା ଅନୁଧ୍ୟାନ କରିବି ବୋଲି କହିଛନ୍ତି।

## ଶ୍ରୀଜଗନ୍ନାଥ ଜ୍ଞାନ ପରୀକ୍ଷା ପୁରସ୍କାର ଉତ୍ସବ

ପୁରୀ,୮।୧୨(ସମିସ): ପୁରୀ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପକ୍ଷରୁ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଓ ପୁରସ୍କାର ପ୍ରଦାନ ଉତ୍ସବ ଗୋଷ୍ଠୀର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୪୭ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ରବିବାର ଚୂଡ଼ାନ୍ତ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ନୟାଗଡ଼ର ଲିପ୍‌ସା ପ୍ରିୟଦର୍ଶିନୀ ସାହୁ ପ୍ରଥମ, ନୟାଗଡ଼ ଓଡ଼ଗାଁର ଗାୟତ୍ରୀ ସାହୁ ଦ୍ୱିତୀୟ ଏବଂ ଯାଜପୁର କୋରେଇର ମୋନାଲିସା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମରୁ ତୃତୀୟ ଯଥାକ୍ରମେ ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କାର ଆର୍ôଥିକ ପୁରସ୍କାର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ପୂଜାପଣ୍ଡା, ଭଗବାନ ସୁଆର, ଲୋକନାଥ ଦାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାରଣ ଗୋଷ୍ଠୀର ମୁଖ୍ୟ କର୍ମକର୍ତ୍ତା ଦଳପତି ଡ. ଗୋପାଳ ଚନ୍ଦ୍ର ରଥ, ଉପଦଳପତି ପଞ୍ଚାନନ ସ୍ୱାଇଁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ପରୀକ୍ଷା ସମ୍ପାଦକ ଶ୍ରୀରାମକୃଷ୍ଣ ସାହୁ, ନିରାକାର ସ୍ୱାଇଁ, ଗୋଦାବରୀଶ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ଚନ୍ଦ୍ର ବରାଡ଼ ପୁରସ୍କାର ଉତ୍ସବ ସଂଯୋଜନା କରିଥିଲେ। ଏହି ଅବସରରେ କିଛି ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ ମୁରଲୀଧର ଦାଶ, କୋଷାଧ୍ୟକ୍ଷ ବିପିନ ବିହାରୀ ତ୍ରିପାଠୀ ଏବଂ ତତ୍ତ୍ୱାବଧାରକ ପ୍ରଭାତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ ଆଇନର ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

ପୁରୀ,୮।୧୨(ସମିସ): ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ନଭେମ୍ବର ୨୩ରୁ ୨୦୨୬ ଫେବୃଆରୀ ୨୦ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ବଳବତ୍ତର ରହିବ ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

● ନିମ୍ନମାନର ଛତୁଆ ଯୋଗାଣ ପ୍ରସଙ୍ଗ

## ଯାଞ୍ଚ ପାଇଁ ଆସିଥିବା ଟିମ୍ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଲା ଆପ୍

ପୁରୀ,୮।୧୨(ସମିସ): ପୁରୀ ଜିଲ୍ଲାରେ ନିମ୍ନମାନର ଏପରିକି ଅପମିଶ୍ରିତ ଛତୁଆ ଯୋଗାଣ କରାଯାଉଛି। ଏହି ଅଭିଯୋଗ ଦୀର୍ଘଦିନ ହେବ ରହିଆସିଛି। ଏପରିକି ବିଭିନ୍ନ ସମୟରେ ଛତୁଆରେ ପୋକ ସାଲୁବାଲୁ ହେଉଥିବାର ମଧ୍ୟ ନଜିର ରହିଛି। ହେଲେ ଛୋଟଛୋଟ ପିଲାଙ୍କ ପ୍ରତି ବିଭାଗୀୟ ଅଧିକାରୀ ସାମାନ୍ୟତମ ସମ୍ବେଦନଶୀଳ ହେଉନାହାନ୍ତି। ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗକୁ ଗୁରୁତର ସହ ନେଉନାହାନ୍ତି ବୋଲି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। କାରଣ ଅଭିଯୋଗ ପରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଯାଞ୍ଚ କରିବାକୁ ଆସିଥିବା ଟିମ୍‌ର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛି ଆପ୍। ଏ ନେଇ ଦଳ ପକ୍ଷରୁ ସୋମବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଗତ ମାସରେ ଅପମିଶ୍ରିତ ଛତୁଆକୁ ନେଇ ଅଭିଯୋଗ ହୋଇଥିଲା। ସେହି ଛତୁଆରେ ପୋକ ସାଲୁବାଲୁ ହେଉଥିଲା। ବିଧାନସଭାରେ ମଧ୍ୟ ଛତୁଆ ଦୁର୍ନୀତି ପ୍ରସଙ୍ଗ ଉଠିଥିବାବେଳେ କଣାସ ଅଞ୍ଚଳର ମା' ଚଣ୍ଡୀ ପ୍ରସ୍ତୁତ କରୁଥିବା ଛତୁଆ ଯାଞ୍ଚ ପାଇଁ ଟିମ୍ ଆସିଥିଲେ। ସେମାନେ ଛତୁଆ ପ୍ୟାକେଟ୍ ସାଥିରେ ନେଇ ଯାଇଛନ୍ତି। ହେଲେ ଯେଉଁମାନେ ଯାଞ୍ଚ କରିବାକୁ ଆସୁଛନ୍ତି ସେମାନେ ଛତୁଆ ପ୍ରସ୍ତୁତ ବେଳେ ପହଞ୍ଚିଥିଲେ ବାସ୍ତବ କ'ଣ ତାହା ଉପଲବ୍ଧି କରିଥା'ନ୍ତେ। ହେଲେ ଅଧିକାରୀମାନେ ପହଞ୍ଚି ସଜେଇ ହେଇ ରଖାଯାଇଥିବା ପ୍ୟାକେଟ୍ ସାଥିରେ ନେଇ ଯାଇଛନ୍ତି। ସେହିପରି ଅଭିଯୋଗ ହେବାର ୨୫ ଦିନ ପରେ କାହିଁକି ଆସିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଏଥିରେ ଛୋଟ ଛୁଆଙ୍କ କଥା ରହିଛି। ଅଭିଯୋଗ ପରେ ପରେ ଏହାକୁ ଗୁରୁତ୍ୱ ଦିଆଯିବା କଥା। ହେଲେ ଏଥିପ୍ରତି ସରକାର ସମ୍ବେଦନଶୀଳ ନ ଥିବା ଶ୍ରୀ ମହାନ୍ତି ଅଭିଯୋଗ କରିବା ସହ ସମ୍ପୃକ୍ତ ସଂସ୍ଥା ପ୍ରସ୍ତୁତ କରୁଥିବା ଛତୁଆ ଆଉଥରେ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି।

## ଓଡ଼ିଶା ଆର୍ଟ ଆଣ୍ଡ ଲିଟରେଚର୍ ଫେଷ୍ଟିଭାଲ୍



ପୁରୀ,୮।୧୨(ସମିସ): ଧଉଳି ରିଭ୍ୟୁ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ "ଓଡ଼ିଶା ଆର୍ଟ ଆଣ୍ଡ ଲିଟରେଚର୍ ଫେଷ୍ଟିଭାଲ-୨୦୨୫' ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଓଡ଼ିଆ କବିତା ସର୍ବଭାରତୀୟସ୍ତରରେ ତା'ର ସ୍ଥାନ ବଜାୟ ରଖିଛି। ଲେଖକ, ପାଠକ, ପ୍ରକାଶକ ଓ ସମ୍ପାଦକଙ୍କ ମଧ୍ୟରେ ସମନ୍ୱୟ ରହିଲେ ହିଁ ଓଡ଼ିଆ ସାହିତ୍ୟର ବିକାଶ ହେବ ବୋଲି କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅନ୍ୟତମ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ରିସର୍ଚ୍ଚ ଚେୟାର ପ୍ରଫେସର ଡ. ସନ୍ତୋଷ କୁମାର ରଥ, ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଅନାମ କବି ନେତ୍ରାନନ୍ଦ ସାମନ୍ତରାୟ, କଥାଶିଳ୍ପୀ ପରେଶ ପଟ୍ଟନାୟକ ଏବଂ ବର୍ଷିୟାନ୍ ସାହିତ୍ୟିକ ସହଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ।

ପ୍ରଥମ ଅଧିବେଶନରେ ଅନୁଷ୍ଠିତ 'ପୁରୀ: ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର' ଶୀର୍ଷକ ଆଲୋଚନାଚକ୍ରରେ କବି ସୁଚେତା ମିଶ୍ର, କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ ସାହିତ୍ୟ ସମାଲୋଚକ ପବିତ୍ରମୋହନ ଦାଶ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ "ଅନାମ କବିତାରେ ସାମାଜିକ ଦାୟିତ୍ୱବୋଧ' ବିଷୟ ଉପରେ ଓଡ଼ିଆ ସାହିତ୍ୟ ଗବେଷକ ଡ. ସନ୍ତୋଷ କୁମାର ରଥ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଅଧିବେଶନରେ ଅଧ୍ୟାପିକା ପ୍ରିୟଦର୍ଶିନୀ ପଲେଇ ଏବଂ ସ୍ମୃତିକଳା ମହାନ୍ତିଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଜଣ ପ୍ରତିଷ୍ଠିତ କବି କବିତାପାଠ କରିଥିଲେ। ଓଡ଼ିଶା ଆର୍ଟ ଆଣ୍ଡ ଲିଟରେଚର୍ ଫେଷ୍ଟିଭାଲ ପୁରୀର ଆବାହକ ଶ୍ୟାମ ପ୍ରକାଶ ସେନାପତି ଓ କାମଦେବ ମହାରଣା ସମସ୍ତ ଅଧିବେଶନକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଏହି ମହୋତ୍ସବ ପୁରୀ ସମେତ ସମାନ୍ତରାଳ ଭାବେ ଭୁବନେଶ୍ୱର ଏବଂ କଟକରେ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଆଇନମନ୍ତ୍ରୀ, ମୁଖ୍ୟ ପ୍ରଶାସକଙ୍କୁ ଭେଟିଲେ ସେବାୟତ

## ସେବାୟତଙ୍କ ଉନ୍ନତି ପାଇଁ ଦେଲେ ଦାବିପତ୍ର

ପୁରୀ,୮।୧୨(ସମିସ): ସେବାୟତ ସମୁଦାୟଙ୍କ ଉନ୍ନତି ନିମନ୍ତେ ସୋମବାର ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ଆଇନ ମନ୍ତ୍ରୀ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ମଧ୍ୟରେ ବରିଷ୍ଠ ସେବାୟତମାନଙ୍କୁ ସେମାନଙ୍କ ସେବା ନିବୃତ ପରେ ପେନ୍‌ସନ୍ ଦିଆଯିବାର ବ୍ୟବସ୍ଥା କରାଯାଉ, ସେବାୟତ ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ଏକ ଗୁରୁକୂଳ ପ୍ରତିଷ୍ଠା ତଥା ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ହେଉ, ସେବାୟତମାନଙ୍କୁ ସୁଲଭ ମୂଲ୍ୟରେ ଗୃହ ଯୋଗାଣ ତଥା ଗୃହ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦିଆଯାଉ, ସେବାୟତମାନଙ୍କ ସ୍ୱାସ୍ଥ୍ୟ ବୀମା ରାଶି ନିର୍ଦ୍ଧାରିତ ଥିବା ୫ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ଓ ଗୁରୁତର ରୋଗୀଙ୍କ ନିମନ୍ତେ ୧୫ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ, ଯାତ୍ରୀପଣ୍ଡା ଓ ସେବାୟତମାନଙ୍କୁ ସେମାନଙ୍କ ଜଜ୍‌ମାନ (ଯାତ୍ରୀ) ଶ୍ରୀମନ୍ଦିରରେ ପ୍ରବେଶ ତଥା ସୁଗମ ଦର୍ଶନ କରାଇବାର ସ୍ଥାୟୀ ବ୍ୟବସ୍ଥା ହେଉ, ସେବାୟତଙ୍କର ପୁରୀ ଓ ପୁରୀ ବାହାରେ ଥିବା ଜମିଜମା ସମ୍ପର୍କିତ ଅସମ୍ପୂର୍ଣ୍ଣ କାମକୁ ଯଥାଶୀଘ୍ର ସମାଧାନ କରାଯିବାର ବ୍ୟବସ୍ଥା ହେଉ, ଶ୍ରୀମନ୍ଦିରରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ସେବାୟତଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବା ସହ ଠିକା ସଂସ୍ଥାରେ ଥିବା ସେବାୟତ ପରିବାର ସଦସ୍ୟଙ୍କୁ ଶ୍ରୀମନ୍ଦିର ଅଧୀନକୁ ଅଣାଯିବାର ବ୍ୟବସ୍ଥା କରାଯାଉ ଏବଂ ଏମାର ମଠ ପାଶ୍ୱର୍ରେ ସେବାୟତମାନଙ୍କ ପାଇଁ ଏକ ବିଶ୍ରାମ ଗୃହ ନିର୍ମାଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିଗୁଡ଼ିକ ପ୍ରତି ସହୃଦୟତାର ସହ ବିଚାର କରି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସେବାୟତ ସଂଘ ପ୍ରତିନିଧି ଅନୁରୋଧ କରିଛନ୍ତି। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ, କୃଷ୍ଣ ଚନ୍ଦ୍ର ପଣ୍ଡା, ବିନାୟକ ଦାସ ମହାପାତ୍ର, ରବିନାରାୟଣ ଦାସ ପ୍ରମୁଖ ଆଇନମନ୍ତ୍ରୀ ଓ ମୁଖ୍ୟ ପ୍ରଶାସକଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ପୁରୀ,୮।୧୨(ସମିସ): ପୁରୀ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପୁଲିସ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୧୧ଟି ବ୍ଲକ୍‌ରୁ ମୋଟ୍ ୨୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁଲିସ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବରାମ ମିଶ୍ରଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ଶିକ୍ଷକ ଦେବବ୍ରତ ବେଦମତା ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ କୁଇଜ୍ କନିଷ୍ଠ ବିଭାଗ ପ୍ରତିଯୋଗିତାରେ ପ୍ରତୀକ ପ୍ରିତମ ପରିଡ଼ା, ଓଏଭି ବ୍ରହ୍ମଗିରି ପ୍ରଥମ, ଦେବାଶିଷ ମହାପାତ୍ର, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ସୌଦାମିନୀ ପ୍ରଧାନ, ଏକେବିଏନ୍ ପାଇକମରା ତୃତୀୟ ଏବଂ ବରିଷ୍ଠ ବିଭାଗ ପ୍ରତିଯୋଗିତାରେ ସୋମେଶ ପ୍ରତାପ ପ୍ରଧାନ, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଲିପ୍ସା ଅବିଶିକ୍ତା ପଟ୍ଟନାୟକ ଦ୍ୱିତୀୟ, ଚିରଞ୍ଜିତ୍ ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଚାରକ ଭାବେ ଶିକ୍ଷକ ପି. ରାକେଶ, ଗୌତମ ମହାପାତ୍ର, ମନୋରଞ୍ଜନ ନାୟକ, ଅଂଶୁମାନ ଚମ୍ପତିରାୟ କାର୍ଯ୍ୟ ତୁଲାଇଥିଲେ। ମଞ୍ଚପରିଚାଳନା ଶିକ୍ଷକ ଉମାକାନ୍ତ ମିଶ୍ର କରିଥିଲେ ଏବଂ ଆୟନ୍ ଚକ୍ରବର୍ତ୍ତୀ, ନିରଞ୍ଜନ ସେଠୀ, ହିରଣ୍ୟ ସେଠୀ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚିତ୍ କ୍ଷତିପୂରଣ ଦାବିକଲେ ଚାଷୀ

ପୁରୀ,୮।୧୨(ସମିସ): ଜଳଭଣ୍ଡାର ପ୍ରକଳ୍ପ ପାଇଁ ସରକାର ଜମି ଅଧିଗ୍ରହଣ କରିବାକୁ ନେଇ ଉଠିଛି କେଁ। ୨୨ ମୌଜା ଅନ୍ତର୍ଗତ ସିରେଇକୋଣା, ଉତ୍ତରକୋଣା ଓ ସମଙ୍ଗ ମୌଜାରେ ଜଳଭଣ୍ଡାର ପ୍ରକଳ୍ପ ପାଇଁ ନୂତନ ଜମି ଅଧିଗ୍ରହଣ ଆଇନ-୨୦୧୩ ମସିହା ଅନୁଯାୟୀ, ଅନେକ ଅନାବାଦୀ, ଜବରଦଖଲ ଓ ଭାଗଚାଷୀ ଜମି ହରାଉଛନ୍ତି। ଏହି ଜମିକୁ ସେମାନେ ଭୋଗଦଖଲ କରି ଆସୁଥିବା ପ୍ରାୟ ୧ ହଜାର ଚାଷୀ ସେମାନଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରୁଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜମି ଭୋଗଦଖଲ କରିଆସୁଛନ୍ତି। ସେମାନଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରାଯିବାକୁ ପୂର୍ବରୁ କୁହାଯାଇଥିଲା। ହେଲେ ହଠାତ୍ ଗତ ୩ ତାରିଖରେ ବିନା ନୋଟିସ୍‌ରେ ଅଟୋ ମାଧ୍ୟମରେ ଗାଁରେ ପ୍ରଚାର କରାଗଲା ଯେ, କେହି ସେହି ଜମିକୁ ଯାଇପାରିବେ ନାହିଁ। ଏହାକୁ ନେଇ ସମ୍ପୃକ୍ତ ଚାଷୀମାନେ ସୋମବାର ଏକାଠି ହୋଇଥିଲେ। ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।




କଟକଣା ପାଲଟିଛି ପ୍ରହସନ

## ବେଳାଭୂମିରେ ମଲା କଇଁଛ

ପୁରୀ,୮।୧୨(ସମିସ)



ପୁରୀ ଉପକୂଳରେ ମଲା କଇଁଛ ଦେଖିବାକୁ ମିଳିଛି। ପ୍ରାୟ ପ୍ରତିଦିନ ବେଳାଭୂମିରେ ଲାଗୁଛନ୍ତି ମଲା କଇଁଛ। କିଛିଦିନ ହେବ ବେଲେଶ୍ୱର ବେଳାଭୂମିରୁ ନୂଆନଈ ମଧ୍ୟରେ ବିଭିନ୍ନ ସ୍ଥାନରେ ଅଲିଭ୍‌ରିଡ୍‌ଲେ ଲାଗୁଛନ୍ତି। ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାଧିକ ମଲା କଇଁଛ ଲାଗୁଥିବାରୁ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ସ୍ୱେଚ୍ଛାସେବୀ। ଯେଉଁ ଉଦ୍ଦେଶ୍ୟ ନେଇ ମାଛଧରା ଉପରେ କଟକଣା ଲଗାଯାଇଛି ତାହା କେବଳ ପ୍ରହସନ ବୋଲି ଅନେକ କହିଛନ୍ତି।

ପୁରୀ ଜିଲ୍ଲାରେ ଚିଲିକା ମୁହାଣଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ବେଳାଭୂମି ରହିଛି। ଅଲିଭ୍‌ରିଡ୍‌ଲେଙ୍କ ବଂଶବୃଦ୍ଧି ଲାଗି ଏବେ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ନୋ ଫିସିଙ୍ଗ୍ ଜୋନ୍ ଘୋଷଣା କରାଯାଇଥିବା ଅଞ୍ଚଳରେ ମାଳମାଳ ଟ୍ରଲର ଚକ୍କର କାଟୁଛନ୍ତି। ଫଳରେ ପ୍ରଜନନ ପାଇଁ ଉପକୂଳମୁହାଁ ହେଉଥିବା କଇଁଛ ଟ୍ରଲର ଚଳାଚଳ ଯୋଗୁଁ ବିପଦରେ ପଡୁଛନ୍ତି। ଏମିତିକି ଟ୍ରଲର ମାଡ଼ରେ ବହୁ ସଂଖ୍ୟାରେ କଇଁଛ ମରି ବେଳାଭୂମିରେ ଲାଗୁଥିବା ଦେଖିବାକୁ ମିଳୁଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବାରୁ ଟ୍ରଲରଗୁଡ଼ିକ ମନୋମୁଖୀ ଭାବେ ନିଷିଦ୍ଧାଞ୍ଚଳରେ ପଶି ଅନାୟାସରେ ମାଛ ମାରୁଛନ୍ତି। ଅନେକ ସମୟରେ ଜାଲରେ ପଡ଼ି ଅକାଳରେ କଇଁଛଙ୍କ ମୃତ୍ୟୁ ହେଉଛି। ସବୁଠୁ ସାଂଘାତିକ ହେଉଛି ଫାଶୀ ଜାଲର ବ୍ୟବହାର। ଏଥିରେ କଇଁଛଟିଏ ପଡ଼ିବା ମାତ୍ରେ ମୁକୁଳିବା ଆଶା କ୍ଷିଣ। ତେଣୁ ମତ୍ସ୍ୟଜୀବୀମାନେ ଏହାକୁ ମାରି ଦେଉଥିବା ଅଭିଯୋଗ ହେଉଛି। ତେଣୁ ବିଭିନ୍ନ ସମୟରେ ବେଳାଭୂମିରେ ମୃତ କଇଁଛ ଲାଗୁଥିବା ନଜିର ରହିଛି। ସୋମବାର ବେଲେଶ୍ୱରରୁ ନୂଆନଈ ବେଳାଭୂମିରେ ୪ଟି ମଲା କଇଁଛ ଦେଖିବାକୁ ମିଳିଥିଲା। ପ୍ରାୟ ପ୍ରତିଦିନ ୨/୩ଟି ମଲା କଇଁଛ ଏହି ବେଳାଭୂମିରେ ଲାଗୁଛନ୍ତି। କେବଳ ଏହି ବେଳାଭୂମି ନୁହେଁ, ପୁରୀ ଉପକୂଳରେ ପ୍ରତିଦିନ ମଲା କଇଁଛ ଲାଗୁଛନ୍ତି। କଇଁଛ ମରିବା ସମ୍ପର୍କରେ ସ୍ୱେଚ୍ଛାସେବୀ ମହେଶ୍ୱର ବେହେରା କହିଛନ୍ତି, ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବାରୁ ନିଷିଦ୍ଧାଞ୍ଚଳରେ ମାଳମାଳ ଟ୍ରଲର ବୁଲୁଛନ୍ତି। ମାଛ ଧରିବା ପାଇଁ ବ୍ୟବହାର ହେଉଥିବା ଫାଶୀ ଜାଲରେ କଇଁଛ ପଡିଲେ ଲାଖି ରହିଯାନ୍ତି। ମତ୍ସ୍ୟଜୀବୀମାନେ ଜାଲ ଉଠାଇବା ପରେ ଜାଲକୁ ସୁରକ୍ଷିତ ରଖିବା ପାଇଁ କଇଁଛଙ୍କୁ ମାରି ଦେଇଥାନ୍ତି। ଯାହାର ଫଳସ୍ୱରୂପ ବେଳାଭୂମିରେ ମଲା କଇଁଛ ଲାଗିଥିବା ଅନୁମାନ କରାଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଷିଦ୍ଧାଞ୍ଚଳରେ ବହୁ ଟ୍ରଲର ବେଆଇନ ଭାବେ ମାଛ ମାରୁଛନ୍ତି। କାଁ ଭାଁ କେବେ କେମିତି ଚଢାଉ ଯୋଗୁ ଧରାପଡୁଥିବା ଟ୍ରଲର ଉପରେ ଯାହା ଜରିମାନା ହେଉଛି ତାହା ନ କହିବା ଭଲ। ଫଳରେ ଜରିମାନାକୁ ଭ୍ରୂକ୍ଷେପ ନ କରି ମାଛ ଧରୁଛନ୍ତି ଟ୍ରଲର। ଫଳରେ ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେ କରି ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ଆସୁଥିବା ନୀରିହ ଅଲିଭ୍‌ରିଡ୍‌ଲେ ଏଠାରେ ମୃତ୍ୟୁର ଶିକାର ହେଉଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି।

ଟ୍ରଲର ମାଡ଼ରେ ମରୁଛନ୍ତି ଅଲିଭ୍‌ରିଡ୍‌ଲେ

THE KENDRAPARA URBAN CO-OPERATIVE BANK LTD.
Regd. No. : 123/KE, Dt - 26.09.1986
At : Kajala Po/Dist : Kendrapara
e-Mail : kendraparaurbanbank@gmail.com
Financialy sound & Well Managed(FSWM) Bank.
'A' GRADE BANK
Leveraging Technology for Improvement in Customer Service.

| Financial Position AS on 31-03.2025 | (Rs in laks) |
|---|---|
| Share Capital | 548.20 |
| Reserve | 820.47 |
| Deposits | 19895.08 |
| Advances | 12889.79 |

OUR BRANCHES
MAIN BRANCH | OLD BUS STAND BRANCH | MARSHAGHAI BRANCH | CHANDOL BRANCH | PATTAMUNAI BRANCH | AUL BRANCH
CORE BANKING SOLUTIONS (CBS)

OUR SERVICES
- RTGS, NEFT, & QR Code banking
- ATM-cum Debit card
- Safe Deposit Lockers
- CTS
- Personalised Chegue Book

LOAN FACILITIES
- My Home Loan
- My Car Loan
- Property Mortgage Loan
- Gold Loan
- Cash Credit Loan
- Personal Loan
- Business Loan
- BPSRY Loan

INTEREST TATES ON FIXED DEPOSITS

| PERIOD | Rate P.A. | PERIOD | Rate P.A. |
|---|---|---|---|
| 7 days to 45 days | 3.50% | 1 Year Pragati/FD | 6.00% |
| 46 days to 90 days | 4.00% | Above1 Year to less than 2 years | 6.75% |
| 91 days to 179 days | 4.50% | Above 2 Year to less than 3 years | 7.00% |
| 180 days to 269 days | 5.00% | Above 3 Year to less than 5 years | 6.75% |
| 270 days to Less than1Year | 5.75% | Above 5 Year And Above | 6.00% |
| Senior Citizen & Ex-Servicemen 0.50% Extra only on term deposits of 1 yr & above | | | |
| Savings Bank | 3.25% | Daily Collection Account | 3.00% |

Interest rates are subject to change as per directives from RBI and the Bank's Management.
Bhagyalaxmi Panda, Chief Executive Officer
Guru Prasad Mohanty, President